# ଧରିତ୍ରୀ
DHARITRI

ଭୁବନେଶ୍ୱର, ଗୁରୁବାର, ଜୁନ୍ ୧୦/୨୦୨୧ (୧୨ ପୃଷ୍ଠା) | Bhubaneswar, Thursday, June 10/2021 | ★★★★★★

୪୭ଶ ଭାଗ ୧୯୫ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹୭/-




**ମିଳିଗଲା ଟାଇଟଲ**
ଆଲିଆ ଭଟ୍ଟ ଓ ରଣବୀର ସିଂଙ୍କୁ ନେଇ କରନ୍ ଜୋହର ନିର୍ମାଣ କରୁଥିବା ହିନ୍ଦୀ ଚଳଚ୍ଚିତ୍ରର ଟାଇଟଲ୍ ରଖାଯାଇଛି 'ପ୍ରେମ୍ କାହାନୀ'।

୧୧

୧୨

**ସେମିଫାଇନାଲରେ ସିତ୍ସିପାସ**
ଗ୍ରୀସ୍‌ର ଷ୍ଟିଫାନୋସ ସିତ୍ସିପାସ ଫ୍ରେଞ୍ଚ୍ ଓପନ ଗ୍ରାଣ୍ଡସ୍ଲାମ ଟେନିସ ପୁରୁଷ ସିଙ୍ଗଲ୍ସ ସେମିଫାଇନାଲରେ ପ୍ରବେଶ କରିଛନ୍ତି।



## ୧,୮୬୮ରୁ ୧,୯୪୦ ଟଙ୍କା ହେଲା ଧାନ ଏମ୍ଏସ୍‌ପି



**ନୂଆଦିଲ୍ଲୀ, ୯।୬**

କେନ୍ଦ୍ର ସରକାର ବୁଧବାର ଧାନ ସମେତ ୧୪ଟି ଖରିଫ୍ ଫସଲର ନୂଆ ସର୍ବନିମ୍ନ ସହାୟକ ମୂଲ୍ୟ (ଏମ୍ଏସ୍‌ପି) ଘୋଷଣା କରିଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କ୍ୟାବିନେଟ ବୈଠକରେ ଏହି ନିଷ୍ପତ୍ତି ନିଆଯାଇଛି। ମୁଖ୍ୟ ଖରିଫ ଫସଲ ଧାନ ଏମ୍ଏସ୍‌ପି କ୍ୱିଣ୍ଟାଲ ପିଛା ୭୨ ଟଙ୍କା ବୃଦ୍ଧି କରାଯାଇ୨୦୨୧-୨୨ ବିପଣନ ଋତୁ ପାଇଁ ୧,୯୪୦ ଟଙ୍କା ଧାର୍ଯ୍ୟ କରାଯାଇଛି। ୨୦୨୦-୨୧ରେ ଧାନ ଏମ୍ଏସ୍‌ପି ୧,୮୬୮ ଟଙ୍କା ଥିଲା। ଦକ୍ଷିଣ-ପଶ୍ଚିମ ମୌସୁମୀ ପ୍ରବେଶ ସହ ଖରିଫ ବିହନ ବୁଣା ଆରମ୍ଭ ହୋଇଥାଏ। ☞ପୃଷ୍ଠା-୪

## 'ବିଜୁ ଏକ୍ସପ୍ରେସ୍ ୱେ'କୁ ୪୪୮ କୋଟି

**ଭୁବନେଶ୍ୱର,୯।୬(ବ୍ୟୁରୋ)**

ପଶ୍ଚିମ ଓ ଦକ୍ଷିଣ ଓଡ଼ିଶା ମଧ୍ୟରେ ଶିଳ୍ପ ଅଭିବୃଦ୍ଧି ସହ ଅର୍ଥନୈତିକ ବିକାଶ ପାଇଁ ରାଜ୍ୟ ସରକାର ବିଜୁ ଏକ୍ସପ୍ରେସ ୱେ ନିର୍ମାଣ କରୁଛନ୍ତି। କଳାହାଣ୍ଡି ଓ ନୂଆପଡ଼ା ଜିଲା ଦେଇ ଏହି ରାସ୍ତା ନିର୍ମାଣ କରାଯାଉଛି। ୧୭୪.୫ କିଲୋମିଟର ବିଶିଷ୍ଟ ଏହି ଏକ୍ସପ୍ରେସ ୱେକୁ ୪୪୮.୦୨ କୋଟି ଟଙ୍କା ବ୍ୟୟରେ ୪ ଥାକିଆ କରାଯିବ। ସେଥିରୁ ନୂଆପଡ଼ା ଜିଲାରେ ଘଟିପଡ଼ାଠାରୁ ସିନାପାଲି ପର୍ଯ୍ୟନ୍ତ ୧୦୪.୬୫ କି.ମି. ରାସ୍ତା ନିର୍ମାଣ କରାଯିବ। ସେଥିରେ ୬ଟି କ୍ଷୁଦ୍ର ଓ ୬ଟି ବୃହତ୍ ପୋଲ ନିର୍ମାଣ ହେବ। ସେହିପରି ସିନାପାଲିଠାରୁ କଳାହାଣ୍ଡି ଜିଲାର ଧର୍ମଗଡ଼ ଦେଇ ଆମ୍ପାଣି ପର୍ଯ୍ୟନ୍ତ ୬୯.୮୫ କିଲୋମିଟର ରାସ୍ତା ନିର୍ମାଣ କରାଯିବ। ଏଥିରେ ୧୧ଟି କ୍ଷୁଦ୍ର ପୋଲ ସହ ୨ଟି ବୃହତ୍ ପୋଲ ନିର୍ମାଣ କରାଯିବ। ପୂର୍ତ୍ତ ବିଭାଗ ପକ୍ଷରୁ ଦିଆଯାଇଥିବା ଏହି ପ୍ରସ୍ତାବକୁ ବୁଧବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କ୍ୟାବିନେଟ ବୈଠକରେ ଅନୁମୋଦନ କରାଯାଇଛି। ବୈଠକରେ ୧୧ଟି ପ୍ରସ୍ତାବ ଅନୁମୋଦନ ହୋଇଛି। ସେଥିରୁ ବିଜୁ ଏକ୍ସପ୍ରେସ ୱେର ୪ଟି ପ୍ରସ୍ତାବକୁ ଅନୁମୋଦନ ମିଳିଥିବା ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ର ସୂଚନା ଦେଇଛନ୍ତି। ଏହି ରାସ୍ତା ନୂଆପଡ଼ା ଓ କଳାହାଣ୍ଡି ଜିଲାରେ ଶିଳ୍ପର ଅଭିବୃଦ୍ଧି କରିବା ସହ ଲୋକଙ୍କ ଆର୍ଥିକ ବିକାଶରେ ସହାୟକ ହେବ ବୋଲି ମହାପାତ୍ର କହିଛନ୍ତି।




**୧୧ ପ୍ରସ୍ତାବକୁ କ୍ୟାବିନେଟ ମୋହର**

## ୨୨୦ ଓଏଏସ୍ ଅଫିସର ପଦବୀ ସୃଷ୍ଟି

**ଭୁବନେଶ୍ୱର,୯।୬(ବ୍ୟୁରୋ)**

ରାଜ୍ୟ ସରକାର ଓଡିଶା ପ୍ରଶାସନିକ ସେବା (ଓଏଏସ୍)ରେ ୨୨୦ ନୂତନ ପଦବୀ ସୃଷ୍ଟି କରିଛନ୍ତି। ଓପ୍ରସେ ଗ୍ରୁପ-ଏ(ଜେବି) ମଞ୍ଜୁରୀପ୍ରାପ୍ତ ପଦବୀ ୧୧୮୮ ଅପରିବର୍ତ୍ତିତ ରହିଥିବା ବେଳେ ଗ୍ରୁପ-ଏ(ଏସ୍‌ବି)ରେ ୫୫ ନୂତନ ପଦବୀ ସୃଷ୍ଟି କରାଯାଇଛି। ପୂର୍ବରୁ ମଞ୍ଜୁରୀପ୍ରାପ୍ତ ପଦବୀ ସଂଖ୍ୟା ୩୩୦ ଥିବାବେଳେ ତାହା ୩୮୫କୁ ବୃଦ୍ଧି ପାଇଛି। ସେହିପରି ଓପ୍ରସେ (ଏସ୍) ପଦବୀରେ ୩୫ ବୃଦ୍ଧି କରାଯାଇଥିବାବେଳେ ଏସ୍‌ଏଜିରେ ୯୦ ଏବଂ ଏସ୍‌ଏସ୍‌ରେ ୪୦ ନୂତନ ପଦବୀ ସୃଷ୍ଟି କରାଯାଇଛି। ପୂର୍ବରୁ ଓପ୍ରସେ(ଏସ)ରେ ୨୩୫ ମଞ୍ଜୁରୀପ୍ରାପ୍ତ ପଦବୀ ଥିବାବେଳେ ଏସ୍‌ଏଜିରେ ୧୨୫ ଏବଂ ଏସ୍‌ଏସ୍‌ରେ ୨୫ଟି ପଦବୀ ଥିଲା। ☞ପୃଷ୍ଠା-୪

- ସଂଶୋଧନ ହେଲା ଓଡ଼ିଶା ଟିକସ ଓ ସେବା ରୁଲ୍-୨୦୧୧
- କର୍ମଚାରୀ ବର୍ଷେ ବଦଳରେ ୧୦ ମାସ ତାଲିମ ନେବେ
- ସଂଶୋଧନ ହେଲା ସରକାରୀ କର୍ମଚାରୀ ଆଚରଣ ରୁଲ୍-୧୯୫୯
- ୧୦% ପ୍ରାଣୀଧନ ନିରୀକ୍ଷକ ପଦବୀ ଗ୍ରୁପ-'ଡି'ରୁ ପୂରଣ ହେବ

## ଖଣି ବିଭାଗକୁ ଗଲା ଇଡ୍‌କଲ

**ଭୁବନେଶ୍ୱର,୯।୬(ବ୍ୟୁରୋ)**

ଓଡିଶା ଶିଳ୍ପ ଉନ୍ନୟନ ନିଗମ ଲିମିଟେଡ(ଇଡ୍‌କଲ) ଖଣି ଓ ଇସ୍ପାତ ବିଭାଗ ଅଧୀନରେ ରହିବ। ଏଥିପାଇଁ ଓଡ଼ିଶା ସରକାରୀ କାର୍ଯ୍ୟ ନିୟମାବଳୀରେ ସଂଶୋଧନ କରାଯାଇଛି। ସାଧାରଣ ପ୍ରଶାସନ ବିଭାଗ ପକ୍ଷରୁ ଦିଆଯାଇଥିବା ଏହି ପ୍ରସ୍ତାବକୁ କ୍ୟାବିନେଟ ମଞ୍ଜୁରୀ ମିଳିଛି। ରାଜ୍ୟରେ ଶିଳ୍ପାୟନର ବିକାଶ ଓ ନିଯୁକ୍ତି ସୁଯୋଗ ସହ ଶିଳ୍ପଗୁଡ଼ିକୁ ପ୍ରୋତ୍ସାହନ, ପରିଚାଳନା ଉଦ୍ଦେଶ୍ୟରେ ୧୯୬୨ରେ ଇଡକଲ ସ୍ଥାପନ କରାଯାଇଥିଲା। ଅର୍ଦ୍ଧଶତାବ୍ଦୀ ଧରି ରାଜ୍ୟରେ ଶିଳ୍ପାୟନ ଏବଂ ପରିଚାଳନାରେ ଏହା ନିଜର ଉତ୍କର୍ଷ ପ୍ରତିପାଦିତ କରିପାରିଛି। ପରିବର୍ତ୍ତିତ ସମୟରେ ରାଜ୍ୟରେ ଶିଳ୍ପଭିତ୍ତିକ ଅର୍ଥନୀତି ସହିତ ତାଳ ଦେଇ ଇଡ୍‌କଲ ଏହାର ମାନବ ସମ୍ବଳ, ବ୍ୟବସାୟ ଓ କାର୍ଯ୍ୟାନ୍ୱୟନକୁ ପୁନର୍ବିନ୍ୟାସ କରିଛି। ଇଡ୍‌କଲର ବର୍ତ୍ତମାନ କାର୍ଯ୍ୟକଳାପ ମୁଖ୍ୟତଃ ଖଣିଭିତ୍ତିକ ଏବଂ କିଛି ମାତ୍ରାରେ ଶିଳ୍ପଭିତ୍ତିକ ରହିଛି। ଗତ କିଛି ବର୍ଷ ଧରି ଇଡ୍‌କଲ ଚୂନପଥର, ଲୁହାପଥର, ମାଙ୍ଗାନିଜ୍ ଏବଂ କ୍ରୋମାଇଟ ଖଣି କାର୍ଯ୍ୟ ସମ୍ପାଦନ କରି ଆସୁଛି। ଏସବୁକୁ ଦୃଷ୍ଟିରେ ରଖି ଇଡ୍‌କଲକୁ ଇସ୍ପାତ ଓ ଖଣି ବିଭାଗ ଅଧୀନକୁ ଅଣାଯାଇଛି।


## ୪ ଦିନ ପ୍ରବଳ ବର୍ଷିବ

**ଭୁବନେଶ୍ୱର, ୯।୬(ବ୍ୟୁରୋ)**

ପୂର୍ବ କେନ୍ଦ୍ରୀୟ ଓ ଉତ୍ତରପୂର୍ବ ବଙ୍ଗୋପସାଗରର ସମୁଦ୍ର ପତ୍ତନଠାରୁ ୪.୫ ରୁ ୫.୮ କିମି ଉପରେ ଏକ ଘୂର୍ଣ୍ଣିବଳୟ ସୃଷ୍ଟି ହୋଇଛି। ୧୧ ତାରିଖ ବେଳକୁ ଏହା ଲଘୁଚାପରେ ପରିଣତ ହେବାର ସମ୍ଭାବନା ରହିଛି। ଏହାର ୨୪ ଘଣ୍ଟା ପରେ ଲଘୁଚାପ ଆହୁରି ଘନୀଭୂତ ହେବ। ତେଣୁ ସମ୍ଭାବ୍ୟ ଲଘୁଚାପ ପ୍ରଭାବରେ ଆସନ୍ତା ୧୪ ତାରିଖ ପର୍ଯ୍ୟନ୍ତ ଓଡ଼ିଶାରେ ପ୍ରବଳ ବର୍ଷା ହେବ ବୋଲି ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର ଆକଳନ କରିଛି। ତେବେ ୧୦ରୁ ୧୩ ତାରିଖ ୪ ଦିନ ଧରି ରାଜ୍ୟର ବିଭିନ୍ନ ସ୍ଥାନରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବ। ତେଣୁ ସତର୍କ ରହିବା ପାଇଁ ସ୍ୱତନ୍ତ୍ର ରିଲିଫ କମିଶନର(ଏସ୍ଆର୍‌ସି) ପ୍ରଦୀପ ଜେନା ନିର୍ଦ୍ଦେଶ ଦେଇଛନ୍ତି। ଏନେଇ ରାଜ୍ୟର ସମସ୍ତ ଜିଲାପାଳ ଓ ମହାନଗର ନିଗମ କମିଶନରଙ୍କୁ ଏସ୍ଆର୍‌ସି ଚିଠି ଲେଖିଛନ୍ତି। ଏଥିଯୋଗୁ ରାଜ୍ୟର ବିଭିନ୍ନ ସହରାଞ୍ଚଳ ଓ ତଳି ଅଞ୍ଚଳରେ ବର୍ଷା ପାଣି ଜମିବା ସହ ନଦୀରେ ବନ୍ୟା ଭଳି ସ୍ଥିତି ମଧ୍ୟ ଉପୁଜିପାରେ। ତେଣୁ ବିପଜ୍ଜନକ ନଦୀ ବନ୍ଧ ପ୍ରତି ନଜର ରଖିବାକୁ ବିଭାଗୀୟ ଯନ୍ତ୍ରୀ ଓ ଅଧିକାରୀଙ୍କୁ ଏସ୍ଆର୍‌ସି ନିର୍ଦ୍ଦେଶ ଦେଇଛନ୍ତି। ☞ପୃଷ୍ଠା-୪

**ଆସୁଛି ଲଘୁଚାପ: ସତର୍କ କଲେ ଏସ୍ଆର୍‌ସି**

- ପାଣି ଜମିବା, ବନ୍ୟାସ୍ଥିତି ଉପୁଜିବା ଆଶଙ୍କା
- ଅଗ୍ନିଶମ ବାହିନୀ ପ୍ରସ୍ତୁତ ରହିବାକୁ ନିର୍ଦ୍ଦେଶ
- ୨୪ ଘଣ୍ଟିଆ କଣ୍ଟ୍ରୋଲ ରୁମ୍ କାର୍ଯ୍ୟ କରିବ




ଭାରତୀୟ ପାଣିପାଗ ବିଭାଗ ପକ୍ଷରୁ ୧୧ ତାରିଖ ପୂର୍ବାହ୍ନ ସାଢ଼େ ୮ରୁ ପରବର୍ତ୍ତୀ ୨୪ ଘଣ୍ଟା ଯାଏ କରାଯାଇଥିବା ବର୍ଷା ଆକଳନ।

## ପେଟ୍ରୋଲ ୨୫, ଡିଜେଲ ୨୮ ପଇସା ବଢ଼ିଲା

**ଭୁବନେଶ୍ୱର,୯।୬**

ପେଟ୍ରୋଲ ଏବଂ ଡିଜେଲ ଦର ବୃଦ୍ଧି ନିୟନ୍ତ୍ରଣକୁ ଆସିପାରୁନାହିଁ। ବୁଧବାର ପେଟ୍ରୋଲ ଲିଟର ପିଛା ୨୫ ପଇସା ବଢ଼ି ୯୬.୩୦ ଟଙ୍କା ଛୁଇଁଛି। ସେହିଭଳି ଡିଜେଲ ୨୮ ପଇସା ବଢ଼ିବା ଯୋଗୁ ୯୪.୨୩ ଟଙ୍କା ରହିଛି। ସାରା ଦେଶ କଥା ବିଚାର କଲେ ପେଟ୍ରୋଲ ୨୩ରୁ ୨୫ ପଇସା ବଢ଼ିଛି। ସେହିଭଳି ଡିଜେଲ ଦର ୨୩ରୁ ୨୭ ପଇସା ଉର୍ଦ୍ଧ୍ୱରେ ରହିଛି। ନୂଆଦିଲ୍ଲୀରେ ପେଟ୍ରୋଲ ୯୫.୫୬ ଟଙ୍କା ରହିଛି। ଏଠାରେ ଡିଜେଲ ଦର ୮୬.୪୭ ଟଙ୍କାରେ ବିକ୍ରି ହେଉଛି। ଇଣ୍ଡିଆନ ଅଏଲ ପକ୍ଷରୁ ମିଳିଥିବା ସୂଚନା ମୁତାବକ, ଚଳିତ ମାସରେ ପେଟ୍ରୋଲ ୧.୦୭ ଟଙ୍କା ଏବଂ ଡିଜେଲ ୧.୦୯ ଟଙ୍କାରୁ ଉର୍ଦ୍ଧ୍ୱ ବୃଦ୍ଧି ପାଇଲାଣି। ଦେଶର ଅନ୍ୟ ପ୍ରମୁଖ ମେଟ୍ରୋ ସହର ଯଥା ☞ପୃଷ୍ଠା-୪


## ଦୀପ୍ତେଶ ଜେଲ ଆଇଜି, ନରସିଂହଙ୍କୁ କେନ୍ଦ୍ରାଞ୍ଚଳ

**୪ ଆଇପିଏସ୍, ୨ ଓପିଏସ୍ ଅଫିସରଙ୍କ ବଦଳି**

**ଭୁବନେଶ୍ୱର,୯।୬(ବ୍ୟୁରୋ)**

ରାଜ୍ୟ ସରକାରଙ୍କ ପକ୍ଷରୁ ବୁଧବାର ୪ଜଣ ଆଇପିଏସ୍ ଓ ୨ଜଣ ଓପିଏସ୍ ଅଫିସରଙ୍କ ବଦଳି କରାଯାଇଛି। ଏନେଇ ଗୃହ ବିଭାଗ ପକ୍ଷରୁ ବିଧିବଦ୍ଧ ବିଜ୍ଞପ୍ତି ପ୍ରକାଶ ପାଇଛି। ପୂର୍ବାଞ୍ଚଳ ଆଇଜି ଦୀପ୍ତେଶ ପଟ୍ଟନାୟକଙ୍କୁ ଜେଲ୍ ଆଇଜି ଭାବେ ବଦଳି କରାଯାଇଛି। ତାଙ୍କ ସ୍ଥାନରେ ଜେଲ୍ ଆଇଜି ହିମାଂଶୁ ଲାଲ୍‌ଙ୍କୁ ଅବସ୍ଥାପିତ କରାଯାଇଛି। ଉତ୍ତରାଞ୍ଚଳ ଆଇଜି ଭାବେ କାର୍ଯ୍ୟ କରୁଥିବା ନରସିଂହ ଭୋଲଙ୍କୁ କେନ୍ଦ୍ରାଞ୍ଚଳ ଆଇଜି ଓ କେନ୍ଦ୍ରୀୟ ଡେପୁଟେଶନରୁ ଫେରିଥିବା ଡ. ଦୀପକ କୁମାରଙ୍କୁ ଉତ୍ତରାଞ୍ଚଳ ରେଞ୍ଜ ସମ୍ବଲପୁର ଡିଆଇଜି ଭାବେ ଅବସ୍ଥାପିତ କରାଯାଇଛି। ସେହିପରି ବଦଳି ହୋଇଥିବା ୨ ଓପିଏସ୍ ଅଫିସରଙ୍କ ମଧ୍ୟରେ ଡିସିପି ମୁଖ୍ୟାଳୟ ଭୁବନେଶ୍ୱରରେ କାର୍ଯ୍ୟରତ ଡିସିପି ରାଜ କିଶୋର ପାଇକରାୟଙ୍କୁ ଏସ୍‌ପି ଦେବଗଡ଼ ଓ ଅତିରିକ୍ତ ଡିସିପି ଡି.ପି. ତ୍ରିପାଠୀଙ୍କୁ ରାଜ୍ୟ ରିଜର୍ଭ ପୋଲିସ (ଏସ୍ଆରପି)ରେ ଅବସ୍ଥାପିତ କରାଯାଇଛି।

**ଆଜିର ସମ୍ପାଦକୀୟ**
ଶାକାହାର ବନାମ ମାଂସାହାର




## ସ୍ୱାସ୍ଥ୍ୟକୁ ନେଇ କେବଳ ଭାରତରେ ଢିଲା

**ଅପମିଶ୍ରଣକାରୀଙ୍କୁ ଜାମିନ ଦେଲେନି ସୁପ୍ରିମକୋର୍ଟ**



**ନୂଆଦିଲ୍ଲୀ,୯।୬**

ସ୍ୱାସ୍ଥ୍ୟ ସମ୍ପର୍କରେ କେବଳ ଭାରତରେ ଆମେ ଏତେ କୋହଳ ହୋଇପାରୁଛେ ବୋଲି ସୁପ୍ରିମକୋର୍ଟ ଏକ ଗୁରୁତ୍ୱପୂର୍ଣ୍ଣ ଟିପ୍ପଣୀ ଦେଇଛନ୍ତି। ଜଷ୍ଟିସ୍ ଇନ୍ଦିରା ବାନାର୍ଜୀ ଏବଂ ଏମ୍.ଆର. ଶାହାଙ୍କୁ ନେଇ ଗଠିତ ଅବକାଶକାଳୀନ ଖଣ୍ଡପୀଠ ମଧ୍ୟପ୍ରଦେଶର ଦୁଇଜଣ ବ୍ୟବସାୟୀ ଖାଦ୍ୟଶସ୍ୟରେ ଅପମିଶ୍ରଣ କରିଥିବା ଅଭିଯୋଗ ମାମଲାର ଶୁଣାଣି କରି ମଙ୍ଗଳବାର ତାଙ୍କୁ ଅଗ୍ରିମ ଜାମିନ ଦେବାକୁ ମନା କରିଦେଇଛନ୍ତି।

ମଧ୍ୟପ୍ରଦେଶସ୍ଥିତ ନିମୁଚ୍ ଜିଲାର କନୱତୀ ଗ୍ରାମର ବ୍ୟବସାୟୀ ପରୱାର ଗୋୟଲ ଓ ବିନୀତ ଗୋୟଲ ଦର୍ଶିଲ ଆଗ୍ରୋ ଇଣ୍ଡଷ୍ଟ୍ରିଜ୍‌ରେ ଗହମ ଅପମିଶ୍ରଣ କରିଥିବା ଅଭିଯୋଗ ହୋଇଥିଲା। ୨୦୨୦ ଡିସେମ୍ବର ୩ରେ ରାଜ୍ୟର ଖାଦ୍ୟ ନିରାପତ୍ତା ବିଭାଗ ପକ୍ଷରୁ ଚଢ଼ାଉ କରାଯାଇ ୧,୨୦,୬୨୦ କେ.ଜି. ଅପମିଶ୍ରିତ ମସୃଣ ଗହମ ଜବତ କରାଯାଇଥିଲା। ଉକ୍ତ ବିଭାଗ ପକ୍ଷରୁ ଏନେଇ ଏଫ୍ଆଇଆର୍ ଦାଏର କରାଯାଇଥିଲା। ଗତ ମାର୍ଚ୍ଚ ୧୨ରେ ମଧ୍ୟପ୍ରଦେଶ ହାଇକୋର୍ଟ ଏହାକୁ ଅତି ଗମ୍ଭୀର ଅଭିଯୋଗ ଦର୍ଶାଇ ଉଭୟଙ୍କ ପ୍ରାକ୍ ଗିରଫଦାରି ଜାମିନ ଆବେଦନକୁ ଖାରଜ କରିଦେଇଥିଲେ। ଉଭୟେ ଆଗୁଆ ଜାମିନ ପାଇଁ ସୁପ୍ରିମକୋର୍ଟରେ ପିଟିଶନ ଦାଏର କରିଥିଲେ। ଅଭିଯୁକ୍ତଙ୍କ ପକ୍ଷରୁ ମାମଲା ପରିଚାଳନା କରୁଥିବା ଆଇନଜୀବୀ ପୁନୀତ ଜୈନ ଯୁକ୍ତି ବାଢ଼ିଥିଲେ, ଖାଦ୍ୟ ଅପମିଶ୍ରଣ ସମ୍ପର୍କିତ ଅପରାଧରେ ଜାମିନ ମିଳୁଥିବାରୁ ସେମାନଙ୍କୁ ମଧ୍ୟ ଏହି ସୁବିଧା ଦିଆଯାଉ। ଏନେଇ ଜଷ୍ଟିସ୍ ଶାହା କହିଥିଲେ, ସ୍ୱାସ୍ଥ୍ୟ ସମ୍ପର୍କିତ ପ୍ରସଙ୍ଗରେ କେବଳ ଭାରତରେ ଏତେ କୋହଳ ମନୋଭାବ ଦେଖିବାକୁ ମିଳୁଛି। ଆପଣ ଏହି ଅପମିଶ୍ରିତ ଗହମକୁ ଖାଇବେ କି ବୋଲି ଓକିଲଙ୍କୁ ପ୍ରଶ୍ନ କରିଥିଲେ।

## ଆୟକର ଫାଙ୍କିଛନ୍ତି ବେଜୋସ୍, ମସ୍କ

**ବିଶ୍ୱର ଆର୍ଥିକ ଢାଞ୍ଚା ଏପରି ହୋଇଯାଇଛି ଯେ, ପ୍ରତିବର୍ଷ ଗରିବ ଓ ଧନୀଙ୍କ ମଧ୍ୟରେ ବ୍ୟବଧାନ ବଢ଼ିବାରେ ଲାଗିଛି। ଏହା ଦୀର୍ଘ ବର୍ଷ ଧରି ବିତର୍କର ବିଷୟ ହୋଇଥିବାବେଳେ ଆମେରିକାର ଅଣଲାଭକାରୀ ମିଡିଆ ସଂସ୍ଥା ପ୍ରୋପବ୍ଲିକାର ଏକ ସଦ୍ୟ ଅନୁସନ୍ଧାନକାରୀ ରିପୋର୍ଟ ଏଥିରେ ଆହୁରି ଉଷ୍ମତା ଭରିଦେବା ଭଳି ତଥ୍ୟ ସାମ୍ନାକୁ ଆଣିଛି। ବିଶ୍ଳେଷକଙ୍କ ମତରେ ବିଶ୍ୱର ସବୁଠୁ ଧନୀ ବ୍ୟକ୍ତିମାନଙ୍କ ସମ୍ପତ୍ତି, ଆୟ ଓ ଟିକସ ପଇଠରେ ବଡ଼ ଧରଣର ଫରକ୍ ରହିଛି। ଆମାଜନ ମାଲିକ ଜେଫ୍ ବେଜୋସ୍ ଓ ଟେସ୍‌ଲା ମାଲିକ ଏଲନ୍ ମସ୍କଙ୍କ ସମେତ ଆମେରିକାର ସବୁଠୁ ଧନୀ ୨୫ ବ୍ୟକ୍ତି ଗତ କିଛି ବର୍ଷରେ ଅମାପ ସମ୍ପତ୍ତି ବଢ଼ାଇଛନ୍ତି। କିନ୍ତୁ ସମ୍ପତ୍ତି ତୁଳନାରେ ଆବଶ୍ୟକ ଆୟକର ପଇଠ କରିନାହାନ୍ତି। ଆମେରିକାର ଇଣ୍ଟର୍ନାଲ ରେଭିନ୍ୟୁ ସର୍ଭିସ ବା ଆଭ୍ୟନ୍ତରୀଣ ରାଜସ୍ୱ ସେବା (ଆଇଆର୍‌ଏସ୍) ତଥ୍ୟ ଆଧାରରେ ପ୍ରଘଟ ଉକ୍ତ ରିପୋର୍ଟ ସମସ୍ତଙ୍କୁ ଚକିତ କରିଦେଇଛି।**

**ୱାଶିଂଟନ,୯।୬**

ଆମାଜନ୍ ଡଟ୍ କମ୍ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ (ସିଇଓ) ଜେଫ୍ ବେଜୋସ୍, ବ୍ଲୁମ୍‌ବର୍ଗ ଏଲ୍‌ପି ପ୍ରତିଷ୍ଠାତା ମାଇକେଲ୍ ବ୍ଲୁମ୍‌ବର୍ଗ ଏବଂ ଟେସ୍‌ଲା ସିଇଓ ଏଲନ୍ ମସ୍କଙ୍କ ସମେତ ବିଶ୍ୱର ସବୁଠୁ ଧନୀ ତାଲିକାରେ ଥିବା ୨୫ ଆମେରିକୀୟ ୨୦୧୪ରୁ ୨୦୧୮ ପର୍ଯ୍ୟନ୍ତ ୪ ବର୍ଷ ଧରି ପ୍ରାୟ କିଛି ଆୟକର ପଇଠ କରିନାହାନ୍ତି କହିଲେ ଚଳେ। ଇଣ୍ଟର୍ନାଲ ରେଭିନ୍ୟୁ ସର୍ଭିସ (ଆଇଆର୍‌ଏସ୍) ତଥ୍ୟକୁ ଭିତ୍ତିକରି ପ୍ରୋପବ୍ଲିକା ଏକ ରିପୋର୍ଟରେ ଏହି ଗହନ କଥା ପ୍ରଘଟ କରିଛି।

ଏଥିରେ ଦର୍ଶାଯାଇଛି ଯେ, ଜେଫ୍ ବେଜୋସ୍ ୨୦୦୭ରେ ମଲ୍ଟିବିଲିଅନେୟର ତଥା ବିଶ୍ୱର ସବୁଠୁ ଧନୀ ବ୍ୟକ୍ତି ହୋଇସାରିଥିଲେ। କିନ୍ତୁ ସେ ଏହି ସମୟରେ ଆଦୌ ଆୟକର ଭରି ନ ଥିଲେ। ଏପରି କି ୨୦୧୧ରେ ମଧ୍ୟ ସେ ଟ୍ୟାକ୍ସ ଦେଇ ନ ଥିଲେ। ସେହିପରି ବିଶ୍ୱର ଦୁଇ ନମ୍ବର ଧନୀ ପାଲଟିଥିବା ଏଲନ୍ ମସ୍କ ୨୦୧୮ରେ ୧ ଡଲାର ମଧ୍ୟ ଫେଡେରାଲ ଇନ୍‌କମ ଟ୍ୟାକ୍ସ ବୁଝାଇ ନ ଥିଲେ। ବଡ଼ ବିଜ୍‌ନେସମ୍ୟାନ୍ ମାଇକେଲ ବ୍ଲୁମ୍‌ବର୍ଗ ମଧ୍ୟ ଗତ କିଛି ବର୍ଷ ମଧ୍ୟରେ ☞ପୃଷ୍ଠା-୪

**ପ୍ରୋପବ୍ଲିକା ପ୍ରଘଟ**

- ଆଇଟି ଠକ ତାଲିକାରେ ୨୫ ଧନୀ ଆମେରିକୀୟ
- ୧୫ ବର୍ଷ ଧରି ଦେଇନାହାନ୍ତି ଟିକସ




## ବାତ୍ୟା ଚିହ୍ନଟ ପ୍ରଯୁକ୍ତି ବିକଶିତ କଲେ ଓଡ଼ିଆ ବୈଜ୍ଞାନିକ

**ସାଟେଲାଇଟ୍ ପୂର୍ବରୁ ଆଗୁଆ ଠାବ କରିପାରିବ**

**ନୂଆଦିଲ୍ଲୀ, ୯।୬**

ଜଣେ ଓଡ଼ିଆଙ୍କ ସମେତ ୩ ଭାରତୀୟ ବୈଜ୍ଞାନିକ ଏକ ନୂଆ ପ୍ରଯୁକ୍ତି ବିକଶିତ କରିଛନ୍ତି, ଯାହା ଭାରତ ମହାସାଗରରେ ସୃଷ୍ଟ ସାମୁଦ୍ରିକ ଝଡ଼କୁ ସାଟେଲାଇଟ ଅପେକ୍ଷା ଆଗୁଆ ଠାବ କରିପାରିବ। ଫଳରେ ବାତ୍ୟାଜନିତ କ୍ଷୟକ୍ଷତି ରୋକିବାରେ ବିଭିନ୍ନ ପ୍ରତିକାର ବ୍ୟବସ୍ଥା ଯଥେଷ୍ଟ ପୂର୍ବରୁ ଗ୍ରହଣ କରାଯାଇପାରିବ ବୋଲି କୁହାଯାଉଛି। ବର୍ତ୍ତମାନ ପର୍ଯ୍ୟନ୍ତ ରିମୋଟ ସେନ୍‌ସିଂ ପ୍ରଯୁକ୍ତି ସାମୁଦ୍ରିକ ଝଡ଼କୁ ଯଥେଷ୍ଟ ପୂର୍ବରୁ ଚିହ୍ନଟ କରୁଥିଲେ ହେଁ ଏହା ସମ୍ଭବ ହୋଇଥାଏ, ଯେତେବେଳେ ଉଷ୍ମ ମହାସାଗର ପୃଷ୍ଠରେ ସ୍ପଷ୍ଟ ଲଘୁଚାପ ସିଷ୍ଟମ ବିକଶିତ ହୁଏ। ତେବେ ଉଷ୍ମ ସାଗର ପରିବେଶରେ ସାଇକ୍ଲୋନିକ୍ ସିଷ୍ଟମ ସୃଷ୍ଟି ହେବା ପୂର୍ବରୁ ବାୟୁମଣ୍ଡଳୀୟ ଅସ୍ଥିରତା ପ୍ରକ୍ରିୟା ସହିତ ଜଳାବର୍ତ୍ତ ହୋଇଥାଏ, ଯାହା ଉଚ୍ଚତର ବାୟୁମଣ୍ଡଳୀୟ ସ୍ତରରେ ବଢ଼ିଥାଏ। ସମୁଦ୍ର ଉପରେ ଡିପ୍ରେସନ୍ ସୃଷ୍ଟି ☞ପୃଷ୍ଠା-୪



ବିଷ୍ଣୁପ୍ରିୟା ସାହୁ

## କଂଗ୍ରେସ ଛାଡ଼ି ଭାଜପାରେ ଜିତିନ ପ୍ରସାଦ

ଉତ୍ତରପ୍ରଦେଶ ବିଧାନସଭା ନିର୍ବାଚନକୁ ଆଉ କିଛି ମାସ ବାକି ଥିବାବେଳେ ବୁଧବାର କଂଗ୍ରେସ ଛାଡ଼ି ଭାଜପାରେ ମିଶିଛନ୍ତି ପୂର୍ବତନ କେନ୍ଦ୍ରମନ୍ତ୍ରୀ ଜିତିନି ପ୍ରସାଦ। ସେ କେନ୍ଦ୍ରମନ୍ତ୍ରୀ ପୀୟୂଷ ଗୋୟଲଙ୍କ ଉପସ୍ଥିତିରେ ଦଳରେ ସାମିଲ ହୋଇଛନ୍ତି। ବ୍ରାହ୍ମଣ ଭୋଟ ବ୍ୟାଙ୍କକୁ ଅତୁଟ ରଖିବାରେ ତାଙ୍କର ଯୋଗଦାନ ସହାୟକ ହେବ ବୋଲି ଗୈରିକ ଦଳ ଆଶା ବାନ୍ଧିଛି।



### ସଂକ୍ଷେପରେ

## ଏଲ୍ ସାଲଭେଡରରେ ବୈଧ ହେଲା ବିଟ୍‌କଏନ




ବିଶ୍ୱରେ ପ୍ରଥମ

**ସାନ୍ ସାଲ୍‌ଭେଡର, ୯।୬:** କ୍ରିପ୍ଟୋକରେନ୍ସିକୁ ଆଇନଗତ ମାନ୍ୟତା ଦେବାକୁ ନେଇ ଚର୍ଚ୍ଚା ଜାରି ରହିଥିବାବେଳେ ବିଶ୍ୱର ପ୍ରଥମ ଦେଶ ଭାବେ ଏଲ୍ ସାଲଭେଡର ବୁଧବାର ବିଟ୍ କଏନକୁ ବୈଧ କରିଛି। ଏ ନେଇ ଆଗତ ବିଲ୍ ଏଲ୍ ସାଲଭେଡର କଂଗ୍ରେସରେ ୮୪ରୁ ୬୨ ଭୋଟ୍ ପାଇ ପାରିତ ହୋଇଛି। ରାଷ୍ଟ୍ରପତି ନାୟିବ୍ ବୁକେଲେ ଟୁଇଟ୍ କରି ଏହି ସୂଚନା ଦେଇଛନ୍ତି। ଏଥିସହିତ ଏଲ୍ ସାଲଭେଡରରେ ୩ ବିଟ୍ କଏନ ନିବେଶ କରିଥିବା ବ୍ୟକ୍ତିଙ୍କୁ ଦେଶର ନାଗରିକତ୍ୱ ମିଳିବ ବୋଲି ବୁକେଲେ ଘୋଷଣା କରିଛନ୍ତି। ବିଟ୍‌କଏନ ଟେକ୍ନୋଲୋଜି ବ୍ୟବହାର କରି ଆଧୁନିକ ଆର୍ଥିକ ଭିତ୍ତିଭୂମି ନିର୍ମାଣ କରିବାକୁ ଲକ୍ଷ୍ୟ ରହିଥିବା ନେଇ ଗତ ୫ ତାରିଖରେ ମିଆମିରେ ଅନୁଷ୍ଠିତ ବିଟ୍‌କଏନ-୨୦୨୧ କନଫରେନ୍ସରେ ସେ କହିଥିଲେ।

## ୨୦୦ ଶ୍ରେଷ୍ଠ ଶିକ୍ଷାନୁଷ୍ଠାନ ମଧ୍ୟରେ ଭାରତର ୩

**ନୂଆଦିଲ୍ଲୀ, ୯।୬(ପି.ଟି.):** ବିଶ୍ୱର ୨୦୦ ଶ୍ରେଷ୍ଠ ଶିକ୍ଷାନୁଷ୍ଠାନ ମଧ୍ୟରେ ଭାରତର ୩ଟି ସ୍ଥାନ ପାଇଛି। ବୁଧବାର ପ୍ରକାଶିତ କ୍ୟୁଏସ୍ ୱାର୍ଲ୍ଡ ୟୁନିଭର୍ସିଟି ର୍‍ୟାଙ୍କିଙ୍ଗ୍‌ସରେ ଇଣ୍ଡିଆନ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ସାଇନ୍ସ, ବାଙ୍ଗାଲୋର ଶ୍ରେଷ୍ଠ ଗବେଷଣା ବିଶ୍ୱବିଦ୍ୟାଳୟ ଭାବେ ସ୍ଥାନ ପାଇଛି। ସାଇଟେଶନ ପର୍ ଫାକଲ୍ଟି (ସିପିଏଫ୍) ମେଟ୍ରିକ୍‌ରେ ଏହା ୧୦୦ରୁ ୧୦୦ ନମ୍ବର ରଖିଛି। ଆଇଆଇଟି, ଗୁଆହାଟୀ ୪୧ତମ ସ୍ଥାନରେ ରହିଛି। ଭାରତର ଶୀର୍ଷ ସ୍ଥାନରେ ଥିବା ଶିକ୍ଷାନୁଷ୍ଠାନ ଆଇଆଇଟି ବମ୍ବେ ଉକ୍ତ ତାଲିକାରେ ୧୭୭ତମ ସ୍ଥାନରେ ରହିଛି। ଗତବର୍ଷ ଉକ୍ତ ଶିକ୍ଷାନୁଷ୍ଠାନ ୧୭୨ତମ ସ୍ଥାନରେ ରହିଥିଲା। ସେହିପରି ଆଇଆଇଟି, ଦିଲ୍ଲୀ ଏଥର ୧୯୩ ର୍‍ୟାଙ୍କରେ ରହିଛି, ଯାହା କି ଗତବର୍ଷ ୧୮୫ତମ ସ୍ଥାନରେ ଆସିଥିଲା। ଆଇଆଇଟି, ମାଡ୍ରାସ ୨୦ ସ୍ଥାନ ଉପରକୁ ଉଠି ୨୫୫ ନମ୍ବରରେ ରହିଥିବାବେଳେ ଆଇଆଇଟି, ଖଡ଼ଗପୁର ୨୮୦ ର୍‍ୟାଙ୍କରେ ରହିଛି।

## ସଂଶୋଧନ ହୋଇପାରିବ ଟିକା ପ୍ରମାଣପତ୍ର ତ୍ରୁଟି




**ନୂଆଦିଲ୍ଲୀ, ୯।୬:** ଟିକା ନେଇଥିବା ବ୍ୟକ୍ତିଙ୍କ ପ୍ରମାଣପତ୍ରରେ କୌଣସି ତ୍ରୁଟି ଥିଲେ ଏଣିକି ସେମାନେ କୋୱିନ୍ ଆପ୍ ଯୋଗେ ତାହାକୁ ସଂଶୋଧନ କରିପାରିବେ। କେନ୍ଦ୍ର ସରକାରଙ୍କ ପକ୍ଷରୁ ଏ ନେଇ କୋୱିନ୍ ଆପ୍ଲିକେଶନରେ ନୂଆ ଫିଚର ଆଣିଛନ୍ତି ବୋଲି ସ୍ୱାସ୍ଥ୍ୟ ମନ୍ତ୍ରଣାଳୟର ଅତିରିକ୍ତ ସଚିବ ବିକାଶ ଶୀଲ କହିଛନ୍ତି। ଟିକାକରଣ ପରେ ନାଁ, ଜନ୍ମ ବର୍ଷ, ଲିଙ୍ଗ ଆଦି ତଥ୍ୟରେ କୌଣସି ଭୁଲ୍ ରହିଥିଲେ ସେମାନେ http://cowin.Gov.Inକୁ ଯାଇ ସମସ୍ୟା ଜଣାଇପାରିବେ ବୋଲି ସେ ଆରୋଗ୍ୟସେତୁ ଟୁଇଟର ହ୍ୟାଣ୍ଡେଲରୁ ଟୁଇଟ କରିଛନ୍ତି।

## ଶୋଷରେ ୫ ବର୍ଷର ଶିଶୁ ମୃତ

**ଜଲୋର୍(ରାଜସ୍ଥାନ), ୯।୬:** ରାଜସ୍ଥାନର ଜଲୋର ଜିଲା ରାଣୀୱାଡାଠାରେ ଜଣେ ୫ ବର୍ଷୀୟ ଶିଶୁ କନ୍ୟାଙ୍କ ଶୋଷରେ ମୃତ୍ୟୁ ଘଟିଛି। ସେ ତାଙ୍କ ଜେଜେ ମା’ ସୁଖୀ (୬୦)ଙ୍କ ସହ ସମ୍ପର୍କୀୟଙ୍କ ଘରକୁ ଚାଲି ଚାଲି ଯାଉଥିବାବେଳେ ବାଟରେ ଶୋଷ ଲାଗିଥିଲା। ଭୀଷଣ ତାତିରେ ଆଖପାଖରେ ପାଣି ନ ମିଳିବାରୁ ଉଭୟେ ଅଚେତ ହୋଇପଡ଼ିଥିଲେ। କିଛି ସମୟ ପରେ ଜଣେ ସ୍ଥାନୀୟ ବ୍ୟକ୍ତି ସେମାନଙ୍କୁ ଦେଖି ପ୍ରଶାସନକୁ ଖବର ଦେଇଥିଲେ। ଶିଶୁ କନ୍ୟାଙ୍କ ମୃତ୍ୟୁ ଘଟିଥିବାବେଳେ ସୁଖୀ ଚିକିତ୍ସାଧୀନ ଅଛନ୍ତି। ଶିଶୁଟିକୁ ଛାଡ଼ି ତାଙ୍କ ମା’ ଦ୍ୱିତୀୟ ବିବାହ କରିବା ପରେ ଜେଜେ ମା’ ତାଙ୍କ ଯତ୍ନ ନେଉଥିଲେ। ହେଲେ ଅନେକ ସମୟରେ ଖାଇବାକୁ ନ ପାଇ ସେମାନେ ଖାଦ୍ୟ ମାଗି ଚଳୁଥିଲେ ବୋଲି ତାଙ୍କ ପଡ଼ୋଶୀ କହିଛନ୍ତି।

# ୫ମ ମହାସାଗର ହେଲା ସଦର୍ନ ଓସେନ୍

ଦକ୍ଷିଣ ମହାସାଗର ବା ସଦର୍ନ ଓସେନ୍‌କୁ ପୃଥିବୀର ୫ମ ମହାସାଗର ମାନ୍ୟତା ପ୍ରଦାନ କରାଯାଇଛି। ୧୯୧୫ ମସିହାରୁ ଓସେନ୍ ମାନଚିତ୍ର ପ୍ରସ୍ତୁତ କରୁଥିବା ନ୍ୟାଶନାଲ ଜିଓଗ୍ରାଫି ସୋସାଇଟି ଜୁନ୍ ୮ ବିଶ୍ୱ ମହାସାଗର ଦିବସ ଅବସରରେ ଦକ୍ଷିଣ ମହାସାଗରକୁ ୫ମ ଓସେନ୍ ଭାବେ ଚିହ୍ନଟ କରିଛି। ପୂର୍ବରୁ ନ୍ୟାଶନାଲ ଜିଓଗ୍ରାଫି ମ୍ୟାପ୍ ପ୍ରସ୍ତୁତ କାରୀ ଆଟଲାଣ୍ଟିକ୍, ପ୍ରଶାନ୍ତ ମହାସାଗର, ଭାରତ ମହାସାଗର ଏବଂ ଆର୍କଟିକ୍‌କୁ ମହାସାଗର ବୋଲି ମାନ୍ୟତା ପ୍ରଦାନ କରିଥିଲା। ସଦର୍ନ ଓସେନ୍‌ର ପାଣି ଆଣ୍ଟାର୍କଟିକାରୁ ୬୦ ଡିଗ୍ରୀ ଅକ୍ଷାଂଶ ରେଖାକୁ ବିସ୍ତୃତ ହୋଇଥିବାରୁ ଆମେରିକା ବୋର୍ଡ ଏହାକୁ ପୂର୍ବରୁ ଚିହ୍ନଟ କରିଥିଲା।



# ଥରକେ ୧୦ ଶିଶୁ ପ୍ରସବ

ଦକ୍ଷିଣ ଆଫ୍ରିକାର ଜଣେ ମହିଳା ଏକ ଥରକେ ୧୦ ଶିଶୁ ପ୍ରସବ କରି ଗିନିଜ୍ ୱାର୍ଲ୍ଡ ରେକର୍ଡ ଭାଙ୍ଗିଛନ୍ତି। ଗତ ମାସରେ ମରକ୍କୋର ଜଣେ ମହିଳା ୯ଟି ସନ୍ତାନ ଜନ୍ମ କରି ଏହି ରେକର୍ଡ କରିଥିଲେ। ୩୭ ବର୍ଷୀୟା ଗୋସିଆମେ ଥାମରା ସିଥୋଲ ଅତି କମ୍‌ରେ ୮ଟି ଶିଶୁ ପ୍ରସବ ହେବା ନେଇ ପ୍ରଥମେ ଅନୁମାନ କରିଥିଲେ। ମାତ୍ର ୭ ମାସ ଓ ୭ ଦିନ ଗର୍ଭବତୀ ହେବାପରେ ସେ ସୋମବାର ୭ଟି ପୁତ୍ର ଓ ୩ଟି କନ୍ୟା ସନ୍ତାନ ଜନ୍ମ କରିଛନ୍ତି। ପୂର୍ବରୁ ତାଙ୍କର ୬ ବର୍ଷର ଦୁଇ ଯାଆଁଳା ସନ୍ତାନ ରହିଛନ୍ତି।



# କରୋନାକୁ ସର୍ଜିକାଲ ଷ୍ଟ୍ରାଇକ୍ କର

## କେନ୍ଦ୍ରକୁ ବମ୍ବେ ହାଇକୋର୍ଟଙ୍କ ପରାମର୍ଶ

ମୁମ୍ବାଇ, ୯।୬



କେନ୍ଦ୍ର ସରକାର ସୀମାରେ ଅପେକ୍ଷା କରନ୍ତୁ ନାହିଁ। କରୋନା ଭାଇରସ୍ ଆମର ସବୁଠୁ ବଡ଼ ଶତ୍ରୁ। ଏହାକୁ ଶେଷ କରିବାକୁ ପଡ଼ିବ। କେନ୍ଦ୍ରର ଆଭିମୁଖ୍ୟ କରୋନା ଉପରେ ସର୍ଜିକାଲ ଷ୍ଟ୍ରାଇକ୍ ଭଳି ହେବା ଆବଶ୍ୟକ ବୋଲି ବୁଧବାର ବମ୍ବେ ହାଇକୋର୍ଟ ପରାମର୍ଶ ଦେଇଛନ୍ତି।

ବମ୍ବେ ହାଇକୋର୍ଟରେ ଦୁଇଜଣ ଓକିଲ ଏକ ଜନସ୍ୱାର୍ଥ ମାମଲା (ପିଆଇଏଲ୍) ଦାଏର କରିଥିଲେ। କେନ୍ଦ୍ର ସରକାର ୭୫ରୁ ଉର୍ଦ୍ଧ୍ୱ ବୟସ୍କ ବ୍ୟକ୍ତିମାନଙ୍କ ଘର ଘର ବୁଲି ଟିକା ଦିଅନ୍ତୁ ବୋଲି ଉଭୟେ ଉକ୍ତ ପିଟିଶନରେ ଦାବି କରିଥିଲେ। ଶୁଣାଣି ବେଳେ ଏପରି ସମ୍ଭବ ନୁହେଁ ବୋଲି କେନ୍ଦ୍ର ପକ୍ଷରୁ ଯୁକ୍ତି ବଢ଼ାଯାଇଥିଲା। ମୁଖ୍ୟ ବିଚାରପତି ଦୀପଙ୍କର ଦତ୍ତା ଓ ଜଷ୍ଟିସ୍ ଜି.ଏସ୍. କୁଲକର୍ନୀଙ୍କୁ ନେଇ ଗଠିତ ଖଣ୍ଡପୀଠ ସରକାରଙ୍କ ଟିକାକରଣ କାର୍ଯ୍ୟକ୍ରମକୁ ନାପସନ୍ଦ କରିଛନ୍ତି। କହିଛନ୍ତି, ଘର ପାଖ ଟିକାକେନ୍ଦ୍ରକୁ ଜନସାଧାରଣ ଆସି ଟିକା ନେବା ଲାଗି ବ୍ୟବସ୍ଥା କରାଯାଇଛି। ଏହା ଭୂତାଣୁ ବାହକମାନଙ୍କୁ କେନ୍ଦ୍ରକୁ ଆସିବା ପାଇଁ ଅପେକ୍ଷା କଲାଭଳି। ସବୁଠୁ ବଡ଼ ଶତ୍ରୁ ଭୂତାଣୁ ନିର୍ଦ୍ଦିଷ୍ଟ ଅଞ୍ଚଳ ବା ଯେକୌଣସି ବ୍ୟକ୍ତିଙ୍କଠାରେ ଥାଇପାରେ, ଯେଉଁମାନେ ବାହାରକୁ ଆସିବାକୁ ଅସମର୍ଥ। ତେଣୁ ସ୍ୱାସ୍ଥ୍ୟ କର୍ମଚାରୀମାନଙ୍କୁ ଉକ୍ତ ଅଞ୍ଚଳରେ ପଶି ସର୍ଜିକାଲ ଷ୍ଟ୍ରାଇକ କରିବାକୁ ହେବ ବୋଲି ମୁଖ୍ୟ ବିଚାରପତି କହିଥିଲେ। ସରକାର ଜନସାଧାରଣଙ୍କ କଲ୍ୟାଣ ଲାଗି ନିଷ୍ପତ୍ତି ନେଇଛନ୍ତି, କିନ୍ତୁ ଏହା ବିଳମ୍ବିତ ହେବାରୁ ବହୁ ଜୀବନହାନି ଘଟିଲା ବୋଲି ଜଷ୍ଟିସ୍ ଦତ୍ତ କହିଥିଲେ। ୭୫ ବର୍ଷରୁ ଉର୍ଦ୍ଧ୍ୱ ବରିଷ୍ଠ ନାଗରିକ, ଭିନ୍ନକ୍ଷମ, ହ୍ୱିଲ୍‌ଚେୟାର ଉପରେ ନିର୍ଭର କରୁଥିବା କିମ୍ବା ରୋଗଶଯ୍ୟାରେ ଥିବା ଲୋକଙ୍କ ଲାଗି ସରକାର ଘରକୁ ଘର ଟିକାକରଣ କାର୍ଯ୍ୟକ୍ରମ ଆରମ୍ଭ କରିବା ଲାଗି ଆଇନଜୀବୀ ଧ୍ରୁତି କାପାଡିଆ ଏବଂ କୁନାଲ ତିୱାରି ହାଇକୋର୍ଟରେ ଜନସ୍ୱାର୍ଥ ମାମଲା ଦାଏର କରିଥିଲେ।

## ସକ୍ରିୟ ମାମଲା ୪.୨୩%କୁ ହ୍ରାସ


ନୂଆଦିଲ୍ଲୀ, ୯।୬

ଦେଶରେ କ୍ରମାଗତ ଦୁଇ ଦିନ ଧରି ଦୈନିକ କରୋନା ସଂକ୍ରମଣ ଲକ୍ଷେ ତଳେ ରହିଛି। ଗତ ୨୪ ଘଣ୍ଟାରେ ୯୨,୫୯୬ ଜଣ ସଂକ୍ରମିତ ହୋଇଥିବାବେଳେ ମୋଟ ସଂକ୍ରମିତଙ୍କ ସଂଖ୍ୟା ୨,୯୦,୮୯,୦୬୯ରେ ପହଞ୍ଚିଛି। ସମୁଦାୟ ସକ୍ରିୟ ମାମଲା ୧୨,୩୧,୪୧୫କୁ ହ୍ରାସ ପାଇଛି ଯାହା କି ମୋଟ ଆକ୍ରାନ୍ତଙ୍କ ୪.୨୩ ପ୍ରତିଶତ। ସେହିପରି ଦିନକରେ ୨,୨୧୯ ଜଣଙ୍କ ମୃତ୍ୟୁ ଘଟିଥିବା ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ପକ୍ଷରୁ ବୁଧବାର ସୂଚନା ଦିଆଯାଇଛି। ସେହିପରି ଆରୋଗ୍ୟ ହାର ୯୪.୫୫ ପ୍ରତିଶତକୁ ବୃଦ୍ଧି ପାଇଛି। ମଙ୍ଗଳବାର ମୋଟ ୧୯,୮୫,୯୬୭ ନମୁନା ପରୀକ୍ଷା ହୋଇଥିଲା। ଦୈନିକ ପଜିଟିଭ୍ ହାର ୪.୬୬% ରହିଥିବାବେଳେ କ୍ରମାଗତ ୧୬ ଦିନ ପାଇଁ ଏହା ୧୦ ପ୍ରତିଶତ ତଳେ ରହିଛି।

# ଚୋକ୍‌ସି ମୋ ସୁଗାର ଡେଡି ନୁହନ୍ତି

## ମୁଁ ତାଙ୍କ ଗର୍ଲଫ୍ରେଣ୍ଡ ନୁହେଁ: ବାରବରା

ନୂଆଦିଲ୍ଲୀ, ୯।୬




ବାରବରା ଜାବାରିକା

ମେହୁଲ ଚୋକ୍‌ସି ମୋ ସୁଗାର ଡେଡି ନୁହନ୍ତି କି ମୁଁ ତାଙ୍କର ଗର୍ଲଫ୍ରେଣ୍ଡ ନୁହେଁ। ମୋର ନିଜସ୍ୱ ଆୟ ଓ ବ୍ୟବସାୟ ରହିଛି। ତାଙ୍କ ଅର୍ଥ, ସମର୍ଥନ, ହେଟେଲ ବୁକିଂ ଓ ଫେକ୍ ଜୁଏଲାରି ମୋତେ ଦରକାର ନାହିଁ। ପଳାତକ ହୀରା ବ୍ୟବସାୟୀ ମେହୁଲ ଚୋକ୍‌ସିଙ୍କୁ ଆଣ୍ଟିଗୁଆରୁ ଅପହରଣ ଅଭିଯୋଗକୁ ଖଣ୍ଡନ କରି ଏପରି ବକ୍ତବ୍ୟ ରଖିଛନ୍ତି ତାଙ୍କର ଗର୍ଲଫ୍ରେଣ୍ଡ ବୋଲି ଚର୍ଚ୍ଚା ହେଉଥିବା ରହସ୍ୟମୟୀ ମହିଳା ବାରବରା ଜାବାରିକା। ପଞ୍ଜାବ ନ୍ୟାଶନାଲ ବ୍ୟାଙ୍କ (ପିଏନ୍‌ବି)ର ୧୩,୫୦୦ କୋଟି ଟଙ୍କାର ଋଣ ଜାଲିଆତି ମାମଲାର ଅଭିଯୁକ୍ତଙ୍କୁ ନେଇ ଏକ ନ୍ୟୁଜ୍ ଏଜେନ୍ସିକୁ ସାକ୍ଷାତ୍‌କାର ଦେଇ ବାରବରା କହିଛନ୍ତି, ସେ ଚୋକ୍‌ସିଙ୍କ ଗର୍ଲଫ୍ରେଣ୍ଡ ନୁହନ୍ତି। ଚୋକ୍‌ସି ମଧ୍ୟ ତାଙ୍କର ସୁଗାର ଡେଡି (ସ୍ୱଳ୍ପ ବୟସ୍କା ଝିଅଙ୍କଠାରୁ ସହଚର୍ଯ୍ୟ ବା ଯୌନ ଅନୁଗ୍ରହ ପାଇବା ପାଇଁ ଦାମୀ ଉପହାର ଦେଉଥିବା ଧନୀ ବୟସ୍କ ବ୍ୟକ୍ତି) ନୁହନ୍ତି। ଏହା ପୂର୍ବରୁ ଅନ୍ୟ ଏକ ସାକ୍ଷାତ୍‌କାରରେ ବାରବରା କହିଥିଲେ, ସେ କାରାବିୟାନ୍ ରାଷ୍ଟ୍ର ଡୋମିନିକାର ନୁହନ୍ତି, ବରଂ ୟୁରୋପୀୟ ନାଗରିକ। ଚୋକ୍‌ସି ତାଙ୍କ ବିରୋଧରେ ଆଣିଥିବା ଅପହରଣ ଅଭିଯୋଗକୁ ସେ ଖଣ୍ଡନ କରିଥିଲେ। ଚୋକ୍‌ସି ନିଜକୁ ରାଜ ବୋଲି ପରିଚୟ ଦେଇଥିଲେ। ୨୦୨୦ ଅଗଷ୍ଟ ପରଠାରୁ ଉଭୟଙ୍କ ମଧ୍ୟରେ ଯୋଗାଯୋଗ ରହିଥିଲା। ଚୋକ୍‌ସି ତାଙ୍କ ସହ ଅନେକ ଥର କଥା ହୋଇଥିଲେ। ଏହାସହ ହୀରା ରିଙ୍ଗ ଓ ଅନ୍ୟ କେତେକ ଉପହାର ଦେଇଥିଲେ। କିନ୍ତୁ ତାହା ନକଲି ବୋଲି ଜଣାପଡ଼ିବା ପରେ ସେ ତାକୁ ଫେରାଇଦେଇଥିଲେ। ଇତିମଧ୍ୟରେ ଡୋମିନିକା ହାଇକୋର୍ଟ ମେହୁଲ ଚୋକ୍‌ସିଙ୍କ ଜାମିନ ଆବେଦନର ଶୁଣାଣିକୁ ଜୁନ୍ ୧୧ ପର୍ଯ୍ୟନ୍ତ ସ୍ଥଗିତ ରଖିଛନ୍ତି।

# ଟିକା ନେଲେ ବି ଡେଲ୍ଟା ସଂକ୍ରାମକ

ନୂଆଦିଲ୍ଲୀ, ୯।୬



ଭାରତରେ ପ୍ରଥମେ ଗତବର୍ଷ ଅକ୍ଟୋବରରେ ଚିହ୍ନଟ ହୋଇଥିବା କରୋନା ଭୂତାଣୁର ଡେଲ୍ଟା ଭାରିଆଣ୍ଟ କୋଭାକ୍ସିନ କିମ୍ବା କୋଭିଶିଲ୍ଡ ଟିକାର ଉଭୟ ଡୋଜ୍ ନେଇଥିବା ଲୋକଙ୍କୁ ମଧ୍ୟ ସଂକ୍ରମିତ କରିପାରେ। ଦିଲ୍ଲୀ ଏମ୍ସ ଏବଂ ନ୍ୟାଶନାଲ ସେଣ୍ଟର ଫର୍ ଡିଜିଜ୍ କଣ୍ଟ୍ରୋଲ (ଏନ୍‌ସିଡିସି) ପକ୍ଷରୁ ଅଲଗା ଅଲଗା ଭାବେ ହୋଇଥିବା ଅଧ୍ୟୟନରୁ ଏହା ଜଣାପଡ଼ିଛି। ତେବେ ଦୁଇଟି ଯାକ ଅଧ୍ୟୟନ ଏପର୍ଯ୍ୟନ୍ତ ସହକର୍ମୀମାନଙ୍କ ଦ୍ୱାରା ସମୀକ୍ଷା ହୋଇନାହିଁ। ବ୍ରିଟେନରେ ଚିହ୍ନଟ ହୋଇଥିବା ଆଲ୍‌ଫା ଭାରିଆଣ୍ଟ ତୁଳନାରେ ଡେଲ୍ଟା ଭାରିଆଣ୍ଟ ୪୦ରୁ ୫୦ ପ୍ରତିଶତ ଅଧିକ ସଂକ୍ରାମକ ବୋଲି ଏମ୍ସ ଅଧ୍ୟୟନରୁ ଜଣାପଡ଼ିଛି। ଏମ୍ସ-ଆଇଜିଆଇବି (ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଜିନୋମିକ୍ସ ଆଣ୍ଡ ଇଣ୍ଟିଗ୍ରେଟିଭ୍ ବାୟୋଲୋଜି) ଅଧ୍ୟୟନ ହସ୍ପିଟାଲର ୬୩ କରୋନା ରୋଗୀଙ୍କ ଉପରେ କରାଯାଇଥିଲା। ସେମାନଙ୍କ ମଧ୍ୟରୁ ୫୩ ଜଣଙ୍କୁ କୋଭାକ୍ସିନ ଏବଂ ୧୦ ଜଣଙ୍କୁ କୋଭିଶିଲ୍ଡ ଟିକା ଦିଆଯାଇଥିଲା। ୩୬ ଜଣ ଦୁଇଟି ଡୋଜ୍ ନେଇଥିଲେ। ଯେଉଁମାନେ ଗୋଟିଏ ଡୋଜ୍ ନେଇଥିଲେ ସେମାନଙ୍କଠାରେ ୭୬.୯ ପ୍ରତିଶତ ସଂକ୍ରମଣ ହୋଇଥିବାବେଳେ ଦୁଇଟି ଡୋଜ୍ ନେଇଥିବା ବ୍ୟକ୍ତିଙ୍କଠାରେ ୬୦% ସଂକ୍ରମଣ ଦେଖାଯାଇଥିଲା। କୋଭିଶିଲ୍ଡ ନେଇଥିବା ଲୋକଙ୍କୁ ଡେଲ୍ଟା ଭାରିଆଣ୍ଟ ସଂକ୍ରମଣ କରୁଥିବା ଏନ୍‌ସିଡିସି-ଆଇଜିଆଇବି ଅଧ୍ୟୟନରୁ ଜଣାପଡ଼ିଛି। ଉକ୍ତ ଟିକା ନେଇଥିବା ୨୭ ରୋଗୀଙ୍କଠାରେ ଡେଲ୍ଟା ଭାରିଆଣ୍ଟ ୭୦.୩% ସଂକ୍ରମିତ ହୋଇଥିବା ଅଧ୍ୟୟନରୁ ଜଣାପଡ଼ିଛି।

## ମାଆବାପା ପଜିଟିଭ୍ ହେଲେ କର୍ମଚାରୀଙ୍କୁ ୧୫ ଦିନ ସ୍ୱତନ୍ତ୍ର ଛୁଟି

ନୂଆଦିଲ୍ଲୀ, ୯।୬(ପି.ଟି.)

କୌଣସି କେନ୍ଦ୍ରୀୟ ସରକାରୀ କର୍ମଚାରୀଙ୍କର ମାଆବାପା, କିମ୍ବା ତାଙ୍କ ଉପରେ ନିର୍ଭରଶୀଳ ପରିବାର ସଦସ୍ୟ ଯଦି କୋଭିଡ୍ ପଜିଟିଭ୍ ଚିହ୍ନଟ ହୁଅନ୍ତି, ତେବେ ସମ୍ପୃକ୍ତ କର୍ମଚାରୀଙ୍କୁ ୧୫ ଦିନ ସ୍ୱତନ୍ତ୍ର ଛୁଟି (ଏସ୍‌ସିଏଲ୍) ମିଳିପାରିବ। କାର୍ମିକ ମନ୍ତ୍ରଣାଳୟ ପକ୍ଷରୁ ଏନେଇ ନିର୍ଦ୍ଦେଶନାମା ଜାରି ହୋଇଛି। ପରିବାର ସଦସ୍ୟ କିମ୍ବା ମାଆବାପା ଯଦି ୧୫ ଦିନରୁ ଅଧିକ ଚିକିତ୍ସାଧୀନ ରହନ୍ତି, ତେବେ ସେ ହସ୍ପିଟାଲ ଛାଡ଼ିବା ପର୍ଯ୍ୟନ୍ତ କର୍ମଚାରୀଙ୍କୁ ଅନ୍ୟାନ୍ୟ ଛୁଟି (ଯାହା ତାଙ୍କର ପ୍ରାପ୍ୟ) ମିଳିପାରିବ । ସରକାରୀ କର୍ମଚାରୀ ନିଜେ କୋଭିଡ୍ ପଜିଟିଭ ହେଲେ ତାଙ୍କୁ ୨୦ ଦିନ ପରିବର୍ତ୍ତିତ ଛୁଟି (କମ୍ୟୁଟେଡ୍ ଲିଭ୍) ଦିଆଯିବ ଓ ସେ ହୋମ୍ କ୍ୱାରାଣ୍ଟାଇନରେ ରହିବେ କିମ୍ବା ହସ୍ପିଟାଲରେ ଭର୍ତ୍ତିହୋଇପାରିବେ। ଯଦି ୨୦ ଦିନ ପରେ ହସ୍ପିଟାଲରେ ରହିବାକୁହୁଏ, ତେବେ ଏହାର ପ୍ରମାଣ ଭାବେ ଆବଶ୍ୟକ ଦସ୍ତାବିଜ୍ ଦେଖାଇଲେ କମ୍ୟୁଟେଡ୍ ଲିଭ୍ ଦିଆଯିବ ବୋଲି ନିର୍ଦ୍ଦେଶନାମାରେ କୁହାଯାଇଛି।

# ଦୁର୍ଘଟଣାରେ ୧୭ ମୃତ

କାନପୁର, ୯।୬

ଉତ୍ତରପ୍ରଦେଶର କାନପୁରଠାରେ ଏକ ମିନିବସ୍ ଏବଂ ଜେସିବି ଲୋଡର ମଧ୍ୟରେ ଧକ୍କା ହେବାରୁ ୧୭ ଜଣଙ୍କ ମୃତ୍ୟୁ ଘଟିବା ସହ ଅନ୍ୟ ୫ ଜଣ ଆହତ ହୋଇଛନ୍ତି। ମିନିବସ୍‌ଟି ଲକ୍ଷ୍ନୌରୁ ଦିଲ୍ଲୀ ଯାଉଥିବାବେଳେ କାନପୁରର ସଚେନ୍ଦି ଅଞ୍ଚଳରେ ଦୁର୍ଘଟଣା ଘଟିଥିଲା ବୋଲି ସ୍ଥାନୀୟ ଆଇଜି ମୋହିତ ଅଗ୍ରୱାଲ କହିଛନ୍ତି। ଆହତମାନଙ୍କୁ ହାଲେଟ୍ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ଏହି ମର୍ମନ୍ତୁଦ ଦୁର୍ଘଟଣାରେ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ଶୋକବ୍ୟକ୍ତ କରିବା ସହ ମୃତକଙ୍କ ପରିବାରକୁ ୨ ଲକ୍ଷ ଟଙ୍କା ଲେଖାଏ ଅନୁକମ୍ପାମୂଳକ ସହାୟତା ଘୋଷଣା କରିଛନ୍ତି। ସେହିପରି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ମଧ୍ୟ ମୃତକଙ୍କ ପରିବାର ପାଇଁ ୨ ଲକ୍ଷ ଏବଂ ଆହତମାନଙ୍କ ପାଇଁ ୫୦ ହଜାର ଟଙ୍କା ସହାୟତା ଘୋଷଣା କରିଛନ୍ତି।



## ନିଖିଲଙ୍କ ସହ ବିବାହ ବୈଧ ନ ଥିଲା

**କୋଲକାତା, ୯।୬:** ନିଖିଲ ଜୈନଙ୍କ ସହ ବିବାହ ବୈଧ ନ ଥିଲା ଏବଂ ତାଙ୍କଠାରୁ ବହୁ ପୂର୍ବରୁ ଅଲଗା ହୋଇଯାଇଥିଲେ ବୋଲି ତୃଣମୂଳ କଂଗ୍ରେସ ଏମ୍‌ପି ନୁସ୍‌ରତ୍ ଜହାଁ ବୁଧବାର କହିଛନ୍ତି। ୨୦୧୯ରେ ତୁର୍କୀରେ ସେଠାକାର ବିବାହ ନୀତି ଅନୁସାରେ ବାହାଘର ହୋଇଥିଲା। ଭାରତରେ ଥିବା ସ୍ୱତନ୍ତ୍ର ବିବାହ ଆଇନ ଅନୁସାରେ ବାହାଘର ହୋଇ ନ ଥିବାରୁ ଏଠାରେ ଏହାକୁ ଲିଭ୍-ଇନ୍ ସମ୍ପର୍କ ବୋଲି କୁହାଯିବ। ତେଣୁ ଛାଡ଼ପତ୍ରର ପ୍ରଶ୍ନ ଉଠୁନାହିଁ ବୋଲି ନୁସ୍‌ରତ୍ କହିଛନ୍ତି। ଏହା ସମ୍ପୂର୍ଣ୍ଣ ବ୍ୟକ୍ତିଗତ ହୋଇଥିବାରୁ କେହି ତାଙ୍କୁ ପ୍ରଶ୍ନ କରିପାରିବେ ନାହିଁ। ନିକଟରେ ନୁସ୍‌ରତ୍ ଓ ନିଖିଲ ପରସ୍ପରଠାରୁ ଅଲଗା ହେବାକୁ ଯାଉଥିବା ନେଇ ରିପୋର୍ଟ ପ୍ରକାଶ ପାଇଥିଲା।



ନୁସ୍‌ରତ୍ ଜହାଁ

# ୬୯ ବର୍ଷ ପରେ ଫେରୁଛି ଦ୍ରୁତତମ ଚିତା



ଭାରତରେ ପୁଣି ଦେଖିବାକୁ ମିଳିବ ବିଶ୍ୱର ଦ୍ରୁତତମ ଚିତା। ଏହି ବନ୍ୟପ୍ରାଣୀର ସଂରକ୍ଷଣ ପାଇଁ ଦକ୍ଷିଣ ଆଫ୍ରିକାରୁ ୮ ଚିତା ଭାରତକୁ ଅଣାଯିବ। ଘଣ୍ଟାକୁ ୧୧୨ କି.ମି. ବେଗରେ ଦୌଡ଼ି ପାରୁଥିବା ଚିତାକୁ ୧୯୫୨ରେ ବିଲୁପ୍ତ ଘୋଷଣା କରାଯାଇଥିଲା। ମଧ୍ୟପ୍ରଦେଶ ଓ ରାଜସ୍ଥାନରେ ସେମାନଙ୍କ ପାଇଁ ବାସସ୍ଥାନ ପ୍ରସ୍ତୁତ ହୋଇଛି।

**ନୂଆଦିଲ୍ଲୀ, ୯।୬:** ଭାରତ ଫେରୁଛି ବିଶ୍ୱର ଦ୍ରୁତତମ ଚିତା। ଆସନ୍ତା ନଭେମ୍ବରରେ ଦକ୍ଷିଣ ଆଫ୍ରିକାରୁ ଭାରତକୁ ୫ ଅଣ୍ଡିରା ଓ ୩ ମାଈ ଚିତା ଆସିବେ। ଦୀର୍ଘ ଅର୍ଦ୍ଧ ଶତାବ୍ଦୀରୁ ଉର୍ଦ୍ଧ୍ୱ ହେବ ଭାରତରେ ଏହି ବାଘ ବିଲୁପ୍ତ ହୋଇଯାଇଥିଲେ। ଏଥି ନିମନ୍ତେ ଏବେ ଆବଶ୍ୟକ ପରିବେଶ ପ୍ରସ୍ତୁତ କରାଯାଇଥିବା ୱାଇଲ୍ଡଲାଇଫ୍ ଇନ୍‌ଷ୍ଟିଚ୍ୟୁଟ ଅଫ୍ ଇଣ୍ଡିଆର ଡିନ୍ ଡ. ୟାଦବେନ୍ଦ୍ରଦେବ ଝାଲା କହିଛନ୍ତି। କୌଣସି ବନ୍ୟପ୍ରାଣୀର ସଂରକ୍ଷଣ ପାଇଁ ତାହାକୁ ଗୋଟିଏ ମହାଦେଶରୁ ଅନ୍ୟ ମହାଦେଶକୁ ସ୍ଥାନାନ୍ତର କରାଯିବାରେ ଏହା ପ୍ରଥମ ବୋଲି ସେ ପ୍ରକାଶ କରିଛନ୍ତି। ମଧ୍ୟପ୍ରଦେଶର କୁନୋ ଜାତୀୟ ପାର୍କ ଏବଂ ରାଜସ୍ଥାନର ବ୍ୟାଘ୍ର ଅଭୟାରଣ୍ୟରେ ଦକ୍ଷିଣ ଆଫ୍ରିକାରୁ ଆସିବାକୁ ଥିବା ଚିତାକୁ ଛଡ଼ାଯିବ ବୋଲି ଡ. ଝାଲା କହିଛନ୍ତି।

ଶରୀରରେ କଳାଛିଟ, ଲୁହ ଡ୍ରପ୍ ଭଳି ଚିହ୍ନ ଥିବା ଚିତା ବାଘ ଶିକାରକୁ ଧରିବା ପାଇଁ ଭୂମିରେ ଘଣ୍ଟା ପ୍ରତି ୭୦ ମାଇଲ (୧୧୨ କିଲୋମିଟର)

### ନଭେମ୍ବରରେ ଦକ୍ଷିଣ ଆଫ୍ରିକାରୁ ଭାରତକୁ ଆସିବେ ୮ ଚିତା

ବେଗରେ ଦୌଡ଼ିପାରେ। ଏହି ସ୍ପିଡ୍ କୌଣସି ସୁପରକାର୍‌ର ରହିଥାଏ। ଦୁନିଆର ମୋଟ ୭ ହଜାର ଚିତା ମଧ୍ୟରୁ ଅଧିକାଂଶ ଦକ୍ଷିଣ ଆଫ୍ରିକା, ନାମ୍ବିଆ ଏବଂ ବୋତୋସ୍ୱାନାରେ ରହିଛନ୍ତି। ୧୯୦୦ ମସିହା ସୁଦ୍ଧା ଏହି ବନ୍ୟପ୍ରାଣୀ ସଂଖ୍ୟା ଭାରତରେ ଦ୍ରୁତ ଗତିରେ ହ୍ରାସ ପାଇବାରେ ଲାଗିଥିଲା। ଶିକାର ଯୋଗୁ ଶେଷ ୩ ଚିତାଙ୍କ ମୃତ୍ୟୁ ହେବା ପରେ ୧୯୫୨ରେ ଏହାକୁ ବିଲୁପ୍ତ ଘୋଷଣା କରି ଦିଆଯାଇଥିଲା।

ଭାରତରେ ୧୬ଶହ ଶତାବ୍ଦୀରେ ମୋଗଲ ଶାସକ ଜାହାଙ୍ଗୀରଙ୍କ ସମୟରେ ପ୍ରାୟ ୧୦ ହଜାର ଚିତା ରହିଥିଲେ। ରିପୋର୍ଟ ଅନୁସାରେ ୧୭୯୯ରୁ ୧୯୬୮ ମଧ୍ୟରେ ମାତ୍ର ୨୩୦ ଚିତା ରହିଥିଲେ। ଭାରତ ସ୍ୱାଧୀନ ହେବା ପରଠାରୁ କୌଣସି ବଡ଼ ସ୍ତନ୍ୟପାୟୀ ପ୍ରାଣୀ ବିଲୁପ୍ତ ହେବାରେ ଏହା ପ୍ରଥମ। ଶିକାର, ବାସସ୍ଥାନ ହ୍ରାସ ଏବଂ ପର୍ଯ୍ୟାପ୍ତ ଖାଦ୍ୟ ଉପଲବ୍ଧ ନ ହେବା ଆଦି ଏହି ପ୍ରାଣୀର ବିଲୁପ୍ତ ହେବାର ପ୍ରମୁଖ କାରଣ। ବ୍ରିଟିଶ ଶାସନ ଅମଳରେ ଚିତା ଜନବସତିକୁ ଆସିଯାଉଥିବା ଯୋଗୁ ଅନେକଙ୍କୁ ଗୁଳି ମଧ୍ୟ କରି ଦିଆଯାଇଥିଲା। ଚିତାକୁ ଫେରାଇ ଆଣିବାକୁ ୧୯୫୦ ମସିହାରୁ ଭାରତ ଉଦ୍ୟମ କରି ଆସୁଛି। ୨୦୦୯ରେ ପ୍ରୋଜେକ୍ଟ ଚିତାକୁ ରୂପ ଦିଆଯାଇଥିବାବେଳେ ଏସିଆଟିକ୍ ଚିତା ଥିବା ଇରାନ୍‌କୁ ପ୍ରଥମେ ପ୍ରସ୍ତାବ ଦିଆଯାଇଥିଲା। ହେଲେ ଇରାନ ଚିତା ସ୍ଥାନାନ୍ତର ପାଇଁ ମନା କରିଦେଇଥିଲା। ପରେ ଦକ୍ଷିଣ ଆଫ୍ରିକାରୁ ଆଫ୍ରିକୀୟ ଚିତା ଆଣିବାକୁ ଯୋଜନା ହୋଇଥିଲା।

ବନ୍ୟପ୍ରାଣୀଙ୍କ ସଂରକ୍ଷଣ ପାଇଁ ସେମାନଙ୍କୁ ସ୍ଥାନାନ୍ତର କରିବା ବେଶ୍ ଆହ୍ୱାନପୂର୍ଣ୍ଣ। କିନ୍ତୁ ଅନେକ ଦେଶ ଏହାକୁ ସହଜ କରିପାରିଛନ୍ତି। ୨୦୧୭ରେ ପୂର୍ବ ଆଫ୍ରିକା ଦେଶ ମାଲାୱି ୪ ଚିତାକୁ ନେଇଥିବାବେଳେ ଏବେ ସେଠାରେ ଏହି ସଂଖ୍ୟା ୨୪କୁ ବୃଦ୍ଧି ପାଇପାରିଛି। ତେବେ ଦକ୍ଷିଣ ଆଫ୍ରିକାର ଘଞ୍ଚ ଜଙ୍ଗଲ, ସବୁଜ ଭୂମି, ପର୍ବତ ଭଳି ପ୍ରାକୃତିକ ପରିବେଶ ଚିତାଙ୍କ ସଂଖ୍ୟା ବୃଦ୍ଧି ପାଇଁ ଉପଯୁକ୍ତ ହୋଇଥିବାବେଳେ ଭାରତରେ ସେଭଳି ପରିବେଶ ପର୍ଯ୍ୟାପ୍ତ ପରିମାଣରେ ନ ଥିବା ବିଶେଷଜ୍ଞମାନେ ପ୍ରକାଶ କରିଛନ୍ତି। ତେଣୁ ଭାରତରେ ଏହାର ଉପଯୁକ୍ତ ଯତ୍ନ ନିଆଯିବା ବେଶ୍ ଚ୍ୟାଲେଞ୍ଜପୂର୍ଣ୍ଣ ହେବ ବୋଲି ସେମାନେ ମତ ଦେଇଛନ୍ତି।

**କରୋନା ସଂକ୍ରମଣ ସ୍ଥିତି**

| | ଆକ୍ରାନ୍ତ | ମୃତ୍ୟୁ | ଆରୋଗ୍ୟ |
|---|---|---|---|
| ବିଶ୍ୱ | ୧୭,୪୯,୪୩,୭୭୭ | ୩୭,୭୧,୦୫୪ | ୧୫,୮୪,୪୫,୬୮୧ |
| ଭାରତ | ୨,୯୧,୭୭,୨୫୧ | ୩,୫୯,୪୮୧ | ୨,୭୬,୩୮,୯୦୨ |
| ଓଡ଼ିଶା | ୮,୩୧,୧୨୯ | ୩୧୨୩(+୫୩) | ୭,୬୪,୬୭୩ |

ବୁଧବାର ରାତି ୧୦ଟା ସୁଦ୍ଧା
(+ ଅନ୍ୟ ରୋଗରେ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ)
ତଥ୍ୟ: https://www.worldometers.info/coronavirus/ଏବଂ ଓଡ଼ିଶା ସରକାର



ଓଡ଼ିଶାର ଏକମାତ୍ର ମହିଳା ମୁଖ୍ୟମନ୍ତ୍ରୀ ନନ୍ଦିନୀ ଶତପଥୀଙ୍କ ୯୦ତମ ଜୟନ୍ତୀ ଅବସରରେ ଭୁବନେଶ୍ୱର ରାଜଭବନ ନିକଟ ଏଲ୍ଆଇସି ଛକଠାରେ ଥିବା ତାଙ୍କ ପ୍ରତିମୂର୍ତ୍ତିରେ ବୁଧବାର ଅନୁଷ୍ଠିତ ମାଲ୍ୟାର୍ପଣ କାର୍ଯ୍ୟକ୍ରମରେ ଉପସ୍ଥିତ ଧରିତ୍ରୀ ଏବଂ ଓଡ଼ିଶା ପୋଷ୍ଟ ସମ୍ପାଦକ ତଥାଗତ ସତପଥୀ, ମୁଖ୍ୟ କାର୍ଯ୍ୟନିର୍ବାହୀ ଆଦ୍ୟାଶା ସତପଥୀ, ଓଡ଼ିଶା ସାହିତ୍ୟ ଏକାଡେମୀ ସଭାପତି ଡ. ହୃଷୀକେଶ ମଲ୍ଲିକ, ଉତ୍କଳ ସମ୍ମିଳନୀର କର୍ମକର୍ତ୍ତା ଏବଂ ଧରିତ୍ରୀ ପରିବାର ସଦସ୍ୟ।

# ଉତ୍କଳ ବିଶ୍ୱବିଦ୍ୟାଳୟ ଛାତ୍ରୀନିବାସକୁ ନନ୍ଦିନୀ ଶତପଥୀଙ୍କ ନାମରେ ନାମିତ କରିବାକୁ ଦାବି

ଭୁବନେଶ୍ୱର,୯।୬(ବ୍ୟୁରୋ)

ଉତ୍କଳ ବିଶ୍ୱବିଦ୍ୟାଳୟର ଛାତ୍ରାବାସ ଓ ଛାତ୍ରୀନିବାସଗୁଡ଼ିକ ଓଡ଼ିଶାର ବିଶିଷ୍ଟ ବ୍ୟକ୍ତିଙ୍କ ନାମରେ ନାମିତ ହେବାର ଏକ ପରମ୍ପରା ଅଛି। ଏବେ ବିଶ୍ୱବିଦ୍ୟାଳୟ ପରିସରରେ ୭ଟି ଛାତ୍ରାବାସ ଓ ୭ଟି ଛାତ୍ରୀନିବାସ ଅଛି। ଛାତ୍ରାବାସଗୁଡ଼ିକ ଗୋପବନ୍ଧୁ , ମଧୁସୂଦନ, ଫକୀରମୋହନ, ଗୋଦାବରୀଶ, ନୀଳକଣ୍ଠ ଆଦିଙ୍କ ନାମରେ ନାମିତ ହୋଇଛି। ଛାତ୍ରୀନିବାସଗୁଡ଼ିକ କୁନ୍ତଳାକୁମାରୀ, ରମାଦେବୀ, ସାରଳାଦେବୀ, ମାଳତୀଦେବୀ ଆଦିଙ୍କ ନାମରେ ନାମିତ ହୋଇଛି। କିନ୍ତୁ ଓଡ଼ିଶାର ପ୍ରଥମ ମହିଳା ମୁଖ୍ୟମନ୍ତ୍ରୀ, ବିଶିଷ୍ଟ ଲେଖିକା ତଥା ନାରୀ ସଶକ୍ତୀକରଣର ପ୍ରତୀକ ନନ୍ଦିନୀ ଶତପଥୀଙ୍କ ନାମରେ କୌଣସି ଛାତ୍ରୀନିବାସ ନାମିତ ନ ହେବା ଅତ୍ୟନ୍ତ ଦୁର୍ଭାଗ୍ୟଜନକ। ତେଣୁ ତାଙ୍କ ପବିତ୍ର ଜୟନ୍ତୀରେ ଉତ୍କଳ ବିଶ୍ୱବିଦ୍ୟାଳୟର ଏକ ଛାତ୍ରୀନିବାସକୁ ତାଙ୍କ ନାଁରେ ନାମିତ କରାଯିବାକୁ ପୁରାତନ ଛାତ୍ରୀଛାତ୍ରଙ୍କ ତରଫରୁ ଦାବି କରାଯାଇଛି। ଉତ୍କଳ ବିଶ୍ୱବିଦ୍ୟାଳୟର ପ୍ରଥମ ମହିଳା କୁଳପତି ପ୍ରଫେସର ସବିତା ଆଚାର୍ଯ୍ୟଙ୍କ ଦ୍ୱାରା ଏହି ଐତିହାସିକ ପଦକ୍ଷେପ ନିଆଯାଉ ବୋଲି ତାଙ୍କୁ ପୁରାତନ ଛାତ୍ର ରଘୁନାଥ ପୃଷ୍ଟି, ପ୍ରବୀର କୁମାର ଦାସ, ପ୍ରଦୀପ ରଥ, ବୀର କିଶୋର ଦାସ, ପ୍ରିୟବ୍ରତ ମହାନ୍ତି, ଗଦାଧର ରଥ, ମନୋଜ କୁମାର ଦେଓ, ବିଭୁଦତ୍ତ ପ୍ରଧାନ, ବିଶ୍ୱଭୂଷଣ ସୁଆର, ସଂଗ୍ରାମ ପଟ୍ଟନାୟକ, ପ୍ରଣବ କୁମାର ଦାସ, ବିଷ୍ଣୁ ପ୍ରସାଦ ଦାଶ, ହରେକୃଷ୍ଣ ଶିଅଳ ଓ ଉମାଶଙ୍କର ଶତପଥୀ ଆଦି ନିବେଦନ କରିଛନ୍ତି।

# କଟକ ବକ୍ସ ଡ୍ରେନ୍ ଟେଣ୍ଡରକୁ ଅନୁମୋଦନ

ଭୁବନେଶ୍ୱର,୯।୬(ବ୍ୟୁରୋ)

କଟକ ସହରରେ ଚିରାଚରିତ ଭାବେ ଦେଖା ଯାଉଥିବା ବନ୍ୟା ପରିସ୍ଥିତିକୁ ଦୂର କରିବା ନିମନ୍ତେ ଜାପାନ ଇଣ୍ଟରନ୍ୟାଶନାଲ୍ କୋପରେଶନ ଏଜେନ୍ସି (ଜାଇକା) ସହାୟତାରେ ଜଳ ଯୋଗାଣ ଓ ସ୍ୱେରେଜ ବୋର୍ଡ ଦ୍ୱାରା ସ୍ୱେରେଜ ଓ ଡ୍ରେନେଜ୍ ଯୋଜନା କାର୍ଯ୍ୟକାରି କରାଯାଉଛି। ବର୍ଷା ସମୟରେ ତୁରନ୍ତ ଜଳ ନିଷ୍କାସନ ପାଇଁ ସବୁଠାରୁ ଜନଗହଳିପୂର୍ଣ୍ଣ ଅଞ୍ଚଳ ପଟ୍ଟାପୋଲଠାରୁ ମାତୃ ଭବନ ଛକ ମଧ୍ୟରେ ଟ୍ରାଫିକ୍ ସମସ୍ୟାକୁ ଦୂର କରିବାକୁ ବକ୍ସ ଡ୍ରେନ୍ ସହ ରାସ୍ତା ନିର୍ମାଣ କରାଯିବ। ଏହି ବକ୍ସ ଡ୍ରେନ୍‌କୁ ଦୁଇ ଭାଗରେ ଯଥା ଡ୍ରେନ୍-୧ ପଟ୍ଟାପୋଲ ଠାରୁ ବଜ୍ରକବାଟି ରୋଡ୍ ଯାଏ ୧୮୫୦ ମିଟର ଏବଂ ଡ୍ରେନ୍-୨ ବଜ୍ରକବାଟି ଠାରୁ ମାତୃଭବନ ପର୍ଯ୍ୟନ୍ତ ୧୫୫୦ ମିଟରରେ ବିଭକ୍ତ କରାଯାଇଛି। ଏଥିପାଇଁ ୪୫୦.୪୪ କୋଟି ଟଙ୍କା ବ୍ୟୟ ବରାଦ କରାଯାଇଛି। ଏଥିପାଇଁ ଡକାଯାଇଥିବା ଟେଣ୍ଡରକୁ ରାଜ୍ୟ କ୍ୟାବିନେଟ ବୁଧବାର ଅନୁମୋଦନ କରିଛି। ଏହାର ନିର୍ମାଣ କାର୍ଯ୍ୟ ୨୦୨୨ ଡିସେମ୍ବର ୩୧ ସୁଦ୍ଧା ଶେଷ ହେବ।

ଏଥିସହିତ ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ ପକ୍ଷରୁ ଦିଆଯାଇଥିବା ଓଡିଶା ଟାଉନ ପ୍ଲାନିଂ ଆଣ୍ଡ ଇମ୍ପ୍ରୁଭ୍‌ମେଣ୍ଟ ଆକ୍ଟର ସଂଶୋଧନ ଅଧାଦେଶ ପ୍ରସ୍ତାବକୁ କ୍ୟାବିନେଟ ଅନୁମୋଦନ କରିଛି। ୧୯୫୬ ମସିହାରେ ଏହି ଆଇନ ପ୍ରଣୟନ କରାଯାଇଥିଲା। ଇତି ମଧ୍ୟରେ ସହରାଞ୍ଚଳ ଯୋଜନା ଓ ଉନ୍ନତୀକରଣ ପ୍ରକ୍ରିୟାରେ ବ୍ୟାପକ ପରିବର୍ତ୍ତନ ହୋଇଛି। ଉକ୍ତ ଅଧାଦେଶ ଦ୍ୱାରା ଓଡ଼ିଶା ସରକାରଙ୍କ ୫-ଟି ଚାର୍ଟର ଏବଂ କେନ୍ଦ୍ର ସରକାରଙ୍କ ଶିଳ୍ପ ଓ ଆଭ୍ୟନ୍ତରୀଣ ବାଣିଜ୍ୟ ପ୍ରୋତ୍ସାହନ ବିଭାଗ ଦ୍ୱାରା ପ୍ରସ୍ତୁତ ସରକାରୀ ବ୍ୟବସ୍ଥା ସଂସ୍କାର ଆକ୍ସନ ପ୍ଲାନର ନିର୍ଦ୍ଦେଶାବଳୀ ଅନୁଯାୟୀ ରାଜ୍ୟ ସରକାରଙ୍କ ଧାର୍ଯ୍ୟ ଲକ୍ଷ ହାସଲ ସୁଗମ ହେବ। ଜନସାଧାରଣଙ୍କ ସୁବିଧା ନିମନ୍ତେ ଟ୍ରାନ୍ସଫରେବଲ ଡେଭ୍‌ଲପ୍‌ମେଣ୍ଟ ରାଇଟ(ଟିଡିଆର) ଏବଂ କମନ୍ ଆପ୍ଲିକେଶନ ଫର୍ମ (ସିଏଏଫ୍) ଭଳି ଆଧୁନିକ ବିଷୟଗୁଡ଼ିକର ପ୍ରଚଳନ ହେବ। ଏପରିକି ଛୋଟଛୋଟ କୋଠାବାଡ଼ିଗୁଡ଼ିକର ଅନୁମୋଦନ ପ୍ରକ୍ରିୟା ମଧ୍ୟ କୋହଳ ହେବ।

**କ୍ୟାବିନେଟ୍ ନିଷ୍ପତ୍ତି**

**୨୦୨୨ ଡିସେମ୍ବର ୩୧ରେ ନିର୍ମାଣ ଶେଷ ହେବ**

## ସଂକ୍ଷେପରେ

### ରାଜ୍ୟଗୁଡ଼ିକୁ ୯,୮୭୧ କୋଟିର ଗ୍ରାଣ୍ଟ

**ରାଜସ୍ୱ ନିଅଣ୍ଟ ବାବଦ ଅର୍ଥ ମନ୍ତ୍ରଣାଳୟ ଦେଲା ତୃତୀୟ କିସ୍ତି**

ନୂଆଦିଲ୍ଲୀ,୯।୬: ରାଜସ୍ୱ ନିଅଣ୍ଟ ଅନୁଦାନ ବାବଦକୁ କେନ୍ଦ୍ର ଅର୍ଥ ମନ୍ତ୍ରଣାଳୟ ପକ୍ଷରୁ ୧୭ ରାଜ୍ୟକୁ ତୃତୀୟ କିସ୍ତିରେ ବୁଧବାର ୯,୮୭୧ କୋଟି ଟଙ୍କା ପ୍ରଦାନ କରାଯାଇଛି। ଏହି ପଦକ୍ଷେପ ଅନ୍ତର୍ଗତ ଚଳିତ ଆର୍ଥିକ ବର୍ଷ ପ୍ରଥମ ୩ ମାସରେ ମୋଟ ୨୯,୬୧୩ କୋଟି ଟଙ୍କା ହସ୍ତାନ୍ତର କରାଯାଇଛି। ପୋଷ୍ଟ ଡିଭାଲ୍ୟୁଶନ ରେଭେନ୍ୟୁ ଡେଫିସିଟ୍ ବାବଦକୁ ଅର୍ଥ ମନ୍ତ୍ରଣାଳୟ ଅଧୀନ ବ୍ୟୟ ବିଭାଗ ଏହି ଅର୍ଥ ହସ୍ତାନ୍ତର କରିଥିବା ଜଣାପଡିଛି। ସମ୍ବିଧାନର ୨୭୫ ଧାରା ଅନୁସାରେ ରାଜ୍ୟଗୁଡିକ ଲାଗି ଏଭଳି ବ୍ୟବସ୍ଥା କରାଯାଇଛି। ରାଜ୍ୟଗୁଡିକ ସାମ୍ନା କରୁଥିବା ରାଜସ୍ୱ କ୍ଷତି ଭରଣା ଲାଗି ଏଭଳି ଅର୍ଥ ପ୍ରଦାନ କରିବାକୁ ଅର୍ଥ ଆୟୋଗ ସୁପାରିସ କରିଥିଲେ। ୧୭ ରାଜ୍ୟ ମଧ୍ୟରେ ଆନ୍ଧ୍ର ପ୍ରଦେଶ, ଆସାମ, ହରିୟାଣା, ହିମାଚଳ ପ୍ରଦେଶ, କର୍ଣ୍ଣାଟକ, କେରଳ, ମଣିପୁର, ମେଘାଳୟ, ମିଜୋରାମ, ନାଗାଲାଣ୍ଡ, ପଞ୍ଜାବ, ରାଜସ୍ଥାନ, ସିକିମ୍, ତାମିଲନାଡୁ, ତ୍ରିପୁରା, ଉତ୍ତରାଖଣ୍ଡ ଏବଂ ପଶ୍ଚିମବଙ୍ଗ ରହିଛି। ରାଜ୍ୟଗୁଡିକର ରାଜସ୍ୱ ଆଦାୟ ଏବଂ ଖର୍ଚ୍ଚ ଭଳି ବିଭିନ୍ନ ଦିଗକୁ ବିଚାର କରିବା ପରେ ଆୟୋଗ ଅନୁଦାନ ଲାଗି କେନ୍ଦ୍ର ସରକାରଙ୍କୁ ସୁପାରିସ କରିଥିଲେ। ଆର୍ଥିକ ବର୍ଷ ୨୦୨୧-୨୨ ଅବଧିକୁ ମଧ୍ୟ ଆୟୋଗ ବିଚାର କରିଛନ୍ତି। ଏହି ଅବଧି ଲାଗି ୧୭ ରାଜ୍ୟକୁ ମୋଟ ୧.୧୮ ଲକ୍ଷ କୋଟି ଟଙ୍କା ଦେବାକୁ ପ୍ରସ୍ତାବ ରହିଥିଲା। ମୋଟ ୧୨ କିସ୍ତିରେ ରାଜ୍ୟ ସମୂହଙ୍କୁ ଏହି ଅର୍ଥ ରାଶି ପ୍ରଦାନ କରାଯାଇଛି।

### ଦନ୍ତା ମୃତ୍ୟୁ ଘଟଣା: ବନପାଳ, ବନରକ୍ଷୀ ନିଲମ୍ବିତ

ଭଞ୍ଜନଗର,୯।୬(ଡି.ଏନ୍.ଏ.): ଗଞ୍ଜାମ ଜିଲା ଭଞ୍ଜନଗର ଉତ୍ତର ଘୁମୁସର ବନଖଣ୍ଡ କେନ୍ଦ୍ରୀୟ ବନାଞ୍ଚଳ ଡଉପଲ୍ଲୀ ଗ୍ରାମ ନିକଟ ଏକ କାଜୁ ବଗିଚାରେ ରବିବାର ରାତିରେ ୧୧ କେ.ଭି. ବିଦ୍ୟୁତ୍ ତାର ଲାଗି ଦନ୍ତାହାତୀର ମୃତ୍ୟୁ ଘଟିଥିଲା। ପ୍ରଧାନ ମୁଖ୍ୟ ବନ ସଂରକ୍ଷକ (ବନ୍ୟପ୍ରାଣୀ) ଶଶି ପଲଙ୍କ ନିର୍ଦ୍ଦେଶକ୍ରମେ ବ୍ରହ୍ମପୁର ଆର୍‌ସିସିଏଫ୍ ପ୍ରଶାନ୍ତ କୁମାର ମିଶ୍ର ମଙ୍ଗଳବାର ଘଟଣାସ୍ଥଳ ପରିଦର୍ଶନ କରିବା ପରେ ୨ କର୍ମଚାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛନ୍ତି। କାର୍ଯ୍ୟରେ ଅବହେଳା ପାଇଁ ଉକ୍ତ ସେକ୍ସନର ବନପାଳ ଅନିଲ କୁମାର ପଣ୍ଡା ଏବଂ ବନରକ୍ଷୀ ସନ୍ତୋଷ କୁମାର ଦାସଙ୍କୁ ବୁଧବାର ନିଲମ୍ବିତ କରାଯାଇଛି। ବିଦ୍ୟୁତ୍ ଏବଂ ବନ ବିଭାଗ ମଧ୍ୟରେ ସମନ୍ୱୟ ଅଭାବରୁ ହାତୀ ମୃତ୍ୟୁ ଘଟିଥିଲେ ମଧ୍ୟ ବିଦ୍ୟୁତ୍ ବିଭାଗ କୌଣସି କାର୍ଯ୍ୟାନୁଷ୍ଠାନ ନେଇନାହିଁ। ଦୁଇ ବିଭାଗ ନିଜକୁ ଦୋଷମୁକ୍ତ କରିବା ପାଇଁ ଚେଷ୍ଟା ଚଳାଇଛନ୍ତି। କେନ୍ଦ୍ରୀୟ ବନାଞ୍ଚଳ ଅଧିକାରୀ କୁମର ବେହେରା କହିଛନ୍ତି, ଓହଳି ରହିଥିବା ତାରଗୁଡିକୁ ଉପରକୁ ଉଠାଇବା ପାଇଁ ମାର୍ଚ୍ଚ ୨ରେ ହୋଇଥିବା ସମନ୍ୱୟ ବୈଠକରେ ବିଦ୍ୟୁତ୍ ବିଭାଗ ଅଧିକାରୀଙ୍କୁ ଅନୁରୋଧ କରାଯାଇଥିଲା। ଅନ୍ୟପକ୍ଷରେ ଦନ୍ତା ମୃତ୍ୟୁ ଘଟିଥିବା ଅଞ୍ଚଳ ସମ୍ପର୍କରେ ଗତ ବୈଠକରେ ଆଲୋଚନା ହୋଇ ନ ଥିଲା ବୋଲି ବିଦ୍ୟୁତ୍ ବିଭାଗ ନିର୍ବାହୀଯନ୍ତ୍ରୀ ଜଗତଜିତ୍ ଦାସ ମହାପାତ୍ର କହିଛନ୍ତି। ବନ ବିଭାଗର ଅଭିଯୋଗକୁ ସେ ଖଣ୍ଡନ କରିଛନ୍ତି।

# ୭ ଜିଲାରେ ଅକ୍ସିଜେନ ପ୍ଲାଣ୍ଟ ଭିତ୍ତିପ୍ରସ୍ତର ସ୍ଥାପନ

ଭୁବନେଶ୍ୱର,୯।୬(ବ୍ୟୁରୋ)

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବୁଧବାର ରାଜ୍ୟର ୭ ଜିଲାରେ ତରଳ ମେଡିକାଲ ଅକ୍ସିଜେନ ପ୍ଲାଣ୍ଟ ଏବଂ ୭ଟି ପିଏସ୍ଏ ବ୍ୟବସ୍ଥାର ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି। ଏଥିସହିତ ବାଲେଶ୍ୱରରେ ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନ (ଡବ୍ଲ୍ୟୁଏଚ୍ଓ) ସହାୟତାରେ ଏକ ଅତିରିକ୍ତ ସ୍ୱାସ୍ଥ୍ୟ ସୁବିଧା କେନ୍ଦ୍ର, ଡେଙ୍ଗୁ ଓ ଡାଇରିଆ ୱାର୍ଡ, ରକ୍ତ ବର୍ଗୀକରଣ ୟୁନିଟ୍, କଟକରେ ଫୁସ୍‌ଫୁସ ରୋଗର ଚିକିତ୍ସା ପାଇଁ ଉତ୍କର୍ଷ କେନ୍ଦ୍ର ଏବଂ ନବରଙ୍ଗପୁରରେ ଆର୍‌ଟି-ପିସିଆର ଟେଷ୍ଟ ଲାବୋରେଟୋରିର ଲୋକାର୍ପଣ କରିଛନ୍ତି। ଏହିସମସ୍ତ ସ୍ୱାସ୍ଥ୍ୟ ଭିତ୍ତିଭୂମି ପାଇଁ ୨୯ କୋଟି ୪୧ ଲକ୍ଷ ଟଙ୍କା ବିନିଯୋଗ କରାଯାଇଛି।

ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଲେ, କରୋନାର ଦ୍ୱିତୀୟ ଲହରରେ ମେଡିକାଲ ଅକ୍ସିଜେନ ଆବଶ୍ୟକତା ବହୁତ ବଢ଼ିଯାଇଥିଲା। ଏହି ସମୟରେ ଓଡ଼ିଶା ନିଜର ଆବଶ୍ୟକତା ପୂରଣ କରିବା ସହ ଦେଶର ୧୭ ରାଜ୍ୟକୁ ଅକ୍ସିଜେନ ଯୋଗାଇ ଅନେକ ମୂଲ୍ୟବାନ ଜୀବନ ରକ୍ଷା କରିପାରିଛି। ପ୍ରତି ଓଡ଼ିଆଙ୍କ ପାଇଁ ଏହା ଆତ୍ମସନ୍ତୋଷର ବିଷୟ। ଅକ୍ସିଜେନ ଉତ୍ପାଦନଠାରୁ ଆରମ୍ଭ କରି ରୋଗୀଙ୍କ ପାଖରେ ପହଞ୍ଚାଇବା ଏକ ଜଟିଳ ପ୍ରକ୍ରିୟା। ଏଥିରେ ଅନେକ ଯନ୍ତ୍ରପାତି, ଯାନବାହନ, ନିରନ୍ତର ତଦାରଖ ଏବଂ ଅନ୍ୟାନ୍ୟ ବ୍ୟବସ୍ଥାର ଆବଶ୍ୟକତା ଜରୁରୀ। ଦ୍ୱିତୀୟ ଲହର ମୁକାବିଲା ଲାଗି ଓଡ଼ିଶାକୁ ଦେଶର ବିଭିନ୍ନ ସ୍ଥାନ ସମେତ ଚାଇନାରୁ ଅକ୍ସିଜେନ ସିଲିଣ୍ଡର ଅଣାଯାଇଛି। ଏହାଦ୍ୱାରା ସ୍ୱାସ୍ଥ୍ୟସେବା ବ୍ୟବସ୍ଥା ଅଧିକ ସୁଦୃଢ଼ ହୋଇଛି। କରୋନା ଭୂତାଣୁ ସଂକ୍ରମଣର ଗତି ଅନିଶ୍ଚିତ। ଏଥିଲାଗି ଆମକୁ ପ୍ରସ୍ତୁତ ରହିବାକୁ ହେବ। ରାଜ୍ୟର ସ୍ୱାସ୍ଥ୍ୟ ଭିତ୍ତିଭୂମି, ସ୍ୱାସ୍ଥ୍ୟ କର୍ମଚାରୀ ଓ ପ୍ରଶିକ୍ଷଣ ବ୍ୟବସ୍ଥାକୁ ଗୁରୁତ୍ୱ ଦେଇ କାମ କରାଯାଉଛି। ପ୍ରମୁଖ ହସ୍ପିଟାଲଗୁଡ଼ିକରେ ତରଳ ମେଡିକାଲ ଅକ୍ସିଜେନ ପ୍ଲାଣ୍ଟ ନିର୍ମାଣ କରାଯାଉଛି। ଆଜିର ନୂଆ ବ୍ୟବସ୍ଥା ଲୋକଙ୍କୁ ଖୁବ୍‌ଶୀଘ୍ର ସେବା ଯୋଗାଇବ। ଭିତ୍ତିଭୂମି ବିକାଶରେ କର୍ପୋରେଟ କ୍ଷେତ୍ରରୁ ଅକୁଣ୍ଠ ସହାୟତା ମିଳିଛି। ଏଥିଲାଗି ମୁଖ୍ୟମନ୍ତ୍ରୀ ସମସ୍ତଙ୍କୁ ଧନ୍ୟବାଦ ଜଣାଇଛନ୍ତି। ରଜ, ସାବିତ୍ରୀ ଭଳି ଉତ୍ସବ ସମୟରେ ଯଥେଷ୍ଟ ସତର୍କତା ଅବଲମ୍ବନ କରିବାକୁ ମୁଖ୍ୟମନ୍ତ୍ରୀ ଜନସାଧାରଣଙ୍କୁ ନିବେଦନ କରିଛନ୍ତି।

କାର୍ଯ୍ୟକ୍ରମରେ ଝାରସୁଗୁଡ଼ାରୁ ଯୋଗ ଦେଇ ସ୍ୱାସ୍ଥ୍ୟମନ୍ତ୍ରୀ ନବକିଶୋର ଦାସ କହିଛନ୍ତି, ଅକ୍ସିଜେନ କ୍ଷେତ୍ରରେ ଓଡ଼ିଶା ଦେଶ ପାଇଁ ନୂଆ ଆଶା ହୋଇପାରିଛି। ଆଜିର ଭିତ୍ତିଭୂମି ବ୍ୟବସ୍ଥା ଦ୍ୱାରା ରାଜ୍ୟ ତୃତୀୟ ଲହରର ସଫଳ ମୁକାବିଲା କରିପାରିବ ବୋଲି ସେ ଆଶାପ୍ରକାଶ କରିଛନ୍ତି। ବଲାଙ୍ଗୀରରୁ ମହିଳା ଓ ଶିଶୁ ବିକାଶ ତଥା ମିଶନ ଶକ୍ତି ମନ୍ତ୍ରୀ ଟୁକୁନି ସାହୁ, ଭୁବନେଶ୍ୱରରୁ ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟା ମନ୍ତ୍ରୀ ଅଶୋକ ପଣ୍ଡା ପ୍ରମୁଖ ଯୋଗଦେଇ ସ୍ୱାସ୍ଥ୍ୟ ଭିତ୍ତିଭୂମି କ୍ଷେତ୍ରରେ ଓଡ଼ିଶାର ଉଲ୍ଲେଖନୀୟ ଉନ୍ନତି ପାଇଁ ମୁଖ୍ୟମନ୍ତ୍ରୀଙ୍କ ନେତୃତ୍ୱକୁ ପ୍ରଶଂସା କରିଥିଲେ। ସ୍ୱାଗତ ଭାଷଣ ଦେଇ ସ୍ୱାସ୍ଥ୍ୟ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ପି.କେ. ମହାପାତ୍ର କହିଲେ, ନବରଙ୍ଗପୁରକୁ ମିଶାଇ ରାଜ୍ୟର ୧୭ ଜିଲାରେ ଆର୍‌ଟି-ପିସିଆର ଟେଷ୍ଟ ଲାବୋରେଟୋରି କରାଯାଇଛି। ରାଜ୍ୟର ସବୁ ଜିଲାରେ ଏହି ବ୍ୟବସ୍ଥା କରାଯିବ ବୋଲି ସେ ସୂଚନା ଦେଇଛନ୍ତି।

କାର୍ଯ୍ୟକ୍ରମରେ ସରକାରୀ ଦଳର ଉପମୁଖ୍ୟ ସଚେତକ, ନବରଙ୍ଗପୁର ଏମ୍‌ପି, ବିଧାୟକ ବାଲେଶ୍ୱର ବିଧାୟକ, କୋରାପୁଟ ବିଧାୟକ, ବଲାଙ୍ଗୀର ବିଧାୟକ, କଟକ-ଚୌଦ୍ୱାର ବିଧାୟକ ପ୍ରମୁଖ ଯୋଗଦେଇ ବକ୍ତବ୍ୟ ରଖିଥିଲେ। ମୁଖ୍ୟମନ୍ତ୍ରୀଙ୍କ ସଚିବ (୫-ଟି) ଭି.କେ. ପାଣ୍ଡିଆନ୍ କାର୍ଯ୍ୟକ୍ରମ ପରିଚାଳନା କରିଥିବାବେଳେ ଓଡ଼ିଶା ମେଡିକାଲ କର୍ପୋରେଶନର ପରିଚାଳନା ନିର୍ଦ୍ଦେଶକ ଯାମିନୀ ଷଡ଼ଙ୍ଗୀ ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମରେ ମୁଖ୍ୟ ଶାସନ ସଚିବ ଓ ବରିଷ୍ଠ ଅଧିକାରୀମାନେ ସାମିଲ ହୋଇଥିଲେ।




୭ ଜିଲାରେ ଅକ୍ସିଜେନ ପ୍ଲାଣ୍ଟ ଭିତ୍ତିପ୍ରସ୍ତର ସ୍ଥାପନ ଭର୍ଚୁଆଲ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏବଂ ୫-ଟି ସଚିବ ଭି.କେ. ପାଣ୍ଡିଆନ।

- ଓଡ଼ିଶାରୁ ଅକ୍ସିଜେନ ଯୋଗାଣ ମୂଲ୍ୟବାନ ଜୀବନ ବଞ୍ଚାଇ ପାରିଛି: ମୁଖ୍ୟମନ୍ତ୍ରୀ
- ୨୯.୪୧ କୋଟିର ବିଭିନ୍ନ ସ୍ୱାସ୍ଥ୍ୟ ପ୍ରକଳ୍ପ ଉଦ୍‌ଘାଟିତ
- ସବୁ ଜିଲାରେ ହେବ ଆର୍‌ଟି-ପିସିଆର ଟେଷ୍ଟ ଲାବ୍

# ୨୫ ଆଇଏଫ୍ଏସ୍ ଅଧିକାରୀଙ୍କ ବଦଳି

ଭୁବନେଶ୍ୱର, ୯।୬(ବ୍ୟୁରୋ)

ଭାରତୀୟ ବନସେବା (ଆଇଏଫ୍ଏସ୍) ସ୍ତରରେ ଅଦଳ ବଦଳ ହୋଇଛି। ମୋଟ ୨୫ଜଣ ଆଇଏଫ୍ଏସ୍ ଅଧିକାରଙ୍କୁ ବଦଳି କରାଯାଇଥିବା ବୁଧବାର ଜଙ୍ଗଲ ଓ ପରିବେଶ ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି। ପିସିସିଏଫ୍ (ଯୋଜନା, କାର୍ଯ୍ୟକ୍ରମ, ବନୀକରଣ) ଏସ୍. କେ. ପୋପ୍‌ଲିଙ୍କୁ ପିସିସିଏଫ୍(କେନ୍ଦୁଲିଫ୍) ଭାବେ ଦାୟିତ୍ୱ ଦିଆଯାଇଛି। ସେହିପରି ଉମା ନାନ୍ଦୁରୀଙ୍କୁ ଆଡିଶନାଲ ପିସିସିଏଫ୍(ଏଫ୍‌ସି), ପ୍ରେମ କୁମାର ଝାଙ୍କୁ ଆଡିଶନାଲ ପିସିସିଏଫ୍ (ଯୋଜନା, କାର୍ଯ୍ୟକ୍ରମ, ବନୀକରଣ), ରମେଶ ଚନ୍ଦ୍ର ସେଠୀଙ୍କୁ ପିସିସିଏଫ୍ କାର୍ଯ୍ୟାଳୟରେ ସିସିଏଫ୍ ପଦବୀରେ ଦାୟିତ୍ୱ ଦିଆଯାଇଛି। ସେହିଭଳି ଅରୁଣ କୁମାର ମିଶ୍ରଙ୍କୁ ରାଉରକେଲା ସର୍କଲର ଆର୍‌ସିସିଏଫ୍ ଭାବେ ଅବସ୍ଥାପିତ କରାଯାଇଛି।

# ସଂକ୍ରମିତ ଶିଶୁଙ୍କ ଚିକିତ୍ସାକୁ ଅଧିକ ଗୁରୁତ୍ୱ

ଭୁବନେଶ୍ୱର, ୯।୬(ବ୍ୟୁରୋ)

କରୋନାର ଦ୍ୱିତୀୟ ଲହର ସଂକ୍ରମଣ ଧୀରେ ଧୀରେ ହ୍ରାସ ପାଉଥିବାବେଳେ ତୃତୀୟ ଲହରକୁ ନେଇ ଚିନ୍ତା ବଢ଼ିଛି। ସେପ୍ଟେମ୍ବର କିମ୍ବା ଅକ୍ଟୋବର ବେଳକୁ ତୃତୀୟ ଲହର ଆସିପାରେ ବୋଲି ଆଶଙ୍କା କରି ରାଜ୍ୟ ସରକାର ଏବେଠୁ ପ୍ରସ୍ତୁତି ଆରମ୍ଭ କରିଦେଇଛନ୍ତି। ତେବେ ଏହି ଲହରରେ ଶିଶୁମାନେ ଅଧିକ ପ୍ରଭାବିତ ହେବା ସମ୍ଭାବନା ରହିଛି। ଶିଶୁଙ୍କ ଚିକିତ୍ସା ଅନ୍ୟ ରୋଗୀଙ୍କଠାରୁ ଭିନ୍ନ ଥିବାରୁ ଅଧିକ ଗୁରୁତ୍ୱ ଦିଆଯିବ ବୋଲି କହିଛନ୍ତି ସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଡା. ବିଜୟ ମହାପାତ୍ର।

ସେପଟେ ଶିଶୁଙ୍କଠାରେ କରୋନା ଲକ୍ଷଣ ଦେଖାଦେଲେ କ'ଣ କରିବାକୁ ପଡ଼ିବ ସେ ନେଇ ପରାମର୍ଶ ଦେଇଛନ୍ତି ଶିଶୁରୋଗ ବିଶେଷଜ୍ଞ। ଜାତୀୟ ସ୍ୱାସ୍ଥ୍ୟ ମିଶନ ଓଡ଼ିଶାର ଶିଶୁରୋଗ ବିଶେଷଜ୍ଞ ଡା. ଆଦିତ୍ୟ କୁମାର ପାତ୍ର କହିଛନ୍ତି, ୨ ବର୍ଷରୁ କମ୍ ସଂକ୍ରମିତ ଶିଶୁକୁ ମାସ୍କ ପିନ୍ଧାଇବା ଆବଶ୍ୟକ ନାହିଁ। ୨ରୁ ୫ ବର୍ଷ ପର୍ଯ୍ୟନ୍ତ ଶିଶୁ ଯଦି ମାସ୍କ ପିନ୍ଧି ପାରୁଛି, ତେବେ ପିନ୍ଧାନ୍ତୁ। ଶିଶୁର ଶ୍ୱାସକ୍ରିୟା ଦେଖି ଅଭିଭାବକ ହସ୍ପିଟାଲରେ ଭର୍ତ୍ତି କରିପାରିବେ। ୨ ମାସରୁ କମ୍ ଦିନର ପିଲା ମିନିଟ୍‌କୁ ୬୦ରୁ ଅଧିକ ନିଃଶ୍ୱାସ ନେଲେ ବିପଦ। ସେହିପରି ୨ମାସରୁ ୧ ବର୍ଷ ପିଲା ୫୦ରୁ ଅଧିକ, ୧ରୁ ୫ ବର୍ଷ ପିଲା ୪୦ରୁ ଅଧିକ ନିଃଶ୍ୱାସ ନେଲେ ବିପଦ ବୋଲି କହିଛନ୍ତି ଡାକ୍ତର ମହାପାତ୍ର। ସେହିଭଳି ୫ ବର୍ଷରୁ ଅଧିକ ବୟସର ପିଲା ମିନିଟ୍‌କୁ ୩୦ରୁ ଅଧିକ ନିଃଶ୍ୱାସ ନେଉଥିଲେ ମଧ୍ୟ ବିପଦ। ନିଃଶ୍ୱାସ ନେବାବେଳେ କୁନ୍ଥେଇଲେ କିମ୍ବା ନିସ୍ତେଜ ହେଲେ ଏହା ଏକ ବିପଦ ସଙ୍କେତ ବୋଲି ବୁଝିବାକୁ ହେବ। ଶିଶୁଙ୍କ କ୍ଷେତ୍ରରେ ଏଭଳି ଲକ୍ଷଣ ଦେଖିଲେ ତୁରନ୍ତ ହସ୍ପିଟାଲରେ ଭର୍ତ୍ତି କରିବା ଜରୁରୀ ବୋଲି ସେ ପରାମର୍ଶ ଦେଇଛନ୍ତି। ସେ ଆହୁରି ମଧ୍ୟ କହିଛନ୍ତି, ଗର୍ଭାବସ୍ଥାରେ ଯଦି କୌଣସି ମା' ସଂକ୍ରମିତ ହୁଏ, ତା'ଠାରୁ ଛୁଆ ସଂକ୍ରମିତ ହେବ ନାହିଁ। ପିଲା ଜନ୍ମବେଳେ ସାବଧାନ ରହିଲେ, ମା'ଠାରୁ ଛୁଆ ସଂକ୍ରମିତ ହେବ ନାହିଁ। ପ୍ରସବବେଳେ ଆବଶ୍ୟକ ସତର୍କତାମୂଳକ ପଦକ୍ଷେପ ନେବା ଜରୁରୀ ବୋଲି ବୁଧବାର ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ଆୟୋଜିତ ପରାମର୍ଶ ଭିତ୍ତିକ କାର୍ଯ୍ୟକ୍ରମରେ ଡା. ମହାପାତ୍ର କହିଛନ୍ତି।

କିମ୍ସ ହସ୍ପିଟାଲର ପ୍ରଫେସର ଡା. ସେବା ରଞ୍ଜନ ବିଶ୍ୱାଳ କହିଛନ୍ତି, ବର୍ତ୍ତମାନ ପରିସ୍ଥିତିରେ ଜ୍ୱର, କାଶ, ଥଣ୍ଡା ଓ ନାକରୁ ପାଣି ବୋହିଲେ ଡାକ୍ତରଙ୍କ ପରାମର୍ଶ ନିତାନ୍ତ ଜରୁରୀ। କୌଣସି କରୋନା ଆକ୍ରାନ୍ତଙ୍କ ସଂସ୍ପର୍ଶରେ ଆସିଥିଲେ ଟେଷ୍ଟ କରାନ୍ତୁ। ଲକ୍ଷଣ ନ ଥିବା ଆକ୍ରାନ୍ତ ଶିଶୁକୁ କିଛି ଔଷଧ ଦେବା ଆବଶ୍ୟକ ନାହିଁ। ସ୍ୱଳ୍ପ ଲକ୍ଷଣଙ୍କୁ ପାରାସିଟାମଲ ଓ ଗୁରୁତର ଆକ୍ରାନ୍ତଙ୍କୁ ହସ୍ପିଟାଲ ଭର୍ତ୍ତି କରିବା ଜରୁରୀ। ତେବେ ଶିଶୁମାନଙ୍କ ଫୁସ୍‌ଫୁସ୍ ଅପେକ୍ଷାକୃତ ସୁସ୍ଥ ଥିବାରୁ ଗୁରୁତର ସମ୍ଭାବନା କମ୍ ରହିଛି। ଶିଶୁଙ୍କ ବହୁବିଧ ରୋଗ ପ୍ରାୟତଃ ନ ଥିବାରୁ ଗୁରୁତର ହୁଅନ୍ତି ନାହିଁ। ଘରର ବଡ଼ ଲୋକଙ୍କ ପାଇଁ ଶିଶୁମାନେ ସଂକ୍ରମିତ ହୋଇଥାନ୍ତି। ବଡ଼ ଲୋକ ଘରକୁ ଫେରିଲେ ସାନିଟାଇଜ ହୋଇ ପିଲାଙ୍କ ପାଖକୁ ଯାଆନ୍ତୁ ବୋଲି ଡା. ବିଶ୍ୱାଳ ପରାମର୍ଶ ଦେଇଛନ୍ତି।

**ତୃତୀୟ ଲହର ପାଇଁ ଶିଶୁ ବିଶେଷଜ୍ଞଙ୍କ ପରାମର୍ଶ**

- ୨ବର୍ଷରୁ କମ୍ ସଂକ୍ରମିତ ଶିଶୁଙ୍କୁ ମାସ୍କ ପିନ୍ଧାଇବା ଜରୁରୀ ନୁହେଁ
- ନିଃଶ୍ୱାସରେ କଷ୍ଟ ଅନୁଭବ କଲେ ଶିଶୁଙ୍କୁ ହସ୍ପିଟାଲ ନିଅନ୍ତୁ
- ପ୍ରସବବେଳେ ସତର୍କତାମୂଳକ ପଦକ୍ଷେପ ନେବା ଆବଶ୍ୟକ



# ଜୁଲାଇରେ ଅଧାକୁ ଖସିବ

ନୂଆଦିଲ୍ଲୀ,୯।୬(ସ୍ୱପ୍ର)

ଓଡ଼ିଶା ହାଇକୋର୍ଟରେ ବିଚାରପତିଙ୍କ ସଂଖ୍ୟା ଆବଶ୍ୟକଠାରୁ ଏବେ ଯଥେଷ୍ଟ କମ୍ ରହିଛି, ଯାହାକି ମାମଲା ପରିଚାଳନା ଏବଂ ଫଇସଲା କରିବାରେ ଗୁରୁତର ସମସ୍ୟା ସୃଷ୍ଟି କରୁଛି। ଦିନକୁ ଦିନ ବିଚାରାଧୀନ ମାମଲା ସଂଖ୍ୟା ବଢ଼ିବାରେ ଲାଗିଛି। ହାଇକୋର୍ଟରେ ମଞ୍ଜୁରୀପ୍ରାପ୍ତ ୨୭ ବିଚାରପତିଙ୍କ ସ୍ଥାନରେ ଏବେ ମୁଖ୍ୟ ବିଚାରପତିଙ୍କୁ ମିଶାଇ ୧୫ ରହିଛନ୍ତି। ଆସନ୍ତା ଏକ ମାସ ମଧ୍ୟରେ ୨ଜଣ ବିଚାରପତି ଅବସର ନେବେ। ବିଚାରପତି ପ୍ରମଥ ପଟ୍ଟନାୟକ ଜୁନ୍ ୧୪ ଏବଂ ବିଚାରପତି ସଞ୍ଜୁ ପଣ୍ଡା ଜୁଲାଇ ୧୦ରେ ଅବସର ନେବେ। ଏହି ୨ଜଣ ଅବସର ନେବାପରେ ହାଇକୋର୍ଟରେ ବିଚାରପତିଙ୍କ ସଂଖ୍ୟା ୧୩କୁ ଖସିଯିବ, ଯାହାକି ଅଧାରୁ କମ୍ ହୋଇଯିବ। ଫଳରେ ବିଚାର ପ୍ରକ୍ରିୟା ବିଶେଷ ଭାବେ ପ୍ରଭାବିତ ହେବ ବୋଲି ଆଶଙ୍କା କରାଯାଉଛି।

ହାଇକୋର୍ଟରେ ବିଚାରପତିଙ୍କ ସଂଖ୍ୟା ଅଭାବ କାରଣରୁ ଏବେ ୧.୭୫ଲକ୍ଷ ପୁରୁଣା ମାମଲା ବିଚାରାଧୀନ ଅବସ୍ଥାରେ ରହିଛି। ଆଗାମୀ ଦିନରେ ଏହି ମାମଲା ସଂଖ୍ୟା ମଧ୍ୟ ବଢ଼ିପାରେ। ଫଳରେ ଲୋକମାନେ ଠିକ୍ ସମୟରେ ନ୍ୟାୟ ପାଇବାରୁ ବଞ୍ଚିତ ହେବାରେ ବହୁ ବିଳମ୍ବ ହେବ। ପୂର୍ବରୁ ହାଇକୋର୍ଟ ରେଜିଷ୍ଟ୍ରାର ବିଚାରପତିଙ୍କ ସଂଖ୍ୟା ପୂରଣ କରିବା ପାଇଁ ସୁପ୍ରିମକୋର୍ଟରେ ପ୍ରସ୍ତାବ ଦେଇଥିଲେ। ବାର୍‌ରୁ ୧୮ ଓ ଏବଂ ବରିଷ୍ଠ ଜୁଡିସିଆଲ ସେବାରୁ ୯ଜଣଙ୍କୁ ନେଇ ଆବଶ୍ୟକ ସଂଖ୍ୟା ପୂରଣ କରାଯାଇପାରିବ ବୋଲି କହିଥିଲେ। ମାତ୍ର ଏଯାବତ୍ ତାହା କାର୍ଯ୍ୟକାରୀ ହୋଇପାରି ନାହିଁ।

**ହାଇକୋର୍ଟରେ ବିଚାରପତି ଅଭାବ**



**ବିକଳ୍ପ ବ୍ୟବସ୍ଥା**

ଚଳିତ ବର୍ଷ ଏପ୍ରିଲ ମାସରେ ସୁପ୍ରିମ୍‌କୋର୍ଟ ସମ୍ବିଧାନ ଧାରା ୨୨୪(ଏ) ଅନୁସାରେ ଆଡ୍‌ହକ ବିଚାରପତିଙ୍କ ନିଯୁକ୍ତି ନେଇ ଏକ ବିକଳ୍ପ ବ୍ୟବସ୍ଥା କାର୍ଯ୍ୟକାରୀ କରିଥିଲେ। ହାଇକୋର୍ଟର ଅବସରପ୍ରାପ୍ତ ବିଚାରପତିଙ୍କୁ ୨ବର୍ଷ ପାଇଁ ଆଡ୍‌ହକ୍ ଭାବେ ନିଯୁକ୍ତି କରି ବିଚାରାଧୀନ ମାମଲା ଫଇସଲା କରିବାକୁ ହାଇକୋର୍ଟ ନିଷ୍ପତ୍ତି ନେବାକୁ ସୁପ୍ରିମକୋର୍ଟ କହିଥିଲେ। ଧାରା ୨୨୪ ଅନୁସାରେ ଯଦି କୌଣସି ହାଇକୋର୍ଟରେ ବିଚାରାଧୀନ ମାମଲାର ସଂଖ୍ୟା ବଢ଼ିଲା, ତେବେ ମୁଖ୍ୟ ବିଚାରପତି ରାଷ୍ଟ୍ରପତିଙ୍କ ପୂର୍ବ ଅନୁମତିକ୍ରମେ ଯୋଗ୍ୟବ୍ୟକ୍ତିଙ୍କୁ ଅତିରିକ୍ତ ବିଚାରପତି ଭାବେ ସର୍ବାଧିକ ୨ବର୍ଷ ପାଇଁ ନିଯୁକ୍ତି କରିପାରିବେ।

**ଜନ୍ମଦିନର ଶୁଭେଚ୍ଛା**

ନାମ: ..................................
ବୟସ:..................................
ଜନ୍ମ ତାରିଖ: ..............................



ଗୁନ୍‌ଗୁନ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

# ଅନୁପ ପାଣ୍ଡେ ନୂଆ ଇସି



**ନୂଆଦିଲ୍ଲୀ, ୯।୬(ପି.ଟି.)**

ଅବସରପ୍ରାପ୍ତ ଆଇଏଏସ୍ ଅଫିସର ଅନୁପ ଚନ୍ଦ୍ର ପାଣ୍ଡେଙ୍କୁ ଭାରତର ଅନ୍ୟତମ ନିର୍ବାଚନ କମିଶନ (ଇସି) ଭାବେ ନିଯୁକ୍ତି ଦିଆଯାଇଛି। ରାଷ୍ଟ୍ରପତି ରାମନାଥ କୋବିନ୍ଦ ମଙ୍ଗଳବାର ୧୯୮୪ ବ୍ୟାଚ୍‌ର ଏହି ଉତ୍ତରପ୍ରଦେଶ କ୍ୟାଡର ଅଫିସରଙ୍କୁ ନିଯୁକ୍ତି ଦେଇଥିବା ଆଇନ ମନ୍ତ୍ରଣାଳୟର ବ୍ୟବସ୍ଥାପିକା ବିଭାଗ ପକ୍ଷରୁ କୁହାଯାଇଛି। ୬୨ ବର୍ଷୀୟ ପାଣ୍ଡେ ନିର୍ବାଚନ କମିଶନ ପଦବୀରେ ୨୦୨୪ ଫେବୃୟାରୀ ପର୍ଯ୍ୟନ୍ତ ରହିବେ। ସୁନୀଲ ଆରୋରା ଗତ ଏପ୍ରିଲ ୧୨ରେ ମୁଖ୍ୟ ନିର୍ବାଚନ କମିଶନର (ସିଇସି) ପଦରୁ ଅବସର ନେବା ପରେ ୩ ସଦସ୍ୟ ବିଶିଷ୍ଟ ନିର୍ବାଚନ ଆୟୋଗରେ ଗୋଟିଏ ପଦବୀ ଖାଲି ପଡ଼ିଥିଲା। ଏବେ ସୁଶୀଲ ଚନ୍ଦ୍ରା ସିଇସି ରହିଥିବାବେଳେ ରାଜୀବ କୁମାର ନିର୍ବାଚନ କମିଶନର ଅଛନ୍ତି। ୧୯୫୯ ଫେବୃୟାରୀ ୧୫ରେ ଜନ୍ମିତ ପାଣ୍ଡେ ପୂର୍ବରୁ ଉତ୍ତରପ୍ରଦେଶର ମୁଖ୍ୟ ଶାସନ ସଚିବ ସମେତ ବହୁ ଗୁରୁତ୍ୱପୂର୍ଣ୍ଣ ପଦବୀରେ ରହିଥିଲେ।

# କୋଲକାତାରେ ଦେବାଶିଷଙ୍କ ଏକ୍‌ମୋ ଚିକିତ୍ସା ଜାରି

**ଭୁବନେଶ୍ୱର,୯।୬(ବ୍ୟୁରୋ)**

କୋଲକାତାସ୍ଥିତ ମେଡିକା ସୁପରସ୍ପେଶିଆଲିଟି ହସ୍ପିଟାଲରେ ଭିଜିଲାନ୍ସ ନିର୍ଦ୍ଦେଶକ ଦେବାଶିଷ ପାଣିଗ୍ରାହୀଙ୍କ ଏକ୍‌ମୋ ଚିକିତ୍ସା ଜାରି ରହିଛି। କରୋନାରେ ଆକ୍ରାନ୍ତ ହୋଇ ସେ କଟକ ଅଶ୍ୱିନୀ ହସ୍ପିଟାଲରେ ଚିକିତ୍ସିତ ହେଉଥିଲେ। ଫୁସ୍‌ଫୁସ୍‌ରେ ସଂକ୍ରମଣର ମାତ୍ରା ଅଧିକ ହେବାରୁ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ହୋଇପଡିଥିଲା। ଏହାପରେ ତାଙ୍କୁ ଭେଣ୍ଟିଲେଟର ସପୋର୍ଟରେ ରଖାଯାଇଥିଲା। ଏକ୍‌ମୋ ଚିକିତ୍ସାର ଜରୁରୀ ଆବଶ୍ୟକତା ଥିବାରୁ ତାଙ୍କୁ ମଙ୍ଗଳବାର ଅଶ୍ୱିନୀ ହସ୍ପିଟାଲରୁ ଗ୍ରୀନ୍ କରିଡରରେ ସ୍ୱତନ୍ତ୍ର ଆମ୍ବୁଲାନ୍ସରେ ଭୁବନେଶ୍ୱର ବିମାନବନ୍ଦରକୁ ଅଣାଯିବା ପରେ ଏୟାର ଆମ୍ବୁଲାନ୍ସରେ ୪ ଜଣିଆ ଡାକ୍ତରୀ ଟିମ୍‌ଙ୍କ ତତ୍ତ୍ୱାବଧାନରେ କୋଲକାତା ପଠାଯାଇଥିଲା। ବର୍ତ୍ତମାନ ମେଡିକା ହସ୍ପିଟାଲରେ ତାଙ୍କୁ ଏକ୍‌ମୋ ଚିକିତ୍ସା ପ୍ରଦାନ କରାଯାଉଥିବାବେଳେ ଡାକ୍ତରୀ ଦଳ ତାଙ୍କ ସ୍ୱାସ୍ଥ୍ୟାବସ୍ଥାରେ ସୁଧାର ଆଣିବାକୁ ପ୍ରୟାସ ଜାରି ରଖିଛନ୍ତି। ଏ ନେଇ ହସ୍ପିଟାଲ କର୍ତ୍ତୃପକ୍ଷ ଦେବାଶିଷଙ୍କ ପରିବାର ଲୋକଙ୍କୁ ସୂଚନା ଦେଇଥିବା ଜଣେ ବରିଷ୍ଠ ଆଇପିଏସ୍ ଅଧିକାରୀ ସୂଚନା ଦେଇଛନ୍ତି। ତେବେ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ଜାଣିବା ପାଇଁ ମେଡିକା ହସ୍ପିଟାଲ କର୍ତ୍ତୃପକ୍ଷଙ୍କୁ ଯୋଗାଯୋଗ କରାଯାଇଥିଲା। ହସ୍ପିଟାଲ ଗାଇଡ୍‌ଲାଇନ୍ ଅନୁସାରେ ରୋଗୀଙ୍କ ସ୍ୱାସ୍ଥ୍ୟାବସ୍ଥା ନେଇ କେବଳ ତାଙ୍କ ପରିବାର ଲୋକଙ୍କୁ ସମସ୍ତ ସୂଚନା ଦିଆଯାଇଛି ବୋଲି କୁହାଯାଇଛି।



ଦେବାଶିଷ ପାଣିଗ୍ରାହୀ

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**କାଳିଆ କୁକୁର କାନ**
**ଆଗେ କରିଥିଲ ଜୀବନ ଧନ**
**ଏବେ କଲ ହୀନିମାନ।**

ଯେତେବେଳେ ବୟସ ଥିଲା, ସ୍ୱାମୀ ବହୁତ ଭଲ ପାଉଥିଲା। ପାଖରୁ ମୋଟେ ଛାଡୁ ନ ଥିଲା, ଏବେ ଆଉ ପଚାରୁନି। ଫଳସ୍ୱରୂପ ସ୍ୱାମୀର ସ୍ନେହ, ଶ୍ରଦ୍ଧା ହ୍ରାସ ପାଇବା ଦେଖି ସ୍ତ୍ରୀ ବିଚାରୀ ମନ ଊଣା କରି ବସିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**କୁରାଢ଼ି ମାଇଲି ଗଛେ**
**ମନ୍ତର କଲୁ କି ଯନ୍ତର କଲୁ**
**ଧାଇଁଥିଲି ପଛେ ପଛେ।**

ପ୍ରେମରେ ପଡ଼ିଥିବା ବ୍ୟକ୍ତି ପରସ୍ପରର ସାନ୍ନିଧ୍ୟ ଲାଭ କରିବାକୁ ଇଚ୍ଛାପୋଷଣ କରିଥାନ୍ତି। ଏପରି ସ୍ଥଳେ ପ୍ରେମରେ ବଶୀଭୂତ କରାଇ ପ୍ରେମିକାକୁ ନିଜ ଆଡ଼କୁ ଆକର୍ଷିତ କରିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**ଓଡ଼ିଆ ଢଗଢ଼ମାଳି ଓ ରୁଢ଼ି ପ୍ରୟୋଗ - ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା:ଲିଃ**

# ଚାଷୀ ଆନ୍ଦୋଳନରେ ସାମିଲ ହେବେ ମମତା

**କୋଲକାତା, ୯।୬**

ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ କେନ୍ଦ୍ର ସରକାରଙ୍କ ନୂଆ କୃଷି ଆଇନ ବିରୋଧରେ ଚାଲିଥିବା ଆନ୍ଦୋଳନକୁ ସମର୍ଥନ କରିବେ। ଏନେଇ ସେ ରାକେଶ ଟିକାଏତ୍, ଯୁଧଭୀର ସିଂ ପ୍ରମୁଖ କୃଷକ ନେତାଙ୍କୁ ବୁଧବାର ପ୍ରତିଶ୍ରୁତି ଦେଇଛନ୍ତି। ଚାଷୀନେତାମାନଙ୍କ ସହ ଏକ ବୈଠକରେ ଯୋଗଦେଇ ମମତା କହିଥିଲେ, ନୀତି ପ୍ରସଙ୍ଗରେ ରାଜ୍ୟଗୁଡ଼ିକ ପରସ୍ପର ଆଲୋଚନା ପାଇଁ ଏକ ପ୍ଲାଟ୍‌ଫର୍ମ ରହିବା ଆବଶ୍ୟକ। ରାଜ୍ୟଗୁଡ଼ିକୁ ଭୟଭୀତ କରାଇବା ସଂଘୀୟ ଢାଞ୍ଚା ପାଇଁ ଭଲ ନୁହେଁ ବୋଲି ସେ କହିଥିଲେ। ତୃଣମୂଳ କଂଗ୍ରେସ ପଶ୍ଚିମବଙ୍ଗ ବାହାରେ ଏହାର ସଂଗଠନ ବଢ଼ାଇବ ବୋଲି ଘୋଷଣା କରିବା ପରେ ମମତା ଉତ୍ତର ଭାରତୀୟ କୃଷକ ସଂଗଠନଗୁଡ଼ିକୁ ସମର୍ଥନର ହାତ ବଢ଼ାଇଛନ୍ତି। ପଶ୍ଚିମବଙ୍ଗ ବିଧାନସଭା ନିର୍ବାଚନ ବେଳେ ଟିକାଏତ୍‌ଙ୍କ ଭାରତୀୟ କିଷାନ ୟୁନିୟନ (ବିକେୟୁ) ଭାଜପାକୁ ଭୋଟ ନ ଦେବା ପାଇଁ ପ୍ରଚାର କରିଥିଲା। ଆଗାମୀ ଦିନରେ ହେବାକୁ ଥିବା ବିଧାନସଭା ନିର୍ବାଚନଗୁଡ଼ିକରେ ସେହି ନୀତି ଆପଣାଇବାକୁ ବିକେୟୁ ଯୋଜନା କରିଛି।



ମମତା ବାନାର୍ଜୀଙ୍କ ସହ ବିକେୟୁ ନେତା ରାକେଶ ଟିକାଏତ ଆଲୋଚନା କରୁଛନ୍ତି।

## ପ୍ରଥମ ପୃଷ୍ଠାରୁ...

### ୨୨୦ ଓଏଏସ୍ ଅଫିସର ...

ଓଏଏସ୍‌ରେ ମୋଟ ୧୯୦୩ ମଞ୍ଜୁରୀପ୍ରାପ୍ତ ପଦବୀ ଥିବାବେଳେ ଏବେ ତାହା ୨୧୨୩କୁ ବୃଦ୍ଧି ପାଇଛି। ସାଧାରଣ ପ୍ରଶାସନ ବିଭାଗ ପକ୍ଷରୁ ଦିଆଯାଇଥିବା ଏହି ପ୍ରସ୍ତାବକୁ କ୍ୟାବିନେଟ ଅନୁମୋଦନ କରିଛି। ରାଜ୍ୟରେ ଅନେକ ଯୋଜନା ଓ ଜନକଲ୍ୟାଣ ମୂଳକ କାର୍ଯ୍ୟକ୍ରମ କରାଯାଉଛି। ଏଥିପାଇଁ ଓଏଏସ୍ ଅଧିକାରୀଙ୍କୁ ବିଭିନ୍ନ ସ୍ତରରେ ନିଯୁକ୍ତି କରିବା ପାଇଁ ଅତିରିକ୍ତ ପଦବୀରୁ ଆବଶ୍ୟକତାକୁ ଦୃଷ୍ଟିରେ ରଖି ଉକ୍ତ ନୂତନ ପଦବୀ ସୃଷ୍ଟି କରାଯାଇଥିବା ବିଭାଗ ପକ୍ଷରୁ କୁହାଯାଇଛି।

ଏଥିସହିତ ଓଡ଼ିଶା ଟିକସ ଓ ହିସାବ ସେବା ନିୟମାବଳୀ(ଓଡ଼ିଶା ଟ୍ୟାକ୍ସେସନ୍ ଆଣ୍ଡ ଆକାଉଣ୍ଟସ୍ ସର୍ଭିସ ରୁଲ୍ )-୨୦୧୧କୁ ସଂଶୋଧନ କରାଯାଇଛି। ଓଡ଼ିଶା ଲୋକସେବା ଆୟୋଗ ଦ୍ୱାରା ଓଡ଼ିଶା ଟିକସ ଓ ହିସାବ ସେବାରେ ସିଧାସଳଖ ନିଯୁକ୍ତି ପାଇଥିବା କର୍ମଚାରୀଙ୍କ ପ୍ରଶିକ୍ଷଣ ୧ବର୍ଷ ପରିବର୍ତ୍ତେ ୧୦ମାସକୁ ହ୍ରାସ କରାଯାଇଛି। ଆଧୁନିକ ଜ୍ଞାନକୌଶଳର ବହୁଳ ଉପଯୋଗକୁ ଦୃଷ୍ଟିରେ ରଖି ଉକ୍ତ ନିୟମାବଳୀକୁ ସଂଶୋଧନ କରାଯାଇଛି। ଅର୍ଥ ବିଭାଗ ପକ୍ଷରୁ ଦିଆଯାଇଥିବା ଏହି ପ୍ରସ୍ତାବକୁ କ୍ୟାବିନେଟ ଅନୁମୋଦନ କରିଛି। ସେହିପରି ଓଡ଼ିଶା ପ୍ରାଣୀ ଚିକିତ୍ସା ବୈଷୟିକ ସେବା ଗ୍ରୁପ୍-ସିର ନିଯୁକ୍ତି ସର୍ତ୍ତାବଳୀ ନିୟମ-୧୯୯୩ର ନିୟମ ୪(ଏ)ରେ ସଂଶୋଧନ କରାଯାଇଛି। ଏଣିକି ପ୍ରାଣୀଧନ ନିରୀକ୍ଷକ ପଦବୀ ନିମନ୍ତେ ଉଦ୍ଦିଷ୍ଟ ମଞ୍ଜୁରୀପ୍ରାପ୍ତ ପଦବୀର ୯୦ ପ୍ରତିଶତ ସିଧାସଳଖ ନିଯୁକ୍ତି ମାଧ୍ୟମରେ କରାଯିବ। ଅବଶିଷ୍ଟ ୧୦ ପ୍ରତିଶତ ପଦବୀ ଯୋଗ୍ୟ ବିବେଚିତ ଗ୍ରୁପ-ଡି ପ୍ରାର୍ଥୀଙ୍କ ଦ୍ୱାରା ପୂରଣ କରାଯିବ। ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିଭାଗ ପକ୍ଷରୁ ଦିଆଯାଇଥିବା ଏହି ପ୍ରସ୍ତାବକୁ କ୍ୟାବିନେଟ ମୋହର ମାରିଛି। ସମସ୍ତ ସରକାରୀ କର୍ମଚାରୀ ଓ ଲୋକ ପ୍ରତିନିଧିମାନେ ସେମାନଙ୍କ ବାର୍ଷିକ ସମ୍ପତ୍ତି ବିବରଣୀ ସରକାରଙ୍କ ନିକଟରେ ଦାଖଲ କରିବେ। ସେଗୁଡ଼ିକ ଜନସାଧାରଣଙ୍କ ଅବଗତି ନିମନ୍ତେ ସର୍ବସାଧାରଣ କ୍ଷେତ୍ର(ପବ୍ଲିକ ଡୋମେନ)ରେ ସ୍ଥାନିତ କରାଯିବ। ସମ୍ପତ୍ତିର ଏକକିତା ନକଲ ମଧ୍ୟ ଲୋକାୟୁକ୍ତଙ୍କ ସୂଚନା ପାଇଁ ପଠାଯିବ। ୨୦୨୦ ଡିସେମ୍ବର ୨୮ ତାରିଖରେ ଅନୁଷ୍ଠିତ କ୍ୟାବିନେଟ ବୈଠକରେ ଏହି ନିଷ୍ପତ୍ତି ନିଆଯାଇଥିଲା। ଏଥିପାଇଁ ରାଜ୍ୟ ସରକାର ଓଡ଼ିଶା ସରକାରୀ କର୍ମଚାରୀ ଆଚରଣ ନିୟମାବଳୀ-୧୯୫୯ରେ ସଂଶୋଧନ କରିଛନ୍ତି। ରାଜ୍ୟ କ୍ୟାବିନେଟରେ ସାଧାରଣ ପ୍ରଶାସନ ବିଭାଗ ପକ୍ଷରୁ ଦିଆଯାଇଥିବା ଏହି ପ୍ରସ୍ତାବକୁ ଅନୁମୋଦନ କରାଯାଇଛି। ପୂର୍ବ ନିୟମାବଳୀ ଅନୁସାରେ ପ୍ରତ୍ୟେକ ସରକାରୀ କର୍ମଚାରୀ ନିଜ ନାମରେ ଥିବା ସମସ୍ତ ସ୍ଥାବର ଓ ଅସ୍ଥାବର ସମ୍ପତ୍ତି ଏବଂ ଏହାର ମୂଲ୍ୟ ବିଷୟରେ ଘୋଷଣା କରିବା ବ୍ୟବସ୍ଥା ରହିଛି।

### ୪ ଦିନ ପ୍ରବଳ ...

ଡଙ୍ଗା ଓ ଯନ୍ତ୍ରାଂଶ ସହ ଅଗ୍ନିଶମ ବାହିନୀକୁ ପ୍ରସ୍ତୁତ ରଖିବାକୁ କୁହାଯାଇଛି। ବିଶେଷକରି କେତେକ ଜାଗାରେ ଭୂସ୍ଖଳନ ହେବାର ସମ୍ଭାବନା ରହିଛି। ତେଣୁ ଆବଶ୍ୟକ ପଡ଼ିଲେ ସେହି ଅଞ୍ଚଳରୁ ଲୋକଙ୍କୁ ସ୍ଥାନାନ୍ତର କରାଯିବ। ସେଥିପାଇଁ ବାତ୍ୟା ଆଶ୍ରୟସ୍ଥଳ ପ୍ରସ୍ତୁତ ରଖିବାକୁ ଏସ୍‌ଆର୍‌ସି ଚିଠିରେ ଉଲ୍ଲେଖ କରିଛନ୍ତି। ଏଥିସହ ବନ୍ୟା ତଥା ବିପର୍ଯ୍ୟୟ ପରିଚାଳନା କ୍ଷେତ୍ରରେ କାର୍ଯ୍ୟ କରୁଥିବା ସମସ୍ତ କଣ୍ଟ୍ରୋଲ ରୁମ୍ ୨୪ ଘଣ୍ଟିଆ ଖୋଲିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ୧୦ ତାରିଖ ଗୁରୁବାର କେନ୍ଦ୍ରାପଡ଼ା, ଜଗତ୍‌ସିଂହପୁର, କଟକ, ଅନୁଗୋଳ, ଢେଙ୍କାନାଳ ଓ ସମ୍ବଲପୁର, ୧୧ ତାରିଖରେ ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, ଜଗତ୍‌ସିଂହପୁର, କଟକ, ଖୋର୍ଦ୍ଧା, ପୁରୀ, ଅନୁଗୋଳ ଓ ଢେଙ୍କାନାଳ, ୧୨ରେ ମାଲକାନଗିରି, କୋରାପୁଟ, ନବରଙ୍ଗପୁର, କଳାହାଣ୍ଡି, କନ୍ଧମାଳ, ନୂଆପଡ଼ା, ବଲାଙ୍ଗୀର, ସୋନପୁର, ବୌଦ୍ଧ, ବରଗଡ଼, ସମ୍ବଲପୁର ଓ ଅନୁଗୋଳରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବ। ଏହି ତିନିଦିନ ଏ ସମସ୍ତ ଜିଲାକୁ ୟେଲୋ ୱାର୍ନିଂ ଜାରି କରିଛି ପାଣିପାଗ କେନ୍ଦ୍ର। ୧୩ ତାରିଖରେ ମାଲକାନଗିରି, କୋରାପୁଟ, ନବରଙ୍ଗପୁର, କଳାହାଣ୍ଡି, ନୂଆପଡ଼ା, ବଲାଙ୍ଗୀର, ବରଗଡ଼, ସୋନପୁର, ସମ୍ବଲପୁର, ଝାରସୁଗୁଡ଼ା, ସୁନ୍ଦରଗଡ଼, କେନ୍ଦୁଝର ଓ ଦେବଗଡ଼ର କିଛି ସ୍ଥାନରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ତେଣୁ ଏ ସମସ୍ତ ଜିଲାକୁ ମଧ୍ୟ ୟେଲୋ ୱାର୍ନିଂ ଜାରି କରାଯାଇଛି। ସେପଟେ ବୁଧବାର ରାଜ୍ୟର ବିଭିନ୍ନ ସ୍ଥାନରେ ବର୍ଷା ହୋଇଥିବାବେଳେ ନୟାଗଡ଼ରେ ସର୍ବାଧିକ ୨୩ ମିମି ବର୍ଷା ରେକର୍ଡ କରାଯାଇଛି।

### ୧,୮୬୮ରୁ ୧,୯୪୦ ଟଙ୍କା ...

ଏମ୍‌ଏସ୍‌ପି ବୃଦ୍ଧି ଚାଷ କାର୍ଯ୍ୟ ପାଇଁ କୃଷକମାନଙ୍କୁ ପ୍ରୋତ୍ସାହିତ କରିବ ବୋଲି ବୈଠକ ଶେଷରେ କୃଷିମନ୍ତ୍ରୀ ନରେନ୍ଦ୍ର ସିଂ ତୋମାର କହିଛନ୍ତି। ଚଳିତ ବର୍ଷ ମୌସୁମୀ ସ୍ୱାଭାବିକ ରହିବ ବୋଲି ପାଣିପାଗ ବିଭାଗ ପୂର୍ବାନୁମାନ କରିଥିଲା।

ଅନ୍ୟ ଖରିଫ ଫସଲ ମଧ୍ୟରେ ରାଶି ଏମ୍‌ଏସ୍‌ପି କୁଇଣ୍ଟାଲ ପିଛା ସର୍ବାଧିକ ୪୫୨ ଟଙ୍କା ବୃଦ୍ଧି କରାଯାଇଥିବାବେଳେ ବିରି ୩୦୦ ଟଙ୍କା ବଢ଼ିଛି। ତେବେ ଚାଷୀମାନେ ବାଜରା ଚାଷରେ ଖର୍ଚ୍ଚ କରୁଥିବା ଅର୍ଥର ସର୍ବାଧିକ ୮୫ ପ୍ରତିଶତ ଲାଭ ମିଳିବାକୁ ଥିବାବେଳେ ବିରିରେ ୬୫ ପ୍ରତିଶତ ଏବଂ ହରଡରେ ୬୨ ପ୍ରତିଶତ ମିଳିବ। ଅନ୍ୟ ଫସଲରେ ରିଟର୍ନ ଉତ୍ପାଦନ ଖର୍ଚ୍ଚ ଉପରେ ଅନ୍ୟୂନ ୫୦ ପ୍ରତିଶତ ରହିବ ବୋଲି ଆଶା କରାଯାଉଛି। ଚିନାବାଦାମ ଏମ୍‌ଏସ୍‌ପି ୨୭୫ ଟଙ୍କା ବୃଦ୍ଧି କରାଯାଇଛି। ଯଅ କୁଇଣ୍ଟାଲ ପିଛା ୧୧୮ ଟଙ୍କା ବଢ଼ିଥିବାବେଳେ ବାଜରା ୧୦୦ ଟଙ୍କା, ରାଗି ୮୨ ଟଙ୍କା, ହରଡ ୩୦୦ ଟଙ୍କା ବଢ଼ିଛି। ସୂର୍ଯ୍ୟମୁଖୀ ମଞ୍ଜି ଦାମ୍ ୧୩୦ ଟଙ୍କା ବୃଦ୍ଧି ହୋଇଥିବାବେଳେ ସୋୟାବିନ ୭୦ ଟଙ୍କା ବଢ଼ିଛି। ସେହିପରି କପା ଏମ୍‌ଏସ୍‌ପି ୨୦୦ରୁ ୨୧୧ ଟଙ୍କା ବୃଦ୍ଧି କରାଯାଇଛି। ସର୍ବନିମ୍ନ ସହାୟକ ମୂଲ୍ୟ ବୃଦ୍ଧି ଲାଗି କମିଶନ ଫର୍ ଏଗ୍ରିକଲ୍‌ଚରାଲ କଷ୍ଟସ୍ ଆଣ୍ଡ ପ୍ରାଇସେସ୍ (ସିଏସିପି) ପକ୍ଷରୁ ସୁପାରିସ କରାଯାଇଥିଲା, ଯାହାକୁ ଆର୍ଥିକ ବ୍ୟାପାର ସମ୍ପର୍କିତ କ୍ୟାବିନେଟ କମିଟି ଅନୁମୋଦନ କରିଛି। ଚାଷୀ ଯେପରି ଫସଲ ବିକି ଉପଯୁକ୍ତ ଲାଭ ପାଇପାରିବେ ସେଥିପାଇଁ ଏମ୍‌ଏସ୍‌ପିକୁ ଉତ୍ପାଦନ ଖର୍ଚ୍ଚର ଦେଢ଼ଗୁଣ କରିବା ପାଇଁ ସରକାର ୨୦୧୮-୧୯ ବଜେଟରେ ଘୋଷଣା କରିଥିଲେ। ବୁଧବାରର ଏମ୍‌ଏସ୍‌ପି ବୃଦ୍ଧି ତାହାର ଅଂଶବିଶେଷ ବୋଲି କୃଷିମନ୍ତ୍ରୀ କହିଛନ୍ତି। ତୈଳବୀଜ, ଡାଲିଜାତୀୟ ଶସ୍ୟ ଓ ମୋଟାଶସ୍ୟ ଚାଷ କରୁଥିବା କୃଷକମାନଙ୍କୁ ପ୍ରୋତ୍ସାହିତ କରିବା ଲାଗି ଗତ କିଛି ବର୍ଷ ହେଲା ସରକାର ଏମ୍‌ଏସ୍‌ପି ବୃଦ୍ଧି କରିଆସୁଛନ୍ତି। ତୈଳବୀଜ ଉତ୍ପାଦନ ବୃଦ୍ଧି ଲାଗି ଅଧିକ ଅମଳକ୍ଷମ ମଞ୍ଜି ଚାଷୀମାନଙ୍କୁ ମାଗଣାରେ ଯୋଗାଇଦେବା ଲାଗି ସରକାର ନିଷ୍ପତ୍ତି ନେଇଛନ୍ତି। ଅଧିକ ୬.୩୭ ଲକ୍ଷ ହେକ୍ଟର ଜମିରେ ତୈଳବୀଜ ଉତ୍ପାଦନ ଲକ୍ଷ୍ୟ ରଖାଯାଇଛି। ଏଥିରୁ ୧୨୦.୨୬ ଲକ୍ଷ କୁଇଣ୍ଟାଲ ତୈଳବୀଜ ଉତ୍ପାଦନ ହେବା ସହ ୨୪.୩୬ ଲକ୍ଷ କୁଇଣ୍ଟାଲ ଖାଇବା ତେଲ ମିଳିପାରିବ। ସେହିପରି ଡାଲି ଉତ୍ପାଦନରେ ଆତ୍ମନିର୍ଭର ହେବା ଲାଗି ଏକ ସ୍ୱତନ୍ତ୍ର ଖରିଫ ନୀତି ପ୍ରସ୍ତୁତ ହୋଇଛି।

### ଆୟକର ଫାଙ୍କିଛନ୍ତି ...

ଟିକସ ଚୋରି କରିବାରେ ସଫଳ ହୋଇଛନ୍ତି। ଅରବପତି ନିବେଶକ କାର୍ଲ ଇକାନ ଦୁଇବର୍ଷ ଧରି ଟ୍ୟାକ୍ସ ଦେଇ ନ ଥିବାବେଳେ ଜର୍ଜ ସୋରୋସ୍ ଲଗାତର ୩ ବର୍ଷ ଧରି ଟିକସ ଫାଙ୍କିଛନ୍ତି। ବର୍କଶାୟାର ହାଥାୱେ ସିଇଓ ୱାରେନ୍ ବଫେଟ୍‌ଙ୍କ ସମ୍ପତ୍ତି ୨୦୧୪ରୁ ୨୦୧୮ ମଧ୍ୟରେ ୨୪.୩ ବିଲିୟନ୍ ଡଲାରକୁ ବୃଦ୍ଧି ପାଇଥିଲା। କିନ୍ତୁ ସେ ନିଜ ସମ୍ପତ୍ତିର ପରିମାଣ ୨୩.୭ ମିଲିୟନ୍ ଡଲାର ଦର୍ଶାଇ ଟିକସ ପଇଠ କରିଥିଲେ। ରିପୋର୍ଟ ମୁତାବକ ପ୍ରୋପବ୍ଲିକା କେତେଜଣ ଧନୀଙ୍କ ଗତ କିଛିବର୍ଷରେ ବଢ଼ିଥିବା ସମ୍ପତ୍ତିକୁ ଦୃଷ୍ଟିରେ ରଖି ଆଇଆର୍‌ଏସ୍ ତଥ୍ୟର ବିଶ୍ଳେଷଣ କରିଥିଲା। ଏହି ଧନୀମାନେ ମାତ୍ର ୩.୪% 'ଟ୍ରୁ ଟ୍ୟାକ୍ସ ରେଟ୍' ପଇଠ କରୁଥିଲେ। ଉକ୍ତ ସଂସ୍ଥା ସେମାନଙ୍କ ଷ୍ଟକ୍ ପୋର୍ଟଫୋଲିଓ ଏବଂ ଅନ୍ୟ ସମ୍ପତ୍ତିକୁ ମିଶାଇ ଆକଳନ କରି ପଇଠ କରାଯାଇଥିବା ଟିକସର ହିସାବ ବାହାର କରିଥିଲା। ସେମାନେ ପଇଠ କରିଥିବା ଟିକସ ପଇଠ ନ କରିବା ସହ ସମାନ ବୋଲି କହିଥିଲା। ଆମେରିକାର ଟିକସ ବ୍ୟବସ୍ଥା ସ୍ୱଳ୍ପ ଆୟକାରୀଙ୍କ ପାଇଁ କଠୋର ହୋଇଥିବାବେଳେ ଧନୀମାନେ କିପରି ଟିକସ ବଞ୍ଚାଉଛନ୍ତି ତାହା ଉକ୍ତ ରିପୋର୍ଟରୁ ଜଣାପଡ଼ିଛି। କାରଣ ଧନୀମାନେ ଟିକସ ଫାଙ୍କିବା ପାଇଁ ନିଜ ସମ୍ପତ୍ତିକୁ ଭାଗ ଭାଗ କରି ଷ୍ଟକ୍ କିମ୍ବା ରିୟଲ ଇଷ୍ଟେଟ୍‌ରେ ନିବେଶ କରନ୍ତି ଏବଂ ସେଥିରୁ ମିଳୁଥିବା ଲାଭ ଉପରେ ସେମାନଙ୍କର କୌଣସି ଉତ୍ତରଦାୟିତ୍ୱ ରହି ନ ଥାଏ। ଉଲ୍ଲେଖଯୋଗ୍ୟ, ଆମେରିକାରେ ଟିକସ ବ୍ୟବସ୍ଥାକୁ ନେଇ ଦୀର୍ଘ ସମୟ ଧରି ବିତର୍କ ଲାଗିରହିଛି। ଡେମୋକ୍ରାଟ୍ସଙ୍କ ମତରେ ଦେଶର ସବୁଠୁ ଧନୀମାନେ ନିଜ ସମ୍ପତ୍ତି ଅନୁସାରେ ଟିକସ ପଇଠ କରିବା ଉଚିତ। ରାଷ୍ଟ୍ରପତି ଜୋ ବାଇଡେନଙ୍କ ପ୍ରଶାସନ ମଧ୍ୟ ଏହି ଦିଗ ଉପରେ କାମ କରିବା ନେଇ କହିସାରିଛି।

**ତଦନ୍ତ ଆରମ୍ଭ କଲା ଆଇଆର୍‌ଏସ୍**

ପ୍ରୋପବ୍ଲିକା ଏହି ତଥ୍ୟ କେଉଁଠୁ ଆଣିଲା ତାହା ଜାଣିବା ପାଇଁ ଅନ୍ୟ କେତେକ ବଡ଼ ମିଡିଆ ସଂସ୍ଥା ଉଦ୍ୟମ କରୁଛନ୍ତି। କିନ୍ତୁ ପ୍ରୋପବ୍ଲିକା ତାହା ଜଣାଇବାକୁ ମନା କରିଦେଇଛି। ଏହି ସଂସ୍ଥା ନିଜ 'ଦ ସିକ୍ରେଟ ଫାଇଲ୍ସ: ଟ୍ରୋଭ୍ ଅଫ୍ ନେଭର-ବିଫୋର-ସିନ୍ ରେକର୍ଡ୍ସ ରିଭିଲ୍ ହାଓ ଦି ୱେଲ୍‌ଦିଏଷ୍ଟ ଆଭଏଡ୍ ଇନ୍‌କମ ଟ୍ୟାକ୍ସ' ଶୀର୍ଷକ ଆଲେଖ୍ୟରେ ଆମେରିକାର ହଜାର ହଜାର ଧନୀଙ୍କ ୧୫ ବର୍ଷ ପର୍ଯ୍ୟନ୍ତ ପୁରୁଣା ଟିକସ ଦସ୍ତାବିଜ ହାସଲ କରି ଏହି ରିପୋର୍ଟ ପ୍ରକାଶ କରିଛି। ପ୍ରାଇଭେଟ ଟ୍ୟାକ୍ସ ଡକ୍ୟୁମେଣ୍ଟ ଲିକ୍‌କୁ ନେଇ ତଦନ୍ତ ଆରମ୍ଭ ହୋଇଥିବା ଆଇଆର୍‌ଏସ୍ କମିଶନର ଚାର୍ଲ୍ସ ରେଟିଗ୍ ମଙ୍ଗଳବାର ସୂଚନା ଦେଇଛନ୍ତି।

### ବାତ୍ୟା ଚିହ୍ନଟ ପ୍ରଯୁକ୍ତି ...

ସମ୍ପର୍କରେ ଜାଣିବାରେ ଏହା ଏକ ମୁଖ୍ୟ ବୈଶିଷ୍ଟ୍ୟ। ଏହାକୁ ବ୍ୟବହାର କରି ଅନେକ ପୂର୍ବରୁ ବାତ୍ୟା ସମ୍ପର୍କରେ ପୂର୍ବାନୁମାନ କରାଯାଇପାରିବ ବୋଲି ବୈଜ୍ଞାନିକମାନେ କହିଛନ୍ତି। ଉକ୍ତ ଟେକ୍‌ନୋଲୋଜିର ବିକାଶ କରିଥିବା ଟିମ୍‌ରେ ଓଡ଼ିଆ ବୈଜ୍ଞାନିକ ବିଷ୍ଣୁପ୍ରିୟା ସାହୁଙ୍କ ସମେତ ଆଇଆଇଟି ଖଡ଼ଗପୁରର ଜିୟା ଆଲବର୍ଟ ଏବଂ ପ୍ରସାଦ କେ. ଭାସ୍କରନ୍ ରହିଛନ୍ତି। ଜଳବାୟୁ ପରିବର୍ତ୍ତନ କାର୍ଯ୍ୟକ୍ରମ (ସିସିପି) ଅଧୀନରେ ଭାରତ ସରକାରଙ୍କ ବିଜ୍ଞାନ ଓ ପ୍ରଯୁକ୍ତି ବିଭାଗ ସହଯୋଗରେ ସେମାନେ ନୂଆ ପଦ୍ଧତି ବିକଶିତ କରିଛନ୍ତି। ଉକ୍ତ ଗବେଷଣା ନିକଟରେ ଆଟ୍‌ମୋସ୍ପିୟରିକ୍ ରିସର୍ଚ୍ଚ ପତ୍ରିକାରେ ପ୍ରକାଶ ପାଇଛି। ସେମାନେ ୨୦୧୩ର ଫାଇଲିନ୍ ଏବଂ ବାର୍ଦ୍ଧା, ୨୦୧୮ର ଗାଜା ଏବଂ ମାଡ଼ି, ୨୦୧୭ର ମୋରା ଏବଂ ୨୦୦୯ର ଆଇଲା ବାତ୍ୟାକୁ ନେଇ ଅଧ୍ୟୟନ କରିଥିଲେ। ସେମାନଙ୍କ ପଦ୍ଧତିରେ ଉକ୍ତ ସାଇକ୍ଲୋନଗୁଡ଼ିକୁ ଅନ୍ୟୂନ ଆଉ ୪ ଦିନ ଆଗରୁ ଠାବ କରାଯାଇପାରିବ ବୋଲି ବୈଜ୍ଞାନିକମାନେ ଅନୁଭବ କରିପାରିଥିଲେ। ଭୌତିକ ସମୁଦ୍ରବିଜ୍ଞାନ ଗବେଷିକା ବିଷ୍ଣୁପ୍ରିୟା ଏବେ ଚାଇନାର ୟାଣ୍ଟାଇ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ କୋଷ୍ଟାଲ ଜୋନ୍ ରିସର୍ଚ୍ଚରେ ଜଣେ ରିସର୍ଚ୍ଚ ସାଇଣ୍ଟିଷ୍ଟ ଭାବେ କାର୍ଯ୍ୟରତ। ମୟୂରଭଞ୍ଜ ଜିଲା ଖୁଣ୍ଟା ବ୍ଲକର ଗୌଡ଼ଗାଁସ୍ଥିତ ବାସିପିଠା ସରକାରୀ ହାଇସ୍କୁଲରେ ଶିକ୍ଷାଗ୍ରହଣ କରିଥିବା ବିଷ୍ଣୁପ୍ରିୟା ଭୁବନେଶ୍ୱର ରମାଦେବୀ ଅଟୋନମସ୍ କଲେଜରୁ ଯୁକ୍ତଦୁଇ ବିଜ୍ଞାନ ଓ ବିଏସ୍‌ସି ଡିଗ୍ରୀ ହାସଲ କରି ରାଉରକେଲାର ଏନ୍‌ଆଇଟିରେ ଗଣିତରେ ଏମ୍‌ଏସ୍‌ସି କରିଥିଲେ। ୨୦୧୪ରୁ ୨୦୧୮ ମଧ୍ୟରେ ସେ ଆଇଆଇଟି ଖଡଗପୁରରୁ ଫିଜିକାଲ ଓସନୋଗ୍ରାଫିରେ ପିଏଚ୍.ଡି କରିଥିଲେ। ତାଙ୍କ ଘର କଟକ ଜିଲା ବାଙ୍କୀ ସବ୍‌ଡିଭିଜନ ଅନ୍ତର୍ଗତ ପଶାଣିଆ ଗ୍ରାମରେ। ତାଙ୍କ ବାପା ଭଗବାନ ସାହୁ ବାସିପିଠା ଆଶ୍ରମ ସ୍କୁଲର ପ୍ରଧାନଶିକ୍ଷକ ଥିଲେ। ଅବସର ପରେ ଏବେ ସେ ଭୁବନେଶ୍ୱର ଖଣ୍ଡଗିରି ଅଞ୍ଚଳରେ ରହୁଛନ୍ତି।

### ପେଟ୍ରୋଲ ୨୫, ଡିଜେଲ...

କୋଲକାତା, ଚେନ୍ନାଇ ଏବଂ ମୁମ୍ବାଇରେ ପେଟ୍ରୋଲ ଯଥାକ୍ରମେ ୯୫.୫୨ ଟଙ୍କା, ୯୬.୯୪ ଟଙ୍କା ଏବଂ ୧୦୧.୭୬ ଟଙ୍କା ରହିଛି। ଏହି ୩ ସହରରେ ଡିଜେଲ ଦର ଯଥାକ୍ରମେ ୮୯.୩୨ ଟଙ୍କା, ୯୧.୧୫ ଟଙ୍କା ଏବଂ ୯୩.୮୫ ଟଙ୍କାକୁ ବୃଦ୍ଧି ଘଟିଛି। ଉଲ୍ଲେଖଯୋଗ୍ୟ, ରାଜସ୍ଥାନର ଶ୍ରୀଗଙ୍ଗା ନଗରରେ ପେଟ୍ରୋଲ ଏବଂ ଡିଜେଲ ଦର ଯଥାକ୍ରମେ ୧୦୬.୦୪ ଟଙ୍କା ଏବଂ ୯୯.୫୦ ଟଙ୍କାରେ ବିକ୍ରି ହେଉଛି। ଏହା ସାରା ଦେଶରେ ସର୍ବାଧିକ ବୋଲି ଜଣାପଡ଼ିଛି। ଦେଶର ରାଜସ୍ଥାନ, ମଧ୍ୟପ୍ରଦେଶ, ମହାରାଷ୍ଟ୍ର, ଆନ୍ଧ୍ରପ୍ରଦେଶ, ତେଲଙ୍ଗାନା ଏବଂ ଲଦାଖ ଭଳି ରାଜ୍ୟ ଏବଂ କେନ୍ଦ୍ର ଶାସିତ ଅଞ୍ଚଳରେ ପେଟ୍ରୋଲ ଦର ୧୦୦ ଟଙ୍କାରୁ ଊର୍ଦ୍ଧ୍ୱରେ ରହିଛି। ଚଳିତ ବର୍ଷ ମେ ୪ ପରଠାରୁ ଇନ୍ଧନ ଦର ୨୨ ଥର ବଢ଼ିଲାଣି।ଏହି ଅବଧିରେ ପେଟ୍ରୋଲ ୫.୧୫ ଟଙ୍କା ଏବଂ ଡିଜେଲ ୫.୭୪ ଟଙ୍କାରୁ ଊର୍ଦ୍ଧ୍ୱ ବଢିଥିବା ଜଣାପଡିଛି। ତେଲ ଦର ବଢ଼ିବା ଯୋଗୁ ଲୋକମାନେ କରୋନା କାଳରେ ସମସ୍ୟା ସାମ୍ନା କରୁଛନ୍ତି। କେନ୍ଦ୍ର ଏବଂ ରାଜ୍ୟ ସ୍ତରରେ ଲାଗୁ ହେଉଥିବା ବର୍ଦ୍ଧିତ ଟିକସ ଯୋଗୁ ଦର ଖସୁ ନ ଥିବା କୁହାଯାଉଛି। ସେହିଭଳି କରୋନା କଟକଣା ହଟୁଥିବାରୁ ତେଲ ଚାହିଦା ବଢୁଛି। ଅଶୋଧିତ ତେଲ ଦର ବଢୁଥିବାରୁ ଅଗାମୀ ଦିନଗୁଡ଼ିକରେ ମଧ୍ୟ ତେଲ ଦରରୁ ଆଶ୍ୱସ୍ତି ମିଳି ନ ପାରେ। ଦେଶର ବିଭିନ୍ନ ରାଜ୍ୟରେ ବିଧାନ ସଭା ନିର୍ବାଚନ ପାଇଁ ତେଲ ଦର ସ୍ଥିର ରହିଥିଲା। ଏହା ପରଠାରୁ ଦରରେ ଲଗାତର ବୃଦ୍ଧି ପରିଲକ୍ଷିତ ହେଉଛି। ଏପଟେ ଅନ୍ତର୍ଜାତୀୟ ବଜାରରେ ଅଶୋଧିତ ତେଲ ଦର ବର୍ତ୍ତମାନ ବ୍ୟାରେଲ ପିଛା ୭୧ ଡଲାର ଟପିଛି। ଏହାର ପ୍ରଭାବ ଭାରତରେ ସିଧାସଳଖ ପଡୁଛି।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ**: ଆଜି ବନ୍ଧୁଙ୍କ ପରୋକ୍ଷ ସାହାଯ୍ୟ ଫଳରେ ଦୀର୍ଘଦିନରୁ ଚିନ୍ତା କରିଥିବା କାମଟି ହଠାତ୍ ହୋଇଯିବ। କିନ୍ତୁ ସହକର୍ମୀଙ୍କ ସହ ଅର୍ଥ ସମ୍ପର୍କକୁ କେନ୍ଦ୍ରକରି ବିତର୍କର ସମ୍ମୁଖୀନ ହୋଇପାରନ୍ତି। ପରିବାରରେ ଆପୋସ ମିଳାମିଶାରୁ ପାରିବାରିକ ସମସ୍ୟାର ସମାଧାନ ଘଟିବ। ପୂର୍ବରାଗକୁ କେନ୍ଦ୍ରକରି ଆତ୍ମୀୟସ୍ୱଜନ ଦୂରେଇ ଯାଇପାରନ୍ତି।

**ବୃଷ**: କର୍ମକ୍ଷେତ୍ରରେ ଅସମ୍ପୂର୍ଣ୍ଣ କାମକୁ ପୂର୍ଣ୍ଣାଙ୍ଗ କରିବାରେ ଜଣେ ବିବାଦୀୟ ବ୍ୟକ୍ତି ସାହାଯ୍ୟ କରିବେ। ସ୍ୱାସ୍ଥ୍ୟହାନି କିମ୍ବା ବନ୍ଧୁଙ୍କ ସହ ମନୋମାଳିନ୍ୟ ଯୋଗୁ ମନ ଉଦାସ ରହିପାରେ। କଚେରି ମାମଲା କିମ୍ବା ଆକସ୍ମିକ କଳହ ଜନିତ ଦୁଶ୍ଚିନ୍ତା ବୃଦ୍ଧି ପାଇବ। ଆର୍ଥିକ ସ୍ଥିତି ବନ୍ଧୁଙ୍କ ସାହାଯ୍ୟରୁ ବଦଳିଯାଇପାରେ।

**ମିଥୁନ**: ଧୈର୍ଯ୍ୟର ସହ ବିଭିନ୍ନ କ୍ଷେତ୍ରର ସମସ୍ୟା ମୁକାବିଲା କରିବାରେ ସମର୍ଥ ହେବେ। କେତେକ ଘଟଣାରେ ଅସୁବିଧା ନ ହେଲେ ମଧ୍ୟ ଆଶଙ୍କା କରି ମନ ଅସ୍ଥିର ରହିବ। ଅସମର୍ଥିତ ସୂତ୍ରରୁ ଅନ୍ୟମାନଙ୍କର କଥା ଶୁଣି ବ୍ୟସ୍ତତା ଅନୁଭବ କରିପାରିବେ। ପରିସ୍ଥିତିବଶତଃ ଇଚ୍ଛା ନ ଥିଲେ ମଧ୍ୟ କେତେକ କାମ କରିବାକୁ ବାଧ୍ୟ ହେବେ।

**କର୍କଟ**: ସ୍ୱାସ୍ଥ୍ୟ ଭଲ ରହିଲେ ମଧ୍ୟ ବିଶେଷ ଖଟଣି ଜନିତ ମନ ଭଲ ରହିବ ନାହିଁ। ଜମା ଭଲ ପଡୁ ନ ଥିବା କୌଣସି ବ୍ୟକ୍ତି ପରିସ୍ଥିତିକୁ ଭିନ୍ନ ରୂପ ଦେବାରେ ସମର୍ଥ ହେବେ। ଅର୍ଥ ସଂକଟ ଦୂରେଇବାରେ ଜଣେ ବିଶିଷ୍ଟ ବ୍ୟକ୍ତି ସହାୟତା କରିବେ। ସଭାସମିତି କିମ୍ବା ଆଲୋଚନା କ୍ଷେତ୍ରରେ ପଦସ୍ଥ ବ୍ୟକ୍ତିଙ୍କ ସାନ୍ନିଧ୍ୟରୁ ଉପକୃତ ହେବେ।

**ସିଂହ**: ଆଜିର କର୍ମକ୍ଷେତ୍ରରେ ଯାହା ଚାହୁଁଛନ୍ତି ତାହା ନିଶ୍ଚିତ ପାଇପାରିବେ। କିନ୍ତୁ ନିଜର ଫାଇଦା ହାସଲ ପାଇଁ ଫନ୍ଦିଫିକର କରିବା ଲାଗି ମନ ବଳାଇପାରନ୍ତି। ଉତ୍ତରା-ଫାଲଗୁନୀ ନକ୍ଷତ୍ର ଅସଂଯତ କାର୍ଯ୍ୟକଳାପ ପାଇଁ ଉଚ୍ଚବର୍ଗଙ୍କଠାରୁ ସମାଲୋଚିତ ହୋଇପାରନ୍ତି। ଅଫିସ୍ କାମରେ ମିଥ୍ୟା ଭାଷଣରୁ ସମାଲୋଚନାର ପାତ୍ର ହେବାକୁ ପଡ଼ିପାରେ।

**କନ୍ୟା**: ସକାଳୁ ସକାଳୁ କୌଣସି ବିଶେଷ କାମରେ ଦୂରଯାତ୍ରା କରିବାକୁ ପଡ଼ିପାରେ। ଆଜି ଘର କାମ ସାଙ୍ଗକୁ ଅଫିସ୍ କାମର ଜଞ୍ଜାଳ ବଳିଯିବ। ଅଫିସ୍‌ରେ ଅନ୍ୟମାନଙ୍କ କାର୍ଯ୍ୟକଳାପ ନିଜ ପାଇଁ ଅସନ୍ତୋଷ ସୃଷ୍ଟି କରିବ। ସ୍ୱାସ୍ଥ୍ୟ ସମସ୍ୟା ସମ୍ପୂର୍ଣ୍ଣ ଖରାପ ନହେଲେ ମଧ୍ୟ ବିଶେଷ ଭଲ ରହିବ ନାହିଁ।

**ତୁଳା**: ଅଫିସ୍ କାମରେ ସମସ୍ୟାର ସରଳ ସମାଧାନ କରିବାରେ ସମର୍ଥ ହେବେ। କର୍ମକ୍ଷେତ୍ରରେ ଅନ୍ୟମାନଙ୍କୁ ସୁହାଇଲା ଭଳି କଥାକହି ଲକ୍ଷ୍ୟ ହାସଲ କରିପାରନ୍ତି। ପାରିବାରିକ କ୍ଷେତ୍ରରେ ଭାରସାମ୍ୟ ରଖି ଚଳିବା ନିତାନ୍ତ ଜରୁରୀ ହୋଇପଡ଼ିବ। ବାଣିଜ୍ୟ, ବ୍ୟବସାୟରେ ମାନମନାନ୍ତର ଦେଖାଦେଇପାରେ।

**ବିଛା**: ଯାହା ଚାହୁଁଥିଲେ ତାହା ହାସଲ କରିବା କାରଣରୁ ମନ ଖୁସି ହୋଇଯିବ। ସାମାଜିକ ସ୍ତରରେ ଉଚ୍ଚବର୍ଗଙ୍କ ସହାୟତା ପାଇ ଏକପ୍ରକାର ଆଶ୍ୱସ୍ତି ଲାଭ କରିବେ ଓ ପ୍ରଶଂସିତ ମଧ୍ୟ ହେବେ। ଜଣାଶୁଣା ମିତ୍ର ବନ୍ଧୁମାନେ ଆବଶ୍ୟକ ସହଯୋଗ କରିପାରନ୍ତି। ପଡ଼ୋଶୀ ଈର୍ଷାନ୍ୱିତ ହୋଇ ଭିନ୍ନ ପ୍ରକାରର ମନ୍ତବ୍ୟ ଦେବେ।

**ଧନୁ**: ପାରିବାରିକ କ୍ଷେତ୍ର ବୁଝାମଣା ଭିତ୍ତିରେ ଶୃଙ୍ଖଳିତ ହେବାରୁ ଆଶ୍ୱସ୍ତି ଲଭିବେ। ବନ୍ଧୁଙ୍କ ସଦ୍‌ଭାବ, ସହକର୍ମୀଙ୍କ ସହଯୋଗ ପାଇବାରେ ଅସୁବିଧା ରହିବ ନାହିଁ। ପାରିବାରିକ ସ୍ତରରେ ଛୋଟ ଛୋଟ କଥାକୁ କେନ୍ଦ୍ର କରି କଳହରୁ ଦୂରେଇ ରହିବା ଭଲ ହେବ। ରାଜନୀତି କିମ୍ବା ପ୍ରଶାସନିକ ସ୍ତରରେ ସହଜରେ କାମ ହାସଲ ହେବା କଷ୍ଟକର ହେବ।

**ମକର**: ଆଜି ସ୍ୱାର୍ଥ ହାସଲ ପାଇଁ ପଡ଼ୋଶୀଙ୍କ ସହ ସୁସମ୍ପର୍କ ରକ୍ଷା କରିବାରେ ସମର୍ଥ ହେବେ। ଆନୁଷ୍ଠାନିକ କିମ୍ବା ରାଜନୀତିରେ ନେତୃତ୍ୱ ନେଇ ପ୍ରଶଂସିତ ହୋଇପାରନ୍ତି। ଭାବୁଥିବା କଥାଟି ବନ୍ଧୁଙ୍କୁ ପ୍ରକାଶ କରିପାରିବେ ନାହିଁ। ପାରିବାରିକ ସ୍ତରରେ ଭଉଣୀ କିମ୍ବା ସ୍ତ୍ରୀଙ୍କ ତରଫରୁ ପ୍ରତିରୋଧ ଆସିପାରେ।

**କୁମ୍ଭ**: କର୍ମକ୍ଷେତ୍ରର ପାରିପାର୍ଶ୍ୱିକ ପରିସ୍ଥିତି କେତେକାଂଶରେ ଭଲ ରହିବ। ଯୋଜନାଟିକୁ ଆରମ୍ଭ ପାଇଁ ପରିବାରରୁ ପୂର୍ଣ୍ଣ ସହଯୋଗ ପାଇବେ। ପାରିବାରିକ ବ୍ୟତିକ୍ରମକୁ ନେଇ ଭାବପ୍ରବଣତା ଯୋଗୁ ମନୋବଳ ହ୍ରାସ ପାଇବ। ଆର୍ଥିକ ଆବଶ୍ୟକତା ପୂରଣ ସକାଶେ ଜଣେ ବନ୍ଧୁ ସାହାଯ୍ୟର ପ୍ରତିଶ୍ରୁତି ଦେବେ।

**ମୀନ**: ସତର୍କତାର ସହ କାମ କଲେ ଯୋଜନା ମୁତାବକ କାର୍ଯ୍ୟରେ ସଫଳତା ପାଇବେ। ଯେତେ ଭଲ କାମ କଲେ ମଧ୍ୟ ନିଜର ଲୋକମାନେ ଦୋଷ ଖୋଜି ବୁଲିବେ। ଅଫିସ୍‌ରେ ହଠାତ୍ କୌଣସି ଘଟଣା ମନକୁ ବିବ୍ରତ କରିପାରେ। ପ୍ରତ୍ୟେକ ପରିସ୍ଥିତିରେ ଯେତେଟା ପରିସ୍ଥିତିକୁ ଜଟିଳ ମନେ କରିବେ ବାସ୍ତବରେ ସେପରି କିଛି ହେବନି।

ଆଜି ସାବିତ୍ରୀ ବ୍ରତ, ଶ୍ରୀମନ୍ଦିରରେ ଅମାବାସ୍ୟା ଓ ଜଳକ୍ରୀଡ଼ା, ଜୁନ୍ ୧୦ ତାରିଖ,ଗୁରୁବାର, ରାଶି ନକ୍ଷତ୍ର, ଦିବା ଘ.୧୧।୪୪ମି ପର୍ଯ୍ୟନ୍ତ ରୋହିଣୀ/ବୃଷ, ବିଛା ରାଶିର ଘାତଚନ୍ଦ୍ର, ଅମାବାସ୍ୟାର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଦିବା ଘ. ୦୩।୪୩ ଗତେ ଘ.୦୬।୨୧ ମଧ୍ୟେ ଅମୃତବେଳା। ସକାଳ ଘ.୦୫।୧୦ଗତେ ଘ.୦୬।୦୩ ମଧ୍ୟେ,ଘ.୦୯।୩୪ ଗତେ ଘ.୧୧।୧୯ ମଧ୍ୟେ ମାହେନ୍ଦ୍ରବେଳା। ଦିବା ଘ.୦୧।୨୪ ଗତେ ଘ.୦୩।୦୩ ମଧ୍ୟେ ରାହୁକାଳ।

**classifieds Everyday** 0674-2580101, 2549302

**real estate**

SALE

Bhubaneswar Sum Hospitalରୁ 4 k.m. ଦୂରତାରେ boundary plot ମିଳୁଛି। Owner- 9090963952. D-70849

Bhubaneswar ସୁନ୍ଦରପଦା, ଡେରାସରେ ଘରବାରି ପ୍ଲଟ୍ ବର୍ଗଫୁଟକୁ 1500/, 1100/, 650/- ଦିଆଯାଉଛି। 9853150290. D-70850

**healthcare**

Monalisa massage club: All types body massage with hiprofile smart lady rooms service available 9708545108. D-20849

ପାଠକଙ୍କ ପାଇଁ ସୂଚନା: କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

**business**

Mo Hindustan Jewellers Bhubaneswar started online gold ornaments sale and door step delivery. Please call for more detail 9437160289 or 9437033691. D-20835

Email ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:- classifieddharitri@gmail.com

## ଅଖାରୁ ନବଜାତ ଶିଶୁକନ୍ୟା ଉଦ୍ଧାର

ବଡ଼ବିଲ,(ସ୍ୱ.ପ୍ର.): କେନ୍ଦୁଝର ଜିଲା ବଡ଼ବିଲ ଥାନା ଭଦ୍ରାସାହି ପଞ୍ଚାୟତ ୪ନଂ. ୱାର୍ଡ ସ୍ଥିତ ଭୁଷୁଗାଁରୁ ଏକ ନବଜାତ ଶିଶୁକନ୍ୟା ଉଦ୍ଧାର ହୋଇଛି। ଏକ ଜରି ଅଖାରେ ମୁମୂର୍ଷୁ ଅବସ୍ଥାରେ ପଡ଼ିଥିବା ଏହି ଶିଶୁକନ୍ୟାକୁ ସ୍ଥାନୀୟ ୱାର୍ଡମେମ୍ବର ବୈଦେହୀ ଦଳବେହେରା ଉଦ୍ଧାର କରି ବଡ଼ବିଲ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଛନ୍ତି। ବୁଧବାର ସକାଳ ପ୍ରାୟ ୭ଟା ବେଳେ ଭୁଷୁଗାଁସ୍ଥିତ ଷ୍ଟକ ୟାର୍ଡ ପଛପଟ ଦେଇ ଯାଉଥିବା ଜଣେ ଯୁବକ ହଠାତ ଏକ ଶିଶୁର କ୍ରନ୍ଦନ ଶୁଣି ୱାର୍ଡମେମ୍ବର ଦଳବେହେରାଙ୍କୁ ଖବର ଦେଇଥିଲେ। ୱାର୍ଡମେମ୍ବର ପହଞ୍ଚି ଜରି ଅଖା ଭିତରୁ ଶିଶୁଟିକୁ ଉଦ୍ଧାର କରି ଡାକ୍ତରଖାନା ନେଇଥିଲେ। ସେଠାରେ ଶିଶୁ କନ୍ୟା ସୁସ୍ଥ ଥିବା ଡାକ୍ତର ଗୋପୀନାଥ ସୋରେନ କହିଛନ୍ତି।

**ସଂକ୍ଷେପରେ**

### କୋଭିଡ୍ ପରିଚାଳନା ପାଇଁ ବିଏମ୍‌ସିକୁ ୨୦ କୋଟି

**ଭୁବନେଶ୍ୱର,୯।୬(ବ୍ୟୁରୋ):** ଭୁବନେଶ୍ୱର ମହାନଗର ନିଗମ(ବିଏମ୍‌ସି) ଅଞ୍ଚଳରେ କୋଭିଡ୍-୧୯ ମହାମାରୀ ମୁକାବିଲା ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଆଉ ୨୦ କୋଟି ଟଙ୍କା ମଞ୍ଜୁର କରିଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ରିଲିଫ୍ ପାଣ୍ଠିରୁ ଏହି ଅର୍ଥ ପ୍ରଦାନ କରାଯିବ। ପୂର୍ବରୁ ଏଥିପାଇଁ ବିଏମ୍‌ସିକୁ ୭୭କୋଟି ଟଙ୍କା ଦିଆଯାଇଛି। ଭୁବନେଶ୍ୱରରେ ରାଜ୍ୟର ସର୍ବାଧିକ କୋଭିଡ୍ ହସ୍ପିଟାଲ ରହିଛି । ଚିକିତ୍ସିତ ରୋଗୀଙ୍କ ସଂଖ୍ୟା ମଧ ଏଠାରେ ସର୍ବାଧିକ । ତେଣୁ ଭୁବନେଶ୍ୱରର ଆବଶ୍ୟକତାକୁ ଦୃଷ୍ଟିରେ ରଖି ଏହି ଅର୍ଥ ମଞ୍ଜୁର କରାଯାଇଛି ।

### ଯୁବ ବିଜେଡିର ମେଗା ରକ୍ତଦାନ ଶିବିର ଉଦ୍‌ଘାଟିତ

**ଭୁବନେଶ୍ୱର,୯।୬(ବ୍ୟୁରୋ):** ମୁଖ୍ୟମନ୍ତ୍ରୀ ତଥା ବିଜେଡି ରାଜ୍ୟ ସଭାପତି ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶକ୍ରମେ 'ଓଡ଼ିଶା- ମୋ ପରିବାର' ଜୀବନବିନ୍ଦୁ ଆନୁକୂଲ୍ୟରେ ବିଜେଡି ପକ୍ଷରୁ ରାଜ୍ୟ କାର୍ଯ୍ୟାଳୟଠାରେ ବୁଧବାର ସ୍ୱେଚ୍ଛାକୃତ ମେଗା ରକ୍ତଦାନ ଶିବିର ଉଦ୍‌ଘାଟିତ ହୋଇଛି। ବିଜୁ ଯୁବ ଜନତା ଦଳର ରାଜ୍ୟ ସଭାପତି ତଥା ବିଧାୟକ ବ୍ୟୋମକେଶ ରାୟଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି ରକ୍ତଦାନ ଶିବିରରେ ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା, ବିଧାୟକ ଦେବୀ ପ୍ରସାଦ ମିଶ୍ର, ଓଡ଼ିଶା ମୋ ପରିବାରର ଆବାହକ ଅରୂପ ପଟ୍ଟନାୟକ, ବିଧାୟକ ଅତନୁ ସବ୍ୟସାଚୀ ନାୟକ, ପ୍ରତାପ ଦେବ, ସୁଶାନ୍ତ ରାଉତ, ଅନନ୍ତ ନାରାୟଣ ଜେନା ପ୍ରମୁଖ ଯୋଗଦେଇ ରକ୍ତଦାତାଙ୍କୁ ଉତ୍ସାହିତ କରିଥିଲେ। କରୋନା ମହାମାରୀ ସମୟରେ ଭୁବନେଶ୍ୱର ରକ୍ତ ଭଣ୍ଡାରରେ ରକ୍ତର ଅଭାବକୁ ଦୃଷ୍ଟିରେ ରଖି ବିଜୁ ଯୁବ ଜନତା ଦଳ ପକ୍ଷରୁ ୭ ଦିନିଆ ରକ୍ତଦାନ ଶିବିର ଆୟୋଜନ କରାଯାଇଛି ବୋଲି ବ୍ୟୋମକେଶ କହିଥିଲେ। ବିଜେଡି ରାଜ୍ୟ ସାଧାରଣ ସମ୍ପାଦକ (ଯୁବ ବ୍ୟାପାର) ପ୍ରଣବ କୁମାର ବଳବନ୍ତରାୟ ଯୁବ ବିଜେଡିର ଏହି ରକ୍ତଦାନ ଶିବିର ଆୟୋଜନ ପଦକ୍ଷେପ ପାଇଁ ସମସ୍ତ ଯୁବ ବିଜେଡି କର୍ମକର୍ତ୍ତାଙ୍କୁ ଧନ୍ୟବାଦ ଦେଇଥିଲେ। ଏହି ରକ୍ତଦାନ ଶିବିରରେ ୮୬ ୟୁନିଟ୍ ରକ୍ତ ସଂଗ୍ରହ ହୋଇଥିଲା।

# ସଂକ୍ରମଣ ହାର ୮.୭୫%କୁ ଖସିଲା

**ଭୁବନେଶ୍ୱର, ୯।୬(ବ୍ୟୁରୋ)**

- ୧୦% ଉପରେ ୯ ଜିଲା
- ଯାଜପୁରରେ ସର୍ବାଧିକ ୨୩.୫୫%
- ଦିନକରେ ୬,୦୧୯ ଚିହ୍ନଟ, ୪୩ ମୃତ

ରାଜ୍ୟରେ କରୋନା ସଂକ୍ରମଣ ହାର ଲଗାତର ହ୍ରାସ ପାଉଛି। ଗତ ୨୪ ଘଣ୍ଟାରେ ୬୮,୭୭୮ ନମୁନା ପରୀକ୍ଷା ହୋଇଥିବାବେଳେ ୬,୦୧୯ ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ଫଳରେ ସଂକ୍ରମଣ ହାର ୮.୭୫ ପ୍ରତିଶତରେ ପହଞ୍ଚିଛି। କିନ୍ତୁ ଏବେ ବି ରାଜ୍ୟର ୯ ଜିଲାରେ ସଂକ୍ରମଣ ହାର ୧୦ପ୍ରତିଶତ ଉପରେ ରହିଛି। ଯାଜପୁର ଜିଲାରେ ସର୍ବାଧିକ ୨୩.୫୫ ପ୍ରତିଶତ ଥିବାବେଳେ ପୁରୀ ୧୬.୫୧, ଭଦ୍ରକ ୧୩.୪୬, ନୟାଗଡ଼ ୧୩.୩, ଖୋର୍ଦ୍ଧା ୧୨.୨, ମୟୂରଭଞ୍ଜ ୧୧.୭୧, ଜଗତ୍‌ସିଂହପୁର ୧୧.୨୭, ବୌଦ୍ଧ ୧୧.୩ ଓ ଢେଙ୍କାନାଳ ୧୦.୬୯ ପ୍ରତିଶତ ରହିଛି। ବିଶେଷକରି ଯାଜପୁର, ଜଗତ୍‌ସିଂହପୁର, ପୁରୀ, ରାୟଗଡ଼ା, ଭୁବନେଶ୍ୱର ଓ କଟକରେ ଅଧିକ ସଂକ୍ରମିତ ଚିହ୍ନଟ ହେଉଥିବାରୁ ମୁଖ୍ୟମନ୍ତ୍ରୀ ଉକ୍ତ ଜିଲାର ଜିଲାପାଳଙ୍କ ସମେତ ଦ୍ୱୈତନଗରୀର ମହାନଗର ନିଗମ କମିଶନରଙ୍କ ସହ ସ୍ଥିତି ସମ୍ପର୍କରେ ଆଲୋଚନା କରିଛନ୍ତି।

ସ୍ୱାସ୍ଥ୍ୟ ବିଭାଗର ରିପୋର୍ଟ ଅନୁସାରେ, ଆକ୍ରାନ୍ତ ଓ ମୃତ୍ୟୁରେ ଏବେବି ଖୋର୍ଦ୍ଧା ଶୀର୍ଷରେ ରହିଛି। ନୂଆ ଆକ୍ରାନ୍ତଙ୍କ ମଧ୍ୟରେ ଖୋର୍ଦ୍ଧା ଜିଲାରେ ସର୍ବାଧିକ ୭୯୬ଜଣ ରହିଛନ୍ତି। ସେହିପରି କଟକ ୫୩୧, ଯାଜପୁର ୪୦୬, ଅନୁଗୋଳ ୩୩୫, ମୟୂରଭଞ୍ଜ ୩୩୩, ପୁରୀ ୩୨୪, ଢେଙ୍କାନାଳ ୨୯୧, ବାଲେଶ୍ୱର ୨୮୬, ସୁନ୍ଦରଗଡ଼ ୨୮୩, ଭଦ୍ରକ ୨୬୨ ଓ କେନ୍ଦ୍ରାପଡ଼ାରୁ ଅ । ଉ ୨୧୮ଜଣ ଚିହ୍ନଟ ହୋଇଥିବାବେଳେ ବାକିସବୁ ଜିଲାରୁ ଏହାଠାରୁ କମ୍ ପଜିଟିଭ୍ ବାହାରିଛନ୍ତି। ଫଳରେ ରାଜ୍ୟରେ ଏବେ ମୋଟ ଆକ୍ରାନ୍ତ ସଂଖ୍ୟା ୮,୩୧,୧୨୯କୁ ବୃଦ୍ଧି ପାଇଛି। ଅପରପକ୍ଷେ ରାଜ୍ୟରେ ଆଉ ୪୩ଜଣଙ୍କ ଜୀବନ ନେଇଛି କରୋନା। ଖୋର୍ଦ୍ଧାରୁ ସର୍ବାଧିକ ୫ଜଣ ଥିବାବେଳେ ସୁନ୍ଦରଗଡ଼, ଝାରସୁଗୁଡ଼ା, କଟକ ଓ ଅନୁଗୋଳରୁ ୪ଜଣ ଲେଖାଏ ରହିଛନ୍ତି। ସେହିପରି ବରଗଡ଼, ବଲାଙ୍ଗୀର ଓ ବୌଦ୍ଧରୁ ୩ଜଣ ଲେଖାଏ, ପୁରୀ, ମୟୂରଭଞ୍ଜ ଓ ଗଞ୍ଜାମରୁ ୨ଜଣ ଲେଖାଏ, ବାଲେଶ୍ୱର, କେନ୍ଦ୍ରାପଡ଼ା, କୋରାପୁଟ, ନୂଆପଡ଼ା, ରାୟଗଡ଼ା ଓ ସମ୍ବଲପୁରରୁ ଜଣେ ଲେଖାଏ ଆକ୍ରାନ୍ତଙ୍କ ମୃତ୍ୟୁ ଘଟିଛି। ଏମାନଙ୍କୁ ମିଶାଇ କରୋନାଜନିତ ମୃତ୍ୟୁ ସଂଖ୍ୟା ୩,୧୨୩କୁ ବୃଦ୍ଧି ପାଇଛି।



## କୋଭିଡ୍ ପରିଚାଳନା ତ୍ରୁଟିପୂର୍ଣ୍ଣ, ଲୋକଙ୍କ ଆର୍ଥିକ ମେରୁଦଣ୍ଡ ଦୁର୍ବଳ: ନିରଞ୍ଜନ

**ଭୁବନେଶ୍ୱର,୯।୬(ବ୍ୟୁରୋ)**

ଗତ ଦୁଇବର୍ଷ ଧରି ସମଗ୍ର ବିଶ୍ୱ ସମେତ ଭାରତରେ କରୋନା ମହାମାରୀ ଯେପରି ଭାବେ ବ୍ୟାପିଛି ପୃଥିବୀ ଇତିହାସରେ କେବେ ଦେଖାଯାଇ ନ ଥିଲା। କରୋନା ମହାମାରୀରେ ସଂକ୍ରମିତ ହୋଇ ଲକ୍ଷ ଲକ୍ଷ ଲୋକ ମୃତ୍ୟୁମୁଖରେ ପଡୁଛନ୍ତି। ଅର୍ଥନୈତିକ ଦୃଷ୍ଟିରୁ ହୀନସ୍ତା ହେଉଛନ୍ତି। କେନ୍ଦ୍ର ସରକାରଙ୍କ ଦୂରଦୃଷ୍ଟିର ଅଭାବ ଯୋଗୁ ଏପରି ପରିସ୍ଥିତି ଦେଖାଦେଇଛି ବୋଲି ପ୍ରଦେଶ କଂଗ୍ରେସ କମିଟି (ପିସିସି) ସଭାପତି ନିରଞ୍ଜନ ପଟ୍ଟନାୟକ କହିଛନ୍ତି। କରୋନାର କ୍ଷତି ଭରଣା ପାଇଁ ଯଦି କେନ୍ଦ୍ର ସରକାର ଆଗରୁ ନିଃଶୁଳ୍କ ଟିକା ଦିଆଯିବା ନିଷ୍ପତ୍ତି ନେଇଥାନ୍ତେ ଏବଂ ଟିକାର ବ୍ୟବସ୍ଥା କରିଥାନ୍ତେ ତେବେ ଆଜି ଭାରତବର୍ଷରେ ଲକ୍ଷ ଲକ୍ଷ ଲୋକ ମୃତ୍ୟୁମୁଖରେ ପଡ଼ି ନ ଥାନ୍ତେ।

କରୋନା ମହାମାରୀରେ ଆକ୍ରାନ୍ତ ହୋଇ ଲକ୍ଷ ଲକ୍ଷ ଲୋକ ଚାକିରି ହରାଇ ବସିଛନ୍ତି । ଏପରି କି କେତେକ ସ୍ଥାନରେ ପେଟ୍ରୋଲ, ଡିଜେଲ ଲିଟର ପିଛା ୧୦୦ ଟଙ୍କାରୁ ଊର୍ଦ୍ଧ୍ୱ ହେଲାଣି। ଫଳରେ ଅତ୍ୟାବଶ୍ୟକ ସାମଗ୍ରୀର ଦର ବୃଦ୍ଧି ପାଉଛି। ଲୋକମାନେ ହନ୍ତସନ୍ତ ହେଉଛନ୍ତି। ଏହା ବୋଝ ଉପରେ ନଳିତାବିଡ଼ା ସଦୃଶ ହୋଇଛି। ପେଟ୍ରୋଲ, ଡିଜେଲ, ରନ୍ଧନ ଗ୍ୟାସ ଏବଂ ଅତ୍ୟାବଶ୍ୟକ ସାମଗ୍ରୀର ଅହେତୁକ ଦର ବୃଦ୍ଧି ପ୍ରତ୍ୟାହାର ଦାବିରେ ରାଜ୍ୟର ସମସ୍ତ ପେଟ୍ରୋଲ ଟାଙ୍କି ଆଗରେ କଂଗ୍ରେସ ଦଳ ପକ୍ଷରୁ ଆସନ୍ତା ୧୧ ତାରିଖ ସକାଳ ୭ ଟାରୁ ଦିବା ୧୧ଟା ଯାଏ ୪ ଘଣ୍ଟିଆ ଧାରଣା ସହ ବିକ୍ଷୋଭ କରାଯିବ ବୋଲି ପିସିସି ସଭାପତି କହିଛନ୍ତି।

# ଅକ୍ସିଜେନ ବୋଝେଇ ଟ୍ରେନ୍‌ରୁ ଅକ୍ସିଜେନ ଲିକ୍




**କେସିଙ୍ଗା, ୯।୬(ଡି.ଏନ.ଏ.)**

ସମ୍ବଲପୁର ରେଲୱେ ଡିଭିଜନ ଅଧୀନ କେସିଙ୍ଗା ଷ୍ଟେଶନରେ ରାଉରକେଲାରୁ ରାୟଗଡ଼ା ଅଭିମୁଖେ ଯାଉଥିବା ଅକ୍ସିଜେନ ବୋଝେଇ ଟ୍ରେନ୍‌ରୁ ମଙ୍ଗଳବାର ବିଳମ୍ବିତ ରାତିରେ ଲିକ୍ ହୋଇଥିଲା। କେସିଙ୍ଗା ଷ୍ଟେଶନ ମାଷ୍ଟର ଏହା ଜାଣିବା ପରେ ସ୍ଥାନୀୟ ଅଗ୍ନିଶମ ବିଭାଗକୁ ଜଣାଇଥିଲେ। ଖବର ପାଇ ଅଗ୍ନିଶମ ବିଭାଗ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚିଥିଲେ। ରାତିରୁ ବୁଧବାର ଅପରାହ୍ଣ ପର୍ଯ୍ୟନ୍ତ ଲିକେଜ ଅକ୍ସିଜେନରେ ସେମାନେ ପାଣି ସିଞ୍ଚନ କରିଥିଲେ। ଟ୍ରେନ୍‌ରେ ୨୦ଟି ଅକ୍ସିଜେନ ଟ୍ୟାଙ୍କର ଥିଲା। ଶେଷ ଟ୍ୟାଙ୍କରରେ ୧୧ ଘଣ୍ଟା ଧରି ଲିକେଜ ହୋଇଥିଲା। ତାହା ବନ୍ଦ ନ ହେବାରୁ ବୁଧବାର ଏକ୍ସପର୍ଟ ଟିମ୍ ରାଉରକେଲାରୁ ଆସି ଲିକେଜ ହେଉଥିବା ସ୍ଥାନ ବନ୍ଦ କରିଥିଲେ। ପରେ ଟ୍ରେନ୍ ରାୟଗଡ଼ା ଅଭିମୁଖେ ଯାତ୍ରା କରିଥିଲା।

## ପ୍ରେମୀଯୁଗଳଙ୍କ ଝୁଲନ୍ତା ମୃତଦେହ ଜବତ

**କୋକସରା, ୯।୬ (ଡି.ଏନ.ଏ.)**

କଳାହାଣ୍ଡି ଜିଲା କୋକସରା ବ୍ଲକ ଆମପାଣି ଥାନା ମହିମା ପଞ୍ଚାୟତ ତେନ୍ତୁଳିପଡ଼ାର ଚାଷ ଜମି ନିକଟ ଏକ ବରଗଛରୁ ପ୍ରେମୀ ଯୁଗଳଙ୍କ ଝୁଲନ୍ତା ମୃତଦେହ ବୁଧବାର ପୋଲିସ ଜବତ କରିଛି। ଉଭୟ ଯୁବକ ଓ ଯୁବତୀ ହେଉଛନ୍ତି ନିକଟ ଗୌନ୍ତିଆପଡ଼ାର ଅମିତ ଭୁଏଡ (୨୨) ଓ ସେହି ପଡ଼ାର କୁନ୍ତଳା ମୁଲକିଆ (୨୧)। ପାରିପାର୍ଶ୍ୱିକ ଅବସ୍ଥା ଅନୁଧ୍ୟାନ ପରେ ସାଇଣ୍ଟିଫିକ୍ ଟିମ୍ ସାହାଯ୍ୟରେ ପୋଲିସ ତଦନ୍ତ ଜାରି ରହିଛି। ମଙ୍ଗଳବାର ରାତି ୧୦ଟାରେ କୁନ୍ତଳା ଘରୁ ବାହାରି ଆଉ ଫେରି ନ ଥିଲେ। ବୁଧବାର ଝିଅ ନିଖୋଜ ଥିବା ନେଇ ତାଙ୍କ ବାପା ଆମପାଣି ଥାନାରେ ଅଭିଯୋଗ କରିଥିଲେ। ସକାଳୁ ମୃତଦେହ ଜବତ ପରେ ତାହା ନିଖୋଜ ଝିଅର ବୋଲି ଜଣାପଡିଥିଲା। ସେହିପରି ଯୁବକ ମଧ ରାତିରୁ ବାହାରି ଘରକୁ ଫେରି ନ ଥିଲେ। ସକାଳୁ ସ୍ଥାନୀୟ କେତେକ ଲୋକ ଉକ୍ତ ଯୁବକ ଓ ଯୁବତୀ ବେକରେ ଓଢ଼ଣି ଲଗାଇ ଆତ୍ମହତ୍ୟା କରି ଗଛରେ ଝୁଲନ୍ତା ଅବସ୍ଥାରେ ଥିବା ଦେଖିଥିଲେ। ଖବର ପ୍ରଚାରିତ ହେବା ପରେ ସ୍ଥାନୀୟ ଲୋକେ ଆମପାଣି ପୋଲିସକୁ ଖବର ଦେଇଥିଲେ। ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି। କେଉଁ କାରଣରୁ ଦୁହେଁ ଏପରିକାଣ୍ଡ ଭିଆଇଛନ୍ତି ତାହା ଜଣାପଡ଼ି ନାହିଁ। ପ୍ରେମଜନିତ ସମ୍ପର୍କ ରହିଥିବା ନେଇ ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚା ହେଉଛି। ଶବ ବ୍ୟବଚ୍ଛେଦ ପାଇଁ କୋକସରା ହସ୍ପିଟାଲକୁ ପଠାଯାଇଛି, ରିପୋର୍ଟ ଆସିବା ପରେ ଘଟଣା ସ୍ପଷ୍ଟ ହେବ ବୋଲି ଆମପାଣି ଥାନା ଅଧିକାରୀ କହିଛନ୍ତି। ଏ ନେଇ ଆମପାଣି ଥାନାରେ ୨ଟି ପୃଥକ ମାମଲା (ନଂ. ୧/୨୧ ଏବଂ ୨/୨୧) ରୁଜୁ ହୋଇଥିବା ଏଏସଆଇ ରାମଶଙ୍କର ବାଗ ସୂଚନା ଦେଇଛନ୍ତି।

## ୩୦ ନିଖୋଜ ନାବାଳିକାଙ୍କୁ ଠାବ କରାଯାଇଛି: ଡିସିପି

**ଭୁବନେଶ୍ୱର,୯।୬(ବ୍ୟୁରୋ):** ନିଖୋଜ ନାବାଳିକାଙ୍କୁ ଉଦ୍ଧାର କରିବା ପାଇଁ କମିଶନରେଟ ପୋଲିସର ସ୍ୱତନ୍ତ୍ର ସେଲ୍ ଗତ ୨୦ ଦିନ ମଧ୍ୟରେ ୩୦ଜଣଙ୍କୁ ଠାବ କରିଛି। ଭୁବନେଶ୍ୱର ସହରାଞ୍ଚଳ ପୋଲିସରେ ପ୍ରାୟ ୮୦୦ ନାବାଳିକା ନିଖୋଜ ଥିବା ଅଭିଯୋଗ ହୋଇଛି। ଅଭିଯୋଗ ଆଧାରରେ ପୋଲିସ ତଦନ୍ତ କରି ସମ୍ପୃକ୍ତ ନାବାଳିକାଙ୍କୁ ଉଦ୍ଧାର କରିବା ପାଇଁ ଚେଷ୍ଟା ଚଳାଇଛି ବୋଲି ଡିସିପି ଉମାଶଙ୍କର ଦାସ କହିଛନ୍ତି।

**PARADIP PORT TRUST**
**e-TENDER CALL NOTICE**
Name of the work: **"Allotment of 07 (Seven) nos. of Manual Iron Ore/Iron Ore Pellet plots".** License Fees : **Rs. 2,35,62,594/-.** Wharfage Fees: **Rs. 6,17,041/-.** Last date & time of submission of bid : **23.06.2021 up to 13:30 hrs.** Date and time of opening (technical bid) : **23.06.2021 up to 17:00 hrs.** Refer our website for details **https://eprocure.gov.in/eprocure/app.**
**Dy. Traffic Manager**
**PPT/PR/39/2021-22, Dt.09.06.2021**

# ଏକ୍‌ମୋ ଚିକିତ୍ସା ପାଇଁ ଅଭିଷେକଙ୍କୁ କୋଲକାତା ସ୍ଥାନାନ୍ତର

**ଭୁବନେଶ୍ୱର,୯।୬(ବ୍ୟୁରୋ)**

**ସପ୍ତାହକ ମଧ୍ୟରେ ୩ଜଣଙ୍କୁ ଏୟାରଲିଫ୍ଟିଂ**

ଓଡ଼ିଶାରେ କୌଣସି ସରକାରୀ ହସ୍ପିଟାଲରେ ଜୀବନ ରକ୍ଷାକାରୀ ଏକ୍‌ମୋ (ଏକ୍ସଟ୍ରା କର୍ପୋରିଲ ମେମ୍ବ୍ରେନ ଅକ୍ସିଜେନେଶନ) ମେଶିନ ନାହିଁ। ଫଳରେ କରୋନାରେ ଗୁରୁତର ହେଉଥିବା ରୋଗୀଙ୍କୁ ଏହି ଚିକିତ୍ସା ପାଇଁ ରାଜ୍ୟ ବାହାରକୁ ସ୍ଥାନାନ୍ତର କରିବାକୁ ପଡୁଛି। ସପ୍ତାହକ ମଧ୍ୟରେ ୩ଜଣଙ୍କୁ ଏୟାରଲିଫ୍ଟିଂ କରାଗଲାଣି। ପ୍ରଥମେ ଗଞ୍ଜାମର ଅମ୍ରିତ ପ୍ରଧାନଙ୍କୁ ଚେନ୍ନାଇକୁ ଓ ମଙ୍ଗଳବାର ଭିଜିଲାନ୍ସ ନିର୍ଦ୍ଦେଶକ ଦେବାଶିଷ ପାଣିଗ୍ରାହୀଙ୍କୁ ଏୟାର ଲିଫ୍ଟିଂ କରାଯାଇଥିଲା। ବୁଧବାର ଭଦ୍ରକର ଅଭିଷେକ ମହାପାତ୍ରଙ୍କୁ କୋଲକାତାକୁ ଏୟାର ଆମ୍ବୁଲାନ୍ସରେ ନିଆଯାଇଛି।

ଅଭିଷେକଙ୍କ ଘର ଭଦ୍ରକ ଜିଲା ବାସୁଦେବପୁରରେ। ସେ ଜଣେ ଇଞ୍ଜିନିୟର ହୋଇଥିବାବେଳେ ଗତ ମେ ୫ରେ ତାଙ୍କର ବିବାହ ହୋଇଥିଲା। ଏହାର ୮ଦିନ ପରେ ଜ୍ୱରରେ ପୀଡିତ ହୋଇଥିଲେ। ପରେ କରୋନାରେ ଆକ୍ରାନ୍ତ ହୋଇ ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲରେ ଚିକିତ୍ସିତ ହେଉଥିଲେ। ଗୁରୁତର ହୋଇ ପଡ଼ିଥିବାରୁ ତାଙ୍କ ଚିକିତ୍ସା ପାଇଁ ଏକ୍‌ମୋ ମେଶିନର ଆବଶ୍ୟକତା ପଡିଥିଲା। ତେଣୁ ଡାକ୍ତର କୋଲକାତା ନେଇଯିବାକୁ ପରାମର୍ଶ ଦେଇଥିଲେ। ତେବେ ଏଥିପାଇଁ ଅର୍ଥ ବାଧକ ସାଜିଥିଲା। ଏୟାର ଲିଫ୍ଟିଂ ପାଇଁ ୩୦ ଲକ୍ଷ ଓ ଚିକିତ୍ସା ବାବଦକୁ ୧ କୋଟିରୁ ଊର୍ଦ୍ଧ୍ୱ ଖର୍ଚ୍ଚ ହେବ। ତେଣୁ ଅଭିଷେକଙ୍କ ମା' ସସ୍ମିତା ଓ ସ୍ତ୍ରୀ ମୌସୁମୀ ମହାନ୍ତି ୨ଦିନତଳେ ଗଣମାଧ୍ୟମ ଜରିଆରେ ଓଡ଼ିଶାବାସୀଙ୍କ ସହଯୋଗ ମାଗିଥିଲେ। ରାଜ୍ୟର ପ୍ରତ୍ୟେକ ବ୍ୟକ୍ତି ଗୋଟିଏ ଟଙ୍କା ଦେଲେ କୋଟିଏ ଟଙ୍କା ମିଳିପାରିବ ଓ ଅଭିଷେକ ସୁସ୍ଥ ହୋଇ ଘରକୁ ଫେରିବେ ବୋଲି ପରିବାର ସଦସ୍ୟ ନିବେଦନ କରିଥିଲେ। ବୁଧବାର ସୁଦ୍ଧା ୬୩ ଲକ୍ଷ ଟଙ୍କା ଯୋଗାଡ ହେବାପରେ ଅପରାହ୍ଣରେ ଲାଇଫ୍ ସପୋର୍ଟ ଆମ୍ବୁଲାନ୍ସରେ ଅଭିଷେକଙ୍କୁ ବିଜୁ ପଟ୍ଟନାୟକ ଅନ୍ତର୍ଜାତିକ ବିମାନବନ୍ଦର ନିଆଯାଇଥିଲା। ସେଠାରୁ ଏୟାର ଆମ୍ବୁଲାନ୍ସ ଯୋଗେ କୋଲକାତାକୁ ସ୍ଥାନାନ୍ତର କରାଯାଇଛି। ତେବେ ହସ୍ପିଟାଲରୁ ବିମାନ ବନ୍ଦର ପର୍ଯ୍ୟନ୍ତ କମିଶନରେଟ ପୋଲିସ ଗ୍ରୀନ୍ କରିଡର ଓ ସ୍ୱତନ୍ତ୍ର ପାଇଲଟିଂର ବ୍ୟବସ୍ଥା କରିଥିଲା।

## ଗଛରେ ପିଟିହେଲା କାର୍, ଦମ୍ପତି ମୃତ

**ଖଜୁରିପଡ଼ା/ବଲସକୁମ୍ପା/ବୌଦ୍ଧ, ୯।୬(ଡି.ଏନ.ଏ./ସ୍ୱ.ପ୍ର.)**

କନ୍ଧମାଳ ଜିଲା ଫୁଲବାଣୀ-ବୌଦ୍ଧକୁ ସଂଯୋଗ ଜାତୀୟ ରାଜପଥର ଚାରିଛକ ନିକଟ ଘୋଡ଼ାଡିଆଁ ବାଙ୍କ ରାସ୍ତାରେ ବୁଧବାର ଏକ କାର୍ ଗଛରେ ପିଟି ହେବାରୁ ଦମ୍ପତିଙ୍କ ମୃତ୍ୟୁ ଘଟିଛି। କାର୍ ଚାଳକଙ୍କ ସମେତ ଅନ୍ୟ ୨ ଜଣ ଗୁରୁତର ହୋଇଛନ୍ତି। ମୃତକ ହେଲେ ଗଞ୍ଜାମ ଜିଲା ବେଲଗୁଣ୍ଠା ଅଞ୍ଚଳର ସୁରେନ୍ଦ୍ର ନାଏକ ଓ ତାଙ୍କ ସ୍ତ୍ରୀ ନମିତା। ସୁରେନ୍ଦ୍ରଙ୍କ ବାପା ରାଉରକେଲାରେ ରୁହନ୍ତି। ବାପାଙ୍କ ଦେହ ଅସୁସ୍ଥ ଥିବାରୁ ସୁରେନ୍ଦ୍ର, ତାଙ୍କ ସ୍ତ୍ରୀ ଓ ପରିବାରର ଆଉ ୨ ଜଣ କାର୍ (ଓଡ଼ି୧୬-୦୯୧୦)ରେ ରାଉରକେଲା ଯାଉଥିଲେ। ବୁଧବାର ସକାଳ ପ୍ରାୟ ୫ଟାରେ ଘୋଡ଼ାଡିଆଁ ବାଙ୍କ ରାସ୍ତାରେ କାର୍‌ଟି ଭାରସାମ୍ୟ ହରାଇ ରାସ୍ତାପାର୍ଶ୍ୱରେ ଥିବା ଏକ ଗଛକୁ ଧକ୍କା ଦେଇଥିଲା। ଫଳରେ ଘଟଣାସ୍ଥଳରେ ଦମ୍ପତିଙ୍କ ମୃତ୍ୟୁ ଘଟିଥିଲା। ଜିରୁଲୀ ଗ୍ରାମର ଭଗବାନ କାମ୍ପ, ତାଙ୍କ ସ୍ତ୍ରୀ ରୀନା ଓ ବସନ୍ତ କୁମାର ଲେଙ୍କା ଗୁରୁତର ହୋଇଥିଲେ। ଆହତମାନଙ୍କୁ ବୌଦ୍ଧ ଡାକ୍ତରଖାନା ପରେ ବୁର୍ଲା ସ୍ଥାନାନ୍ତର କରାଯାଇଛି। ପୁରୁଣାକଟକ ଥାନାଧିକାରୀ ଓ ଅନ୍ୟ କର୍ମଚାରୀ ପହଞ୍ଚି ଦୁର୍ଘଟଣାଗ୍ରସ୍ତ କାର୍ ଜବତ କରିବା ସହ ମୃତଦେହ ବ୍ୟବଚ୍ଛେଦ ପାଇଁ ପଠାଇ ତଦନ୍ତ ଚଳାଇଛନ୍ତି। ପୁରୁଣାକଟକ ଥାନାରେ ନଂ. ୫୭/୨୧ରେ ଏକ ମାମଲା ରୁଜୁ ହୋଇଛି।

# ଇସ୍ରୋରେ ଯୋଗଦେବେ ନୀଳଗିରିର ଅଭିଷେକ



ଅଭିଷେକଙ୍କୁ ସମ୍ବର୍ଦ୍ଧିତ କରୁଛନ୍ତି କେନ୍ଦ୍ରମନ୍ତ୍ରୀ ପ୍ରତାପ ଷଡଙ୍ଗୀ।

**ସଜନାଗଡ଼, ୯।୬(ଡି.ଏନ.ଏ.)**

**ସମ୍ବର୍ଦ୍ଧିତ କଲେ କେନ୍ଦ୍ରମନ୍ତ୍ରୀ**

ଭାରତୀୟ ମହାକାଶ ଗବେଷଣା ସଂସ୍ଥାନ(ଇସ୍ରୋ)ର ବୈଜ୍ଞାନିକ ଭାବେ ଯୋଗଦେବେ ବାଲେଶ୍ୱର ଜିଲା ନୀଳଗିରି ଅଞ୍ଚଳର ଅଭିଷେକ ପରିଡ଼ା। ମାର୍ଚ୍ଚରେ ଅନୁଷ୍ଠିତ ଏ ସମ୍ପର୍କିତ ପରୀକ୍ଷାରେ ସେ ସର୍ବଭାରତୀୟ ସ୍ତରରେ ୪ର୍ଥ ସ୍ଥାନ ଅଧିକାର କରି ନୀଳଗିରି ତଥା ବାଲେଶ୍ୱର ଜିଲା ପାଇଁ ଗୌରବ ଆଣି ଦେଇଛନ୍ତି। ଏହି ସଫଳତା ପାଇଁ ବୁଧବାର କେନ୍ଦ୍ରମନ୍ତ୍ରୀ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ଗୋପୀନାଥପୁରସ୍ଥିତ ତାଙ୍କ ବାସଭବନକୁ ଡକାଇ ଅଭିଷେକଙ୍କୁ ସମ୍ବର୍ଦ୍ଧିତ କରିବା ସହ ତାଙ୍କର ଉତ୍ତରୋତ୍ତର ଉନ୍ନତି କାମନା କରିଛନ୍ତି ।

ନୀଳଗିରିରେ ଜନ୍ମିତ ଅଭିଷେକ କୁପାରୀ କଲେଜ ଅଧ୍ୟକ୍ଷ ଡ. ଗଜେନ୍ଦ୍ର ପ୍ରସାଦ ପରିଡ଼ା ଓ ଶିକ୍ଷୟିତ୍ରୀ ମା' ମିନାକ୍ଷୀ ନଳିନୀ ରାଉତଙ୍କ ବଡ଼ ପୁଅ। ସେ ଗାଁ ସ୍କୁଲରେ ୧ମରୁ ୮ମ ଯାଏ ପଢ଼ିବା ପରେ ୯ମ ଓ ୧୦ମ ବାଲେଶ୍ୱରରେ ପଢ଼ିଥିଲେ। ବାଲେଶ୍ୱର ଏଫ୍‌ଏମ୍ କଲେଜରେ ଯୁକ୍ତ ୨ ଶିକ୍ଷା ଶେଷ କରି ବ୍ରହ୍ମପୁରସ୍ଥିତ ପାରଳା ମହାରାଜା ସରକାରୀ କଲେଜରୁ ସଫଳତାର ସହ ବି.ଟେକ୍ ଡିଗ୍ରୀ ହାସଲ କରିଥିଲେ। ଏହାପରେ ଭୁବନେଶ୍ୱର ଆଇଆଇଟି (ଇଣ୍ଡିଆନ୍ ଇନ୍‌ଷ୍ଟିଚ୍ୟୁଟ ଅଫ୍ ଟେକ୍ନୋଲୋଜି)ରୁ ଏମ୍.ଟେକ୍‌ରେ ଟପ୍ପର ହେବାର ସୌଭାଗ୍ୟ ଅର୍ଜନ କରିଥିଲେ। ଚେନ୍ନାଇସ୍ଥିତ ଏକ ବହୁରାଷ୍ଟ୍ରୀୟ କମ୍ପାନୀରେ ଇଞ୍ଜିନିୟର ଭାବେ ନିଯୁକ୍ତି ପାଇଥିଲେ। ତେବେ ମହାକାଶବିଜ୍ଞାନୀ ହେବାକୁ ତାଙ୍କ ମନରେ ସ୍ୱପ୍ନ ଉଙ୍କି ମାରିଥିଲା। ସ୍ୱପ୍ନକୁ ସାକାର କରିବା ଲାଗି ସେ ଚଳାଇଥିଲେ ଉଦ୍ୟମ। ତାହା ଏବେ ବାସ୍ତବ ରୂପ ନେଇଛି। ସଫଳତାର ଶ୍ରେୟ ମାତାପିତା, ଶିକ୍ଷୟିତ୍ରୀଶିକ୍ଷକଙ୍କୁ ଦେଇଛନ୍ତି ୨୬ବର୍ଷୀୟ ଅଭିଷେକ।

**OFFICE OF THE ASKA COOP. SUGAR INDUSTRIES LTD., NUAGAM (ASKA)**
P.O.- NUAGAM (ASKA)-761111, GANJAM DISTRICT, ODISHA
Phones: 06822-273464, email: askasugar@yahoo.co.in, Website: askasugar.com
**Extended Tender Call Notice**
Letter No. Mktg./380 Date: 09.06.2021
The Aska Cooperative Sugar Industries Ltd., Aska intends to sell of filter cake/press mud. Please visit our website: www.askasugar.com for detailed Extended Tender Call Notice. The last date for submission of Quotation is 5.00 P.M. of 22.06.2021 and the same will be opened on 11.30 A.M. of 23.06.2021.
Sd./- Managing Director

अखिल भारतीय आयुर्विज्ञान संस्थान (एम्स), भुवनेश्वर
**ALL INDIA INSTITUTE OF MEDICAL SCIENCES (AIIMS), BHUBANESWAR**
Sijua, Post : Dumuduma, Bhubaneswar - 751019
File Ref:AIIMS/BBSR/ENGG/ACR-2021/PET-CT/60/34 Dated: 09th June 2021
**NOTICE INVITING E-TENDER**
The All India Institute of Medical Sciences (AIIMS), Bhubaneswar invites e-Tender for **"SUPPLY, INSTALLATION, TESTING AND COMMISSIONING OF AIR - CONDITIONING SYSTEM FOR PET - CT ROOM AT AIIMS HOSPITAL, BBSR".** Detailed description, terms & conditions and document for processing e-Tender along with last date of submission can be viewed and downloaded from e-Tender portal of AIIMS, Bhubaneswar website **www.aiimsbhubaneswar.nic.in.**
Sd/-
Executive Engineer (AC&R)
AIIMS, Bhubaneswar

**OFFICE OF THE STATE CONSUMER DISPUTES REDRESSAL COMMISSION, ODISHA, CUTTACK**
At- Sector-1, C.D.A., Near Sati Choura Chhak, Bidanasi, Cuttack-753014
Notice No. 1516 of 2021 Date 9.6.21
**Empanelment of Mediator in State Consumer Disputes Redressal Commission, Odisha, Cuttack**
No.H-06:- Applications are invited from persons who are desirous to be empanelled as 'Mediator' for his Commission. Last date of submission of application is 30.06.2021 by 4 P.M. Please visit the website- www.scdrc.odisha.gov.in for details.
Sd./- Secretary
State C.D.R. Commission, Cuttack
OIPR-07004/11/0001/2122

**OFFICE OF THE COLLECTOR & DISTRICT MAGISTRATE, KEONJHAR**
**(CULTURE SECTION)**
**No. 186/Culture/Date 09.06.2021**
**TENDER CALL NOTICE**
No. RR-03:- Sealed quotations are hereby invited for supply of **Ahuja Mike Set with Accessories/ Vyasasana**. The intending suppliers are requested to submit their sealed quotation on or before **07.07.2021** by **12.00 Noon** in the District Culture Office, Collectorate, Keonjhar. The sealed quotations will be opened on **07.07.2021** at **03.30 PM** in presence of the bidders or their authorized representatives in the Office Chamber of the Additional District Magistrate, Keonjhar.
The detailed Terms & conditions of the tender will be available either in the District Culture Office, Collectorate, Keonjhar during office hours on all working days w.e.f. the date of publication of this advertisement or in the website of Keonjhar District Portal (**www.kendujhar.nic.in**).
**Sd./- Collector & District Magistrate, Keonjhar**
OIPR-03024/11/0002/2122

**INVITATION FOR BIDS (IFB)**
**NATIONAL COMPETITIVE BIDDING THROUGH E-PROCUREMENT**
**IDENTIFICATION NO: RWS&S DIVN., PURI – 08 OF 2021-22**
**Ph.-(06752) 251276 Fax - (06752) 251276 E-mail – eerwss_puri@nic.in**
No.O-310:- The Executive Engineer, RWS&S Division, Puri on behalf of Governor of Odisha invites Percentage rate price bids through e-procurement in double cover system according to the norms of e-procurement system, in on-line mode from eligible contractors.

| Sl No. | Nature of work | : | Execution of Electrical Installation of 25 KVA 11/0.40 KV S/S along with HT line for Power supply to the proposed 6.0 HP/5.0 KW (including light load) PWW load of RWSS point at Silari under electrical section Astaranga of Astaranga Block |
|---|---|---|---|
| 1 | No. of works | : | 01 (One) |
| 2 | Estimated cost | : | Rs 10.66 Lakh (App.) |
| 3 | Time for completion | : | 02 (Two ) Months |
| 4 | Cost of bidding document | : | Rs.6000/- |
| 5 | Class of contractors eligible | : | HT Licenses Holder |
| 6 | Availability of bids online | : | From 11.00 hour of 11.06.2021 to 17.00 hours of 21.06.2021 |
| 7 | Last date and time for seeking clarification | : | 17.00 hours of 16.06.2021 |
| 8 | Date & time of opening of technical bids | : | On dt 22.06.2021 at 11.30 hours in the Office of the Executive Engineer, RWS&S Division, Puri (All documents should be submitted in online only. No original documents should be dropped in dropping box before opening of technical bid in Division Office). |
| 9 | Date and time of opening of financial bids | : | To be decided. |

Further details can be seen from the website https://www.tendersorissa.gov.in.Subsequent corrigendum if any shall appear in the website.
**Sd./- Executive Engineer, RWS&S Division, Puri**
OIPR-25017/11/0007/2122

**ZILLA SWASTHYA SAMITI, MAYURBHANJ**
**OFFICE OF THE CHIEF DISTRICT MEDICAL & PUBLIC HEALTH OFFICER, MAYURBHANJ**
**TENDER CALL NOTICE**
No.E-149:- Sealed proposals as per the prescribed RFP document are invited from interested eligible bidders for the "Outsourcing of Manpower Service" at Govt. health institutions of Mayurbhanj. The eligibility criteria, the detail requirement of the said service and the formats for submission of proposal is set forth in the RFP which can be downloaded from the website www.mayurbhanj.nic.in (Under link "Tender"). Interested bidders fulfilling the eligibility criteria may submit their proposal in sealed envelope at office of the undersigned by 24.06.2021 till 12.00 P.M. along with all relevant documents through Speed Post/ Regd. Post/ Courier only. The tender will be opened at 12.00 P.M. on the same day in presence of bidders or their authorized representatives. The undersigned reserves the right to reject any or all the tenders without assigning any reason thereof.
**Sd./- CDM&PHO, MAYURBHANJ**
OIPR-10020/11/0005/2122

"ନିଜର କୌଣସି ବ୍ୟକ୍ତିଗତ ଅଭିରୁଚି ନ ରଖି- ତୁମର ସମସ୍ତ ବ୍ୟକ୍ତିଗତ ଆକର୍ଷଣ ଓ ଭଲ ଲାଗିବାରୁ ମୁକ୍ତ ହୋଇ, କେବଳ ମାତ୍ର ସତ୍ୟ ଉପରେ ନିର୍ଭର କରି ତୁମେ ଯାହାକିଛି କରିପାର – କାରଣ ସତ୍ୟ ହିଁ ପଥପ୍ରଦର୍ଶକ। –ଶ୍ରୀମା



# ଶାକାହାର ବନାମ ମାଂସାହାର

ମାନେକା ଗାନ୍ଧୀ

ବ୍ରିଟେନ୍‌ର ବୃହତ୍ତମ ବେକରି ଗ୍ରେଗ୍‌ସ ବଜାରକୁ ଏକ ଭିଗନ୍(ଶୁଦ୍ଧ ଶାକାହାର) ସସେଜ୍ ରୋଲ୍ ଆଣିବାବେଳେ ତାହାକୁ ଜଣେ ବରିଷ୍ଠ ରିପୋର୍ଟର ତୀବ୍ର ବିରୋଧ କରିଥିଲେ। ଭିଗନ୍ ରୋଲ୍ ଆଣିବାର ବେକରିର ଏଭଳି ଚିନ୍ତାଧାରାକୁ ସେ 'ଘୃଣାଉତ୍ପନ୍ନକାରୀ' ବୋଲି ଅଭିହିତ କରିଥିଲେ। ଭାରତରେ ଆମର ଏଭଳି ସମସ୍ୟା କେବେ ବି ଦେଖାଯାଏନି । କାରଣ ସମାଜ, ଗଣମାଧ୍ୟମ, ସରକାର, ଖେଳ ଏବଂ ଚଳଚ୍ଚିତ୍ରର ଶୀର୍ଷରେ ଥିବା ପ୍ରାୟ ସମସ୍ତେ ଶାକାହାରୀ। କିନ୍ତୁ ସାରା ବିଶ୍ୱରେ ହଜାର ହଜାର ଶୁଦ୍ଧ ଶାକାହାରୀ କିମ୍ବା ଶାକାହାରୀ ତୁମକୁ ପରିବର୍ତ୍ତନ ବିରୋଧୀ ବା ରୁଢ଼ିବାଦୀ ବ୍ୟକ୍ତିଙ୍କ ପ୍ରତିକ୍ରିୟା ସମ୍ପର୍କିତ ଭୟଙ୍କର କାହାଣୀ କହିବେ। ଶାକାହାରୀମାନଙ୍କ ମଧ୍ୟରୁ ଅଧାରୁ ଅଧିକ ଭେଦଭାବର ଶିକାର ହେଉଥିବାର ଅନୁଭବ କରୁଥିବା ଏକ ଅନୁଧ୍ୟାନରୁ ଜଣାପଡ଼ିଥିଲା। ୧୦% ଶାକାହାରୀ କହିଥିଲେ ଯେ, ସେମାନେ ମାଂସ ଖାଉ ନ ଥିବାରୁ ସେମାନଙ୍କ ପରିବାରରେ ତୀବ୍ର ପ୍ରତିରୋଧର ସମ୍ମୁଖୀନ ହେବାକୁ ପଡ଼ିଥିଲା। ପାଖାପାଖି ସମାନ ପ୍ରତିଶତ ପ୍ରକାଶ କରିଥିଲେ , ଖାଦ୍ୟ ଯୋଗୁ ସେମାନେ ଚାକିରି ପାଇବାକୁ ସକ୍ଷମ ହୋଇ ପାରି ନ ଥିଲେ। ଶୁଦ୍ଧ ଶାକାହାରବାଦ ବଢ଼ିବା ଯୋଗୁ ମାଂସାହାରୀମାନେ ଏତେ ଭୟଭୀତ ହୋଇପଡୁଛନ୍ତି କାହିଁକି? ମୁଁ ଭାବୁଛି, ସମାଜରେ ପ୍ରତ୍ୟେକ ଜୀବଙ୍କ ପ୍ରତି ରହିଥିବା ଏମାନଙ୍କର ଦୟାଳୁ ଦୃଷ୍ଟିକୋଣ, ଉତ୍ତମ ପରିବେଶ ଓ ସ୍ୱାସ୍ଥ୍ୟ ଲାଗି ସେମାନଙ୍କ ଅଭିଯାନ ସମସ୍ତଙ୍କୁ ଭଲ ଲାଗୁଥିବାରୁ ମାଂସାହାରୀମାନେ ଭୟଭୀତ ହେଉଛନ୍ତି। କିନ୍ତୁ ସ୍ପଷ୍ଟତଃ ତାହା ଘଟୁନାହିଁ। ଯେଉଁମାନେ ପ୍ରତିଦିନ ମାଂସ ଖାଉଛନ୍ତି,ସେମାନେ ଶାକାହାରୀମାନଙ୍କର ମନୋଭାବକୁ ବାସ୍ତବରେ ଗ୍ରହଣ କରିବାକୁ ଅନିଚ୍ଛୁକ। ଏବେ ସମାଜରେ ବାସ୍ତବରେ ଏଭଳି ପରିବର୍ତ୍ତନ ଆସିଛି। ୨୦୧୯ରେ ଏକ ଭିଗନ୍ ମାର୍କେଟରେ ଆନ୍ଦୋଳନକାରୀମାନେ ହଠାତ ଶୁଦ୍ଧଶାକାହାରବାଦକୁ ବିରୋଧ କରିବା ସହ ସେମାନେ ମୃତ ଗୁଣ୍ଡୁଚି ମୂଷାର କଞ୍ଚା ମାଂସ ଖାଇବା ଆରମ୍ଭ କରିଥିଲେ। ଯେଉଁମାନେ ମାଂସ ଖାଉ ନ ଥିଲେ ,ସେମାନଙ୍କୁ ଅପମାନିତ କରିବା ଲାଗି ଆନ୍ଦୋଳନକାରୀମାନେ ଏଭଳି କରିଥିଲେ। ମାଂସ ଖାଇବା କି ନ ଖାଇବା ଏହାକୁ ନେଇ ଏବେ ଏକ ବିତର୍କ ମୁଣ୍ଡ ଟେକିଛି। ରୁଢ଼ିବାଦୀ ମାଂସାହାରୀ ଏବଂ ଏକ ନୂଆ ବିଶ୍ୱଶାନ୍ତି, ସମସ୍ତଙ୍କ ପାଇଁ ସ୍ୱାସ୍ଥ୍ୟ ଉପରେ ସାହସିକ କାର୍ଯ୍ୟ କରୁଥିବା ଶାକାହାରୀମାନଙ୍କ ମଧ୍ୟରେ ଏହି ବିତର୍କ ଏକ ରଣକ୍ଷେତ୍ର ପାଲଟିଛି। ଆଶ୍ରୟସ୍ଥଳୀରୁ ଘୁଷୁରି ଚୋରି କରିବାଠାରୁ ଆରମ୍ଭ କରି ଭିଗନ୍‌ମାନଙ୍କ ଘରକୁ ହରିଣ ଗୋଡ଼ ଫିଙ୍ଗିବାଯାଏ କାର୍ଯ୍ୟରେ ମାଂସାହାରୀମାନେ ଲିପ୍ତ ରହୁଛନ୍ତି। ଶୁଦ୍ଧ ଶାକାହାରକୁ ଭୟ କରୁଥିବା ବ୍ୟକ୍ତିମାନେ ଶୁଦ୍ଧ ଶାକାହାରୀମାନଙ୍କୁ ତସ୍କର, କପଟୀ, ମାନସିକ ବିକୃତ ବୋଲି କହନ୍ତି। ଯଦି ଜଣେ ଶୁଦ୍ଧ ଶାକାହାରୀ କିଛି କହନ୍ତି ତାଙ୍କୁ ବିଶ୍ୱାସକୁ ନିଅନ୍ତି ନାହିଁ। କିଛି ଉପଦେଶ ଦେବେ ତେବେ କେହି ଶୁଣିବେ ନାହିଁ, ବରଂ କହିବେ ସେ ଜଣେ ପାଗଳ।

ଶୁଦ୍ଧ ଶାକାହାରୀମାନେ କ୍ରୋଧୀ ବୋଲି ଲୋକମାନେ ଅଭିଯୋଗ କରନ୍ତି। ଗବେଷଣାରୁ ଜଣାପଡ଼ିଛି, କେବଳ ନିଶାସକ୍ତମାନେ ଏଭଳି ଘୃଣିତ କଥା କହିବାକୁ ଉତ୍ସାହିତ ହୋଇଥାଆନ୍ତି। ମନୋବିଜ୍ଞାନୀମାନଙ୍କ ଅନୁଯାୟୀ, ଶାକାହାରୀମାନଙ୍କ ଉପସ୍ଥିତିରେ କେତେକ ମାଂସାହାରୀ ସେମାନଙ୍କ ମାଂସ ଖାଇବା ଅନୈତିକ ବୋଲି ଅନୁଭବ କରନ୍ତି । ସେମାନଙ୍କର ସକାରାତ୍ମକ ଭାବମୂର୍ତ୍ତି ରକ୍ଷା କରିବାକୁ ଯାଇ ସେମାନେ ଶାକାହାରୀମାନଙ୍କୁ ତୀବ୍ର ନିନ୍ଦା କରନ୍ତି। ରାଜନୈତିକ ରକ୍ଷଣଶୀଳ ବ୍ୟକ୍ତିମାନେ ଏହାକୁ ସେମାନଙ୍କର ସ୍ଥିତିର ଏକ ଭିନ୍ନ ବିଷୟ ଭାବେ ବିଚାର କରନ୍ତି। ଯାହାଦ୍ୱାରା ସେମାନେ ପ୍ରାଣୀ ମାଂସ ଖାଆନ୍ତି ଓ ପ୍ରାଣିଜ ଉତ୍ପାଦ ବ୍ୟବହାର କରିଥାଆନ୍ତି। ଶାକାହାରୀମାନଙ୍କୁ ସାମାଜିକ ପରମ୍ପରା ବିରୋଧୀ ଭାବେ ଦେଖାଯାଉଛି ଏବଂ ସେମାନେ ସାମାଜିକ କିମ୍ବା ରାଜନୈତିକ ସ୍ତରରୁ ତୀବ୍ର ପ୍ରତିକ୍ରିୟାର ସମ୍ମୁଖୀନ ହେଉଛନ୍ତି। କିନ୍ତୁ ସବୁଠୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ପରିବର୍ତ୍ତନ ବିମୁଖ ବା ରୁଢ଼ିବାଦୀମାନଙ୍କର ସାମାଜିକ ପ୍ରଭାବ ବୃଦ୍ଧି କରିବାରେ ଆଗ୍ରହ ରହିଥିବାର ଗବେଷଣାରୁ ଜଣାପଡ଼ିଛି। ଅର୍ଥାତ୍, ନିର୍ଦ୍ଦିଷ୍ଟ ଗ୍ରୁପରେ ଅର୍ଥନୈତିକ ଓ ରାଜନୈତିକ ଶ୍ରେଷ୍ଠତା ପ୍ରତିପାଦନ କରିବାରେ ବିଶ୍ୱାସ ରଖନ୍ତି। ସେମାନେ ଭାବନ୍ତି ଯେ, ମାନବ ଏକ ସାମାଜିକ ପ୍ରାଣୀ ଓ ଏମାନେ ଅନ୍ୟ ପ୍ରାଣୀମାନଙ୍କଠାରୁ ଶ୍ରେଷ୍ଠ। ପ୍ରାଣୀମାନେ ଅଧିକରୁ ଅଧିକ ଖାଦ୍ୟ, ମନୋରଞ୍ଜନ ଏବଂ ବ୍ୟବହାର୍ଯ୍ୟ ଜିନିଷ ଯୋଗାଉଥିବାରୁ ସେମାନଙ୍କର ଗୁରୁତ୍ୱ ରହିଛି। ଯେଉଁମାନେ ଏମାନଙ୍କ କଥାରେ ବିଶ୍ୱାସ କରନ୍ତି,ସେମାନେ ପ୍ରାଣୀ ଶିକାର ଏବଂ ପ୍ରାଣୀଙ୍କ ଉପରେ ପରୀକ୍ଷା ଓ ସର୍କସରେ ପ୍ରାଣୀଙ୍କ କଳା ପ୍ରଦର୍ଶନକୁ ସମର୍ଥନ କରନ୍ତି। ସେମାନେ କୁକୁରଙ୍କୁ ଉଦ୍ଧାର ନ କରି କିଣିବାକୁ ପସନ୍ଦ କରନ୍ତି ଓ ସେମାନଙ୍କୁ ଗୋଡତଳେ ବସାଇ ଗୃହସ୍ୱାମୀ ଓ ପ୍ରଭୁତ୍ୱର ପରିଚୟ ପ୍ରଦାନ କରିଥାଆନ୍ତି। ଶାକାହାରୀ ମାନେ ଏଭଳି ଚିନ୍ତାଧାରାର ବିରୋଧୀ ହୋଇଥିବା ଲକ୍ଷ୍ୟ କରାଯାଏ। ସେମାନେ ପ୍ରାଣୀ ଓ ମଣିଷଙ୍କୁ ସମାନ ଭାବେ ଦେଖିଥାଆନ୍ତି। ସେମାନଙ୍କ ବିଚାରରେ ପ୍ରାଣୀଙ୍କ ସ୍ଥାନ ବି ବହୁ ଉଚ୍ଚରେ। କଳାଲୋକ ଏବଂ ମହିଳାମାନଙ୍କୁ ଯେଭଳି ବ୍ୟବହାର କରାଯାଉଛି ଶାକାହାରୀ ଏବଂ ଶୁଦ୍ଧ ଶାକାହାରୀମାନେ ଏବେ ସେଭଳି ପରିସ୍ଥିତିରେ ସମ୍ମୁଖୀନ ହେଉଛନ୍ତି। ସର୍ବୋପରି ସେମାନଙ୍କୁ ଏକ ନିକୃଷ୍ଟ ଜୀବ ଭାବେ ଦେଖାଯାଉଛି। ମାନବଙ୍କ ପ୍ରତି ଯେଉଁମାନେ କଠୋର ବା ଧର୍ମାନ୍ଧ ହୋଇଯାଇଛନ୍ତି. ସେମାନେ ପ୍ରାଣୀମାନଙ୍କ ପ୍ରତି ବି କଠୋର ହୋଇଯାଇଛନ୍ତି। ସେମାନେ ସେହି ରୁଢ଼ିବାଦୀ ଯେଉଁମାନେ ପରିବେଶବିତ, ଏନଜିଓ ଏବଂ ଗରିବଙ୍କ ପାଇଁ କରାଯାଉଥିବା ସାମାଜିକ କଲ୍ୟାଣ କାର୍ଯ୍ୟଗୁଡ଼ିକୁ ମଧ୍ୟ ସମାଲୋଚନା କରିବାକୁ ପଛାଉ ନାହାନ୍ତି। ସାମାଜିକ ମନୋବିଜ୍ଞାନୀମାନେ ଏହାକୁ ମାଂସାହାରୀଙ୍କର ନୈତିକ ଅଧୋପତନ ତଥା ଏକ ପ୍ରକାର ମାନସିକ ବିକାରଗ୍ରସ୍ତ ଅବସ୍ଥା ଭାବେ ବିବେଚନା କରନ୍ତି।

ମାଂସ ଖାଇବା ଦ୍ୱାରା କ'ଣ କ୍ଷତି ହେଉଛି ଓ ଏହାକୁ ଖାଇବା ଖରାପ ଏ ସମ୍ପର୍କରେ ଅଧିକରୁ ଅଧିକ ପ୍ରମାଣ ପାଶ୍ଚାତ୍ୟ ଦେଶଗୁଡ଼ିକରେ ରହିଛି। ଲଗାତର ମାଂସ ଖାଇବା ପାଇଁ ଖୁବ୍ ମାନସିକ କସରତ କରିବାକୁ ପଡ଼େ। ଭାଗ୍ୟବଶତଃ, ଆମ ମସ୍ତିଷ୍କ ଆମେ ସମ୍ମୁଖୀନ ହେବାକୁ ଚାହୁଁ ନ ଥିବା ବାସ୍ତବତାରୁ ଆମକୁ ରକ୍ଷା କରିବାରେ ବହୁତ ଭଲକାର୍ଯ୍ୟ କରେ । ଏଥିରୁ ରକ୍ଷା ପାଇବା ଲାଗି ଅନେକ ମନସ୍ତାତ୍ତ୍ୱିକ କୌଶଳ ରହିଛି। ଏଣୁ ପ୍ରଥମ କଥା ହେଉଛି, ମାଂସ ଭକ୍ଷଣକୁ ମାଂସାହାରୀମାନେ ଏକ ସିଦ୍ଧାନ୍ତ ଭାବେ ବିଚାର କରୁନାହାନ୍ତି। ତା'ପରେ ସେମାନେ ବିଶ୍ୱାସ କରୁଛନ୍ତି ଯେ, ମାଂସର ପ୍ରାଣୀମାନଙ୍କ ସହ କୌଣସି ସମ୍ପର୍କ ନାହିଁ ଓ ଭାବୁଛନ୍ତି ଯେ, ସେମାନେ କମ୍ ମାଂସ ଖାଉଛନ୍ତି। ଧାରଣା ରହିଛି ,ଯେ, କେବଳ ମଣିଷ ଦ୍ୱାରା ଫାର୍ମରେ ଆବଦ୍ଧ କରି ପାଳନ କରାଯାଉଥିବା ପ୍ରାଣୀମାନଙ୍କୁ ସେମାନେ ଖାଉଛନ୍ତି। ଦୁର୍ଭାଗ୍ୟବଶତଃ, ମାଂସାହାରୀଙ୍କର ଏଭଳି ଅଧିକାଂଶ ବାହାନା ଏବଂ ଅଣଦେଖା ମନୋଭାବ ଶୁଦ୍ଧ ଶାକାହାରୀଙ୍କ ଉପସ୍ଥିତି ଯୋଗୁ ବାଧାପ୍ରାପ୍ତ ହୋଇଛି। ଏବେ ହଠାତ ମାଂସାହାରୀମାନେ ଏକ ସିଦ୍ଧାନ୍ତର ସାମ୍ନା କରିଛନ୍ତି, ଯେଉଁଥିରେ ସେମାନଙ୍କୁ ବାହାନା ବନ୍ଦ କରିବାକୁ ହେବ। ସେମାନଙ୍କ କମ୍ ଉପସ୍ଥିତିରେ ଶୁଦ୍ଧ ଶାକହାରୀମାନେ ଲୋକମାନଙ୍କୁ ସେମାନଙ୍କ ମାନସିକ ବିକାର ଅବସ୍ଥାକୁ ବିରୋଧ କରିବାକୁ ଚାପ ପକାଉଛନ୍ତି ଏବଂ ଏହାଦ୍ୱାରା ସେମାନେ କ୍ରୋଧ ପ୍ରକାଶ କରୁଛନ୍ତି। ଏଥିପାଇଁ ସେମାନଙ୍କ ଦୃଷ୍ଟିରେ ଶୁଦ୍ଧ ଶାକାହାରୀମାନେ ଖରାପ।

ୟୁନିଭର୍ସିଟି ଅଫ୍ ପେନ୍‌ସିଲଭାନିଆ ଏବଂ ଷ୍ଟାନଫୋର୍ଡ ୟୁନିଭର୍ସିଟି ଦ୍ୱାରା କରାଯାଇଥିବା ଏକ ଗବେଷଣାରେ ଶୁଦ୍ଧ ଶାକାହାରୀମାନଙ୍କ ପ୍ରତି ମାଂସାହାରୀମାନଙ୍କ ମନୋଭାବ ଉପରେ ଅନୁଧ୍ୟାନ କରାଯାଇଥିଲା। ଶୁଦ୍ଧ ଶାକାହାରୀମାନଙ୍କ ଉପରେ ସେମାନେ ଚିନ୍ତା କରୁଥିବା ୩ଟି ଶବ୍ଦ ଭାବିବା ପାଇଁ ସେମାନଙ୍କୁ କୁହାଯାଇଥିଲା। ସେମାନେ ଅଦ୍ଭୁତ ବା ବିଚିତ୍ର, ଅହଂକାରୀ, ପ୍ରବଚକ, ସନ୍ତ୍ରାସବାଦୀ, ଚାପଗ୍ରସ୍ତ,ବୋକା ଓ ପରପୀଡକ ଶବ୍ଦ ପ୍ରକାଶ କରିଥିଲେ। ତେବେ ଶାକାହାରୀମାନଙ୍କୁ ଗ୍ରହଣ ନ କରିବା ଏବଂ ନୀଚ ଦୃଷ୍ଟିରେ ଦେଖିବା ବାସ୍ତବରେ ଅଦ୍ଭୁତ ଲାଗେ। କିନ୍ତୁ ମନୋବିଜ୍ଞାନୀମାନେ ଏହି ଗ୍ରୁପ ଉପରେ ଗଭୀର ଅନୁଧ୍ୟାନ କରିବା ପରେ ଜାଣିପାରିଲେ ଯେ, ଶାକାହାରୀମାନେ ଯେଉଁ ମାଂସାହାରୀଙ୍କ ଉପରେ ମତ ରଖିଥିଲେ ତାଙ୍କୁ ନେଇ ସେମାନଙ୍କ ମନରେ ଏକ ଭୟ ରହିଥିଲା । ଏହି ଭୟ ଯୋଗୁ କୌଣସି ଦୃଢ଼ ନୈତିକତା ପାଇଁ ଯେଉଁ ସମ୍ମାନ ରହିବା କଥା ତାହା ବହୁ ଦୂରକୁ ଚାଲିଯାଇଥିଲା। ସେମାନେ ଶାକାହାରୀମାନଙ୍କୁ ଲକ୍ଷ୍ୟ କରି କଠୋର ନକାରାତ୍ମକ ଶବ୍ଦ ପ୍ରୟୋଗ କରିଥିଲେ। ସ୍ୱାସ୍ଥ୍ୟଗତ କାରଣ ଲାଗି ଜୀବନଶୈଳୀ ଆପଣାଉଥିବା ସର୍ବହାରୀମାନଙ୍କ ପାଇଁ ଶାକାହାରୀମାନେ ଅଧିକ ବିରକ୍ତିକର ତା'ମଧ୍ୟ ଏହି ଗବେଷଣାରୁ ଜଣାପଡ଼ିଛି। ଏକ ଯୁଗର ଶେଷ ଏବଂ ଜୀବନଶୈଳୀ ସଦାସର୍ବଦା ଲୋକଙ୍କ ମନରେ ଭୟ ସୃଷ୍ଟି କରିଛି। ଏବଂ ନୂଆ ଯୁଗରେ ଯେଉଁଠି ଶୁଦ୍ଧଶାକାହାରବାଦ ହେଉଛି ସବୁଠୁ ଭଲ ତଥା ଆକର୍ଷକ। ଏହା ଅପୂର୍ଣ୍ଣତା ଅନୁଭବ କରୁଥିବା ମାଂସାହାରୀଙ୍କ ଠାରୁ ଶୁଦ୍ଧ ଶାକାହାରୀଙ୍କ ପ୍ରତି ଏଭଳି ପ୍ରତିକ୍ରିୟା ପ୍ରକାଶ ପାଇବା ସ୍ୱାଭାବିକ ।

Email: gandhim@nic.in

# ଶୁଦ୍ଧତାର ସାମର୍ଥ୍ୟ



ଉପେନ୍ଦ୍ର ବିଶ୍ୱାଳ

ମାତୃଜାତିର ଶୁଦ୍ଧତା, ପଣତର ପବିତ୍ରତା ପାଖରେ ସ୍ୱୟଂ ସ୍ରଷ୍ଟା ମଧ୍ୟ ହାର ମାନିଥାନ୍ତି। କାରଣ ଜଣେ ସଦାଚାରୀ ନାରୀର ପ୍ରାର୍ଥନା ପରାର୍ଦ୍ଧେ ପୁରୁଷଙ୍କ ପ୍ରାର୍ଥନାଠାରୁ ବି ଅଧିକ ଶକ୍ତିଶାଳୀ। କେବେ ବ୍ୟର୍ଥ ଯାଏନା ସେମାନଙ୍କ ପ୍ରାର୍ଥନା। ଯାହାର ପରିଣତିରେ ବ୍ରହ୍ମା-ବିଷ୍ଣୁ-ମହେଶ୍ୱର, ତ୍ରିଦେବ ମଧ୍ୟ ଶିଶୁ ବନିଯାଇଥିଲେ ରାମାୟଣ ଯୁଗର ସତୀ ଅନସୂୟାଙ୍କ ପ୍ରାର୍ଥନା ବଳରେ। ଜମ୍ବୁରାଜ ବି ସେଦିନ ପରାଜୟ ଲଭିଲେ ସାବିତ୍ରୀଙ୍କ ପଣତ ପାଖରୁ। ଉତ୍କଳର 'ନ ପାହୁ ରାତି ନ ମରୁ ପତି, ଏକ ରାତି ହେଉ ସପତ ରାତି' ଉପାଖ୍ୟାନ ବି ଅବିଦିତ ନୁହଁ ଆମକୁ। ଦେବୀଭକ୍ତ ବିଷ୍ଣୁଦାସ ଥିଲେ ବେଶ୍ୟାସକ୍ତ। ଅତୁଳନୀୟ ସୌନ୍ଦର୍ଯ୍ୟର ଅଧିକାରିଣୀ ଲକ୍ଷେହୀରାର ସାମାନ୍ୟ ଟିକେ ସାନ୍ନିଧ୍ୟ ପାଇବାକୁ ପାଗଳପ୍ରାୟ ହେଉଥିଲେ ସେ। ଅତ୍ୟନ୍ତ ଅନୁଚିତ ହେଲେ ବି ସ୍ୱାମୀ ଅନୁରକ୍ତ ସତୀ ଅନସୂୟା ସ୍ୱାମୀଙ୍କୁ ସୁଖୀ ରଖିବା ପଣରେ ଲକ୍ଷେହୀରାର ଅନୁକମ୍ପା ଭିକ୍ଷା କରିଥିଲେ। କୁଷ୍ଠ ରୋଗାକ୍ରାନ୍ତ ସ୍ୱାମୀଙ୍କୁ ନେଇ ରାତିରେ ଲକ୍ଷେହୀରାର ବିଳାସମୟ କୋଠିକୁ ଯିବା ବାଟରେ ଅନ୍ଧାରରେ ଅଲକ୍ଷ୍ୟରେ ଧ୍ୟାନମଗ୍ନ ଜଣେ ତପସ୍ୱୀଙ୍କ କ୍ରୋଧର କାରଣ ସାଜିଲେ। ସତିତ୍ୱକୁ ନେଇ ଅନସୂୟାଙ୍କ ଅହଂଜନିତ ଏହି କାଣ୍ଡ ବୋଲି ଭାବି ଅଭିଶାପ ଢାଳିଦେଲେ ଋଷି ଅନସୂୟାଙ୍କ ଅଜସ୍ର ଅନୁନୟକୁ ଅବଜ୍ଞା କରି -'ଏଇ ରାତି ହେବ ତୋ ସ୍ୱାମୀଙ୍କ ଶେଷ ରାତି'। ଏପରି ଅନ୍ୟାୟ ବିରୋଧରେ ଅନସୂୟା ମଧ୍ୟ କଠୋର ହୋଇ ଉଠିଲେ। ନିଜ ପଣତର ପବିତ୍ରତାକୁ ଆଧାର କରି ପତିଙ୍କ ପ୍ରାଣରକ୍ଷା ପାଇଁ ପ୍ରାର୍ଥନା କଲେ – ନ ପାହୁ ଏ କାଳ ରାତି, ଏକ ରାତି ହେଉ ସାତ ରାତି। ସେଇଠୁ ତା'ପରେ ପଣତର ପରାକାଷ୍ଠା ବି ଫଳବତୀ ହେଲା। କାଳରାତ୍ରିର ହେଲାନି ଅନ୍ତ। ପରିଶେଷରେ ସୃଷ୍ଟି ରକ୍ଷା ପାଇଁ ବାଧ୍ୟହୋଇ ସତୀଙ୍କ ସାମ୍ନାରେ ସ୍ୱୟଂ ଉଭା ହେଲେ ଭଗବାନ। ସ୍ୱାମୀଙ୍କ ଜୀବନ ବିନିମୟରେ ସତୀଙ୍କୁ ଅନୁରୋଧ ବାଢ଼ିଲେ ନିଷ୍ପତ୍ତିରୁ ଓହରି ଆସିବାକୁ। ମହାଭାରତରେ ପାଞ୍ଚାଳିଙ୍କର ପବିତ୍ର ପଣତକୁ ଅପବିତ୍ର କରିବାକୁ ପ୍ରୟାସ କରିଥିବା କୁରୁକୁଳ ସମେତ ପରୋକ୍ଷରେ ସଂଶ୍ଳିଷ୍ଟ ଥିବା ଭୀଷ୍ମ, ଦ୍ରୋଣ, କର୍ଣ୍ଣ ଆଦି ମହାବୀରମାନେ ବି ନିସ୍ତାର ପାଇ ନ ଥିଲେ ସେଦିନ। ଇତିହାସର ସାକ୍ଷୀ ଭାବେ ମଦୁରାଇ ସହର ଆଜି ବି ପ୍ରଚାର କରିଚାଲିଛି ନାରୀ ପଣତର ପରାକାଷ୍ଠାକୁ। ଏକଦା ଚୋରି ହୋଇଥାଏ ପାଟରାଣୀଙ୍କ ପଟେ ପାଉଁଜି। ଚୋରିର ମିଥ୍ୟା ଆରୋପରେ କିନ୍ତୁ ଶିକାର ହୁଅନ୍ତି ଜଣେ ଅଜଣା ଅପରିଚିତ ନିରୀହ ଯୁବକ। ଅଭାବଜନିତ ଯନ୍ତ୍ରଣାରେ ଜର୍ଜରିତ ବହିରାଗତ ପ୍ରେମୀ ଦମ୍ପତିଙ୍କଠାରେ ନାମମାତ୍ର କେଇଟା ଅଳଙ୍କାର ହିଁ ଥିଲା ତାଙ୍କର ଅସଲ ସମ୍ବଳ। ପାଦରୁ ପଟେ ପାଉଁଜି ଖୋଲିଦେଇ ବିନା ଦ୍ୱିଧାରେ ସ୍ୱାମୀଙ୍କ ହାତକୁ ବଢ଼ାଇଦେଲେ କଣ୍ଣଗୀ। ପାଉଁଜି ବିକ୍ରି ପାଇଁ ବଜାର ବୁଲୁଥିବା କୋଭଲନ୍ ଶିକାର ହେଲେ ଧୂର୍ତ୍ତ ବଣିଆର କପଟତାରେ। ଯୁବକଟି ନିକଟରୁ ସେଇ ପଟେ ପାଉଁଜି ନେଇ ରାଜାଙ୍କ ସାମ୍ନାରେ ତା' ବିରୋଧରେ ଚୋରି ଅଭିଯୋଗ ବାଢ଼ିଲା ବଣିଆ। କିଛି ନ ବୁଝି ଘୋର ଅନ୍ୟାୟ କରିବସିଲେ ରାଜା। ପାଣ୍ଡ୍ୟ ରାଜାଙ୍କ ସାମ୍ନାରେ, ଭରା ରାଜସଭାରେ ଅନ୍ୟାୟର ଶିକାର ପୂର୍ବକ କୋଭଲନଙ୍କୁ ହତ୍ୟା କରାହେଲା। ଏକଥା ଶୁଣି କାରୁଣ୍ୟରେ ବିଳପି ଉଠିଲା କମନୀୟ କାନ୍ତିଯୁକ୍ତା କଣ୍ଣଗୀଙ୍କ ନାରୀ ହୃଦୟ। ସର୍ବାହରା ସ୍ତ୍ରୀ ଜଣଙ୍କ ନିଜକୁ ଆଉ ସମ୍ଭାଳି ପାରିଲେନି। ସତୀ ନାରୀର ଆଖି ଦୁଇଟିରୁ ଉଦ୍ଗିରଣ ହେଲା ଲେଲିହାନ ଅଗ୍ନିପିଣ୍ଡୁଳା। ଅଭିଶାପର ଅଗ୍ନି ଦହନରେ ଚାହୁଁ ଚାହୁଁ ଜଳିପୋଡି ଛାରଖାର ହୋଇଗଲା ସମୃଦ୍ଧ ମଦୁରାଇ ସହର।

ସତୀ ନାରୀର ପଣତର ପରାକାଷ୍ଠାର କାହାଣୀ ଏହିପରି ସୁଦୀର୍ଘ। ସେଇଥିପାଇଁ ତ ପୁରୁଷ ସମାଜ ଯେବେ ଅସହାୟ ପ୍ରକାଶ କରନ୍ତି, ସେତେବେଳେ ସମାଜ ଉଦ୍ଧାର ପାଇଁ ନାରୀ ହିଁ ଆବିର୍ଭୂତା ହୁଅନ୍ତି ମାଆ ଦୁର୍ଗାଙ୍କ ରୂପ ନେଇ। ଅକଳନୀୟ, ଅତୁଳନୀୟ ସେ ମାତୃଶକ୍ତି। ଅପରିମିତ ସେ ପଣତର ପାରଦର୍ଶିତା। ଏଣୁ ତା'ର ସାମାନ୍ୟତମ ଅପମାନ ବି ଅକ୍ଷମଣୀୟ। ନାରୀ ଆଖିର ବିନ୍ଦୁଏ ଲୁହର ପ୍ରତିବଦଳରେ ଦୁଷ୍ପରିଣାମ ଭୋଗିବାକୁ ହେବ ସମସ୍ତଙ୍କୁ। ଏଣୁ ନାରୀ ନିର୍ଯାତନା ଅର୍ଥ ନିଃଶେଷ ହେବାର ପୂର୍ବାଭାସ। ନାରୀ ଯଦି ନିଃବସ୍ତ୍ର ହୁଏ, ତେବେ ବୁଝିନେବାକୁ ହେବ ଯେ ଶେଷ ସମୟ ଆସନ୍ନ। ଅର୍ଥାତ ସଂହାର ପାଇଁ ମାଆ କାଳୀଙ୍କୁ ଆମେ ବାଧ୍ୟକରି ଆମନ୍ତ୍ରଣ କରୁଛୁ। ଅତଏବ ସ୍ୱେଚ୍ଛାକୃତ ଭାବେ ହେଉ ଅବା କାହାର ସୈତାନୀ ପଣ ଯୋଗୁ, ନାରୀ ନିଃବସ୍ତ୍ର ହେଲେ ନିସ୍ତାର ନାହିଁ। ସତ୍ୟସ୍ନାତା ଜଣେ ସତୀ ନାରୀର ଆଖିରେ ବନ୍ଧା ପଟିରେ ପଛରେ ପ୍ରଚୁର ଶକ୍ତି ପୁଞ୍ଜିଭୁତ ହୋଇ ରହିଥିଲା ପରି ନାରୀର ପବିତ୍ର ପଣତ ତଳେ ବି ଗଚ୍ଛିତ ଅଛି ଅମାପ ଶକ୍ତି। ମାତ୍ର ଅତ୍ୟନ୍ତ ଦୁଃଖ ଓ ପରିତାପର ବିଷୟ ଯେ ସେଇ ନାରୀ ହିଁ ନିଜେ ବୁଝୁନି ନିଜ ମର୍ଯ୍ୟାଦାର ମୂଲ୍ୟ। ବୁଝିପାରୁନାହିଁ ନିଜ ଶୁଦ୍ଧତାର ସାମର୍ଥ୍ୟକୁ। ସାବିତ୍ରୀମାନଙ୍କର ଉତ୍କୃଷ୍ଟତାର ଉପଲବ୍ଧି, ଉତ୍ତରଣରେ ହିଁ ନିହିତ ଉଜ୍ଜ୍ୱଳ ଭବିଷ୍ୟତ।

ମୋ-୯୪୩୭୪୩୬୦୭୩

## ଏଇ ଭାରତରେ

ବର୍ଜ୍ୟ ଉପଯୋଗ କରି ପରିବେଶ ଉପଯୋଗୀ ସିମେଣ୍ଟ ପ୍ରସ୍ତୁତ କରିଛନ୍ତି ଦିଲ୍ଲୀର ଜାମିଆ ମିଲିଆ ଇସ୍‌ଲାମିଆ ଏବଂ ଆଲିଗଡ଼ ମୁସଲିମ ୟୁନିଭର୍ସିଟି (ଉତ୍ତରପ୍ରଦେଶ)ର ପ୍ରାଧ୍ୟାପକମାନେ। ସେମାନଙ୍କ ଦ୍ୱାରା ପ୍ରସ୍ତୁତ କରାଯାଇଥିବା ଏହି ସିମେଣ୍ଟ ୨୫% ଅଧିକ ମଜଭୁତ। ସେମାନେ ବର୍ଜ୍ୟରେ ଫ୍ଲାଏ ଆଶ୍ ଏବଂ ସିଲିକା ଫ୍ୟୁମ୍‌ସ ଉପଯୋଗ କରୁଛନ୍ତି। ଉକ୍ତ ସିମେଣ୍ଟ ପାଇଁ ବି ନିର୍ମାଣ କ୍ଷେତ୍ରରୁ ବାହାରୁଥିବା ବର୍ଜ୍ୟ ମଧ୍ୟ ଉପଯୋଗ କରାଯାଉଛି। ପ୍ରାଧ୍ୟାପକଙ୍କ ଟିମ୍‌ର ନେତୃତ୍ୱ ନେଉଛନ୍ତି ଡ. ଇବାଦୁର ରହମାନ। ରହମାନଙ୍କ ସମେତ ୬ ଜଣ ପ୍ରାଧ୍ୟାପକ ତାଙ୍କ ଟିମ୍‌ରେ ରହିଛନ୍ତି। ସିମେଣ୍ଟ ଉତ୍ପାଦନ ସମୟରେ ଯେଉଁ ବିପୁଳ ପରିମାଣର କାର୍ବନ୍ ଡାଇ ଅକ୍ସାଇଡ ନିର୍ଗତ ହୁଏ, ଏହି ସିମେଣ୍ଟ ପ୍ରସ୍ତୁତିରେ ତାହା ହେଉନାହିଁ। ମୁଖ୍ୟତଃ ଏହି ସିମେଣ୍ଟରେ ନିର୍ମିତ କୋଠା ଭୂମିକମ୍ପରେ ସୁରକ୍ଷିତ ରହିପାରିବ ବୋଲି କହିଛନ୍ତି ଡ. ରହମାନ। ଏବେ ଡ. ରହମାନ ଏବଂ ତାଙ୍କ ଟିମ୍ ପ୍ୟାଣ୍ଟେଟ ଲାଗି ଅପେକ୍ଷାରେ ରହିଛନ୍ତି। ଏହା ପରେ ସେମାନେ ନିର୍ମାଣ କ୍ଷେତ୍ରକୁ ବ୍ୟବସାୟିକ ବିକ୍ରି ଆରମ୍ଭ କରିବେ।

## ୨୫ ବର୍ଷ ତଳର ଧରିତ୍ରୀ

୧୦ ଜୁନ୍ ୧୯୯୬

- ଶ୍ରୀଲଙ୍କାର ପୂର୍ବଭାଗରେ ଥିବା ଏକ ସୈନ୍ୟ ଶିବିର ଉପରେ ଆକ୍ରମଣ କରି ଏଲ୍‌ଟିଟିଇ ଗେରିଲାମାନେ ୧୭ ଜଣ ସୈନ୍ୟଙ୍କୁ ହତ୍ୟା କରିଛନ୍ତି।
- ପୂର୍ବତନ ପ୍ରଧାନମନ୍ତ୍ରୀ ତଥା ଦଳର ସଭାପତି ପି.ଭି. ନରସିଂହରାଓଙ୍କ ମଞ୍ଜୁରୀ କ୍ରମେ ଅରୁଣାଚଳ ପ୍ରଦେଶର ୩ ସ୍ୱାଧୀନ ସାଂସଦ କଂଗ୍ରେସରେ ସାମିଲ।
- ପାଣିକୋଇଲି ଷଠିପୁର ମଧ୍ୟବର୍ତ୍ତୀ ସ୍ଥାନରେ ଏକ ତୈଳବାହୀ ଟ୍ୟାଙ୍କର ଓ ଟ୍ରେକର ମଧ୍ୟରେ ମୁହାଁମୁହିଁ ଧକ୍କା ହେବା ଫଳରେ ୧୪ ଜଣଙ୍କ ମୃତ୍ୟୁ।

## su|do|ku ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | 2 | | 5 | | | | |
| | | | | | | 1 | | |
| | | 3 | 1 | | | 6 | | |
| | | | 9 | | 3 | | 7 | |
| | 4 | 8 | 7 | | 2 | | | |
| 6 | | | | | | 4 | | |
| | | | | 7 | | | | |
| | 5 | 1 | 3 | 2 | | | 9 | |
| 9 | | 6 | | | | | 8 | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 5 | 4 | 3 | 6 | 1 | 8 | 9 | 7 | 2 |
| 6 | 7 | 9 | 2 | 3 | 5 | 8 | 1 | 4 |
| 1 | 2 | 8 | 4 | 7 | 9 | 3 | 5 | 6 |
| 2 | 3 | 1 | 9 | 8 | 6 | 5 | 4 | 7 |
| 7 | 6 | 4 | 3 | 5 | 2 | 1 | 8 | 9 |
| 9 | 8 | 5 | 7 | 4 | 1 | 2 | 6 | 3 |
| 3 | 1 | 6 | 8 | 9 | 7 | 4 | 2 | 5 |
| 4 | 5 | 2 | 1 | 6 | 3 | 7 | 9 | 8 |
| 8 | 9 | 7 | 5 | 2 | 4 | 6 | 3 | 1 |

ଗତକାଲିର ଉତ୍ତର



# ସୁଧାର ଆଧାର ସଙ୍ଗୀତ ସୁଧାକର

ପ୍ରଫୁଲ୍ଲ କର

ପ୍ରାଣହୀନ ସଙ୍ଗୀତ ବୃକ୍ଷହୀନ ଟାଙ୍ଗରା ଭୂଇଁ ପରି। ପ୍ରାଣ ନ ଥିବା ସଙ୍ଗୀତ ପାଗଳର ପ୍ରଳାପ ପରି ବୋଧହୁଏ। ତେବେ ସଙ୍ଗୀତ ସୁଧାକର ବାଳକୃଷ୍ଣ ଦାଶଙ୍କ ସଙ୍ଗୀତର ବିଶେଷତ୍ୱ ହେଲା, ସଙ୍ଗୀତରେ ପ୍ରାଣ ସଞ୍ଚାର। ଈଶ୍ୱର ପ୍ରଦତ୍ତ କଣ୍ଠର ମାଧୁର୍ଯ୍ୟ, ଉପଯୁକ୍ତ ଭାବର ପ୍ରକାଶ, ଭାଷାର ଶୁଦ୍ଧ ଓ ସ୍ପଷ୍ଟ ଉଚ୍ଚାରଣ ପାଇଁ ଓଡ଼ିଶାର ପୁରପଲ୍ଲୀରେ ସେ ଅତ୍ୟନ୍ତ ଲୋକପ୍ରିୟ ହୋଇପାରିଥିଲେ। ଗାଇବା ବେଳେ ଉପଯୁକ୍ତ ଶବ୍ଦ ବିନ୍ୟାସ ସହ ଭାବର ରଞ୍ଜକ ଏପରି ଭରିଦିଅନ୍ତି ଯେ, ତାହା ଯେକୌଣସି ଶ୍ରୋତାର ପ୍ରାଣକୁ ଛୁଇଁଯାଏ; ଯାହାର ଅଭାବ ଆଜିକାଲିର ଗାୟକମାନଙ୍କ ପାଖରେ ପରିଲକ୍ଷିତ ହୁଏ। ଖୋଲା ଗଳାରେ ସ୍ୱର କରିବା ବେଳେ ସେ ଯେଭଳି ସ୍ପଷ୍ଟ ଭାବରେ ଓ ଓଜନ ଦେଇ ପରିବେଷଣ କରନ୍ତି, ତାହା ବିରଳ ମନେହୁଏ। ତାଙ୍କ କଣ୍ଠନିଃସୃତ ସଙ୍ଗୀତ ବିତିଲା ତ ଯାମିନୀ... ଓ ମୋହନ ହେ ମୋହନ... କେବଳ ଶ୍ରୋତାଙ୍କୁ ଚମତ୍କୃତ କରେନାହିଁ, ତାଙ୍କ ସଙ୍ଗୀତର ମହନୀୟତାକୁ ପ୍ରମାଣିତ କରିଦିଏ। ସଙ୍ଗୀତର ପ୍ରତିଟି କ୍ଷେତ୍ରରେ ତାଙ୍କର ପ୍ରବେଶ ଥିଲା। ଚଳଚ୍ଚିତ୍ର, ଓଡ଼ିଶୀ ନୃତ୍ୟ, ନୃତ୍ୟନାଟିକା, ବେତାର, ଦୂରଦର୍ଶନରେ ଉଚ୍ଚକୋଟୀର ନିର୍ଦ୍ଦେଶନା ପାଇଁ ସଙ୍ଗୀତ ସୁଧାକର ଚିର ସ୍ମରଣୀୟ ହୋଇ ରହିବେ। ତାଙ୍କର ଆଉ ଏକ ବିଶେଷତ୍ୱ ହେଲା, ଗୀତର ସ୍ୱର ସଂରଚନା ସମୟରେ ସେ ଓଡ଼ିଆ ପାରମ୍ପରିକ ଛାପ ଦେବାକୁ ଭଲ ପାଉଥିଲେ। ତେଣୁ ଶ୍ରୋତାମାନେ ସେଇ ଗୀତରେ ନିଜକୁ ମଜାଇ ରଖୁଥିଲେ। ପ୍ରଚ୍ଛଦପଟ ସଙ୍ଗୀତ ନିର୍ଦ୍ଦେଶନାରେ ବି ସେ ଥିଲେ ସିଦ୍ଧହସ୍ତ। ମୁଖ୍ୟତଃ ସଂଗୀତ ନିର୍ଦ୍ଦେଶନାରେ ଦୁଇଟି ଗୁରୁଦାୟିତ୍ୱ ନ୍ୟସ୍ତ ଥାଏ। ଗୋଟିଏ ହେଲା ସ୍ୱର ସଂଯୋଜନା ଏବଂ ଅନ୍ୟଟି ସେଇ ଗୀତକୁ ଖାପ ଖୁଆଇବା ଭଳି ବାଦ୍ୟଯନ୍ତ୍ରରେ ସ୍ୱର ସଂଯୋଜନା। ଏହା ବ୍ୟତୀତ ନାଟକ, ଗୀତିନାଟ୍ୟ, ଚଳଚ୍ଚିତ୍ରରେ ପ୍ରଚ୍ଛଦ ସଙ୍ଗୀତ କରିବାରେ ବାଳକୃଷ୍ଣ ସାର୍ ଥିଲେ ଧୁରନ୍ଧର। ପାରିପାର୍ଶ୍ୱିକ ସ୍ଥିତିକୁ ବିଚାରରେ ରଖି ଗୀତର ସ୍ୱର ରଚନା କରିବାରେ ସେ ମାହିର ଥିଲେ। ଗୋଟିଏ ଗୀତକୁ ଏକା ସ୍ୱର ଓ ଏକ ତାଳରେ ଶହ ଶହ ଗାୟକ ଗାଇପାରନ୍ତି, କିନ୍ତୁ ଜଣେ ଗାୟକଙ୍କ କଣ୍ଠରେ ସେ ଗୀତ ଶ୍ରୋତାଙ୍କ ପ୍ରାଣକୁ ଛୁଇଁଯାଏ। କାରଣ ସେ ଗାୟକ, ସେ ଗୀତରେ ପ୍ରାଣ ସଞ୍ଚାର କରିବାର ମନ୍ତ୍ର ଜାଣିଥାଏ। ଏହି ମନ୍ତ୍ରକୁ ଆମେ ସଙ୍ଗୀତ ଭାଷାରେ କହୁ 'ଭାବ'। ସେମିତି ଭାବର ମନ୍ତ୍ର ଜାଣିଥିଲେ ସଙ୍ଗୀତ ସୁଧାକର। ସେଇଥିପାଇଁ ସେ ମଞ୍ଚରେ ଗାଇବା ବେଳେ ଶ୍ରୋତାମାନେ କେବଳ ମନ୍ତ୍ରମୁଗ୍ଧ ହୋଇଯାଉ ନ ଥିଲେ, ବରଂ ଅତି ଭୌତିକ ସ୍ତରକୁ ଚାଲିଯାଉଥିଲେ। ସେହିଭଳି ଓଡ଼ିଆ ଚଳଚ୍ଚିତ୍ର ଲକ୍ଷ୍ମୀ, ଅଦିନ ମେଘ, ଅମଡ଼ା ବାଟ, ଶ୍ରୀଲୋକନାଥ, ଶଙ୍ଖମହୁରି, ଅଭିନେତ୍ରୀ, ମାଣିକଯୋଡ଼ି, ଜୀବନସାଥୀ, ଭାଇଭାଉଜ, ମଥୁରା ବିଜୟ, ଜୟଦେବ ଆଦି ଚଳଚ୍ଚିତ୍ରରେ ବାଳକୃଷ୍ଣ ସାର୍‌ଙ୍କ ନିର୍ଦ୍ଦେଶିତ ସଙ୍ଗୀତ ଆଜି ବି ଅବିସ୍ମୃତ ହୋଇ ରହିଛି ଓ ରହିଥିବ ମଧ୍ୟ। ମୁଁ ବାଳକୃଷ୍ଣ ସାର୍‌ଙ୍କ ନିର୍ଦ୍ଦେଶିତ 'ଭୁଜ ତଳେ ମୋତେ ରଖ ମହାବାହୁ...' ଗାଇଥିବା ବେଳେ ଓଡ଼ିଆ ସଙ୍ଗୀତ ଜଗତକୁ ସେ ଏହିଭଳି ବହୁ କାଳଜୟୀ ସଙ୍ଗୀତ ଭେଟି ଦେଇଛନ୍ତି। ମୋ ସମେତ ରଘୁନାଥ ପାଣିଗ୍ରାହୀ, ଅକ୍ଷୟ ମହାନ୍ତି, ପ୍ରଣବ ପଟ୍ଟନାୟକ, ମହମ୍ମଦ ସିକନ୍ଦର ଆଲାମ, ମାନ୍ନା ଦେ, ବାଣୀ ଜୟରାମ, ନିର୍ମଳା ମିଶ୍ର, ଆରତି ମୁଖାର୍ଜୀ, ସନ୍ଧ୍ୟା ମୁଖାର୍ଜୀ, ଶେଖର ଘୋଷ, ସୁଧା ମିଶ୍ରଙ୍କ ଭଳି ବହୁ ଦିଗ୍‌ଗଜ କଣ୍ଠଶିଳ୍ପୀଙ୍କ କଣ୍ଠରେ ଚିର ସବୁଜ ସଙ୍ଗୀତ ଭେଟି ଦେଇ ବିଦଗ୍ଧ ଓଡ଼ିଆଙ୍କ ହୃଦ ଆକାଶରେ ସେ ଚିରକାଳ ପ୍ରକାଶ ପାଉଛନ୍ତି, ପାଉଥିବେ। ଜଣେ ସଙ୍ଗୀତକାର ଭାବେ ବାଳକୃଷ୍ଣ ସାର୍‌ଙ୍କ ଜୀବନଚର୍ଯ୍ୟା ବି ଥିଲା ପ୍ରାଣବନ୍ତ। ତାଙ୍କର ପୋଷାକ, ପରିଚ୍ଛେଦ, ଖାଇବା ପିଇବା, ଚାଲିର ଠାଣି, କଥାର ଭଙ୍ଗୀ ସବୁ ପ୍ରାଣବନ୍ତ ଥିଲା। ଗିଲକରା ଅଦିକନାର ପଞ୍ଜାବି ଏବଂ ମୁଣିଆ କୁଞ୍ଚକରା ଶାନ୍ତିପୁରୀ ଧୋତି ପିନ୍ଧିବାର ସଉକ ସେ ଶେଷ ନିଃଶ୍ୱାସ ନେବା ପର୍ଯ୍ୟନ୍ତ ଛାଡ଼ିପାରି ନ ଥିଲେ। ତାଙ୍କ ପାଖରୁ କ୍ରୋଧ ଯେପରି ବହୁ ଦୂରକୁ ଅପସରି ଯାଇଥିଲା। ପ୍ରେମ ହିଁ ଥିଲା ତାଙ୍କ ଜୀବନଚର୍ଯ୍ୟାର ପରିଭାଷା। ତାଙ୍କ ପରି ଜଣେ ସମ୍ପୂର୍ଣ୍ଣ କଳାମୟ ମହାପୁରୁଷ କେବେ ପୁଣି ଉତ୍କଳ ମାତାର କୋଳରେ ଜନ୍ମ ନେବେ, ସେ କଥା ଭାବିଲା ବେଳକୁ ଆଖି ପାଉନାହିଁ।



ବାଳକୃଷ୍ଣ ଦାଶଙ୍କ ୯୮ତମ ଜୟନ୍ତୀ ଉପଲକ୍ଷେ

## ପାଠକ ଶ୍ରେଷ୍ଠ ବିଚାରକ

### ମନୋବଳ ଭାଙ୍ଗିଯାଉଛି

ମହାଶୟ,

ବାଲେଶ୍ୱର ଜିଲ୍ଲା ହିଞ୍ଜିଳା ଗ୍ରାମରେ ଜନୈକ ବ୍ୟକ୍ତିଙ୍କ ଘରେ ଏକ ଶୁଦ୍ଧିକ୍ରିୟା କାର୍ଯ୍ୟକ୍ରମରେ ଅନ୍ୟୂନ ୪୦୦ରୁ ଊର୍ଦ୍ଧ୍ୱ ଲୋକଙ୍କ ପାଇଁ ଭୋଜିଭାତର ଆୟୋଜନ ହୋଇଥିଲା। କୌଣସି ସୂତ୍ରରୁ ଖବର ପାଇ ସଦର ତହସିଲଦାର ଉକ୍ତ ବ୍ୟକ୍ତିଙ୍କ ଘରେ ମାଜିଷ୍ଟ୍ରେଟ୍ ଡ୍ୟୁଟିରେ ଥାଇ ଚଢ଼ାଉ କରିଥିଲେ। କିନ୍ତୁ ସେଠାରେ ଉପସ୍ଥିତ ଥିବା ଗୃହକର୍ତ୍ତା ଓ କିଛି ଲୋକ ତହସିଲଦାରଙ୍କୁ ଆକ୍ରମଣ କରିଥିଲେ। ଖବର ପାଇ ବାଲେଶ୍ୱର ଜିଲାପାଳ ସେଠାରେ ପହଞ୍ଚି ଉଦ୍ଧାର କରିଥିଲେ। ପୋଲିସ ଛଅ ଜଣଙ୍କୁ ଥାନାକୁ ଆଣି ପଚାରି ଛାଡ଼ି ଦେଇଥିଲା। କୌଣସି ଆଇନଗତ କାର୍ଯ୍ୟାନୁଷ୍ଠାନ କରି ନ ଥିଲା। ଫଳରେ ତହସିଲଦାର ଏହାର ପ୍ରତିବାଦ କରି ଅଭିନବ ଢଙ୍ଗରେ ଅଫିସ ଚେୟାରରେ ବସି ନ ଥିଲେ। ସେ ଏବଂ ଅଫିସ୍‌ର ସମସ୍ତ କର୍ମଚାରୀ ତଳେ ବସି ଅଫିସ କାର୍ଯ୍ୟ ସମ୍ପାଦନ କଲେ। ସରକାରୀ ଜିପ୍ ମଧ୍ୟ ବ୍ୟବହାର କରିଲେ ନାହିଁ। ଖବର ପାଇ ଜିଲାପାଳ ଓ ବରିଷ୍ଠ ପୋଲିସ ଅଫିସର ତହସିଲଦାରଙ୍କୁ ପ୍ରତିଶ୍ରୁତି ଦେଇ ଛଅ ଆକ୍ରମଣକାରୀ ଅଭିଯୁକ୍ତଙ୍କୁ ଗିରଫ କଲେ। କାର୍ଯ୍ୟାନୁଷ୍ଠାନ ନ କରିବା ଦ୍ୱାରା ଦାୟିତ୍ୱସମ୍ପନ୍ନ ଓ କର୍ତ୍ତବ୍ୟନିଷ୍ଠ ଅଫିସରଙ୍କ ମନୋବଳ ଭାଙ୍ଗିଯାଉଛି।

-କହ୍ନେଇ ଚରଣ ନନ୍ଦୀ, ସାଆନ୍ତା, ଶେରଗଡ଼, ବାଲେଶ୍ୱର

### ଟିକା ସଂକଟ ଦୂର କର

ଭାରତରେ ଜାନୁୟାରୀ ୧୬ରୁ ଟିକାକରଣ ପ୍ରକ୍ରିୟା ଆରମ୍ଭ ହୋଇଛି। ପ୍ରଥମ ପର୍ଯ୍ୟାୟରେ କରୋନା ଯୋଦ୍ଧା ଭାବେ ପରିଚିତ ଡାକ୍ତର, ସ୍ୱାସ୍ଥ୍ୟକର୍ମୀ ଏବଂ ପ୍ରତ୍ୟକ୍ଷ-ପରୋକ୍ଷ ଭାବେ ପୀଡ଼ିତଙ୍କ ସେବାରେ ଓ ମୁକାବିଲାରେ ନିୟୋଜିତ ଯୋଦ୍ଧାମାନଙ୍କୁ ଟିକା ଦିଆଯାଇଥିବାବେଳେ ଦ୍ୱିତୀୟ ପର୍ଯ୍ୟାୟରେ ୬୦ ବର୍ଷରୁ ଊର୍ଦ୍ଧ୍ୱ ବୟସ୍କ ଓ ତୃତୀୟ ପର୍ଯ୍ୟାୟରେ ୪୫ରୁ ୬୦ ବର୍ଷ ବୟସ୍କ ଏବଂ ଏବେ ୧୮ରୁ ୪୫ ବର୍ଷ ବୟସ୍କଙ୍କୁ ଟିକାକରଣ ଆରମ୍ଭ ହୋଇଛି। ଏବେ କେନ୍ଦ୍ର ସରକାର ୧୮ ବର୍ଷ ବୟସ୍କଙ୍କୁ ଟିକାକରଣ ପାଇଁ ଯୋଜନା କରିଛନ୍ତି। ମାତ୍ର ଟିକା ଅଭାବ ଯୋଗୁ ଦେଶର ବିଭିନ୍ନ ଅଞ୍ଚଳରେ ଟିକାଦାନ ବାଧାପ୍ରାପ୍ତ ହୋଇଛି। ହଜାର ହଜାର ଟିକାଦାନ କେନ୍ଦ୍ର ବନ୍ଦ ରହିଛି। ଟିକାଦାନକୁ ତ୍ୱରାନ୍ୱିତ କରିବା ପାଇଁ ଆସନ୍ତା ଡିସେମ୍ବର ଶେଷ ସୁଦ୍ଧା କେନ୍ଦ୍ର ସରକାର ୨୧୬ କୋଟି ଡୋଜ୍ ଟିକା କିଣିବାକୁ ଲକ୍ଷ୍ୟ ଧାର୍ଯ୍ୟ କରି ଦେଶର ସମସ୍ତ ବୟସ୍କଙ୍କୁ ବର୍ଷ ଶେଷ ସୁଦ୍ଧା ଟିକାଦାନ କରିବାକୁ ଲକ୍ଷ୍ୟ ରଖିଛନ୍ତି। ଏଥିରୁ ଦେଶରେ ଟିକାର ଅଭାବ ସ୍ପଷ୍ଟ ଅନୁମାନ କରାଯାଇପାରେ। ଟିକାଦାନ ଅଭାବ ପୂରଣ ପାଇଁ କେନ୍ଦ୍ର ସରକାର କୋଭିଶିଲ୍ଡ ଓ କୋଭାକ୍ସିନ ବ୍ୟତୀତ ଇତିମଧ୍ୟରେ ରୁଷ ନିର୍ମିତ ସ୍ପୁଟନିକ-ଭି-ଟିକାକୁ ମଧ୍ୟ ଅନୁମୋଦନ କରିଛନ୍ତି। ସେହିପରି ଫାଇଜର, ମଡର୍ନା, ଜେ ଆଣ୍ଡ ଜେ ପରି କେତେକ ବିଦେଶୀ ଟିକା ମଧ୍ୟ କିଣିବାକୁ ଯୋଜନା କରିଛନ୍ତି। ଅନ୍ୟପକ୍ଷରେ ଟିକାର ଅଭାବ ପୂରଣ ପାଇଁ କେତେକ ବିଦେଶୀ ଟିକା ଦେଶରେ ଉତ୍ପାଦନ କରିବା ପାଇଁ ସରକାର ଚିନ୍ତା କରିଛନ୍ତି। ଏହାଦ୍ୱାରା ଟିକାର ଅଭାବ ପୂରଣ ହେବା ଆଶା କରାଯାଏ।

– ସୌଭାଗ୍ୟ ରଞ୍ଜନ ମହାନ୍ତି, ଗଙ୍ଗୋତ୍ରୀ ନଗର, ଶିଶୁପାଳଗଡ଼

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଚିରନ୍ତନୀ

ହେ ଗାୟକ ତୋର ମୁଖରିତ ମୂରଛନା
ନୀରବିଲା ସବୁ ଅନ୍ତର ଅରଚନା
ଯେ ଗୀତ ରଚିଲୁ ଆରେ ଚିର ଆନମନା !
କଣ୍ଠ ତୋହର ନ ପାରିଲା ତାହା ଗାଇ,
ପଥ କାହିଁ ? ପଥ କାହିଁ ?

-(ପଥ କାହିଁ)
-କାଳିନ୍ଦୀ ଚରଣ ପାଣିଗ୍ରାହୀ

## ପୋଖରୀରେ ବୁଡ଼ି ୨ ନାବାଳିକା ମୃତ

**ବାସୁଦେବପୁର,(ଡି.ଏନ.ଏ.):** ଭଦ୍ରକ ଜିଲା ବାସୁଦେବପୁର ବ୍ଲକର ବ୍ରଜାନନ୍ଦପୁର ଗ୍ରାମରେ ବୁଧବାର ପୋଖରୀରେ ବୁଡ଼ି ୨ ନାବାଳିକାଙ୍କର ମୃତ୍ୟୁ ହୋଇଛି। ମୃତ ନାବାଳିକା ହେଲେ ବ୍ରଜାନନ୍ଦପୁର ଗ୍ରାମର ଘନଶ୍ୟାମ ବାରିକଙ୍କ ଝିଅ ଟିଁକି ବାରିକ(୯)। ଅନ୍ୟ ଜଣେ ହେଲେ ଘଣ୍ଟେଶ୍ୱର ଗ୍ରାମର ଚଗଲା ଘଡ଼େଇଙ୍କ ଝିଅ ଲକ୍ଷ୍ମୀପ୍ରିୟା ଘଡ଼େଇ(୧୩)। ଦୁଇ ଜଣ ସମ୍ପର୍କୀୟ ଭଉଣୀ ଅଟନ୍ତି। ପୋଖରୀରେ ଗାଧୋଉଥିବା ବେଳେ ଅସାବଧାନତାବଶତଃ ବୁଡ଼ିଯାଇଥିଲେ। ଦୁଇ ନାବାଳିକାଙ୍କର ମୃତଦେହକୁ ନାୟକାଣିଡିହୀ ପୋଲିସ ଜବତ କରି ବ୍ୟବଚ୍ଛେଦ ପାଇଁ ଡାକ୍ତରଖାନା ପଠାଇଛି।

## ପାଠକ ବାପପୁଅଙ୍କୁ ଜାମିନ


### ଚାକିରି ନାଁରେ ଠକେଇ ମାମଲା

**କଟକ ଅଫିସ, ୯।୬:** ଗଞ୍ଜାମ ଜିଲା ଗୋଳନ୍ଥରା ଥାନାରେ ଆଇଏଫଏସ୍ ଅଫିସର ଅଭୟକାନ୍ତ ପାଠକ ଓ ତାଙ୍କ ପୁଅ ଆକାଶଙ୍କ ବିରୋଧରେ ହୋଇଥିବା ମାମଲାରେ ହାଇକୋର୍ଟରୁ ଉଭୟଙ୍କୁ ଜାମିନ ମିଳିଛି। ଉଭୟ ୨ ଲକ୍ଷ ଟଙ୍କା ଲେଖାଏ ଜମା କରିବା ସହ ଦୁଇଜଣ ଜାମିନଦାରଙ୍କ ବଳରେ ଜାମିନରେ ଯିବେ ବୋଲି ହାଇକୋର୍ଟ ଆଦେଶରେ ସ୍ପଷ୍ଟ କରିଛନ୍ତି। ଗୋଳନ୍ଥରା ଥାନା ଅଞ୍ଚଳର ଲକ୍ଷ୍ମୀ ନାରାୟଣ ନାୟକଙ୍କ ପୁଅକୁ ଟାଟା କମ୍ପାନୀରେ ଚାକିରି କରାଇଦେବା ନାଁରେ ୬ ଲକ୍ଷ ଟଙ୍କା ବିଧାୟକ ପ୍ରଦୀପ ପାଣିଗ୍ରାହୀଙ୍କ ଜରିଆରେ ନିଆଯାଇଥିଲା। ଏହା ସମ୍ପୂର୍ଣ୍ଣ ଜାଲିଆତି ବୋଲି ନାୟକ ଜାଣିବା ପରେ ଅଭୟକାନ୍ତ ଓ ଆକାଶଙ୍କ ନାଁରେ ଗୋଳନ୍ଥରା ଥାନାରେ ଏତଲା ଦେଇଥିଲେ। ଏ ନେଇ ପୋଲିସ ମାମଲା ରୁଜୁ କରିଥିଲା। ଏହି ମାମଲାରେ ଜାମିନ ପାଇଁ ଉଭୟେ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ହାଇକୋର୍ଟ ବିଚାରପତି ଜଷ୍ଟିସ୍ ସଙ୍ଗମ କୁମାର ସାହୁ ମାମଲାର ଶୁଣାଣି କରି ଉଭୟଙ୍କୁ ଜାମିନ୍ ପ୍ରଦାନ କରିଛନ୍ତି।

# କ୍ୟାପିଟାଲ ହସ୍ପିଟାଲରେ ପ୍ରତିଷ୍ଠା ହେବ ଏକ୍‌ମୋ ମେଶିନ

**ଭୁବନେଶ୍ୱର, ୯।୬(ବ୍ୟୁରୋ)**

କରୋନାରେ ଗୁରୁତର ରୋଗୀଙ୍କ ପାଇଁ ଏବେ ଏକ୍‌ମୋ ଚିକିତ୍ସା ଜରୁରୀ ହୋଇପଡୁଛି। ରାଜ୍ୟରେ କୌଣସି ସରକାରୀ ହସ୍ପିଟାଲରେ ଏହି ମେଶିନ ନ ଥିବାରୁ ବହୁ ରୋଗୀ ଚିକିତ୍ସା ପାଇଁ ଅନ୍ୟ ରାଜ୍ୟକୁ ସ୍ଥାନାନ୍ତର ହେଉଛନ୍ତି। ତେଣୁ ଆବଶ୍ୟକତାକୁ ଦୃଷ୍ଟିରେ ରଖି ଭୁବନେଶ୍ୱର କ୍ୟାପିଟାଲ ହସ୍ପିଟାଲରେ ଏକ୍‌ମୋ ମେଶିନ ପ୍ରତିଷ୍ଠା ହେବ ବୋଲି ସ୍ୱାସ୍ଥ୍ୟମନ୍ତ୍ରୀ ନବ କିଶୋର ଦାସ ବୁଧବାର ସୂଚନା ଦେଇଛନ୍ତି। ସେ କହିଛନ୍ତି, ଏସ୍‌ସିବି ମେଡିକାଲ ସମେତ କ୍ୟାପିଟାଲ ହସ୍ପିଟାଲରେ ମଧ୍ୟ ଏହି ଚିକିତ୍ସା ସେବା ଉପଲବ୍ଧ ହେବ। ରାଜ୍ୟକୁ ଆବଶ୍ୟକ ମେଶିନ ଯୋଗାଣ, ସ୍ଥାପନ ଓ ବ୍ୟବହାର ପାଇଁ ଟେଣ୍ଡର ପ୍ରକ୍ରିୟା ଶେଷ ହୋଇଛି। ଭାରତରେ ଏହି ମେଶିନ ଉତ୍ପାଦନ ହେଉ ନାହିଁ। ତେଣୁ ବିଦେଶରୁ ମେଶିନ ଆଣିବା ପ୍ରକ୍ରିୟା ଚାଲିଥିବା



ଡିଏମ୍‌ଇଟି ସି.ବି.କେ. ମହାନ୍ତି କହିଛନ୍ତି।

ଗୁରୁତର ରୋଗୀଙ୍କ ଫୁସ୍‌ଫୁସ୍ ଓ ହୃତ୍‌ପିଣ୍ଡ ଠିକ୍‌ରେ କାମ କରୁ ନ ଥିଲେ ଏକ୍ସଟ୍ରାକର୍ପୋରିଲ୍ ମେମ୍ବ୍ରାନ୍ ଅକ୍ସିଜେନେଶନ (ଏକ୍‌ମୋ) ମେଶିନର ଆବଶ୍ୟକ ପଡ଼େ। ବାହାରୁ ଅକ୍ସିଜେନ ଦିଆଗଲେ ବି ଯଦି ଫୁସ୍‌ଫୁସ୍ ଶରୀରକୁ ଯୋଗାଇବାରେ ବିଫଳ ହୁଏ କିମ୍ବା ଭେଣ୍ଟିଲେଟର ଲାଗିବା ପରେ ଯଦି ଶରୀରୁ ଅଙ୍ଗାରକାମ୍ଳ ନିର୍ଗତ ନ ହୁଏ କିମ୍ବା ହୃତ୍‌ପିଣ୍ଡ ଶରୀରକୁ ପର୍ଯ୍ୟାପ୍ତ ପରିମାଣର ରକ୍ତ ଯୋଗାଣରେ ବିଫଳ ହୁଏ, ସେତେବେଳେ ମଧ୍ୟ ଏକ୍‌ମୋ ମେଶିନ ବ୍ୟବହାର ହୋଇଥାଏ। ଓଡ଼ିଶାରେ ମାତ୍ର ଦୁଇଟି ଘରୋଇ ହସ୍ପିଟାଲରେ ଏକ୍‌ମୋ ମେଶିନ ରହିଥିଲେ ମଧ୍ୟ ରାଜ୍ୟର କୌଣସି ସରକାରୀ ମେଡିକାଲରେ ଏହି ଚିକିତ୍ସା ଉପଲବ୍ଧ ନାହିଁ। ଫଳରେ ସପ୍ତାହ ମଧ୍ୟରେ ୩ ଜଣ ଗୁରୁତର କରୋନା ଆକ୍ରାନ୍ତଙ୍କୁ ଏୟାରଲିଫ୍ଟ କରାଯାଇସାରିଲାଣି। ପ୍ରଥମେ ଗଞ୍ଜାମର ଅମ୍ରିତ ପ୍ରଧାନଙ୍କୁ ଚେନ୍ନାଇକୁ ଏୟାରଲିଫ୍ଟ କରାଯାଇଥିବାବେଳେ ମଙ୍ଗଳବାର ଭିଜିଲାନ୍ସ ନିର୍ଦ୍ଦେଶକ ଦେବାଶିଷ ପାଣିଗ୍ରାହୀ ଓ ବୁଧବାର ଭଦ୍ରକର ଅଭିଷେକ ମହାପାତ୍ରଙ୍କୁ କୋଲକାତାକୁ ଏୟାରଲିଫ୍ଟ କରାଯାଇଛି। ଆଗକୁ ଏହି ଚିକିତ୍ସା ପାଇବାକୁ ଥିବା ରୋଗୀଙ୍କ ସଂଖ୍ୟା ବଢ଼ିଲେ ସ୍ଥିତି ଅସମ୍ଭାଳ ହୋଇଯିବ ବୋଲି ବିଶେଷଜ୍ଞମାନେ ମତପ୍ରକାଶ କରିଛନ୍ତି। ସବୁଠାରୁ ବଡ଼ କଥା ହେଲା ଏହି ଚିକିତ୍ସା ପାଇଁ ଯାଉଥିବା ରୋଗୀଙ୍କ ଲାଗି ଦିନକୁ ପ୍ରାୟ ୨ରୁ ୩ ଲକ୍ଷ ଟଙ୍କା ଖର୍ଚ୍ଚ ହୋଇଥାଏ।

## ଔଷଧ ଦୋକାନ କର୍ମଚାରୀଙ୍କୁ ଟିକା ଦେବାକୁ ନିର୍ଦ୍ଦେଶ

**ଭୁବନେଶ୍ୱର, ୯।୬(ବ୍ୟୁରୋ)**

ରାଜ୍ୟର ସମସ୍ତ ଔଷଧ ଦୋକାନର କର୍ମଚାରୀଙ୍କୁ ଟିକା ଦେବା ପାଇଁ ପ୍ରାଥମିକତା ଦେବାକୁ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ପ୍ରଦୀପ୍ତ କୁମାର ମହାପାତ୍ର ନିର୍ଦ୍ଦେଶ ଦେଇଛନ୍ତି। ଏନେଇ ସେ ବୁଧବାର ସମସ୍ତ ଜିଲାପାଳ, ମହାନଗର ନିଗମ କମିଶନର, ଜିଲା ମୁଖ୍ୟ ଚିକିତ୍ସାଧିକାରୀଙ୍କୁ ଚିଠି ଲେଖିଛନ୍ତି। କରୋନା ଭଳି ସମୟରେ ଔଷଧ ଦୋକାନର କର୍ମଚାରୀମାନେ କୌଣସି ବାଧାବିଘ୍ନରେ ସାଧାରଣ ଲୋକଙ୍କୁ ସେବା ଯୋଗାଇଛନ୍ତି। ଲକ୍‌ଡାଉନ୍ ବା ଶଟ୍‌ଡାଉନ ସବୁ ସମୟରେ ସେମାନେ ଔଷଧ ବିତରଣରେ କୌଣସି ହେଳା କରିନାହାନ୍ତି। ତେଣୁ ସେମାନଙ୍କ କାର୍ଯ୍ୟ ଓ ସ୍ୱାସ୍ଥ୍ୟ ସୁରକ୍ଷାକୁ ଦୃଷ୍ଟିରେ ରଖି ଔଷଧ ଦୋକାନର କର୍ମଚାରୀଙ୍କୁ ଟିକାକରଣରେ ପ୍ରାଧାନ୍ୟ ଦେବା ପାଇଁ ସେ ନିର୍ଦ୍ଦେଶ ଦେଇଛନ୍ତି। ଯେଉଁ କର୍ମଚାରୀମାନେ ୪୫ ଓ ଊର୍ଦ୍ଧ୍ୱ ବର୍ଷର ହୋଇଥିବେ ସେମାନଙ୍କୁ କେନ୍ଦ୍ର ସରକାରଙ୍କ ପକ୍ଷରୁ ଦିଆଯାଉଥିବା ଟିକା ଏବଂ ଯେଉଁମାନେ ୧୮ରୁ ୪୪ବର୍ଷ ମଧ୍ୟରେ ଥିବେ ସେମାନଙ୍କୁ ରାଜ୍ୟ ସରକାର କିଣିଥିବା ଟିକାକୁ ଦେବା ପାଇଁ ଚିଠିରେ ଦର୍ଶାଯାଇଛି।

## ଚିଲିକାରୁ ମୃତ ଡଲ୍‌ଫିନ ଉଦ୍ଧାର

**ବ୍ରହ୍ମଗିରି,୯।୬(ଡି.ଏନ.ଏ):** ଚିଲିକାରେ ଭାସୁଥିବା ଏକ ମୃତ ଡଲଫିନକୁ ବନ ବିଭାଗ ବୁଧବାର ଉଦ୍ଧାର କରିଛି। ଚିଲିକାର ସେଣ୍ଟ୍ରାଲ ସେକ୍ଟରରୁ ଏକ ଡଲଫିନ ମରି ଭାସି ଆସି ବରୁଣକୁଦାଠାରେ ଲାଗିଥିଲା। ସ୍ଥାନୀୟ ମତ୍ସ୍ୟଜୀବୀ ଦେଖି ବନ ବିଭାଗକୁ ଜଣାଇଥିଲେ। ଖବରପାଇ ସାତପଡ଼ା ବନ ବିଭାଗ ଟିମ୍ ପହଞ୍ଚି ଏହାକୁ ଉଦ୍ଧାର କରି ଚିକିତ୍ସାଳୟକୁ ନିଆଯାଇଛି। ଉକ୍ତ ଡଲଫିନଟି ମାଈ ଡଲଫିନ ହୋଇଥିବା ସମୟରେ ଏହାର ଲମ୍ବ ୭.୪ ଇଞ୍ଚ, ଗୋଲେଇ ୪.୩ ଇଞ୍ଚ। ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ମୃତ୍ୟୁର କାରଣ ଜଣାପଡ଼ିବ ବୋଲି ସାତପଡ଼ା ରେଞ୍ଜ ଅଧିକାରୀ ମାନସ ରଞ୍ଜନ ମହାପାତ୍ର କହିଛନ୍ତି।


**Office of the Jharsuguda Municipality**

No. 1700/JM Dt. 04.06.21

**2ND CORRIGENDUM TO**
**Bid Identification No. EO/JMC/01/2020-21**
**Tender Call Notice No.1169/JM Dt.26.05.2021**

No. C-371:- In view of long lockdown duration the online bidding date is hereby extended to dated 15.06.2021 instead of dated 07.06.2021 and the date of submission of documents hard copy is extended till dated 17.06.2021 upto 3.00 PM and the bid will be opened on dated 17.06.2021 at 3.30 PM and all the terms and conditions remain same.

**Sd./- Executive Officer, Jharsuguda Municipality**
OIPR-13165/11/0002/2122


# ୨ ଅଭିଯୁକ୍ତଙ୍କୁ ଗିରଫ କଲା କ୍ରାଇମବ୍ରାଞ୍ଚ

**ଭୁବନେଶ୍ୱର,୯।୬(ବ୍ୟୁରୋ)**

**ଏନ୍‌ଏଚ୍‌ଏମ୍ ପୋର୍ଟାଲ ହ୍ୟାକ୍ କରି ୫.୧ କୋଟି ଠକେଇ ମାମଲା**
- ୩ କୋଟି ୩୦ଲକ୍ଷ ଜବତ
- ଇ-ଚେକ୍‌ରେ ଟଙ୍କା ଟ୍ରାନ୍ସଫର କରିଥିଲେ
- ଏଡିଏମ୍‌ଓ, ସିଡିଏମ୍‌ଓଙ୍କ ନକଲି ଷ୍ଟାମ୍ପ ଲଗାଇଥିଲେ

ଜାତୀୟ ସ୍ୱାସ୍ଥ୍ୟ ମିଶନ (ଏନଏଚ୍‌ଏମ୍) ପୋର୍ଟାଲ ହ୍ୟାକ୍ କରି ଇ-ଚେକ୍ ଜରିଆରେ ୫.୧ କୋଟି ଠକେଇ ମାମଲାରେ ସମ୍ପୃକ୍ତ ୨ ଅଭିଯୁକ୍ତଙ୍କୁ କ୍ରାଇମବ୍ରାଞ୍ଚର ଅର୍ଥନୈତିକ ଅପରାଧ ଶାଖା (ଇଓଡବ୍ଲ୍ୟୁ) ଗିରଫ କରିଛି। ଏଥିସହ ସେମାନଙ୍କଠାରୁ ୩ କୋଟି ୩୦ ଲକ୍ଷ ଟଙ୍କା ଜବତ କରାଯାଇଛି। ଗିରଫ ୨ ଅଭିଯୁକ୍ତ ହେଲେ ଭବାନୀପାଟଣାର ରାଜକିଶୋର ନାୟକ ଓ ସହଯୋଗୀ ଅନନ୍ତ ଚରଣ ପ୍ରଧାନ। ଉଭୟଙ୍କୁ ପଚରାଉଚରା ପରେ ସୋନପୁର ଏସ୍‌ଡିଜେଏମ୍ କୋର୍ଟକୁ ସ୍ଥାନାନ୍ତର କରାଯାଇଥିଲା। ଜାମିନ ଆବେଦନ ଖାରଜ ହେବା ପରେ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି।

ଗତ ଏପ୍ରିଲ ୭ରେ ସୁବର୍ଣ୍ଣପୁର ଜିଲା ସ୍ୱାସ୍ଥ୍ୟ ସମିତି (ଜେଡ୍‌ଏସ୍‌ଏସ୍) ଓ ଏନ୍‌ଏଚ୍‌ଏମ୍ ଆକାଉଣ୍ଟରୁ ବେଆଇନ ଭାବେ ୫ କୋଟି ୧ ଲକ୍ଷ ୫୦ ହଜାର ଟଙ୍କା ଅନ୍ୟ ଆକାଉଣ୍ଟକୁ ଟ୍ରାନ୍ସଫର କରାଯାଇଥିଲା। ଏ ନେଇ ସୁବର୍ଣ୍ଣପୁର ସିଡିଏମ୍‌ଓ ମେ ୧ରେ ଇଓଡବ୍ଲ୍ୟୁରେ ଅଭିଯୋଗ କରିବା ପରେ ନଂ. ୮/୨୧ରେ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରାଯାଇଥିଲା। ତଦନ୍ତରୁ ଜଣାପଡିଛି ଯେ, ଅଭିଯୁକ୍ତ ରାଜକିଶୋର ୨୦୧୬ ଏପ୍ରିଲ ୧୮ ପୂର୍ବରୁ ସୋନପୁର ଏନ୍‌ଏଚ୍‌ଏମ୍‌ରେ ଅସ୍ଥାୟୀ ଭିତ୍ତିରେ ଆକାଉଣ୍ଟାଣ୍ଟ ଭାବରେ କାର୍ଯ୍ୟ କରି ୨୦୨୦ ଡିସେମ୍ବର ୧୨ରେ ଚାକିରି ଛାଡିଥିଲେ। ଏହା ପରେ ସେ ଓଲଟପୁରର ସ୍ୱାମୀ ବିବେକାନନ୍ଦ ନ୍ୟାଶନାଲ ଇନଷ୍ଟିଚ୍ୟୁଟ୍ ଅଫ୍ ରିହାବିଲିଟେଶନ ଟ୍ରେନିଂ ଆଣ୍ଡ ରିସର୍ଚ୍ଚ ସେଣ୍ଟରରେ ଅସ୍ଥାୟୀ ଆକାଉଣ୍ଟାଣ୍ଟ ଭାବରେ ନିଯୁକ୍ତ ହୋଇଥିଲେ। ଗତ ମାର୍ଚ୍ଚରେ ରାଜକିଶୋର ସହଯୋଗୀ ଅନନ୍ତ ଓ ଅନ୍ୟ କେତେଜଣଙ୍କ ସହ ମିଶି ଟଙ୍କା ହଡପ ଯୋଜନା କରିଥିଲେ। ଏନ୍‌ଏଚ୍‌ଏମ୍ ପୋର୍ଟାଲକୁ ଅନଧିକୃତ ଭାବରେ ହ୍ୟାକ୍ କରି ୫ କୋଟି ୧ ଲକ୍ଷ ୫୦ ହଜାର ଟଙ୍କାର ଏକ ଇ-ଚେକ୍ ସୃଷ୍ଟି କରିଥିଲେ। ଏହାପରେ ଅଭିଯୁକ୍ତମାନେ ସୋନପୁର ଏଡିଏମ୍‌ଓ ଓ ସିଡିଏମ୍‌ଓଙ୍କ ନକଲି ଷ୍ଟାମ୍ପ ତିଆରି କରି ଚେକ୍‌ରେ ବ୍ୟବହାର କରି ସୋନପୁର ଏସ୍‌ବିଆଇ ବ୍ୟାଙ୍କରେ କ୍ଲିୟରାନ୍ସ କରିଥିଲେ। ଏପ୍ରିଲ ୭ରେ ଏମ୍/ଏସ୍ ନାରୁରାଲ୍ସ ନାମରେ ଥିବା ଆକାଉଣ୍ଟକୁ ଉକ୍ତ ଟଙ୍କା ଟ୍ରାନ୍ସଫର ହୋଇଥିଲା। ଅନୁସନ୍ଧାନ ସମୟରେ ଇ-ଚେକ୍ ପ୍ରସ୍ତୁତ ପାଇଁ ବ୍ୟବହୃତ ମୋବାଇଲ୍ ଫୋନ୍ ଓ ଅନ୍ୟାନ୍ୟ କାଗଜପତ୍ର ଜବତ ସହ ମେ ୫ରେ ଏମ୍/ଏସ୍ ନାରୁରାଲ୍ସର କର୍ମଚାରୀ ସମୀର କୁମାରପାତ୍ରୀଙ୍କୁ ଗିରଫ କରାଯାଇଥିଲା। ଏବେ ଆଉ ୨ଜଣଙ୍କୁ ଗିରଫ କରାଯାଇଥିବାବେଳେ ସମ୍ପୃକ୍ତ ଅନ୍ୟ ଅଭିଯୁକ୍ତଙ୍କୁ ଧରିବା ପାଇଁ ତଦନ୍ତ ଚଳାଇଛି ଇଓଡବ୍ଲ୍ୟୁ।

# ବିଧାୟକ ପାଣ୍ଠି ସଂଶୋଧନ କର

- ମୁଖ୍ୟମନ୍ତ୍ରୀ, ବାଚସ୍ପତିଙ୍କୁ ଚିଠି ଲେଖିଲେ ଭାଜପା ବିଧାୟକ
- ଭିତ୍ତିଭୂମି ପ୍ରସ୍ତୁତି ପାଇଁ ଖର୍ଚ୍ଚ କରିବାକୁ ଦାବି

**ଭୁବନେଶ୍ୱର,୯।୬(ବ୍ୟୁରୋ)**

ବିଧାୟକ ପାଣ୍ଠି (ଏମ୍‌ଏଲ୍‌ଏ ଲ୍ୟାଡ୍ ଫଣ୍ଡ)କୁ କୋଭିଡ୍ ପରିଚାଳନା ଭିତ୍ତିଭୂମି ପ୍ରସ୍ତୁତି ଦିଗରେ ଖର୍ଚ୍ଚ କରିବାକୁ ରାଜ୍ୟ ସରକାର ଆଣିଥିବା ଗାଇଡ୍‌ଲାଇନରେ ଆବଶ୍ୟକ ସଂଶୋଧନ କରିବାକୁ ଭାଜପା ବିଧାୟକମାନେ ଦାବି କରିଛନ୍ତି। କେବଳ ମାସ୍କ ପାଇଁ ନୁହେଁ ବରଂ ରାଜ୍ୟର ସମସ୍ତ ଉପଖଣ୍ଡସ୍ତରୀୟ ସ୍ୱାସ୍ଥ୍ୟକେନ୍ଦ୍ର, ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର, ପ୍ରାଥମିକ ଏବଂ ଉପ ସ୍ୱାସ୍ଥ୍ୟକେନ୍ଦ୍ରରେ କୋଭିଡ୍ ରୋଗୀଙ୍କ ପାଇଁ ସଙ୍ଗରୋଧ କକ୍ଷ (ଆଇସୋଲେଶନ ରୁମ୍), ଶିଶୁମାନଙ୍କ ପାଇଁ ସ୍ୱତନ୍ତ୍ର କୋଭିଡ୍ କେୟାର ରୁମ୍, ଅକ୍ସିଜେନ ଓ ଭେଣ୍ଟିଲେଟର ସଂଯୁକ୍ତ ଶଯ୍ୟା, ଅକ୍ସିଜେନ ଓ ଭେଣ୍ଟିଲେଟର ସଂଯୁକ୍ତ ଅତ୍ୟାଧୁନିକ ଆମ୍ବୁଲାନ୍ସ, କୋଭିଡ୍ ପରୀକ୍ଷା ଓ ଚିକିତ୍ସା ପାଇଁ ଆବଶ୍ୟକ ମେଡିକାଲ ଯନ୍ତ୍ରପାତି ଓ କିଟ୍, ଉପଖଣ୍ଡସ୍ତରୀୟ ଓ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଅକ୍ସିଜେନ୍ ପ୍ଲାଣ୍ଟର ନିର୍ମାଣ କରିବା ଦାବିରେ ଏମ୍‌ଏଲଏ ଲ୍ୟାଡ୍ ଫଣ୍ଡ ସଂଶୋଧନ କରିବାକୁ ଭାଜପା ବିଧାୟକମାନେ ମୁଖ୍ୟମନ୍ତ୍ରୀ ଏବଂ ବାଚସ୍ପତିଙ୍କୁ ଚିଠି ଲେଖି ଦାବି ଜଣାଇଛନ୍ତି। କୋଭିଡ୍ ମହାମାରୀ କବଳରୁ ଓଡ଼ିଶାବାସୀଙ୍କୁ ସୁରକ୍ଷା ଦେବା ନିମନ୍ତେ ରାଜ୍ୟ ସରକାରଙ୍କ ସହ ମିଳିତ ଉଦ୍ୟମ କରିବା ପାଇଁ ଭାଜପା ପ୍ରତିଶ୍ରୁତିବଦ୍ଧ। କୋଭିଡ୍ ମୁକାବିଲା ପାଇଁ ଓଡ଼ିଶାବାସୀଙ୍କୁ ମାସ୍କ ବଣ୍ଟନ ଲାଗି ପ୍ରତି ନିର୍ବାଚନମଣ୍ଡଳୀରେ ବିଧାୟକ ପାଣ୍ଠିରୁ ୫୦ ଲକ୍ଷ ଟଙ୍କା ଖର୍ଚ୍ଚ କରିବାକୁ ନୀତିଗତ ନିଷ୍ପତ୍ତି ନିଆଯାଇଛି।

କୋଭିଡ୍ ସଂକ୍ରମଣର ୨ୟ ଲହର ପରେ ୩ୟ ଲହରରେ ଶିଶୁମାନେ ଅଧିକ ପ୍ରଭାବିତ ହେବାର ସମ୍ଭାବନା ରହିଛି। ରାଜ୍ୟର ସମସ୍ତ ଉପଖଣ୍ଡସ୍ତରୀୟ ସ୍ୱାସ୍ଥ୍ୟକେନ୍ଦ୍ର, ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର, ପ୍ରାଥମିକ ଏବଂ ଉପ ସ୍ୱାସ୍ଥ୍ୟକେନ୍ଦ୍ରର ଭିତ୍ତିଭୂମିକୁ ବର୍ତ୍ତମାନ ସୁଦ୍ଧା ସୁଦୃଢ଼ କରାଯାଇ ପାରିନାହିଁ। ଦ୍ୱିତୀୟ ଲହରରେ ଗ୍ରାମାଞ୍ଚଳବାସୀ କୋଭିଡ୍ ସଂକ୍ରମଣର ବେଶି ଶିକାର ହୋଇଛନ୍ତି। କୋଭିଡ୍ ସଂକ୍ରମଣର ୧ମ ଓ ୨ୟ ଲହରରେ ରାଜ୍ୟ ସରକାର ପର୍ଯ୍ୟାପ୍ତ ପରିମାଣର ମାସ୍କ କିଣିଛନ୍ତି। ଏଥିସହ ବିଭିନ୍ନ ବେସରକାରୀ ସଂସ୍ଥା ଓ ସଂଗଠନ, ଶିଳ୍ପାନୁଷ୍ଠାନ, ପିଏସ୍‌ୟୁ ସଂସ୍ଥା, ସ୍ୱେଚ୍ଛାସେବୀ ସଂଗଠନମାନେ ନିଜସ୍ୱ ପାଣ୍ଠିରୁ ପର୍ଯ୍ୟାପ୍ତ ପରିମାଣର ମାସ୍କ ବଣ୍ଟନ କରିଛନ୍ତି। କୋଭିଡ୍ ମହାମାରୀ ସମୟରେ ଜନସାଧାରଣଙ୍କୁ ଉତ୍ତମ ସ୍ୱାସ୍ଥ୍ୟସେବା ନିରନ୍ତର ଭାବେ ଯୋଗାଇ ଦେବା ନିମନ୍ତେ ବିଧାୟକ ପାଣ୍ଠି (ଏମ୍‌ଏଲ୍‌ଏ ଲ୍ୟାଡ୍) ଗାଇଡ୍‌ଲାଇନରେ ଆବଶ୍ୟକ ସଂଶୋଧନ କରିବା ଦରକାର ବୋଲି ବିଧାୟକମାନେ ଦାବି କରିଛନ୍ତି। ପୂର୍ବରୁ ଏହି ପାଣ୍ଠି ଅର୍ଥରୁ କେବଳ ମାସ୍କ, ଗ୍ଲୋଭ୍ସ, ପିପିଇ କିଟ୍ କ୍ରୟ କରିବାର ବ୍ୟବସ୍ଥା ଥିବାବେଳେ ବର୍ତ୍ତମାନର ସ୍ୱାସ୍ଥ୍ୟସେବା ସ୍ଥିତିକୁ ସମୀକ୍ଷା କଲେ ଏହି ସଂଶୋଧନ ନିହାତି ଆବଶ୍ୟକ ବୋଲି ବିରୋଧୀ ଦଳ ମୁଖ୍ୟ ସଚେତକ ମୋହନ ମାଝି କହିଛନ୍ତି।

ଏହି ଅଭିଯାନରେ ମୁକେଶ ମହାଲିଙ୍ଗ, ନାଉରୀ ନାଏକ, ଲଳିତେନ୍ଦୁ ବିଦ୍ୟାଧର ମହାପାତ୍ର, ସୁବାସ ପାଣିଗ୍ରାହୀ, କୁସୁମ ଟେଟେ, ଶଙ୍କର ଓରାମ, ଭବାନୀ ଭୋଇ, ବୁଧନ ମୁର୍ମୁ, ନବ ଚରଣ ମାଝି, ନିତ୍ୟାନନ୍ଦ ଗଣ୍ଡ ପ୍ରମୁଖ ସାମିଲ ଥିଲେ।


**OFFICE OF THE MUNICIPAL COUNCIL, JODA**
**CANCELLATION NOTICE**
No. 3238 Dt. 08.06.2021

No. C-369:- The bid Identification No.-JM-01/2021-22 with Tender ID- 2021_ORULB_68928_1 to 2021_ORULB_68928_14 is hereby cancelled due to some unavoidable circumstances.

**Sd./- Executive Officer, Joda Municipality**
OIPR-13124/11/0002/2122

**OFFICE OF THE NOTIFIED AREA COUNCIL, SURADA, GANJAM**
Main Road, Surada, Ganjam, Odisha, PIN - 761108
Phone: 06819-270129, Fax: 06819-270129, E-mail: officerexecutive14@yahoo.com
Letter No. 1038/NAC Dtd.: 09.06.2021

**E-Procurement Notice**
Tender Call Notice No. SURADA/NAC/2021-22/01
No. C-372 TENDER ID - 2021_ORULB_69021

1. Name of the Work : Individual Civil Construction Works as Published in the Website
2. No. of Works put to tender : 25 Nos of Civil Work
3. Estimated Cost : Rs.89,287/- to Rs.14,08,035/-
4. Period of Completion : 30 to 180 days
5. Date & time of availability of Bid documents in the portal : From 10.00 hours of Dtd.10.06.2021 to 17.00 hours of Dtd.26.06.2021
6. Last date/time for receipt of Bids in the portal : 17.00 hours of 26.06.2021
7. Date of Submission of required documents to be submitted : On 28.06.2021 (During the office hours)
8. Date and time of opening of Bid : 11.00 hours of 29.06.2021
9. Name and address of the Officer Inviting Bid : Executive Officer, Surada NAC, Surada

Further details can be seen from the e-procurement portal **https://tendersorissa.gov.in**.

**Sd./- Executive Officer, NAC, Surada, Ganjam**
OIPR-13101/11/0003/2122

**ଜିଲ୍ଲା ଖଣିଜ ପ୍ରତିଷ୍ଠାନ, ସୁନ୍ଦରଗଡ଼**
**DISTRICT MINERAL FOUNDATION, SUNDARGARH**
Collectorate Campus
(Near Sub-Collector Office), Sundargarh - 770001
Tel./Fax No. 06622-273846, E-mail: dmfsundergarh@gmail.com
Letter No. 2199/DMF Dated: 09.06.21

**Ref. No. DMF/SNG/02-2021-22**

**Request for Proposal (RFP) for Supply and Delivery of Personal Protective Equipments (PPE's) & other Esential Articles to the Workers Working at Hazardous Places and ARE at Risk of Injury in Different Locations of Sundargarh District.**

Collector-cum-Chairperson, District Mineral Foundation (DMF) Sundargarh, Government of Odisha invites application from reputed vendors/distributors/suppliers in India. Interested bidders may download the RFP document from Sundargarh District portal i.e. **www.sundergarh.nic.in**. Due date and time for submission of bids 29.06.2021 upto 3.00 P.M.

**Sd./- Collector & Chairperson**
**DMF, Sundargarh**

obcc No. CAD-424

**ଓଡ଼ିଶା ସେତୁ ନିର୍ମାଣ ନିଗମ ଲିଃ**
(ଓଡ଼ିଶା ସରକାରଙ୍କ ଏକ ଉଦ୍ୟୋଗ)
**ODISHA BRIDGE & CONSTRUCTION CORPORATION LIMITED**
(A Government of Odisha Undertaking)

**File No.TCF-01/2021-22/Ref. No. 4249** **Date:- 08.06.2021**

**e-PROCUREMENT NOTICE**
**BID IDENTIFICATION NO. 05/TOLL/OBCC/2021-22**

1. Odisha Bridge & Construction Corporation Limited, Vikash Bhavan, Bhubaneswar on behalf of the Governor of Odisha, invites **'online'** tender in **double cover system** for the toll gates as detailed in the table below from the intending bidders for collection of toll for the period as mentioned against each toll gate.

| Sl. No. | Name of the R&B toll gates. | Upset Price (In Rs.) | E.M.D. (In Rs.) | Cost of Bid document (In Rs.) | Operation Period |
|---|---|---|---|---|---|
| 1 | 2 | 3 | 4 | 5 | 6 |
| 1. | Mahanadi bridge toll gate near Sonepur on Sambalpur-Sonepur Road. | 1,61,81,261/- | 16,18,126/- | 10,000/- + 1200/- (GST) | One year from the effective date of Agmt. |
| 2. | Tomka Toll gate on Daitari-Duburi Express Highway road. | 2,63,19,998/- | 26,32,000/- | 10,000/- + 1200/- (GST) | One year from the effective date of Agmt. |
| 3. | Ranja Bridge toll gate on Sohela-Barpali-Binika-Rampur road. | 1,61,15,999/- | 16,11,600/- | 6,000/- + 720/- (GST) | One year from the effective date of Agmt. |
| 4. | Ratnachira Bridge toll gate on New Jagannath Sadak at Churali | 32,00,300/- | 3,20,030/- | 6,000/- + 720/- (GST) | 10.08.2021 to 09.08.2022 |
| 5. | Lanth Bridge toll gate on T.K.G.T. Road **(R.D. Toll gate)** | 3,79,800/- | 37,980/- | 2,000/- + 240/- (GST) | 31.07.2021 to 30.07.2022 |
| 6. | Suktel Bridge Toll gate on Patnagarh-Dumkipali Road. **(R.D. Toll gate)** | 3,51,000/- | 35,100/- | 2,000/- + 240/- (GST) | 22.06.2021 to 21.06.2022 |

2. Bid documents consisting of terms and conditions of contract and other necessary documents can be seen in the website **https://tendersodisha.gov.in.**
3. The bidder shall transfer the cost of Earnest Money Deposits (EMD) and cost of the bid document as specified against each toll gate in the above table Column 4 & 5 respectively **on online** through a process as mentioned under DTCN.
4. The Bid Documents will be available in the website **https://tendersodisha.gov.in** from **10.00 A.M. of dtd.10.06.2021 to 5.00 P.M. of dt.19.06.2021 for online bidding.**
5. The bidder must possess compatible Digital Signature Certificate (DSC) of Class-II or Class-III.
6. Bid shall be received **only in "online" on or before 5.00 P.M. of dt.19.06.2021.**
7. Bid received online shall be opened **at 11.30 A.M. on dt.21.06.2021** in the office of the Managing Director, O.B. & C.C. Ltd., Nayapalli, Bhubaneswar, Odisha in the presence of the bidders who wish to attend. Bidders who participated in the bid can witness the opening of bids after logging on to the site through their DSC. If the office happens to be closed on the date of the opening of the bids as specified, the bids will be opened on the next working day at the same time and venue.
8. The Corporation reserves the right to cancel any or all bids/reject any or all bids/ terminate the contract without issueing prior notice in the event of any changes in the Govt. Acts/Rules & Regulations/Circulars/Instructions/Orders/Decisions to abolish any toll gate/Relocate any toll gate/Modification of rates of toll on public interest at any time starting from the tender process till completion of the agreement period.
   It is binding on the part of the bidders/the auction holder that he/she should obey to the Government Acts/Rules & Regulations/Circulars/Instructions/Orders/Decisions issued from time to time regarding toll matter.
9. The other details can be seen in the bidding documetns.
10. Any Addendum/corrigendum will be displayed in the website only.
11. **The authority reserves the right to reject any or all bids without assigning any reasons.**

**Sd./- CHIEF GENERAL MANAGER (P&A)**
OIPR-34123/11/0005/2122

**OFFICE OF PANCHAYAT SAMITI, JODA**
Letter No. 1752 No. i-63 Date: 08.06.2021

**DETAIL TENDER CALL NOTICE 03/BDO-JODA OF 2021-22**

1. The Block Development Officer, Joda invites sealed percentage rate tenders in Single Cover System on behalf of Government of Odisha from registered and eligible class of civil contractor of the State P.W.D. (R&B)/Water Resources/Rural Works/M.I./C.P.W.D. for the following work eventually to be drawn up in the P.W.D. F-2 forms in conformity with the Detailed Tender Call Notice.

| Sl. No. | Name of the GP | Name of the School | No. of Items | Project Name | Amount put to tender in Rs. | Cost of Tender Paper in Rs. | Time of Completion | Class of Contractor |
|---|---|---|---|---|---|---|---|---|
| 1 | Deojhar | Dhabaleswar HS | 2 | Const. of two Additional class room | 21,11,226.00 | 6000 | 4 Months | B & C |
| 2 | Deojhar | Dhabaleswar HS | 1 | Const. of Science Lab room | 14,23,722.00 | 6000 | 4 Months | C & D |
| 3 | Jajang | Govt. UGHS | 1 | Const. of Additional Class room | 10,57,971.00 | 6000 | 4 Months | C & D |
| 4 | Jajang | Govt. UGHS | 1 | Const. of Science Lab room | 14,23,722.00 | 6000 | 4 Months | C & D |
| 5 | Jurudi | Sri Jagannath HS | 3 | Const. of three additional class room | 31,79,957.00 | 6000 | 4 Months | B & C |
| 6 | Jurudi | Sri Jagannath HS | 1 | Const. of Science Lab room | 14,23,722.00 | 6000 | 4 Months | C & D |
| 7 | Kandara | BDHS, Kandara | 1 | Const. of additional class room | 10,57,971.00 | 6000 | 4 Months | C & D |
| 8 | Kandara | BDHS, Kandara | 1 | Const. of Science Lab room | 14,23,722.00 | 6000 | 4 Months | C & D |
| 9 | Bolani | Kiriburu HS | 2 | Cosnt. of two additional class room | 21,11,226.00 | 6000 | 4 Months | B & C |
| 10 | Bolani | Kiriburu HS | 1 | Const. of Science Lab room | 14,23,722.00 | 6000 | 4 Months | C & D |
| 11 | Badakalimati | Bamebari HS | 2 | Const. of two additional class room | 21,11,226.00 | 6000 | 4 Months | B & C |
| 12 | Bhadrasahi | KBHS Bhusugaon | 3 | Cosnt. of three additional class room | 31,79,957.00 | 6000 | 4 Months | B & C |
| 13 | Bhadrasahi | KBHS Bhusugaon | 2 | Const. of two additional class room | 21,11,226.00 | 6000 | 4 Months | B & C |
| 14 | Joda Municipality | Joda Valley Girls HS | 2 | Const. of two additional class room | 21,11,226.00 | 6000 | 4 Months | B & C |
| 15 | Joda Municipality | Joda West Hindi HS | 2 | Const. of two additional class room | 21,11,226.00 | 6000 | 4 Months | B & C |
| 16 | Joda Municipality | Joda West Hindi HS | 1 | Const. of Science Lab room | 14,23,722.00 | 6000 | 4 Months | C & D |
| 17 | Joda Municipality | Baneikala HS | 3 | Const. of three additional class room | 31,79,957.00 | 6000 | 4 Months | B & C |
| 18 | Joda Municipality | Joda HS | 3 | Const. of three additional class room | 31,79,957.00 | 6000 | 4 Months | B & C |
| 19 | Joda Municipality | Joda HS | 2 | Const. of two additional class room | 21,11,226.00 | 6000 | 4 Months | B & C |
| 20 | Barbil Municipality | Municipal HS Nalda | 1 | Const. of additional class room | 10,57,971.00 | 6000 | 4 Months | C & D |
| 21 | Barbil Municipality | Kalinganagar HS | 3 | Const. of three additional class room | 31,79,957.00 | 6000 | 4 Months | B & C |
| 22 | Barbil Municipality | Kalinganagar HS | 2 | Const. of two additional class room | 21,11,226.00 | 6000 | 4 Months | B & C |
| 23 | Barbil Municipality | Kalinganagar HS | 1 | Const. of Boundary Wall | 9,86,806.00 | 6000 | 4 Months | C & D |
| 24 | Barbil Municipality | Kalinganagar HS | 1 | Const. of Science Lab room | 14,23,722.00 | 6000 | 4 Months | C & D |
| 25 | Barbil Municipality | Municipal (Govt.) HS | 3 | Const. of three additional class room | 31,79,957.00 | 6000 | 4 Months | B & C |
| 26 | Barbil Municipality | Municipal (Govt.) HS | 2 | Const. of two additional class room | 21,11,226.00 | 6000 | 4 Months | B & C |
| 27 | Barbil Municipality | Municipal (Govt.) HS | 1 | Const. of Science Lab room | 14,23,722.00 | 6000 | 4 Months | C & D |
| 28 | Barbil Municipality | Barbil Girl's HS | 2 | Const. of two additional class room | 21,11,226.00 | 6000 | 4 Months | B & C |

**Terms and Conditions:**

1. **Cost of Tender Paper:** The tender specification can be obtained from the Office of the Block Development Officer, Joda on payment towards the cost of tender papers as mentioned above (Non-Refundable) in shape of Bank Draft or Demand Draft only (No other modes will be entertained) drawn in favour of Block Development Officer, Joda in any Nationalized Bank having its branch at Keonjhar on any working day **from 09.06.2021** for the above work.
2. **Sale of Tender Papers:** The tender documents will be sold **from 09.06.2021 to 24.06.2021** at Block Office, Joda **between 07.00 A.M. to 1.00 P.M. from 09.06.2021 to 11.06.2021 and 10.00 A.M. to 4.00 P.M. from onwards upto 24.06.2021** on working days only.
3. **Date of receipt and mode of submission of tender papers:** The tenderers have to submit the sealed tender papers in complete shape through **Registered Post/Speed Post** only, by directly sending it to the B.D.O., Joda in his official postal address. The last date of receipt of tender papers is **24.06.2021 upto 5.00 P.M.** The undersigned will not be responsible for postal delay if any or non receipt of the papers in time. **The tenderers must superscribe the name of the work/project on the sealed envelope.**
4. **Date of Opening of Tender Paper:** The tender paper shall be opened on **25.06.2021 at 11.00 P.M.** in the presence of the tenderers or their authorized representative having written authorization for the purpose and the tender committee.
5. **Document to be attached:** The following document should be furnished with the tender papers failing which the tender will be liable to rejection.
   (a) Attested copy of Contractor Registration Certificate.
   (b) Attested copy of PAN Card and Certificate of GSTIN.
   (c) Attested copy of Caste Certificate issued by competent authorities in case of SC/ST Contractors desirous of availing perference.
   (d) The bidders have to produce an original affidavit in support of the authenticity of documents attached with the tender papers.
   (e) "Bid Security Declaration" should be submitted.
   (f) Joint venture consortium agreement are not allowed to participate in tender.
   (g) Shortfall of any required document(s) and tender paper is liable for rejection.
6. **Additional Performance Security Deposit:** The affidavit in lieu of APS will be submitted by the successful bidder for the cost of less quoted in percentage of the amount put to tender before the singing of the agreement of the contract. (Vide Works Department Letter No. 14459 Date: 20.09.2018, Govt. of Odisha, Works Department). As per the Memorandum No. 4559 Dt.05.04.2021 of Works Deptt. Govt. of Odisha modified to APS will be followed as detailed below:

| Sl. No. | Range of Difference Between the Estimate Cost put to Tender and Bid Amount | Additional Performance Security to be deposited by the successful Bidder |
|---|---|---|
| 1 | Below 5% | No. Additional Performance Security |
| 2 | From 5% and above and below 10% | 50% of (Difference between estimated cost put to tender and Bid Amount) |
| 3 | From 10% and above | 150% of (Difference between estimated cost put to tender and Bid Amount) |

7. **Forfeiture:** The EMD amount will be forfeited, if the tenderer backs out from the offer acceptance of tender, by the competent authority.
8. Submission of more than one tender paper by a bidder for a single work will be liable for rejection of all such tender papers.
9. If the rate quoted by the bidder is more less than (14.99% less) of the tendered amount, then such a bid shall be rejected and the tender shall be finalized basing on merits of the rest bids. But if mroe than one bid is quoted at 14.99% (Decimal upto two numbers will be taken for practical purpose) less than the estiamted cost, the tendered accepting authorities will finalize the tender through a transparent lottery system where all bidders/authorized representatives, the concerned Block Development Officer and tender committee will remain present.
10. The Block Development Officer, Joda reserve the right to reject any or all the tenders without asigning any reasons thereof. Other details can be seen in the bidding documetns.
11. The successful bidder shall sign an agreement with BDO, Joda in the non-judicial paper of worth Rs.200/- (Rupees two hundred) only for executing the work.

**Sd./- Block Development Officer, Joda**
OIPR-19044/11/0002/2122

# ମଣିଷକୁ ଭାଗକରେ ରାଜନୀତି, ଯୋଡ଼େ ସାହିତ୍ୟ

## ଭାରତ-ଭାରତୀ


ଲକ୍ଷ୍ମୀନନ୍ଦନ ବୋରା

**ଲକ୍ଷ୍ମୀନନ୍ଦନ ବୋରା**ଙ୍କ ଜନ୍ମ ୧୫ ଜୁନ୍ ୧୯୩୨ରେ, ଆସାମ ନଅଗାଁ ଜିଲାର ଏକ ପଡ଼ାଗାଁ କୁଜିଦହରେ। ଅହମିୟା ଭାଷାରେ ଲେଖୁଥିବା ବୋରା ଭାରତୀୟ ସାହିତ୍ୟରେ ଜଣେ ଦିଶାନିଷ୍ଠ ଔପନ୍ୟାସିକ ଓ କଥାକାର। ଷାଠିଏରୁ ଉର୍ଦ୍ଧ୍ୱ ଗ୍ରନ୍ଥର ପ୍ରଣେତା ଏହି ଯଶସ୍ୱୀ ଲେଖକଙ୍କର ପ୍ରମୁଖ କେତୋଟି ଗ୍ରନ୍ଥ ହେଲା: ଉପନ୍ୟାସ- 'ଗଙ୍ଗା-ଚିଲନୀର ପାଖି' (୧୯୬୩), 'ମାଟିତ ମେଘର୍ ଚାନ୍' (୧୯୭୦), 'ପାତାଲ ଭୈରବୀ' (୧୯୮୬), 'ମତ୍ସ୍ୟକନ୍ୟା' (୧୯୯୫), 'ଯାକେରି ନାହିକେ ଉପାମ' (୧୯୯୭)। କ୍ଷୁଦ୍ରଗଳ୍ପ- 'ଦୃଷ୍ଟିରୂପା' (୧୯୫୮), 'ସେହି ଅନୁରାଗ' (୧୯୮୩), 'ପ୍ରେୟସୀ' (୧୯୯୬)। 'ପାତାଲ ଭୈରବୀ' ଉପନ୍ୟାସ ପାଇଁ ତାଙ୍କୁ ୧୯୮୮ରେ ମିଳିଛି 'ସାହିତ୍ୟ ଏକାଡେମୀ ପୁରସ୍କାର' ଓ 'କାୟକଳ୍ପ' ଉପନ୍ୟାସ ପାଇଁ ୨୦୦୮ରେ ମର୍ଯ୍ୟାଦାଜନକ 'ସରସ୍ୱତୀ ସମ୍ମାନ'। ୨୦୧୫ରେ ଭାରତ ସରକାରଙ୍କ ଦ୍ୱାରା ସେ ପଦ୍ମଶ୍ରୀ ସମ୍ମାନରେ ସମ୍ମାନିତ। ଏହି ପ୍ରଥିତଯଶା ଲେଖକଙ୍କର ୮୯ବର୍ଷ ବୟସରେ ପରଲୋକ ହୋଇଛି ୩ ଜୁନ୍ ୨୦୨୧ରେ ଗୌହାଟୀରେ, କୋଭିଡ୍-୧୯ ସଂକ୍ରମଣରେ। ସ୍ୱଭାଷାର ସାହିତ୍ୟ ପ୍ରତି ତାଙ୍କର ଜୀବନବ୍ୟାପୀ ଅବଦାନକୁ ସ୍ମରଣରେ ରଖି ତାଙ୍କ ପ୍ରତି ଧରିତ୍ରୀ 'ସାହିତ୍ୟାୟନ'ର ଏ ଶବ୍ଦ-ଶ୍ରଦ୍ଧା...

ଲକ୍ଷ୍ମୀନନ୍ଦନ ବୋରା ଅହମିୟା ସାହିତ୍ୟର ଜୀବନ୍ତ କିମ୍ବଦନ୍ତୀ। ୧୯୫୪ରେ 'ରାମଧେନୁ' ପତ୍ରିକାରେ ପ୍ରଥମ ଗଳ୍ପ 'ଭାଓନା' ପ୍ରକାଶ ପାଇବା ପରେ ଅହମିୟା ସାହିତ୍ୟରେ ତାଙ୍କ ନାଁ ଦରଜ ହୁଏ। ପ୍ରଥମ ବହି 'ଦୃଷ୍ଟିରୂପା' ପ୍ରକାଶ ପାଏ ୧୯୫୮ରେ। ଜୀବନର ପ୍ରଥମ ଉପନ୍ୟାସ, ଯାହା ତାଙ୍କୁ ପାଠକ ମହଲରେ ପ୍ରସିଦ୍ଧି ଆଣିଦିଏ, ପ୍ରକାଶ ପାଏ ୧୯୬୩ରେ। ଶୀର୍ଷକ 'ଗଙ୍ଗା-ଚିଲନୀର ପାଖି'। ଚଳଚ୍ଚିତ୍ର ନିର୍ମାତା ପଦୁମ ବରୁଆଙ୍କ ଦୃଷ୍ଟିକୁ ଆସେ ଉପନ୍ୟାସଟି ଓ ସେ ତାକୁ ଚଳଚ୍ଚିତ୍ରର ରୂପ ଦିଅନ୍ତି ସେହି ନାଆଁରେ ୧୯୭୬ରେ। ଉପନ୍ୟାସ ପ୍ରକାଶର ୧୩ ବର୍ଷ ପରେ। ଲେଖକ ଜୀବନର ଆରମ୍ଭ ଦିନରେ ବୋରାଙ୍କ ରଚନାର ରସଦ ହୁଏ ତାଙ୍କ ଜନ୍ମିତ ଗାଁ ଓ ଆଖପାଖର ଅବହେଳିତ ମଣିଷ। ପରେପରେ ରାଜନୀତି ଓ ନଗର ଜୀବନ ହୋଇଉଠେ ତାଙ୍କ ଗଳ୍ପ, ଉପନ୍ୟାସର କେନ୍ଦ୍ରବିନ୍ଦୁ। ୧୯୮୦ରେ ପ୍ରକାଶ ପାଏ ତାଙ୍କ ଚର୍ଚ୍ଚିତ ଉପନ୍ୟାସ 'ଆକୌ ଶରାଇଘାଟ'। ରାଜନୈତିକ ଶଠତା ଓ ଭ୍ରଷ୍ଟାଚାରରେ ଶିଙ୍ଗ ଲଗେଇ 'ଜାତୀୟ ନିରାପତ୍ତା ଆଇନ' ବଳରେ ସେ ଗିରଫ ହୁଅନ୍ତି।

ଲକ୍ଷ୍ମୀନନ୍ଦନ ତାଙ୍କ ଲେଖକ ଜୀବନରେ କଦାପି ସ୍ଥିରଜଳର ମାଛ ନୁହନ୍ତି। ବଦଳୁଥିବା ସମୟ ସହିତ ତାଳଦେଇ ତାଙ୍କ ଲେଖାର ସ୍ୱରୂପ ବଦଳୁଥାଏ। କାହିଁ 'ଗଙ୍ଗା-ଚିଲନୀର ପାଖି', କାହିଁ 'ପାତାଲ ଭୈରବୀ'! ଏକ 'ସାକ୍ଷାତ୍କାର' (୨୦୧୧ରେ ଭାସ୍କରଜ୍ୟୋତି ଭଟ୍ଟାଚାର୍ଯ୍ୟଙ୍କ ଦ୍ୱାରା ଗୃହୀତ ଓ 'ସୃଜନ' ପତ୍ରିକାରେ ପ୍ରକାଶିତ)ରେ ଲେଖକ କହନ୍ତି: ''ମୋ' ଗାଁକୁ ଲାଗି ବହିଯାଇଛି ସୋଣାଇ ନଈ। ନଈକୂଳରେ ଘର ବାନ୍ଧିଥିବା ମଣିଷମାନେ ବଡ଼ ଦୁଃଖୀ। ଏମାନଙ୍କ ମଧ୍ୟରୁ କେତେକ ହୀରା ସମ୍ପ୍ରଦାୟର, କେତେକ କୈବର୍ତ୍ତ ଓ ତିବା ସମ୍ପ୍ରଦାୟର। ଅଭାବୀ ହେଲେ ବି ଏମାନେ ହୃଦୟବାନ୍, ଦରଦୀ ଓ ସରଳ। ସବୁବେଳେ ପ୍ରେମ ଛଳଛଳ। ସୃଜନ-ଜୀବନର ପ୍ରଥମ ପନ୍ଦର ବର୍ଷ ମୁଁ ଏମାନଙ୍କ କଥା ଲେଖିଛି। ଏମାନଙ୍କ ଜୀବନର ସୁନ୍ଦର ନିଶ୍ଚୟତା ମୋତେ ମୁଗ୍ଧ କରିଛି। ଗାଁ କଥା, ଚଉକତିର କଥା ଲେଖୁଲେଖୁ ଲେଖିବା ମୋର ଆଦତ ହୋଇଯାଇଛି।''

ଲକ୍ଷ୍ମୀନନ୍ଦନଙ୍କ ଜୀବନ ନାନା ଉତ୍ଥାନ ପତନ ଦେଇ ଗତିଶୀଳ। ବାପା ଫୁଲେଶ୍ୱର ଓ ମାଆ ଫୁଲେଶ୍ୱରୀଙ୍କୁ ସେ ହରାଇ ବସନ୍ତି କୈଶୋରରେ। ବଡ଼ଭାଇ କମଳ ଚନ୍ଦ୍ରଙ୍କ ଦ୍ୱାରା ପ୍ରତିପାଳିତ ଲକ୍ଷ୍ମୀ ନଅଗାଁ ହାଇସ୍କୁଲ୍‌ରୁ ପଢ଼ାସାରି ଗୌହାଟୀର କଟନ୍ କଲେଜରୁ ବିଜ୍ଞାନରେ ସ୍ନାତକ ଓ କଲିକତାର ପ୍ରେସିଡେନ୍ସି କଲେଜରୁ ସ୍ନାତକୋତ୍ତର ଡିଗ୍ରୀ ହାସଲ କରନ୍ତି। ଆନ୍ଧ୍ର ବିଶ୍ୱବିଦ୍ୟାଳୟରୁ ମେଟିଓରୋଲୋଜିର ପ୍ରଥମ ଗବେଷକ ଭାବେ ପାଆନ୍ତି ପିଏଚ୍.ଡି ଡିଗ୍ରୀ। ଜୋରହାଟର କୃଷି ବିଶ୍ୱବିଦ୍ୟାଳୟରେ ଅଧ୍ୟାପନା କରି ବିତେ ତାଙ୍କ ବୃତ୍ତି-ଜୀବନର ସିଂହଭାଗ ଓ ସେଇଠୁ ସେ ଅବସର ନିଅନ୍ତି। ମାଧୁରୀଙ୍କ ସହ ବିବାହ ହୁଏ ୧୯୬୧ରେ। ବିବାହ ଲଗ୍ନକୁ ମନେପକାଇ ଲକ୍ଷ୍ମୀନନ୍ଦନ କହନ୍ତି: ''କେବଳ ଖଣ୍ଡିଏ ଉପନ୍ୟାସକୁ ଛାଡ଼ି ମୁଁ ମୋର ସବୁ ଉପନ୍ୟାସ ଲେଖିଛି ବିବାହ ପରେ।''

ସୁଦୀର୍ଘ ଲେଖକ ଜୀବନରେ ବୋରା ୬୦ଟିରୁ ଊର୍ଦ୍ଧ୍ୱ ଗ୍ରନ୍ଥ ରଚନା କରିଛନ୍ତି; ଯହିଁରେ ଅନ୍ତର୍ଭୁକ୍ତ ୨୯ଟି ଉପନ୍ୟାସ, ୨୬ଟି ଗଳ୍ପଗ୍ରନ୍ଥ ଓ ଜୀବନୀଗ୍ରନ୍ଥ। 'କାଲ ବାଲୁକାତ ଖୋଜ' (ଅହମିୟା ପାକ୍ଷିକ 'ପ୍ରାନ୍ତିକ'ରେ ଧାରାବାହିକ ଭାବେ ପ୍ରକାଶିତ ଓ ପରେ ଗ୍ରନ୍ଥାୟିତ), କତିପୟ ନାଟକ ଓ ଭ୍ରମଣ କାହାଣୀ। ଏହା ବାଦ୍ ରହିଛି ବିଜ୍ଞାନ ଓ କୃଷି ସମ୍ବନ୍ଧୀୟ ରଚନାବଳୀ। 'ଗଙ୍ଗା-ଚିଲନୀର ପାଖି' ୧୧ଟି ଭାଷାରେ ଓ 'ସରସ୍ୱତୀ ସମ୍ମାନ'ପ୍ରାପ୍ତ ଉପନ୍ୟାସ 'କାୟାକଳ୍ପ' (୨୦୦୮) ଇଂଲିଶ୍ ସମେତ ୨୨ଟି ଭାଷାରେ ଅନୂଦିତ। ଏହା ହିଁ ପ୍ରମାଣ ସର୍ଜନଶୀଳ ଲେଖକ ଭାବେ ତାଙ୍କ ଲୋକପ୍ରିୟତାର। ୧୯୯୭ରେ ରଚିତ 'ଯାକେରି ନାହିକେ ଉପାମ' ଓ 'ସେହି ଗୁଣନିଧି' ଉପନ୍ୟାସ ଦୁଇଟି ଯଥାକ୍ରମେ ସନ୍ଥସାଧକ ଶଙ୍କରଦେବ ଓ ତାଙ୍କ ଶିଷ୍ୟ ମାଧବଦେବଙ୍କ ଜୀବନୀ ଆଧାରିତ।

ବହୁ ଗ୍ରନ୍ଥ ତ ଲେଖିଛନ୍ତି ଲକ୍ଷ୍ମୀନନ୍ଦନ, ହେଲେ ଯେଉଁ କେତୋଟି ତାଙ୍କୁ ଅହମିୟା ସାହିତ୍ୟର ଶୀର୍ଷାସନରେ ବସାଇଛି, ତନ୍ମଧ୍ୟରେ 'ଗଙ୍ଗା-ଚିଲନୀର ପାଖି' ହେଉଛି ଅନ୍ୟତମ। କିନ୍ତୁ ତାଙ୍କର କ୍ଷୋଭ ଯେ ସିନେମା ନ ହେବା ପର୍ଯ୍ୟନ୍ତ କୌଣସି ନାମକରା ସମାଲୋଚକ ବହିଟିକୁ ଆଡ଼ ଆଖିରେ ଚାହିଁ ନାହାନ୍ତି। ତେଣୁ ବିରକ୍ତିଭରା କଣ୍ଠରେ ସେ କହିଛନ୍ତି: ''ସମାଲୋଚନା କୌଣସି ସାହିତ୍ୟର ଉନ୍ନତି ସାଧନ କରିବ, ଏହା ମୁଁ ଭାବେ ନାହିଁ।'' ନିଜ ଭାଷାର ସମାଲୋଚକଙ୍କ ଉପେକ୍ଷା ସତ୍ତ୍ୱେ 'ଅସମ ସାହିତ୍ୟ ସଭା' ତାଙ୍କୁ ଯାଚି ଦେଇଛି ସଭାପତିର ଆସନ ୧୯୯୬ରେ। ସାପ୍ତାହିକୀ 'ରଙ୍ଗପୁର'ର ମଧ୍ୟ ସେ ପ୍ରତିଷ୍ଠାତା। ତାଙ୍କ ସମ୍ପାଦିତ 'ଗରିୟସୀ' ପତ୍ରିକାରେ ଲେଖି ଅହମିୟା ସାହିତ୍ୟର ନୂଆ ପିଢ଼ି ଆଲୋକ ଦେଖିଛି।

ବୃତ୍ତିଗତ ଓ ରୁଚିଗତ ଭାବେ ବୋରା ଥିଲେ ଆଗତଦର୍ଶୀ। ଯେତେବେଳେ ତାଙ୍କର ଅନୁଭବ ହେଲା ଯେ ଟିଭି, କମ୍ପ୍ୟୁଟରରେ ମାତି ଲୋକେ ଧୀରଗତିର ଗଳ୍ପ/ ଉପନ୍ୟାସରୁ କ୍ରମେ ମନ କାଢ଼ି ନେଉଛନ୍ତି, ସେତେବେଳେ ସେ କାହାଣୀକୁ ଗତିତୀବ୍ର ଓ ସଂଘାତପୂର୍ଣ୍ଣ କରିବାକୁ ଉଚିତ ମନେକଲେ। ବିଜ୍ଞାନର ଛାତ୍ର ଭାବେ ସେ ଜାଣିଥିଲେ ଯେ ଜେନେଟିକ୍ ଓ ଏଗ୍ରିକଲଚର ଇଞ୍ଜିନିୟରିଂ ଅସାଧ୍ୟ ସାଧନ କରିପାରେ। ତେଣୁ ଏଇ ଆଧାରରେ ଲେଖି ବସିଲେ ତାଙ୍କ କଳ୍ପବିଜ୍ଞାନ ଉପନ୍ୟାସ 'କାୟକଳ୍ପ' ୨୦୦୮ରେ। ଉପନ୍ୟାସର କଥାବସ୍ତୁ ସଂକ୍ଷେପରେ ଏହିପରି- ହିମାଳୟର ଏକ ବିଶେଷ ଉଦ୍ଭିଦର ରସପାନ କରି ଅନୁଜକ ନାମକ ଜଣେ ଗତଯୌବନ ମେଧାବୀ ଛାତ୍ର ପୁନଃ ଯୌବନ ପ୍ରାପ୍ତ ହୋଇଛି। ଏବେ ତାଙ୍କର ଲକ୍ଷ୍ୟ ନିରନ୍ତର ଭୋଗ ଓ କାମନାତୃପ୍ତି। ଅଯାଚିତ ଯୌବନ କିପରି ବ୍ୟକ୍ତିକୁ ଓ ସମାଜକୁ କଳୁଷିତ କରିଦେଇପାରେ, ତାହା ଦେଖାଇ ଦେବା ହେଉଛି ଉପନ୍ୟାସର ଉଦ୍ଦେଶ୍ୟ।

ଅସମ ସାହିତ୍ୟ ସଭାର ୬୩ତମ ଅଧିବେଶନରେ ବକ୍ତବ୍ୟ ରଖି ଲକ୍ଷ୍ମୀନନ୍ଦନ କହିଥିଲେ: ''ଆଜିର ରାଜନୀତି ମଣିଷକୁ ଭାଗ ଭାଗ କରେ, କିନ୍ତୁ ସାହିତ୍ୟ-ସଂସ୍କୃତି କରେ ଏକଜୁଟ୍।'' ବୋରାଙ୍କର ଏହି ବକ୍ତବ୍ୟ ତାଙ୍କ ଚାଲିଯିବାର ବହୁ ବର୍ଷ ଯାଏଁ ଯେ ପ୍ରାସଙ୍ଗିକ ହୋଇ ରହିଥିବ, ଏଥିରେ ସନ୍ଦେହ ନାହିଁ।

**ପ୍ରସ୍ତୁତି: ଡ. ହୃଷୀକେଶ ମଲ୍ଲିକ**
ମୋ: ୯୮୫୩୨୮୭୭୫୫

## କବିତା

### ମୁହଁ ଦର୍ପଣ
**ଦୁର୍ଗା ଚରଣ ଷଡ଼ଙ୍ଗୀ**

ମୁଁ ଏଯାଏଁ ବି ହୋଇପାରିଲିନି କାହାର।
ନା ବଞ୍ଚି ଶିଖିଲି ନିଜ ଭିତରେ ନିଜେ
ନା ବଞ୍ଚନାର ଭାଗ୍ୟ ନେଇ
ହେଲି ବେଘର ନିଜଠୁଁ
କାହା ପଣତ ତଳର ଦାସଟିଏ ହୋଇ
ରହିପାରିଲି କି ସାରା କାଳକୁ!

ଇଚ୍ଛାର ମଣିଷଟା ସଦାକାଳ
ଅନିଚ୍ଛାରେ ହିଁ ବଞ୍ଚେ।
ଆତ୍ମରମଣରେ ନିଜେ ନିଜକୁ ପରଖେ
ବେଳେବେଳେ ଆଇନା କାଚରେ
ନିଜ ଚେହେରାକୁ ଦେଖି
ପଚାରେ ନିଜକୁ
କାହିଁ ବଞ୍ଚିଛି ଏଯାଏଁ?
କେବେ କାଲୁଁ କେତେ କିଏ ଗଲେଣି ଏଠାରୁ
ଅଥଚ ମୁଁ ଅଛି କାହିଁକି
ନ' ମରି ଯା ବୁଢ଼ା ହେବାଯାଏଁ!!

ଏଠି ତ ହଟିଆମାନଙ୍କର ଗହଳ ଚହଳ।
ସେମାନଙ୍କ ମଲ୍ଲିଫୁଲିଆ ଦାନ୍ତରେ
ଝାନ୍‌ଭିନ୍ ହେଉଥାଏ ମଧ୍ୟାହ୍ନର ଖରା
ଛଳ ସ୍ନେହରେ ବତୁରି ଯାଉଥାଏ
ଅବୋଲକରାର ମଗଜ
ବୌଦ୍ଧିକ ବିପ୍ଳବରେ ଉତୁରି ପଡୁଥାଏ
କାମବିଳାସିନୀର ଭାଗ୍ୟ
ହଟନାଗରମାନେ ତ ଚିରକାଳ ଏମିତି
ସହସ୍ର ଶୀର୍ଷା-ସହସ୍ର ପାଦ!!

ସବୁଥାଇ କିଛି ବି ହେଲିନି
ନା ଘରର ହେଲି ନା ବାହାରର
ଆଇନା ଆଗରେ ଛିଡ଼ା ହୁଏ ଯେବେ ଦର୍ପରେ
ଦେଖେ, ସେମିତି ହିଁ ଅଛି ମୁଁ ଥିଲି ଯେମିତି
କାହିଁ ଯୌବନ ମୋ' ସରିଯାଇନି ତ ଏଯାଏଁ!!

ମୋ: ୯୪୩୮୫୩୫୫୭୭

### ଘାସଫୁଲର ଗୀତି
**ଧନଞ୍ଜୟ ସ୍ୱାଇଁ**

ଭଙ୍ଗା ପଥରର ପାଦତଳେ ମୁଁ ଯେ
ଘାସଫୁଲ କେରିକେରି
ନୁହେଁ ମୁଁ ତୋଡ଼ାଏ ତାରାଫୁଲ କାହା
ଆଞ୍ଜୁଳା ଦେବି ଭରି।୦।

ଆଶାହୀନ ରାତି ଯାଏ ମୋର ବିତି
ଫିକା ଜହ୍ନ ଆଡ଼େ ଚାହିଁ
ଦେବତା ଶିରେ ମୁଁ ପାରେନି ଅଜାଡ଼ି
ମହକ ମୁଠାଏ ନେଇ
ମୁଁ ଯେ ଅବସାଦେ ଅନ୍ତରେ
କାନ୍ଦେ କାକର-ଲୁହ ମୋ' ଢାଳି
ଆଞ୍ଜୁଳା ଦେବି ଭରି...।୧।

ହିମଶୀତଳ ମୋ' ଦେହ ଯେବେ ଛୁଏଁ
ସକାଳର ସୁନାଖରା
ଖରା ଅବା କୁହେ ମାଟିଛାଡ଼ି ଡୁଉ
ସରଗେ ହୋଇଯା' ତାରା
ଯେବେ ମୁହିଁ ହସେ ଆସେନି କେ' ପାଶେ
ଆଦରି ନେବାକୁ ତୋଳି
ଆଞ୍ଜୁଳା ଦେବି ଭରି...।୨।

ମୋ: ୯୪୩୭୦୦୦୬୩୬

### ସେଇ ମୂର୍ତ୍ତି
**ଶୁଭସ୍ମିତା ପରିଡ଼ା**


ମମତାର ମୂର୍ତ୍ତି ସେ ଯେ
ତା' ତୁଣ୍ଡରୁ ଝରିପଡ଼େ
ଅପାର ଆଶିଷ
ତୁଣ୍ଡକୁ ଯାଏନା ହାତ
ଆମ ତୁଣ୍ଡେ ଆହାର ନ ଦେଲେ।

ବାଟ ଚାହିଁ ବସିଥାଏ
ଆମେ ନ ଫେରିବାଯାଏ ପାଇଟିରୁ
ସଂଜ ଗଡ଼ି ରାତି ହେଲେ
ଭାଗବତ ଶୁଣିବାକୁ ଗାଦି ବାରଣ୍ଡାରେ
ଚାରିଜଣ ସାଥି ହୋଇ ବସିପଡୁ
ଭାବ ଅଭାବରେ
ସମୟେ ସମୟେ କେତେ
ଆଗନ୍ତୁକ ଆସି ବସନ୍ତି ପାଖରେ
ଝୁରୁଅଛି ମନ ଆଜି
ସେଇ ମୂର୍ତ୍ତି, ସେଇ ମମତାରେ।

-ଲକ୍ଷ୍ମୀନାରାୟଣପୁର, ପିପିଲି, ପୁରୀ

## ପୁସ୍ତକ ପରିଚୟ

### ବିଅଣ୍ଡ ହିଅର୍ ଆଣ୍ଡ ଅଦର ପୋଏମ୍ସ




**କବି:** ବିଷ୍ଣୁପଦ ସେଠୀ
**ପ୍ରକାଶକ:** ହର୍-ଆନନ୍ଦ ପବ୍ଲିକେଶନ୍ସ, ନୂଆଦିଲ୍ଲୀ
**ପ୍ରଥମ ପ୍ରକାଶ:** ୨୦୨୧, **ମୂଲ୍ୟ:** ଟ.୬୯୫/-

ମୋଟ ୬୧ଟି କବିତାର ଏକ ଉଜ୍ଜ୍ୱଳ ସମ୍ଭାର କବି ବିଷ୍ଣୁପଦ ସେଠୀଙ୍କର ଏଇ କବିତାଗ୍ରନ୍ଥ "Beyond Here and other Poems." ପ୍ରାୟ କବିତାରେ ଜୀବନ ଓ ଜୀବନୋତ୍ତର ସତ୍ୟ ଅତି ସରଳ ଓ ଭାବୋଦ୍ଦୀପକ। 'A Lone Traveler', 'Ahimsa', 'Beyond the Lock Down', 'On Daughter's Day', 'Give me my Bicycle', 'Beyond Here', 'Our Names on the Sands of Time' ଓ 'Telepathy' ଭଳି କବିତା ପାଠ କରୁକରୁ ଘଡ଼ିଏ ଅଟକିଯାଏ ସହୃଦୟୀ ପାଠକ। ସେଠୀଙ୍କ କବିତାରେ 'ଅନୁଭୂତି' ଓ 'ଅନ୍ତର୍ଦୃଷ୍ଟି' ଯମଜ। ଗ୍ରନ୍ଥସ୍ଥ କବିତାର ନିରଳଂକାର ସୁଷମାକୁ ଯେ ଯତ୍ରତତ୍ର ଠାବ କରିବେ ପାଠକେ, ଏଥିରେ ସନ୍ଦେହ ନାହିଁ। ତେବେ କେତୋଟି ଉଦ୍ଧୃତି କଦାପି ଅବାଂତର ନୁହେଁ। ୧. "The process of joining/ And leaving me/ continues throughout./ It makes me feel/ I'm a lonely being/ I carry my own baggage,/ Non was with me,/ Non will accompany,/ For all the time x x." (A Lone Traveler, P-03), ୨. "Give me back/ my bicycle/ The one I had/ For the first time/ In my childhood" (Give me my Bicycle, p-44). 'ନିଃସଂଗତା' ଓ 'ନଷ୍ଟାଲଜିଆ' ମୁହାଁମୁହିଁ। ବିଷ୍ଣୁପଦଙ୍କ କବିତାର ଶବ୍ଦେ ଶବ୍ଦେ ପୂରି ରହିଛି ଅନନ୍ତ ଐଶ୍ୱରିକତା। ଜୀବନର ଅର୍ଥ, ପୁଣି ଜୀବନର ନିରର୍ଥକତା। କବିଙ୍କ ନିଜ ଭାଷାରେ 'ପଥର ଭିତରୁ ମୂର୍ତ୍ତି ଗଢ଼ି ଉଠିଲା ପରି'। ଭାରତୀୟ ଇଂଲିଶ୍ କବିତାରେ ଗ୍ରନ୍ଥଟିଏ ଏକ ବିରଳ ସଂଯୋଗ, ଏଥିରେ ସନ୍ଦେହ ନାହିଁ।

### ଚିତ୍ରା ମାଛରଙ୍କା




**ଲେଖିକା:** ପାରମିତା ଶତପଥୀ
**ପ୍ରକାଶକ:** ବିଦ୍ୟାପୁରୀ, ବାଲୁବଜାର, କଟକ-୨
**ପ୍ରଥମ ପ୍ରକାଶ:** ୨୦୨୦, **ମୂଲ୍ୟ:** ଟ.୧୭୦/-

ଆଲୋଚ୍ୟ ଗ୍ରନ୍ଥରେ ଗ୍ରନ୍ଥିତ ମୋଟ ୧୩ଟି ଗପ। ସବୁ ଗପରେ ଲେଖିକା ବଞ୍ଚୁଥିବା ସମୟ ଓ ସମାଜର ମିର୍ଚିମିଟି ବିଜୁଳି। ଗୋଟିଏ ଗପର ଉଦାହରଣ: 'ମନ ଦାଦନ'। ସୋମା ଓ ଆମେରିକାରେ ବୃତ୍ତିରତ ବିନୟ ଗୋଟିଏପଟେ, ଆରପଟେ କାମବାଲୀ ସୁନା ଓ ସୁରଟରେ ଦାଦନ ତା' ସ୍ୱାମୀ। ଦୁଇଟି ସମାନ୍ତରାଳ ଦାମ୍ପତ୍ୟ। ସୁନାର ସ୍ୱାମୀ ଛୁଟି ନେଇ ଆସେ କେବେକେବେ ସୁନାକୁ କେବଳ ମା' କରିବା ପାଇଁ। ଆଉ ସୋମା! ଇଞ୍ଜିନିୟରିଂ ଡିଗ୍ରୀ ଥାଇ ବି ନା ଆପଣେଇ ପାରେ ଚାକିରି ନା ସ୍ୱାମୀଙ୍କ ହାତଧରି ଉଡ଼ିଯାଇପାରେ ଆମେରିକା। ଦି' ସ୍ୱାମୀଙ୍କର ଦି' ପ୍ରକାର ଦାଦନ। କିନ୍ତୁ ଅସଲ ଦାଦନ କଷ୍ଟ ଭୋଗେ ଦି' ପତ୍ନୀଙ୍କର ଶଂକା ଛଟପଟ ମନ। ସୁତରାଂ ଗଳ୍ପର ନାମକରଣ 'ମନ ଦାଦନ'। ଯେମିତି 'ମନ ବୃନ୍ଦାବନ'। ପ୍ରତିଭାରେ ଉଷ୍ମା ନ ଥିଲେ ଏପରି ନାମକରଣ ସମ୍ଭବ ନୁହେଁ। ଗଳ୍ପର ଭାଷା ଛୁଇଁଦିଏ ହୃଦୟର ଅତଳକୁ। ଯଥା: ସୁନା କହୁଛି ସୋମାକୁ: ୧. ''ସେଥର ପେଟରେ ରହିଲା ଝିଅ। ପୁଅଝିଅ ବର୍ଷକର ଛୋଟବଡ଼। ଆଉ ନାଇଁ। ଇଏ ଚାଲିଗଲା ପରେ ମୁଁ ଶାଶୁ ଶ୍ୱଶୁରଙ୍କୁ ଲୁଚି ପେଟ ଧୁଆଇଦେଲି।'' (ପୃ: ୫୦)। ୨. ''ଶ୍ୱଶୁରଙ୍କ ଦମା ବେମାରିଯେ ଦିଦି, ରାତିସାରା କାଶୁଥିବେ।'' (ପୃ: ୫୧)। ଇଏ ତୃଣମୂଳ ଓଡ଼ିଆ। ପାରମିତା ଭାଷାକୁ ସମର୍ପିତା ସେବିକାଟିଏ ପରି ତିଆରି ତିଆରି ଖଞ୍ଜିଛନ୍ତି ତାଙ୍କ ଗପରେ ବହି ତମାମ। ଗପ ମଝିରେ ଆଖି ଏଡ଼ାଏ ନାହିଁ କବିତାର ତୀବ୍ରତା। ବିନୟ କହୁଛି ବାହା ହେଲା ସ୍ତ୍ରୀ ଉପରେ ତା' ଅଧିକାରର କଥା। ସୋମାକୁ ଲାଗୁଛି ''ଖୁବ୍ ତାତିଲା ପିଠାଖଡ଼ିକାକୁ ଛୁଇଁଦେଲା ପରି।'' (ପୃ: ୫୩)। ବହିଟି ଲେଖିକାଙ୍କୁ ସୁନାମ ଆଣିଦେବ ଅବଶ୍ୟ।

## ସାବତ ମାଆ
**ଜ୍ୟୋସ୍ନାରାଣୀ ଦାଶ**

ମିନି ଗଳ୍ପ

ମାନସିକ ଭିନ୍ନକ୍ଷମ ବେଡ଼ାପୁଅ ଯଦୁକୁ ଲୁହା ଶିକୁଳିରେ ବାନ୍ଧି ଦିନସାରା ଦାଣ୍ଡପଟ ବାରଣ୍ଡାରେ ବସାଇ ରଖୁଥିଲା ମା' କାବେରୀ। ବାପ ତା'ର ମହିଆ ମଦୁଆ। ବାହାଦିନରୁ ଭଲ ଶାଢ଼ି ଖଣ୍ଡେ ବି ତାକୁ ପିନ୍ଧାଇ ନାହିଁ। ଏଇ ଛଅ ବରଷର ବେଡ଼ାପୁଅଟା ଭଉ ପାଇଲା ଦିନରୁ କିଛି ପରିମାଣରେ ଦୁଃଖ ଯାଉଛି ତା'ର, କେହି ବନ୍ଧୁବାନ୍ଧବ ଆସିଲେ କିଛିକିଛି ଟଙ୍କା ସାହାଯ୍ୟ କରନ୍ତି। କାବେରୀ ଭାବେ ମୋ' ଭାଗ୍ୟରେ ତ ପାଗଳ ପୁଅ, ଏଇଟା କୋଉ ଭଲ ହେବ ଯେ ୟା ପାଇଁ ପୁଣି ଏତେ ଯତନ। ବେଡ଼ାପୁଅର ଲାଳ ସରସର ଖନେଇ ଖନେଇ ମା' ଡାକ ଶୁଣି ସେ ରାଗରେ ଜର୍ଜର ହୋଇଯାଏ। ଛିଃ, କି ଭାଗ୍ୟ ମୋର! ଏଇଟା ମରୁନି କି ମୋତେ ବି ଯମ ନଉନି। ଦିନେ ପାଖ ଗାଁର ଦୋକାନୀ ପିଲାକୁ ପଟେଇ କାବେରୀ ତା' ସାଙ୍ଗରେ ଫେରାର ହୋଇଗଲା। ବେଡ଼ାପୁଅର ଦେଖାଶୁଣା କରିବା ପାଇଁ ମହିଆ ପୁଣି ଦ୍ୱିତୀୟ ହେଲା। ସାଇଭାଇ ସଭିଏଁ କହିଲେ- ବେଡ଼ାର ଭାଗ୍ୟ ଦେଖ! ନିଜ ମାଆ ତ ପଚାରିଲା ନାହିଁ, ଏଇଟା ତ ତା'ର ସାବତ ମା'। କିନ୍ତୁ ସାବତ ମା' ବେଡ଼ାକୁ ଶିକୁଳିରୁ ଫିଟାଇ ଘରକୁ ନେଇଆସିଲା। ବେଡ଼ାକୁ ବହୁତ ଆଦରଯତ୍ନ କଲା। ତା' ସାଙ୍ଗେ ଖେଳିଲା। ଦିନେ ରାତିରେ ନୂଆ ମା' ବେଡ଼ାପୁଅକୁ ନେଇ କେଉଁଆଡ଼େ ଚାଲିଗଲା। ତିନିଦିନ ପରେ ଫେରିଲା ସେ। ତାକୁ ଦେଖି ମହିଆ ଗର୍ଜନ କଲା- କହ ବେଡ଼ାକୁ କୋଉଠି ଛାଡ଼ିଲୁ। ସାଇ ଲୋକ ଯାହା କହୁଥିଲେ ମାସେ ପୂରିନାହିଁ ସତ ହେଲା। ରାଧିକା କହିଲା- ହଁ ପରା, ତା' ନିଜ ମା' ତ ତାକୁ ଶିକୁଳି ବାନ୍ଧି ଦି'ଓଳି ପେଟପୂରା ଖାଇବାକୁ ଦେଇ ପାରୁ ନ ଥିଲା। ମୁଁ ତ ଆଉ ସାରା ଜୀବନ ଏମିତି କରିପାରି ନଥାନ୍ତି। ତେଣୁ ସେ କିପରି ନିଜେ ଜିଇ ପାରିବ, ମୁଁ ତା'ର ସେଇ ବ୍ୟବସ୍ଥା କରିଦେଇ ଆସିଲି। ଭିନ୍ନକ୍ଷମ ବିଦ୍ୟାଳୟରେ ଭର୍ତ୍ତି କରିଦେଇଛି, ଏବେ ସେ ନିଜେ ଖୁସିରେ ରହିବ। ଲୁହାଶିକୁଳିରେ ବନ୍ଧାଇ ତମ ଭଳି ଭଲପାଇବା ତା'ର ଦରକାର ହେବ ନାହିଁ। ଯେହେତୁ ମୁଁ ତା'ର ମାଆ ନୁହେଁ ସାବତ ମା'। ଜାଣିଲ ଏଥର।

- ପାଲଲହଡ଼ା, ଅନୁଗୋଳ



## କାଳକାଳକୁ

''ତାରୁଣ୍ୟ ସୁଖକର, କାରଣ ତା'ର ଅଛି ସୌନ୍ଦର୍ଯ୍ୟକୁ ଦେଖିବାର ଶକ୍ତି। ଯିଏ ସୌନ୍ଦର୍ଯ୍ୟକୁ ଦେଖିବାର କ୍ଷମତା ରଖେ, ସେ କେବେ ବୁଢ଼ା ହୁଏନି।''
**- ଫ୍ରାଂଜ୍ କାଫ୍‌କା**



**ଫ୍ରାଂଜ୍ କାଫ୍‌କା**ଙ୍କ ଜନ୍ମ ୩ ଜୁଲାଇ ୧୮୮୩ରେ, ଏକ ମଧ୍ୟବିତ୍ତ ଜର୍ମାନ୍-ଜୁଇସ୍ ପରିବାରରେ, ପ୍ରାଗ୍‌ରେ। ଯକ୍ଷ୍ମା ରୋଗରେ ତାଙ୍କର ପରଲୋକ ହୁଏ ୩ ଜୁନ୍ ୧୯୨୪ରେ, ମାତ୍ର ୪୦ ବର୍ଷ ବୟସରେ। ଜର୍ମାନ୍ ଭାଷାର ଏହି ମନୁଆ (Bohemian) ଔପନ୍ୟାସିକ ଓ କଥାକାର ବିଂଶ ଶତାବ୍ଦୀର ସାହିତ୍ୟରେ ଥିଲେ ଅନ୍ୟତମ ପ୍ରମୁଖ ବ୍ୟକ୍ତିତ୍ୱ। ତାଙ୍କ ଲେଖାରେ ଥିଲା ବାସ୍ତବତା ଓ କଳ୍ପନାର ଅପୂର୍ବ ସନ୍ଧି। ନିଃସଂଗତା, ସ୍ଥିତିବାଦୀ ଉଦ୍‌ବେଗ, ସଂଶୟ ଓ ଉଦ୍ଭଟତା ଥିଲା ତାଙ୍କ ବହୁ ଲେଖାର ପ୍ରସଙ୍ଗ। ତାଙ୍କର ସର୍ବୋତ୍ତମ ରଚନାଗୁଡ଼ିକ ମଧ୍ୟରେ ଅନ୍ତର୍ଭୁକ୍ତ "The Metamorphosis", "The Trial" ଓ "The Castle"। ସେ କହିଥିଲେ: ''ବହିଟିଏ କୁରାଢ଼ି ହେବା ଥୟ, ଆମ ଭିତରେ ଥିବା ବରଫୀକୃତ ସମୁଦ୍ର ପାଇଁ।'' ଏବଂ କହିଥିଲେ- ''ବହୁ ବହି ଅଛି, ଯାହା ଆମ ଭିତରର ଅଜ୍ଞାତ କୋଠରିକୁ ଖୋଲିବାର ଚାବିକାଠି।''

## ଷ୍ଟେଶନ
**ପାର୍ଥସାରଥୀ ରାଉତ**

ଗଳ୍ପ

ରାତି ତିନିଟାରେ ଲାଗିବ ମୁମ୍ବାଇ ଟ୍ରେନ୍। କିନ୍ତୁ ସନ୍ଧ୍ୟାବେଳୁ ଲଗେଜ୍ ଧରି ଷ୍ଟେଶନରେ ପହଞ୍ଚିଗଲା ରଂଜନ। ଡେରି ରାତିରେ ବାହାରିଲେ କାଳେ କିଏ ସନ୍ଦେହ କରିବେ, ସେଥିପାଇଁ ଶୀଘ୍ର ଚାଲିଆସିଛି। ରାତି ଏଗାର ପରେ ସମସ୍ତେ ଶୋଇବା ପରେ ରାନୀକୁ ଧରି ଚୁପ୍ କରି ଗାଁରୁ ଖସିଆସିବ ଅମର। ତା'ପରେ ସେ ଓ ରାନୀ ଟ୍ରେନ୍‌ରେ ମୁମ୍ବାଇକୁ ଫୁ...। କେହି ବି ପତ୍ତା ପାଇବେନି। ଷ୍ଟେଶନ ଆରମ୍ଭରୁ ଶେଷଯାଏଁ ଆଖି ପହଁରାଇ ଆଣିଲା ରଂଜନ। ସମୟଟା ଅଚିହ୍ନା ପାଲଟି ଯେମିତି ବିଛେଇ ହୋଇ ପଡ଼ିଛି ପୂରା ପ୍ଲାଟ୍‌ଫର୍ମରେ।

ଘର ଲୋକ ସେମାନଙ୍କୁ ବାହା ଦେବେନି ବୋଲି ନିଶ୍ଚିତ ହେଲା ପରେ ଲୁଚିଛପି ଫେରାର ହେଇଯିବାକୁ ସ୍ଥିର କରିଛନ୍ତି ରଂଜନ ଓ ରାନୀ। କିନ୍ତୁ କୋଉଠିକି ଯିବେ? ଅମର କହିଲା ମୁମ୍ବାଇ ସବୁଠୁ ନିରାପଦ। କିନ୍ତୁ ତା' ଆଗରୁ ପ୍ରଥମେ ଲୋକାଲ ଷ୍ଟେଶନକୁ ଯାଇ ଭିଡ଼ ଭିତରେ ନିଜକୁ ହଜେଇ ଦେବାକୁ ହେବ। ସେହି ଅନୁଯାୟୀ ପ୍ଲାନିଂ ହେଲା। ଘରୁ ବାହାରି ଷ୍ଟେଶନରେ ରାନୀକୁ ପହଞ୍ଚାଇବାର ଗୁରୁ ଦାୟିତ୍ୱଟିକୁ ଅମରକୁ ସଁପିଛି ରଂଜନ। ଅମର ତା' ପିଲାଦିନର ସାଙ୍ଗ, ସବୁଠୁ ବିଶ୍ୱସ୍ତ। ଆଜିଯାଏଁ ଯାହା କରିଆସିଛି, ସବୁ ତା' ପରାମର୍ଶରେ। କହିବାକୁ ଗଲେ ଅମର ହିଁ ତା' ଫ୍ରେଣ୍ଡ, ଫିଲୋସଫର, ଗାଇଡ୍...। ରଂଜନ ମୁମ୍ବାଇରେ ଥିଲାବେଳେ ଅମର ହିଁ ରାନୀ ଓ ତା' ଭିତରର ପ୍ରେମକୁ ଆହୁରି ମଜଭୁତ କରିଥିଲା।

ରାତି ଦଶ, ଗାଲରେ ହାତ ଦେଇ ଭାବିଲା ରଂଜନ। ରାନୀକୁ ଧରି ଅମର ବୋଧେ ଅତି ସନ୍ତର୍ପଣରେ ବାହାରୁଥିବ। କାହା ନିଦ ଭାଙ୍ଗିଯିବା ଡରରେ ପାଦ ଚିପିଚିପି ଦି' ଜଣ ଚାଲୁଥିବେ। ଆଲୁଅକୁ ଡରି ଗଛଛାଇ ଓ ଅନ୍ଧାରରେ ଲୁଚେଇ ଦେଉଥିବେ ନିଜକୁ। ରହିରହି କୁକୁର ଭୁକୁଥିବେ। ଆଉ ତା' ଭିତରେ ରଂଜନ ଠିକ୍ କରିଥିବା ଅଟୋରେ ଗାଁ ମୁଣ୍ଡରୁ ବସି ଦି' ଜଣ ଛୁଟିବେ ସିଧା ଷ୍ଟେଶନକୁ। ପ୍ରକୃତିସ୍ଥ ହେଇ ନିଜ ଛାତିରେ ହାତ ମାରିଲା ରଂଜନ, ଭାରି ଜୋର୍‌ରେ ଧଡ଼ପଡ଼ ହେଉଛି। ଡର ଭଗେଇବାକୁ ସିଗାରେଟ୍‌ରେ ନିଆଁ ଧରାଇଲା।

ପ୍ଲାଟ୍‌ଫର୍ମର ସବା ଶେଷ ରେଷ୍ଟଶେଡ୍‌ରେ ବସିବସି ବୋର୍ ଲାଗୁଥିଲା। ମୋବାଇଲରୁ ଫେସ୍‌ବୁକ୍ ଦେଖିଲା, ପେପର କିଣି ପଢ଼ିଲା ଓ ପାଟିରେ ବାଦାମ ପକାଉ ପକାଉ ଷ୍ଟେଶନ ଉପରେ ଆଖି ବୁଲାଇଲା ରଂଜନ। ଏତେ ସମୟ କରିବ କ'ଣ! ମନେହେଲା, ଏ ସବୁ ପ୍ରଥମକରି ଘଟୁଛି ତା' ଜୀବନରେ। ସମୟ ଏତେ ଶୀଘ୍ର ଯାଉନି, ଗୋଟେ ମିନିଟ୍ ଗୋଟେ ଘଣ୍ଟା ପରି ଲାଗୁଛି।

ରାତି ବଢୁଥିଲା, ରାତିର ପହର ସହିତ ତାଳ ଦେଇ ବଦଳୁଥିଲା ଷ୍ଟେଶନର ଚରିତ୍ର। ଲଗେଜ୍ ଉପରେ ଡେରା ଦେଇ ଲକ୍ଷ୍ୟ କରୁଥିଲା ରଂଜନ। ପ୍ରଥମ ପହରରେ ଷ୍ଟେଶନ କେବଳ ଷ୍ଟେଶନ ହିଁ ଥିଲା। ଲାଗୁଥିଲା ଦୀର୍ଘଦିନର ପରିଚିତ ଓ ବିଶ୍ୱସ୍ତ। ଅଭିଜାତ, ସଂସ୍କୃତ ଓ ଶିକ୍ଷିତ ଲୋକଙ୍କ ଗହଳିଚହଳି। ଲଗେଜ୍ ଧରି ପିଲାଛୁଆଙ୍କ ସହ ଖିଆପିଆ ହସଖୁସିର ଦୃଶ୍ୟ। ସବୁ ଦୋକାନ ଖୋଲା, ସବୁଆଡ଼େ ବେଶ୍ ଭିଡ଼। ଦ୍ୱିତୀୟ ପହରରେ ପତଳା ହୋଇଆସିଥିଲା ଷ୍ଟେଶନ। ମାମୁଲି ଓ ଶସ୍ତା ଲୋକ ବାହାରି ଆସିଥିଲେ, ନାଟକ ମଞ୍ଚର ଅନ୍ଧାରିଆ କୋଣରୁ ଅକସ୍ମାତ୍ ଅଭିନେତା ଅଭିନେତ୍ରୀ ବାହାରିବା ପରି। ଦେହରେ ଶସ୍ତା ପୋଷାକ, ଚାଲିଚଳନ ଆଦବକାଇଦା ବି ଢିଲା। ଅଧାରୁ ଅଧିକ ଦୋକାନରେ ଶଟର ପଡ଼ିସାରିଥିଲା। ସମସ୍ତେ ନହେଲେ ବି ଏଇ ପହରର ନବେ ଭାଗ ସନ୍ଦେହମୁକ୍ତ ଲାଗୁ ନ ଥିଲେ। ଅନ୍ଧାରରେ ସିମେଣ୍ଟ ବେଞ୍ଚ୍ ଉପରେ ବସି ମୂର୍ତ୍ତିବତ୍ ସବୁକିଛି ଦେଖୁଥିଲା ରଂଜନ। ମୁମ୍ବାଇ ଟ୍ରେନ ବହୁ ବିଳମ୍ବରେ ଚାଲୁଛି, ଲାଗୁଲାଗୁ ଭୋର୍ ହେଇଯିବ।

ଛୋଟବେଳୁ ରଂଜନ ଷ୍ଟେଶନ ସହ ପରିଚିତ। ସେ ଦେଖିଛି, ଷ୍ଟେଶନ କେବେ ବଦଳେନି। ହାଓଡ଼ାରୁ ହାଇଦ୍ରାବାଦ, ଭୁବନେଶ୍ୱରରୁ ଭାଇଜାଗ୍ ସବୁଠି ଷ୍ଟେଶନର ରୂପ ଏକ। କଳା ହଳଦିଆ ରଂଗର ବୋର୍ଡ, ରେଷ୍ଟଶେଡ୍, ଆନାଉନ୍ସମେଣ୍ଟ, ଟିକେଟ କାଉଣ୍ଟର, କୁଲିଙ୍କ ଚେହେରା... ସବୁ ଏକଦମ୍ ଏକାପରି। କିନ୍ତୁ ଦେଖୁଛି, ଏଠି ତଡ଼ିତ୍ ବେଗରେ ବଦଳୁଛି। ବଦଳୁ, ୟା' ସହ ତା'ର କୋଉ ଯା'ଆସ୍ ଅଛି! ସେ ତ କେବଳ ତା' ପ୍ରେମିକାକୁ ହିଁ କିଛି ସମୟ ପାଇଁ ଅପେକ୍ଷା କରିଛି।

ତୃତୀୟ ପହରର ଦୃଶ୍ୟ ଥିଲା ଆହୁରି ଅଜବ। ପକେଟମାର୍ ଓ ଲୁଟେରାଙ୍କ ଦୌରାତ୍ମ୍ୟ ବଢ଼ିଯାଇଥିଲା। କାଁ ଭାଁ କେତେଜଣ କୁଲିଙ୍କୁ ଛାଡ଼ିଦେଲେ ଆଉ କେହି ଚେଇଁ ନ ଥିଲେ। ଯୋଉ ରେଳବାଇ ପୋଲିସ୍ ଦି' ଘଣ୍ଟା ଆଗରୁ ନାଲିଆଖି ଦେଖାଇ ଅପରାଧ ମେଣ୍ଟାଉଥିଲେ, ସେ ଏବେ ଖାକି ଡ୍ରେସ୍ ବଦଳେଇ ପକେଟ୍‌ମାର୍‌ମାନଙ୍କ ସହ ଖୁଲମ୍‌ଖୁଲା କଥା ହେଉଛନ୍ତି। ଲୁଟେରାଙ୍କ ସହ ବେଫିକର ସାଲିସ୍ ଆଉ ହାତଗୁଞ୍ଜା ଚାଲିଛି ପୋଲିସ୍ ବାବୁଙ୍କର। ଚତୁର୍ଥ ଅର୍ଥାତ୍ ଶେଷ ପହର, ସବୁ ଠପ୍... ପୂରା ଷ୍ଟେଶନ ଶୋଇଛି। ଏହି ସମୟରେ ମେଞ୍ଚାମେଞ୍ଚା ରୂପଜୀବୀ ପଦାର୍ପଣ କଲେ। ଶସ୍ତା ଦେହର ଗନ୍ଧ ରାତିକୁ ଆହୁରି ନିସ୍ତବ୍ଧ କରିବା ଆରମ୍ଭ କରିଥିଲା। ପ୍ଲାଟ୍‌ଫର୍ମରେ ଘର ବନେଇଥିବା ନିସ୍ପନ୍ଦ ପାଗଳ ହଠାତ୍ ସକ୍ରିୟ ହୋଇ ଉଠିଥିଲେ ସେ ଗନ୍ଧରେ। ରାତି ଦଶରୁ ଦୁଇ ନମ୍ବର ପ୍ଲାଟ୍‌ଫର୍ମରେ ବସିଥିବା ଦୁଇଜଣ ଭଦ୍ରଲୋକ ଦିଇଟା ରୂପଜୀବୀଙ୍କ ହାତ ଧରି ଅନ୍ଧାରରେ ହଜିଯାଉଥିଲେ।

ଷ୍ଟେଶନ ଆନାଉନ୍ସମେଣ୍ଟରେ ହଠାତ୍ ପ୍ରକୃତିସ୍ଥ ହେଲା ରଂଜନ। ବଡି ଭୋର୍। ତିନି ନମ୍ବର ପ୍ଲାଟ୍‌ଫର୍ମରେ ମୁମ୍ବାଇ ଟ୍ରେନ୍ ଲାଗିଲା, ମାତ୍ର ରାନୀ କି ଅମରର ଦେଖା ନାହିଁ। ଚମକି ପଡ଼ିଲା ସେ, ମୋବାଇଲ ରିଂ କଲା। ଦି' ଜଣଙ୍କ ମୋବାଇଲ ସୁଇଚ୍ ଅଫ୍। ପୂରା ଷ୍ଟେଶନଟା ଘାଣ୍ଟିଦେଲା, ହେଲେ ପାଇଲାନି। ତା' ମୁଣ୍ଡ କାମ କଲାନି, ସବୁ ଏପଟସେପଟ ହେଇଗଲା ପରି ଲାଗିଲା। ଭାବିଲା ନିଶ୍ଚୟ କିଛି ଅଘଟଣ ଘଟିଛି ଆଉ ଦି' ଜଣ ଧରା ପଡ଼ି ଗାଁଲୋକଙ୍କ ଦ୍ୱାରା ଖୁବ୍ ହ୍ୟୁମିଲିଏଶନ୍ ହେଇଛନ୍ତି। ଆଉ ଡେରି ନ କରି ଅଟୋ ଡାକି ଗାଁ ଆଡ଼େ ଛୁଟିଲା ରଂଜନ। ଗାଁ ମୁଣ୍ଡରେ ପହଞ୍ଚି ଯାହା ଦେଖିଲା ବିଶ୍ୱାସ କରିପାରିଲାନି। ଲୋକେ ରୁଣ୍ଡ ହେଇଛନ୍ତି ଆଉ ରାନୀର ମାଆ କାନ୍ଦିକାନ୍ଦି ଲୋଟିଯାଉଛନ୍ତି। ସମସ୍ତଙ୍କ ଅଲକ୍ଷ୍ୟରେ ଭିଡ଼ରେ ନିଜକୁ ମିଶାଇଦେଲା ସେ। ରଂଜନକୁ ଦେଖି ହଠାତ ଘେରିଗଲେ ସମସ୍ତେ। କହିଲେ, ଆମେ ସମସ୍ତେ ଭାବିଥିଲୁ ତୋ' ସହିତ ରାନୀ ଫେରାର ହେଇଗଲା ବୋଲି। ତୁ ଯଦି ଗାଁରେ ଅଛୁ, ତା'ହେଲେ ସେ ଗଲା କୁଆଡ଼େ, କାହା ସାଥିରେ? ଅନ୍ୟମାନଙ୍କ ପରି ରଂଜନ ବି ନିଜ ଆଖି ଓ ମୁହଁରେ ଆଶ୍ଚର୍ଯ୍ୟଜନକ ଭଙ୍ଗୀ ଆଙ୍କିଲା ଆଉ ରାନୀକୁ ଖୋଜିବାକୁ ଗଢ଼ା ହେଉଥିବା ଟିମ୍‌ରେ ସାମିଲ ହୋଇ ଷ୍ଟେଶନ ଆଡ଼େ ମୁହାଁଇଲା।

ମୋ: ୯୪୩୮୨୯୦୪୯୧



## ୯ ଚୋରି ମୋବାଇଲ ଜବତ, ୨ ଗିରଫ

**ଭୁବନେଶ୍ୱର,ବ୍ୟୁରୋ):** ହଳଦୀପଡ଼ିଆସ୍ଥିତ ବିଦ୍ୟୁତ୍ କାର୍ଯ୍ୟାଳୟରୁ ମୋବାଇଲ ଫୋନ୍ ଚୋରି ଅଭିଯୋଗରେ ୨ ଅଭିଯୁକ୍ତଙ୍କୁ ଲକ୍ଷ୍ମୀସାଗର ଥାନା ପୋଲିସ ଗିରଫ କରି ବୁଧବାର କୋର୍ଟ ଚାଲାଣ କରିଛି। ସେମାନେ ହେଲେ ସ୍ଥାନୀୟ ଥାନା ହଳଦୀପଡିଆ ବସ୍ତିର ସୁଜିତ ଲାଲ (୧୯) ଓ ରବି ପାଲ(୨୪)। ସେମାନଙ୍କଠାରୁ ୯ ଚୋରା ମୋବାଇଲ ଫୋନ୍ ଜବତ ହୋଇଛି। ସୋମବାର ବିଳମ୍ବିତ ରାତିରେ ବିଦ୍ୟୁତ୍ କର୍ମଚାରୀମାନେ ଶୋଇଥିବା ବେଳେ ଅଭିଯୁକ୍ତଦ୍ୱୟ ଏସବୁ ମୋବାଇଲ ଫୋନ୍‌କୁ ଚୋରି କରିନେଇଥିଲେ। ମଙ୍ଗଳବାର ଥାନାରେ ଅଭିଯୋଗ ହେବା ପରେ ପୋଲିସ (ନଂ-୧୯୧)ରେ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା।



## ସଂକ୍ଷେପରେ

### ନନ୍ଦିନୀ ଶତପଥୀଙ୍କ ଜୟନ୍ତୀ

ପୁରୁଣା ଭୁବନେଶ୍ୱର,୯।୬(ଡି.ଏନ.ଏ): ସେବା ପ୍ରତିନିଧିର ମୁଖ୍ୟ ସଂଗଠକ ନୀଳମଣି ମିଶ୍ରଙ୍କ ଅଧକ୍ଷତାରେ ଲୌହ ମାନବୀ ତଥା ପ୍ରଥମ ମହିଳା ମୁଖ୍ୟମନ୍ତ୍ରୀ ନନ୍ଦିନୀ ଶତପଥୀଙ୍କ ୯୦ତମ ଜୟନ୍ତୀ କପିଳେଶ୍ୱର ବଡ଼ ଭୋଇ ସାହିରେ ପାଳନ କରାଯାଇଛି। ୧୯୭୨ରେ ଓଡ଼ିଶାର ପ୍ରଥମ ମହିଳା ମୁଖ୍ୟମନ୍ତ୍ରୀ ଭାବେ ସେ ଆସନ ଅଳଙ୍କୃତ କରିଥିଲେ। ତାଙ୍କ ଶାସନ ସମୟରେ ଆଇନକାନୁନ ଠିକ୍ ଭାବରେ ପରିଚାଳିତ ହେଉଥିଲା। ଏପରିକି ବାର୍ଦ୍ଧକ୍ୟ ଭତ୍ତା, ଅସହାୟମାନଙ୍କୁ ଜମି ପଟ୍ଟା ପ୍ରଦାନ କରିବା ତାଙ୍କ ସମୟରେ ମୁଖ୍ୟ କାର୍ଯ୍ୟ ଥିଲା। କାର୍ଯ୍ୟକ୍ରମରେ ଦୃଢ଼ ସଙ୍କଳ୍ପବାଦୀ ନନ୍ଦିନୀ ଶତପଥୀଙ୍କ ଜୀବନ, କାର୍ଯ୍ୟ ସମ୍ପର୍କରେ ଅନ୍ୟ ଅତିଥିମାନେ ଆଲୋଚନା କରିଥିଲେ। ଏହି କାର୍ଯ୍ୟକ୍ରମରେ ରୀତା ଭୋଇ, ମନୋରମା କାଣ୍ଡି, ରଞ୍ଜନ ଭୋଇ, ବବି କାଣ୍ଡି, ମାନା ଭୋଇ, ମମତା ଦାସ ଓ ଅନ୍ୟମାନେ ଯୋଗଦେଇଥିଲେ।

### ୬ବର୍ଷ ଝିଅ ସହ ମହିଳା ନିଖୋଜ

ବାଲକାଟୀ,୯।୬(ଡି.ଏନ.ଏ.): ବାହାଘରର ୮ବର୍ଷ ପରେ ୬ବର୍ଷର ଝିଅକୁ ନେଇ ସ୍ତ୍ରୀ ନିଖୋଜ ହୋଇଥିବା ନେଇ ସ୍ୱାମୀ ବାଲକାଟୀ ଫାଣ୍ଡିରେ ଲିଖିତ ଅଭିଯୋଗ କରିଛନ୍ତି। ଏ ନେଇ ପୋଲିସ ତଦନ୍ତ ଚଳାଇଛି। ଅଭିଯୋଗ ମୁତାବକ, ଏହି ଫାଣ୍ଡି ଅଧୀନ ହୀରାପୁର ଗ୍ରାମର ୩୫ବର୍ଷୀୟ ଯୁବକ ଧଉଳି ଥାନା ଅଞ୍ଚଳର ୩୨ବର୍ଷୀୟ ଯୁବତୀଙ୍କୁ ୮ବର୍ଷ ତଳେ ବିବାହ କରିଥିଲେ। ତାଙ୍କର ୬ବର୍ଷର ଏକ ଝିଅ ଅଛି। ତେବେ ସୋମବାର ଅପରାହ୍ନ ୪ଟାରେ ମହିଳା ସମିତି ସଭାରେ ଯୋଗ ଦେବା ପାଇଁ ଝିଅକୁ ନେଇ ମହିଳା ଯାଇଥିଲେ। ରାତି ପର୍ଯ୍ୟନ୍ତ ନ ଫେରିବାରୁ ସ୍ୱାମୀ ସବୁଆଡ଼େ ଖୋଜାଖୋଜି କରିଥିଲେ। ଚାରିଆଡ଼େ ନିରାଶ ହେବା ପରେ ଶେଷରେ ପୋଲିସକୁ ଜଣାଇଥିଲେ। ଅନ୍ୟପଟେ ସ୍ୱାମୀଙ୍କ କହିବା ମୁତାବକ, ମହିଳାଙ୍କ ଗ୍ରାମର ଜଣେ ଯୁବକଙ୍କ ସହ ପୂର୍ବରୁ ପ୍ରେମସମ୍ପର୍କ ଥିଲା। ଯୁବକଙ୍କ ଲିଙ୍ଗରାଜ ଥାନା ଅଞ୍ଚଳରେ ଏକ ଦୋକାନ ଅଛି। ସେହି ଯୁବକ ସହ ସ୍ତ୍ରୀ ଚାଲିଯାଇଥିବା ସନ୍ଦେହ କରୁଛନ୍ତି। ତେବେ ପୋଲିସ ତଦନ୍ତ କରି ମୋ ଝିଅ, ସ୍ତ୍ରୀଙ୍କୁ ଖୋଜି ବାହାର କରିବା ପାଇଁ ପୋଲିସ ନିକଟରେ ନିବେଦନ କରିଛନ୍ତି।

### କ୍ୟାପିଟାଲ ୮୦ ପକ୍ଷରୁ ରନ୍ଧାଖାଦ୍ୟ ବଣ୍ଟନ

ଭୁବନେଶ୍ୱର, ୯।୬ (ବ୍ୟୁରୋ): କରୋନା ମହାମାରୀ ପାଇଁ ରାଜ୍ୟରେ ଲକ୍‌ଡାଉନ୍ ସହ ପ୍ରତି ଶନିବାର ଓ ରବିବାର ସପ୍ତାହାନ୍ତ ଶଟ୍‌ଡାଉନ୍ ଜାରି ରହିଛି। ଶଟ୍‌ଡାଉନ୍ ସମୟରେ ମହାନଗର ନିଗମ ଅଞ୍ଚଳରେ ସମସ୍ତ ଆହାର କେନ୍ଦ୍ର ବନ୍ଦ ରହୁଛି। ତେଣୁ ହସ୍ପିଟାଲ ପରିସରରେ ରୋଗୀଙ୍କ ଆଟେଣ୍ଡାଣ୍ଟ ତଥା ଗରିବ ଓ ନିଃସହାୟ ବ୍ୟକ୍ତିମାନେ ଖାଇବାକୁ ନ ପାଇ ଭୋକରେ ରହୁଛନ୍ତି। ତେଣୁ ଏଭଳି ସମୟରେ କ୍ୟାପିଟାଲ ହାଇସ୍କୁଲୁ ୧୯୮୦ରେ ମାଟ୍ରିକ ପାସ୍ କରିଥିବା ପୁରାତନ ଛାତ୍ରଙ୍କ ଦ୍ୱାରା ଗଠିତ ସାମାଜିକ ସଙ୍ଗଠନ କ୍ୟାପିଟାଲ ୮୦ ପକ୍ଷରୁ ମାଗଣା ଖାଦ୍ୟ ବଣ୍ଟନ କରାଯାଉଛି। ଗତ ଶଟ୍‌ଡାଉନ୍‌ରେ କ୍ୟାପିଟାଲ ହସ୍ପିଟାଲ ପରିସରରେ ଥିବା ୨ଶହରୁ ଉର୍ଦ୍ଧ୍ୱ ଅସହାୟ ବ୍ୟକ୍ତିଙ୍କୁ ରନ୍ଧା ଖାଦ୍ୟ ପ୍ରଦାନ କରାଯାଇଥିଲା। ସଙ୍ଗଠନ ଉପସଭାପତି ଶିବ ପ୍ରସାଦ ଦାସଙ୍କ ତତ୍ତ୍ୱାବଧାନରେ ସମ୍ପାଦକ ବୈକୁଣ୍ଠନାଥ ତ୍ରିପାଠୀ, ଇଂ. ବବିନ ମହାନ୍ତି, ଜ୍ଞାନ ରଞ୍ଜନ ସେନାପତି ଓ ଭଗବାନ ମିଶ୍ର ପରିଚାଳନା କରିଥିଲେ।

# ରେକର୍ଡ ନିଶାରେ ଦିବ୍ୟଜ୍ୟୋତି

**କଟକ ଅଫିସ, ୯।୬**

■ଅନ୍‌ଲାଇନ୍‌ରେ ହାସଲ କରିଛନ୍ତି ଦୁଇ ହଜାରରୁ ଊର୍ଦ୍ଧ୍ୱ ସାର୍ଟିଫିକେଟ

■ଆମେରିକା ବୁକ୍ ଅଫ୍ ରେକର୍ଡରେ ନିଜ ନାମ ସାମିଲ କରିଛନ୍ତି

କଟକ ଜିଲା ବିରିବାଟୀସ୍ଥିତ ଡିହସାହି ଗ୍ରାମର ଦିବ୍ୟଜ୍ୟୋତି ଜେନା(୨୦)। ରେକର୍ଡ ସୃଷ୍ଟି କରିବା ତାଙ୍କର ନିଶା। ପୂର୍ବରୁ ୬୦ ଦେଶର ୪୫୦ଟି ମୁଦ୍ରା ଏବଂ ୨୦ ନୋଟ୍ ସଂଗ୍ରହ କରି ସେ ରେକର୍ଡ ସୃଷ୍ଟି କରିଥିଲେ। ଏବେ ଅନ୍‌ଲାଇନ୍ ମାଧ୍ୟମରେ କ୍ଲାସ କରି ନିଜର ଦକ୍ଷତା ବୃଦ୍ଧି କରିବା ସହ ବିଭିନ୍ନ କୁଇଜ୍, ୱେବିନାର ଓ ୱାର୍କଶପରେ ଭାଗ ନେଇ ସେ ଅନେକ ପୁରସ୍କାର ଜିତିଛନ୍ତି। ଦୁଇ ହଜାରରୁ ଊର୍ଦ୍ଧ୍ୱ ଅନ୍‌ଲାଇନ୍ କ୍ଲାସ୍ କରି ସାର୍ଟିଫିକେଟ୍ ହାସଲ କରିବା ସହ ରେକର୍ଡ ସୃଷ୍ଟି କରିଛନ୍ତି। କମ୍ ବୟସରୁ ଅନ୍ୟମାନଙ୍କ ପାଇଁ ଉଦାହରଣ ପାଲଟିଛନ୍ତି ଦିବ୍ୟଜ୍ୟୋତି। ବାପା ବିଜୟା ଜେନା ଓ ମାଆ ନିହାରିକା ଜେନାଙ୍କ ଏକମାତ୍ର ପୁଅ ଦିବ୍ୟଜ୍ୟୋତି। ସେ ଏବେ କଟକ ଷ୍ଟିୱାର୍ଟ ବିଜ୍ଞାନ ମହାବିଦ୍ୟାଳୟରେ ଯୁକ୍ତ ୩ ବିଜ୍ଞାନ ଶେଷବର୍ଷର ଛାତ୍ର। ତାଙ୍କର ଏହି ଅନନ୍ୟ କୃତିତ୍ୱ ପାଇଁ ସବୁଠି ତାଙ୍କୁ ପ୍ରଶଂସା ମିଳୁଛି। ଏ ସମ୍ପର୍କରେ ଦିବ୍ୟଜ୍ୟୋତି କହିଛନ୍ତି, ଲକ୍‌ଡାଉନ୍ ସମୟରେ କଲେଜ କ୍ଲାସ୍ ବନ୍ଦ ରହିଥିଲା। ତେଣୁ ଖାଲି ବସିବା ଅପେକ୍ଷା ଅନ୍‌ଲାଇନ୍‌ରେ ଫ୍ରି କୋର୍ସ କରିବାକୁ ଇଚ୍ଛା ହେଲା। ଗତବର୍ଷ ଏପ୍ରିଲରୁ ଚଳିତବର୍ଷ ମଧ୍ୟରେ ଦୁଇ ହଜାରରୁ ଅଧିକ ସାର୍ଟିଫିକେଟ୍ ଅନ୍‌ଲାଇନ୍ ମାଧ୍ୟମରେ ହାସଲ କରିପାରିଛି। ସେଥିମଧ୍ୟରୁ କିଛି ସାର୍ଟିଫିକେଟ୍ ହାସଲ କରି ଅର୍ଥରାଶି ମଧ୍ୟ ପୁରସ୍କାର ଆକାରରେ ପାଇଛି। ଆମାଜନ୍, ଅମିତ ୟୁନିଭର୍ସିଟି, ଆଇଆଇଟି କାନପୁର, ମାଇକ୍ରୋସଫ୍ଟ, ଏଚ୍‌ଡିଏଫ୍‌ସି ବ୍ୟାଙ୍କ, ଏନ୍‌ଆଇଟି ଆନ୍ଧ୍ରପ୍ରଦେଶ, ୟୁନାଇଟେଡ୍ ଇନ୍‌ଷ୍ଟିଚ୍ୟୁଟ୍ ଫର ଟ୍ରେନିଂ ଆଣ୍ଡ ରିସର୍ଚ୍ଚ, ବିଜେବି ଅଟୋନମସ କଲେଜ, କିଟ୍ ୟୁନିଭର୍ସିଟି, ସିଭି ରମନ୍ ଗ୍ଲୋବାଲ୍ ୟୁନିଭର୍ସିଟି, ନାଗପୁର ୟୁନିଭର୍ସିଟି, ୱାଲ୍ଡ ହେଲ୍‌ଥ ଅର୍ଗାନାଇଜେଶନ, ଦିଲ୍ଲୀ ଟେକ୍ନୋଲୋଜି ୟୁନିଭର୍ସିଟି, ପୁଡୁଚେରୀ ୟୁନିଭର୍ସିଟି ଆଦି ସଂସ୍ଥାରୁ ଅନ୍‌ଲାଇନ୍ ମାଧ୍ୟମରେ ସାର୍ଟିଫିକେଟ୍ ହାସଲ କରିଛି। ଏପରି କି ଲକ୍‌ଡାଉନ ସମୟରେ ଅନ୍‌ଲାଇନ୍ ମାଧ୍ୟମରେ ଅଧିକ ସାର୍ଟିଫିକେଟ୍ ହାସଲ କରି ଆମେରିକା ବୁକ୍ ଅଫ୍ ରେକର୍ଡରେ ସେ ନିଜ ନାମ ସାମିଲ କରିଛନ୍ତି। ଏଥିସହ ଦିବ୍ୟଜ୍ୟୋତି ଜେନା ନାମରେ ଏକ ୟୁଟ୍ୟୁବ୍ ଚ୍ୟାନେଲ ଖୋଲି ଫ୍ରି ଅନ୍‌ଲାଇନ୍ କୋର୍ସ, କୁଇଜ୍ ଏବଂ ୱାର୍କଶପ ଉପରେ ସେ ମାଗଣାରେ ତଥ୍ୟ ଦେଉଛନ୍ତି।



ଦିବ୍ୟଜ୍ୟୋତି ଜେନା







# ୨୧ରୁ ସ୍କୁଲପିଲାଙ୍କୁ ୟୁଟ୍ୟୁବ୍ ଲାଇଭ୍ କ୍ଲାସ୍

**ଭୁବନେଶ୍ୱର, ୯।୬(ବ୍ୟୁରୋ)**

**୧୭ ସୁଦ୍ଧା କ୍ଲାସ୍ ରୁମ୍ ପ୍ରସ୍ତୁତ ରଖିବାକୁ ନିର୍ଦ୍ଦେଶ**

ଆସନ୍ତା ୨୧ ତାରିଖରୁ ସ୍କୁଲ ଛାତ୍ରୀଛାତ୍ରଙ୍କ ପାଇଁ ୟୁଟ୍ୟୁବ୍ ଲାଇଭ୍ କ୍ଲାସ୍ ଆରମ୍ଭ ହେବ। ଖୋର୍ଦ୍ଧା, ବଲାଙ୍ଗୀର, କଟକ, କେନ୍ଦ୍ରାପଡ଼ା, ଗଞ୍ଜାମ, କୋରାପୁଟ, ପୁରୀ, ଢେଙ୍କାନାଳ, ସୁନ୍ଦରଗଡ଼, ନୟାଗଡ଼, ଭଦ୍ରକ, ବାଲେଶ୍ୱର, ସମ୍ବଲପୁର ଆଦି ୧୩ ଜିଲାରେ ଏହି କ୍ଲାସ୍ ହେବ। ଏଥିପାଇଁ କ୍ଲାସ୍‌ରୁମ୍ ପ୍ରସ୍ତୁତ ରଖିବା ପାଇଁ ଓସେପା ରାଜ୍ୟ ପ୍ରକଳ୍ପ ନିର୍ଦ୍ଦେଶକ ଭୂପେନ୍ଦ୍ର ସିଂ ପୁନିଆ ବୁଧବାର ଏହି ସମସ୍ତ ଜିଲାର ଜିଲା ଶିକ୍ଷାଧିକାରୀଙ୍କୁ ଚିଠି ଲେଖିଛନ୍ତି। କ୍ଲାସ୍ ରୁମ୍ କିପରି ପ୍ରସ୍ତୁତ ହେବ ସେ ନେଇ ମଧ୍ୟ ଚିଠିରେ ଦର୍ଶାଯାଇଛି। କ୍ଲାସ୍ ରୁମ୍‌ର କାନ୍ଥ ଧଳା ରଙ୍ଗର ହେବା ସହିତ ଉପଯୁକ୍ତ ଲାଇଟ୍‌ର ବ୍ୟବସ୍ଥା, ଏସି କିମ୍ବା ଅତି କମ୍‌ରେ ସିଲିଂ ଫ୍ୟାନ୍ ଲଗାଯାଇଥିବା ଦରକାର। ସେହିପରି କମ୍ପ୍ୟୁଟର କିମ୍ବା ଲାପ୍‌ଟପ୍, ଦୁଇଟି କ୍ୟାମେରା, ଲାପଲ ମାଇକ୍ରୋଫୋନ, କ୍ୟାମେରା ଷ୍ଟାଣ୍ଡ ଇତ୍ୟାଦି ପ୍ରସ୍ତୁତ ରଖିବାକୁ କୁହାଯାଇଛି। ତେବେ ୧୭ ତାରିଖ ସୁଦ୍ଧା କ୍ଲାସ୍ ରୁମ୍ ପ୍ରସ୍ତୁତ ରଖିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ଫଳରେ ଏହି ଭର୍ଚୁଆଲ କ୍ଲାସ୍ ସହଜରେ ପରିଚାଳିତ ହେବ ଏବଂ ପୂର୍ବରୁ ଟ୍ରାଏଲ୍ ମଧ୍ୟ ହୋଇପାରିବ ବୋଲି ଚିଠିରେ ଉଲ୍ଲେଖ କରାଯାଇଛି।

# ଟଙ୍କା ଫେରାଇ ଆଣିଲା ସାଇବର ହେଲ୍ପ ଡେସ୍କ

**ଭୁବନେଶ୍ୱର,୯।୬(ବ୍ୟୁରୋ)**

**ଶେୟାର ମାର୍କେଟ ଆଳରେ ୪.୩ ଲକ୍ଷ ଠକି ନେଇଥିଲେ**

ଶେୟାର ମାର୍କେଟ କାରବାର ନାଁରେ ଯୁବକଙ୍କଠାରୁ ଠକି ନିଆଯାଇଥିବା ୪ଲକ୍ଷ ୩୦ହଜାର ଟଙ୍କା ଫେରାଇ ଆଣିଛି କମିଶନରେଟ୍ ପୋଲିସର ସାଇବର ହେଲ୍ପ ଡେସ୍କ। ଏହି ଠକେଇର ଶିକାର ହୋଇଥିଲେ କେନ୍ଦ୍ରାପଡ଼ା ଜିଲାର ଜଣେ ବ୍ୟକ୍ତି। ତେବେ ଗୋଲ୍ଡେନ୍ ଆୱାର ବା ଘଟଣାର ଏକ ଘଣ୍ଟା ଭିତରେ ସାଇବର ହେଲ୍ପ ଡେସ୍କକୁ (ନଂ.୭୪୦୦୦୬୭୦୯) କଲ୍ କରି ଜଣାଇଥିବାରୁ ମାତ୍ର ୭ଦିନ ଭିତରେ ଉକ୍ତ ଟଙ୍କା ଫେରାଇ ଅଣାଯାଇପାରିଲା ବୋଲି ଡିସିପି ଉମାଶଙ୍କର ଦାଶ କହିଛନ୍ତି। ତେଣୁ ସାଇବର ଠକେଇର ଶିକାର ହେବା ମାତ୍ରେ ତୁରନ୍ତ ସାଇବର ହେଲ୍ପ ଡେସ୍କକୁ ଜଣାନ୍ତୁ ବୋଲି ଡିସିପି ପରାମର୍ଶ ଦେଇଛନ୍ତି।

ସୂଚନାନୁସାରେ, ଯୁବକ ଜଣକ କିଛିଦିନ ତଳେ ସାଇବର ଠକେଇର ଶିକାର ହୋଇଥିଲେ। ସାଇବର ଠକ ଉକ୍ତ ଯୁବକଙ୍କୁ କଲ୍ କରି ଶେୟାର ମାର୍କେଟ କାରବାର ସମ୍ପର୍କରେ କହିବା ସହ ଶେୟାର କିଣିଲେ ଅଧିକ ଟଙ୍କା ଲାଭ ହେବ ବୋଲି ପ୍ରଲୋଭନ ଦେଖାଇଥିଲେ। ଯୁବକ ଜଣଙ୍କ ତାଙ୍କ କଥାକୁ ବିଶ୍ୱାସ କରି ୧୦୦୦ ଶେୟାର କିଣିଥିଲେ। ଅଧିକ ଦିନ ସେୟାର ମାର୍କେଟରେ ପକାଇ ରଖିବାକୁ ଠକ ଜଣକ ତାଙ୍କୁ ପରାମର୍ଶ ଦେଇଥିଲେ। ଏହାର ଦୁଇଦିନ ପରେ ତାଙ୍କ ସେୟାର କ୍ଷତିରେ ଚାଲୁଥିବା ନାନା କଥା କହିବା ସହ ଭୟ ଦେଖାଇ ତାଙ୍କୁ ସାଢେ ୪ଲକ୍ଷ ଟଙ୍କା ମାଗିଥିଲେ। ଏହାପରେ ଯୁବକ ଜଣକ ଉକ୍ତ ଠକଙ୍କ ଆକାଉଣ୍ଟକୁ ଟଙ୍କା ପଠାଇଥିଲେ। ତେବେ ଟଙ୍କା ଦେବାର କିଛି ସମୟ ପରେ ସେ ଠକେଇର ଶିକାର ହୋଇଥିବା ଜାଣିପାରି ସାଇବର ହେଲ୍ପ ଡେସ୍କକୁ କଲ୍ କରି ଅଭିଯୋଗ କରିଥିଲେ। ଅଭିଯୋଗକ୍ରମେ ପୋଲିସ ଉକ୍ତ ଠକଙ୍କ ବ୍ୟାଙ୍କ ତଥ୍ୟ ଓ ଫୋନ୍ ନମ୍ବର ଆଧାରରେ ତଦନ୍ତ ଆରମ୍ଭ କରିଥିଲା। ପରବର୍ତ୍ତୀ ସମୟରେ ପୋଲିସ ବ୍ୟାଙ୍କ ସାହାଯ୍ୟରେ ଟଙ୍କା ପଠାଯାଇଥିବା ଆକାଉଣ୍ଟରୁ ଠକେଇ ଟଙ୍କା ଫେରାଇ ଆଣିଛି।

# 'ରେଳ ନିରାପତ୍ତା ନିୟମ ମାନିଲେ ଜୀବନ ସୁରକ୍ଷିତ ରହିବ'

**ଭୁବନେଶ୍ୱର,୯।୬(ବ୍ୟୁରୋ)**

**ଅନ୍ତର୍ଜାତୀୟ ଲେଭଲ କ୍ରସିଂ ସଚେତନତା ଦିବସ**

ରେଳ ଫାଟକ ପାର ହେଉଥିବା ସମୟରେ ଲୋକମାନେ ଦୁର୍ଘଟଣାର ଶିକାର ହେଉଛନ୍ତି। ତେଣୁ ରେଳ ନିରାପତ୍ତା ନିୟମକୁ ଅନୁପାଳନ କରିବା ପାଇଁ ପୂର୍ବତଟ ରେଳପଥର ମହାପ୍ରବନ୍ଧକ ବିଦ୍ୟା ଭୂଷଣ ଅନ୍ତର୍ଜାତୀୟ ଲେଭଲ କ୍ରସିଂ ସଚେତନତା ଦିବସ ପାଳନ ଅବସରରେ ଜନ ସାଧାରଣଙ୍କୁ ଅନୁରୋଧ କରିଛନ୍ତି। ସେ କହିଛନ୍ତି, ଫାଟକ ପାର ହେବା ସମୟରେ ନିରାପତ୍ତା ନିୟମକୁ ଠିକ ଭାବେ ପାଳନ କଲେ ଜୀବନର ସୁରକ୍ଷା ହୋଇ ପାରିବ। ଭାରତୀୟ ରେଳପଥ ଏହି ଅଭିଯାନରେ ସାମିଲ ହୋଇ ରେଳ ଫାଟକ ନିକଟରେ ନିରାପତ୍ତାକୁ ସୁନିଶ୍ଚିତ କରିବାକୁ ସମସ୍ତ ଜନସାଧାରଣଙ୍କୁ ସଚେତନ କରାଉଛି। ଫାଟକ ବନ୍ଦ ଥିବା ସମୟରେ ବଳ ପ୍ରୟୋଗ କରି ଖୋଲନ୍ତୁ ନାହିଁ। ଟ୍ରେନ ଅତିକ୍ରମ କରିବା ପରେ ଫାଟକ ଖୋଲିବା ପର୍ଯ୍ୟନ୍ତ ଅପେକ୍ଷା କରନ୍ତୁ ଏବଂ ଏହା ପରେ ରାସ୍ତା ଅତିକ୍ରମ କରନ୍ତୁ। ଆଇନ ଉଲ୍ଲଂଘନକାରୀଙ୍କ ପାଇଁ ଦଣ୍ଡବିଧିର ମଧ୍ୟ ବ୍ୟବସ୍ଥା ରହିଥିବା ବିଦ୍ୟାଭୂଷଣ କରିଛନ୍ତି।

# ଆଦର୍ଶ ଗ୍ରାମର ଡ୍ରେନ୍ କାର୍ଯ୍ୟ ଶୁଭାରମ୍ଭ

**ବାଲିଅନ୍ତା,୯।୬(ଡି.ଏନ.ଏ)**

ବାଲିଅନ୍ତା ବ୍ଲକ ଅଧୀନ ପ୍ରତାପରୁଦ୍ରପୁର ପଞ୍ଚାୟତର ଆଦର୍ଶ ଗ୍ରାମ ବିଶରପୁରର ବିକାଶ ପାଇଁ ଉଦ୍ୟମ ଆରମ୍ଭ ହୋଇଛି। ଏହି ଗ୍ରାମ ରାସ୍ତାରେ ଜମୁଥିବା ବର୍ଷା ପାଣି ନିଷ୍କାସନ ପାଇଁ ଡ୍ରେନ ନିର୍ମାଣ ନିମନ୍ତେ ବୁଧବାର ବ୍ଲକ ପ୍ରଶାସନ ପକ୍ଷରୁ କାର୍ଯ୍ୟର ଶୁଭାରମ୍ଭ ହୋଇଛି। ଏଥିପାଇଁ ସରକାରଙ୍କ ପକ୍ଷରୁ ୧୫ ଲକ୍ଷ ୯୨ହଜାର ଟଙ୍କାର ଅନୁଦାନ ମିଳିଛି। ଶୁଭାରମ୍ଭବେଳେ ବିଡିଓ ଜୟଦେବ ଦାସ, ସରପଞ୍ଚ ବାମନଚରଣ ଭୋଇ, ସହକାରୀ ଯନ୍ତ୍ରୀ ବିଭୂତି ଭୂଷଣ ପାଢ଼ୀଙ୍କ ସମେତ ସ୍ଥାନୀୟ ୱାର୍ଡସଭ୍ୟା ପ୍ରମୁଖ ଉପସ୍ଥିତ ଥିଲେ।



ସାବିତ୍ରୀ ବ୍ରତ ପାଇଁ ବୁଧବାର ଭୁବନେଶ୍ୱର କଳ୍ପନା ଭେଣ୍ଡିଂଜୋନରେ ଫଳ କିଣିବାକୁ ଲୋକଙ୍କ ଭିଡ଼।

# ଚୋରଙ୍କୁ ଗୋଡ଼ାଇ ହାଣିଲେ ଦୋକାନୀ

**ବାଲକାଟୀ,୯।୬(ଡି.ଏନ.ଏ)**

ବାଲିଅନ୍ତା ଥାନା ଟଙ୍କପାଣି ବ୍ରିଜ୍ ନିକଟରେ ମଙ୍ଗଳବାର ବିଳମ୍ବିତ ରାତିରେ ୩ଜଣ ଚୋର ଏକ ଷ୍ଟେଶନେରି ଦୋକାନ ଶଟର ଭାଙ୍ଗି ଭିତରକୁ ପଶିଥିଲେ। ଦୋକାନରୁ ଟଙ୍କା ଓ ରୁପା ଅଳଙ୍କାର ଚୋରି କରି ବାହାରକୁ ଆସୁଥିବାବେଳେ ହଠାତ୍ ସାଇରନ ବାଜିଥିଲା। ଦୋକାନ ନିକଟରେ ଏକ ଗୋଦାମରେ ମାଲିକ ଶୋଇଥିବାବେଳେ ସିସିଟିଭିରୁ ଚୋରି ହେଉଥିବା ଜାଣିବାକୁ ପାଇଥିଲେ। ଚୋରମାନେ ଦୌଡୁଥିବାବେଳେ ଦୋକାନୀ ଜଣକ ସାହସିକତାର ସହ ଏକ ଖଣ୍ଡା ବାହାର କରି ସେମାନଙ୍କୁ ଗୋଡ଼ାଇ ହାଣିଥିଲେ। କିନ୍ତୁ ଚୋରମାନେ ବାଇକ୍‌ରେ ଥିବାରୁ ଫେରାର ହୋଇଯାଇଥିଲେ। ଏ ନେଇ ଦୋକାନୀ ୧୦୦କୁ କଲ୍ କରିଥିଲେ ମଧ୍ୟ କୌଣସି ପୋଲିସ ଗାଡ଼ି କିମ୍ବା କେହି ଅଧିକାରୀ ଆସି ନ ଥିଲେ। ରିପୋର୍ଟ ଲେଖା ହେବା ପର୍ଯ୍ୟନ୍ତ ଥାନାରେ ମଧ୍ୟ କୌଣସି ଅଭିଯୋଗ ହୋଇ ନାହିଁ। ଅନ୍ୟପଟେ ତାଲାବନ୍ଦର ସୁଯୋଗ ନେଇ ଏହି ଅଞ୍ଚଳରେ ଗତ କିଛିଦିନ ହେଲା ଚୋରି, ଲୁଟ ବୃଦ୍ଧି ପାଇଛି। ଗତ ୨୦ଦିନ ଭିତରେ ଏହି ଥାନା ଅନ୍ତର୍ଗତ ବାଲକାଟୀ ଫାଣ୍ଡି ଅଞ୍ଚଳରେ ୬ଟି ଚୋରି ଘଟଣା ହୋଇଥିଲେ ମଧ୍ୟ ଗୋଟିଏ ମାମଲାରେ ମଧ୍ୟ ପୋଲିସ ଚୋରଙ୍କୁ ଧରୁ ନ ଥିବାରୁ ନାନା ପ୍ରଶ୍ନବାଚୀ ସୃଷ୍ଟି କରିଛି।

# ଆଉ ୩ ସ୍ଥାନରେ ଡ୍ରାଇଭ୍ ଇନ୍ ଭାକ୍ସିନେଶନ

**ଭୁବନେଶ୍ୱର,୯।୬(ବ୍ୟୁରୋ)**

**ଭୁବନେଶ୍ୱରରୁ ୫୪୭ ଆକ୍ରାନ୍ତ ଚିହ୍ନଟ**

ଡ୍ରାଇଭ୍ ଇନ୍ ଭାକ୍ସିନେଶନର ସୁଫଳ ମିଳିବା ପରେ ଆଉ ୩ଟି ସ୍ଥାନରେ ଏଭଳି ଟିକାକରଣ କରିବାକୁ ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ବ୍ୟବସ୍ଥା କରିଛି। ଉକ୍ତ ସ୍ଥାନଗୁଡ଼ିକ ହେଲା ପୋଖରୀପୁଟସ୍ଥିତ କେନ୍ଦ୍ରୀୟ ବିଦ୍ୟାଳୟ-୬, ପଟିଆସ୍ଥିତ ସିଲିକନ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନୋଲୋଜି ଓ ଖଣ୍ଡଗିରି ୱାର୍ଡ ନଂ.୨୩ରେ ଥିବା କମ୍ୟୁନିଟି ସେଣ୍ଟର। ଏଠାରେ ଟିକାକରଣ ପାଇଁ ବୁଧବାର ରାତି ୭ଟାରୁ ବୁକିଂ ଆରମ୍ଭ ହୋଇଥିଲା। ଏହାର ମାତ୍ର କିଛି ସମୟ ଭିତରେ ସ୍ଲଟ୍ ଶେଷ ହୋଇଯାଇଥିଲା। ଏସବୁ ଟିକାକରଣ କେନ୍ଦ୍ରରେ ସକାଳ ୯ଟାରୁ ଅପରାହ୍ନ ୧ଟା ପର୍ଯ୍ୟନ୍ତ ୧୮ରୁ ୪୪ ବର୍ଷ ବର୍ଗର ଏବଂ ୪୫ ଓ ଊର୍ଦ୍ଧ୍ୱ ବୟସର ହିତାଧିକାରୀଙ୍କୁ ପ୍ରଥମ ଡୋଜ୍ ଦିଆଯିବ। ସେହିଭଳି ଅପରାହ୍ନ ୩ଟାରୁ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ୪୫ ଓ ଊର୍ଦ୍ଧ୍ୱ ହିତାଧିକାରୀଙ୍କୁ ପ୍ରଥମ ଓ ଦ୍ୱିତୀୟ ଡୋଜ୍ ଦିଆଯିବ। ନୂଆ ସ୍ଲଟ୍ ୧୦ରୁ ୧୨ତାରିଖ ମଧ୍ୟରେ ମିଳିବ। ସେପଟେ ଭୁବନେଶ୍ୱରରେ ଗତ ୨୪ଘଣ୍ଟାରେ ୫୪୭ଜଣ ନୂଆ ଅକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ଏମାନଙ୍କ ମଧ୍ୟରେ ୪୪୭ଜଣ ସ୍ଥାନୀୟ ଆକ୍ରାନ୍ତ ଥିବାବେଳେ ୧୦୦ଜଣ ହୋମ୍ କ୍ୱାରାଣ୍ଟାଇନରେ ଅଛନ୍ତି। ଫଳରେ ରାଜଧାନୀରେ ଏବେ ମୋଟ ସଂକ୍ରମଣ ୮୨,୧୧୭କୁ ବୃଦ୍ଧି ପାଇଛି।

# ୭ ଦୋକାନ ସିଲ୍ କଲା ପ୍ରଶାସନ

**ବାଲିଅନ୍ତା,୯।୬(ଡି.ଏନ.ଏ)**

କୋଭିଡ୍ କଟକଣାକୁ ନ ମାନି ବ୍ୟବସାୟ କରୁଥିବା ୭ଟି ଦୋକାନକୁ ବାଲିଅନ୍ତା ତହସିଲ ପ୍ରଶାସନ ପକ୍ଷରୁ ସିଲ୍ କରାଯାଇଛି। ସାବିତ୍ରୀ ବ୍ରତ ପାଇଁ ବୁଧବାର ଖମଙ୍ଗ ବଜାରସ୍ଥିତ ଏକ ଲୁଗା ଦୋକାନ, ରଙ୍ଗ ବଜାରସ୍ଥିତ ଏକ ଡ୍ରେସ୍ ଓ ଷ୍ଟେଶନେରି ଆଦି ୭ଟି ଦୋକାନରେ ପ୍ରବଳ ଭିଡ଼ ଥିବାବେଳେ କାହା ମଧ୍ୟରେ ସାମାଜିକ ଦୂରତ୍ୱ ନ ଥିଲା। ପ୍ରଶାସନ ଚେକିଂରେ ଆସିବା ବେଳେ ଦୋକାନୀମାନେ ଆଗରେ ତାଲା ପକାଇ ଦୋକାନ ଭିତରେ ଗ୍ରାହକଙ୍କୁ ରଖି ବ୍ୟବସାୟ କରୁଥିଲେ। ପ୍ରଶାସନ ଅଧିକାରୀମାନେ ଏହା ଜାଣିପାରି ଚଢ଼ାଉ କରି ଦୋକାନୀମାନଙ୍କୁ ତାଗିଦ୍ କରିବା ସହ ସିଲ୍ କରି ଜରିମାନା ଆଦାୟ କରିଥିଲେ। ଚଢ଼ାଉରେ ତହସିଲଦାର ସରୋଜ ପଣ୍ଡା ଓ ଅତିରିକ୍ତ ତହସିଲଦାର ଆରଆଇଙ୍କ ସମେତ ପୋଲିସ ଅଧିକାରୀମାନେ ରହିଥିଲେ।

# ପାରମ୍ପରିକ ଭିତ୍ତିଚିତ୍ର ଶିବିର ଆରମ୍ଭ

**ଭୁବନେଶ୍ୱର,୯।୬(ବ୍ୟୁରୋ)**

ଓଡ଼ିଶା ଲଳିତ କଳା ଏକାଡେମୀ ଏବଂ ଓଡ଼ିଶା ଖଣି ନିଗମର ମିଳିତ ସହଯୋଗରେ ପାରମ୍ପରିକ ଭିତ୍ତିଚିତ୍ର ଶିବିର ବୁଧବାର ବିଶ୍ୱ ଐତିହ୍ୟ ଗ୍ରାମ ରଘୁରାଜପୁରଠାରେ ଶୁଭାରମ୍ଭ ହୋଇଛି। ଏହି ଶିବିର ୫ଦିନ ଧରି ଚାଲିବ। ଗ୍ରାମର ୧୫୦ଟି ପରିବାର ଏଥିରେ ଅଂଶଗ୍ରହଣ କରିଛନ୍ତି। ଶିଳ୍ପୀମାନେ ନିଜ ଘର ଦୁଆର କାନ୍ଥରେ ପାରମ୍ପରିକ ଭିତ୍ତିଚିତ୍ର ଅଙ୍କନ କରୁଛନ୍ତି। ୧୫୦ଜଣ ଶିଳ୍ପୀଙ୍କୁ ୧୦ହଜାର ଟଙ୍କା ଲେଖାଏ ପ୍ରଦାନ କରାଯିବ। ୫ଟି ଚିତ୍ରକୁ ଓଡ଼ିଶା ଲଳିତ କଳା ଏକାଡେମୀର ସ୍ୱତନ୍ତ୍ର ଚୟନ କମିଟି ଦ୍ୱାରା ମନୋନୀତ କରାଯିବ ଏବଂ କୋଭିଡ୍ କଟକଣା ପରେ ଏକାଡେମୀ କାର୍ଯ୍ୟାଳୟରେ ସମ୍ବର୍ଦ୍ଧିତ କରାଯିବ। ଶିବିରକୁ ଏକାଡେମୀ ସଭାପତି ପଦ୍ମଶ୍ରୀ ସୁଦର୍ଶନ ପଟ୍ଟନାୟକ ଉଦ୍‌ଘାଟନ କରି ଶିଳ୍ପୀମାନେ ନିଜ ଗୃହରେ ସୁରକ୍ଷିତ ରହି ଓଡ଼ିଶାର କଳାକୁ ଉଜ୍ଜୀବିତ ରଖିବାରେ ସହାୟ ହୁଅନ୍ତୁ ବୋଲି କହିଥିଲେ। ଭର୍ଚୁଆଲ ମାଧ୍ୟମରେ ପର୍ଯ୍ୟଟନ, ଓଡ଼ିଶା ଭାଷା, ସାହିତ୍ୟ ଓ ସଂସ୍କୃତି ମନ୍ତ୍ରୀ ଜ୍ୟୋତି ପ୍ରକାଶ ପାଣିଗ୍ରାହୀ, ବିଭାଗର ପ୍ରମୁଖ ଶାସନ ସଚିବ ବିଷ୍ଣୁପଦ ସେଠୀ, ସଂସ୍କୃତି ନିର୍ଦ୍ଦେଶକ ତଥା ଅତିରିକ୍ତ ଶାସନ ସଚିବ ରଞ୍ଜନ କୁମାର ଦାସ, ଯୁଗ୍ମ ଶାସନ ସଚିବ ତଥା ଏକାଡେମୀର ଓଏସ୍‌ଡି ମନସ୍ୱିନୀ ସାହୁ ଏହି ନିଆରା ଶିବିରରେ ବିଶ୍ୱସ୍ତରୀୟ ସଫଳତା କାମନା କରିଛନ୍ତି। ଏକାଡେମୀର ସଚିବ ପଞ୍ଚାନନ ସାମଲ, ଜିଲା ସଂସ୍କୃତି ଅଧିକାରୀ ଚୌଧୁରୀ ଅରବିନ୍ଦ ଦାସ, ଗ୍ରାମ୍ୟ କମିଟି ସଭାପତି ଲକ୍ଷ୍ମୀଧର ସୁବୁଦ୍ଧି ଓ ସମ୍ପାଦକ ଅଭିରାମ ଦାସ ଶିବିର ସଞ୍ଚାଳନ କରିଥିଲେ।



ଜଣେ ଚିତ୍ରଶିଳ୍ପୀ ଘରେ ଚିତ୍ର ଆଙ୍କୁଛନ୍ତି।

# 'ଅଭିଲେଖାଗାର ଚଳନ୍ତି ଇତିହାସର ଗନ୍ତାଘର'

**ଭୁବନେଶ୍ୱର, ୯।୬(ବ୍ୟୁରୋ)**

ଅଭିଲେଖାଗାର ହେଉଛି ଚଳନ୍ତି ଇତିହାସର ଗନ୍ତାଘର। ଦଲିଲ୍ ଦସ୍ତାବିଜ୍, ବହିପତ୍ର, ଚିଠିପତ୍ର, ଫାଇଲ୍ ଆଦିପରି ପ୍ରାମାଣିକ ତଥ୍ୟ ଏବଂ କାଗଜପତ୍ରଗୁଡ଼ିକ ଅଭିଲେଖାଗାରରୁ ମିଳିଥାଏ। ତେଣୁ ଏହା ଛାତ୍ରୀଛାତ୍ର, ଗବେଷକ, ବୁଦ୍ଧିଜୀବୀ ଏବଂ ସଚେତନ ଜନସାଧାରଣଙ୍କ ପାଇଁ ଏକ ନିର୍ଭରଯୋଗ୍ୟ ମହତ୍ତ୍ୱପୂର୍ଣ୍ଣ ଗନ୍ତବ୍ୟସ୍ଥଳ। ସେଥିପାଇଁ ଅଭିଲେଖାଗାରକୁ ସଶକ୍ତ କରିବା ନିମନ୍ତେ ସବୁ ମହଲରୁ ସହଯୋଗର ଆବଶ୍ୟକତା ରହିଛି ବୋଲି ପର୍ଯ୍ୟଟନ, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ମନ୍ତ୍ରୀ ଜ୍ୟୋତି ପ୍ରକାଶ ପାଣିଗ୍ରାହୀ କହିଛନ୍ତି। ବୁଧବାର ଅନ୍ତର୍ଜାତୀୟ ଅଭିଲେଖାଗାର ଦିବସ ପାଳନ ଅବସରରେ ରାଜ୍ୟ ଅଭିଲେଖାଗାରରେ ଅନୁଷ୍ଠିତ ଭର୍ଚୁଆଲ କାର୍ଯ୍ୟକ୍ରମରେ ମନ୍ତ୍ରୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହା କହିଛନ୍ତି।

ବିଭାଗୀୟ ପ୍ରମୁଖ ଶାସନ ସଚିବ ବିଷ୍ଣୁପଦ ସେଠୀ କହିଲେ, ଅଭିଲେଖାଗାର ହେଉଛି ଗୋଟିଏ ସଭ୍ୟତା ଓ ସଂସ୍କୃତିର ପ୍ରବକ୍ତା। ଇତିହାସର ପୁନରୁଦ୍ଧାର ସହିତ ସମକାଳୀନ ପ୍ରସଙ୍ଗ ତଥା ଭବିଷ୍ୟତର ନିର୍ଘଣ୍ଟ ପ୍ରସ୍ତୁତିରେ ଅଭିଲେଖାଗାରର ବଡ଼ ଭୂମିକା ରହିଛି। ବର୍ତ୍ତମାନର ଯୁଗ ହେଉଛି ସୂଚନା ବା ତଥ୍ୟର ଯୁଗ। ଏହି ସୂଚନା ବା ତଥ୍ୟର ଅନ୍ୟତମ ଭଣ୍ଡାର ହେଉଛି ଅଭିଲେଖାଗାର। ଯେକୌଣସି ଗବେଷକ, ଛାତ୍ର କିମ୍ବା ଆଗ୍ରହୀ ବ୍ୟକ୍ତି ଅଭିଲେଖାଗାରରେ ସଂରକ୍ଷିତ ତଥ୍ୟଭଣ୍ଡାରର ସହାୟତା ନେଇପାରେ ବୋଲି ସେ କହିଛନ୍ତି। ଅନ୍ୟତମ ଅତିଥି ବିଭାଗୀୟ ନିର୍ଦ୍ଦେଶକ ରଞ୍ଜନ କୁମାର ଦାସ କହିଲେ, ଅଭିଲେଖାଗାର ଯେତେ ମାତ୍ରାରେ ସଶକ୍ତ ଓ କ୍ରିୟାଶୀଳ ହେବ, ସେତିକି ପରିମାଣରେ ତାହା କ୍ଷମତାପନ୍ନ ହୋଇପାରିବ ଏବଂ ଅଧିକତର ସେବା ଯୋଗାଇ ଦେଇପାରିବ। ମୁଖ୍ୟବକ୍ତା ଉତ୍କଳ ବିଶ୍ୱବିଦ୍ୟାଳୟର ଦୂର ନିରନ୍ତର ଶିକ୍ଷା ନିର୍ଦ୍ଦେଶାଳୟର ପୂର୍ବତନ ନିର୍ଦ୍ଦେଶକ ତଥା ଐତିହାସିକ ପ୍ରଫେସର ସୁସ୍ମିତ ପାଣି ଯୋଗଦେଇ ଅଭିଲେଖାଗାରର ଦଲିଲ୍‌ଦସ୍ତାବିଜ୍‌ଗୁଡ଼ିକ ଏବେ ଡିଜିଟାଇଜ୍ ମାଧ୍ୟମରେ ସଂରକ୍ଷିତ ହୋଇପାରୁଛି ଏବଂ ରେକର୍ଡ ମ୍ୟାନେଜ୍‌ମେଣ୍ଟ ସିଷ୍ଟମ ଜରିଆରେ ଆମ ହାତପାହାନ୍ତାରେ କିଛିକ୍ଷଣ ମଧ୍ୟରେ ଦଲିଲ୍‌ଗୁଡ଼ିକ ଆମେ ଦେଖିପାରୁଛେ ସେ ବିଷୟରେ କହିଥିଲେ। ଅଭିଲେଖାଗାର ଅଧୀକ୍ଷକ ଡ. ଶେଖ୍ ସୁଲେମାନ୍ ଅଲ୍ଲୀ ପ୍ରତି ନାଗରିକଙ୍କୁ ଜଣେ ଜଣେ ଅଭିଲେଖାବିତ୍ ହେବା ପାଇଁ ଆହ୍ୱାନ ଦେଇଥିଲେ। ଉପେନ୍ଦ୍ର କୁମାର ବେହେରା ଧନ୍ୟବାଦ ଦେଇଥିଲେ।





ଅନ୍ତର୍ଜାତୀୟ ଅଭିଲେଖାଗାର ଦିବସ ପାଳନ ଅବସରରେ ମନ୍ତ୍ରୀ ଜ୍ୟୋତିପ୍ରକାଶ ପାଣିଗ୍ରାହୀ ଓ ଅନ୍ୟମାନେ।

# ରେଲୱେକୁ ମିଳିବ ୫ ମେଗାହର୍ଜ ସ୍ପେକ୍ଟ୍ରମ

ନୂଆଦିଲ୍ଲୀ,୯।୬

୭୦୦ ମେଗାହର୍ଜ ବ୍ୟାଣ୍ଡରେ ରେଲୱେକୁ ୫ ମେଗାହର୍ଜ ସ୍ପେକ୍ଟ୍ରମ ପ୍ରଦାନ ସଂକ୍ରାନ୍ତ ପ୍ରସ୍ତାବକୁ କେନ୍ଦ୍ର କ୍ୟାବିନେଟ ପକ୍ଷରୁ ବୁଧବାର ମଞ୍ଜୁରୀ ପ୍ରଦାନ କରାଯାଇଛି। ଏଭଳି ପଦକ୍ଷେପ ଦ୍ୱାରା ଭାରତୀୟ ରେଳପଥ ଏହାର ଯୋଗାଯୋଗ ଏବଂ ସିଗ୍ନାଲ ସିଷ୍ଟମକୁ ଉନ୍ନତୀକରଣ କରିବା ଦିଗରେ ସହାୟକ ହେବ ବୋଲି କେନ୍ଦ୍ର ମନ୍ତ୍ରୀ ପ୍ରକାଶ ଜାଭଡେକର କହିଛନ୍ତି। ରେଳ ପରିବହନ ସେବାରେ ଯାତ୍ରୀଙ୍କ ସୁରକ୍ଷା ଦିଗରେ ଏହା ବିଶେଷଭାବେ ଯୋଗଦାନ ରଖିବ ବୋଲି ସେ ମତ

## ଯୋଗାଯୋଗ, ସିଗ୍ନାଲ୍ ସିଷ୍ଟମ ଦୃଢ଼ ହେବ



ପ୍ରକାଶ କରିଛନ୍ତି। ଏଭଳି ସ୍ପେକ୍ଟ୍ରମ ପାଇବା ଦ୍ୱାରା ରେଲୱେ ଏଲ୍‌ଟିଇ ଭିତ୍ତିକ ମୋବାଇଲ ଟ୍ରେନ୍ ରେଡିଓ କମ୍ୟୁନିକେଶନ ଏହାର ବିଭିନ୍ନ ରୁଟ୍‌ରେ ବ୍ୟବହାର କରିପାରିବ। ଏଭଳି ପ୍ରକଳ୍ପଗୁଡ଼ିକରେ ପ୍ରାୟ ୨୫ ହଜାର କୋଟି ଟଙ୍କା ବିନିଯୋଗ କରାଯିବା କାର୍ଯ୍ୟକ୍ରମ ରହିଛି। ଆଗାମୀ ୫ ବର୍ଷରେ ଏହି ପ୍ରକଳ୍ପକୁ ଶେଷ କରିବାକୁ ଯୋଜନା ରଖାଯାଇଛି ବୋଲି ରେଲୱେ ପକ୍ଷରୁ ସୂଚନା ରହିଛି। ରେଲୱେ ବର୍ତ୍ତମାନ ଏହାର ଯୋଗାଯୋଗ ନେଟ୍‌ୱର୍କ ପାଇଁ ଅପ୍ଟିକାଲ ଫାଇବର ବ୍ୟବହାର କରୁଛି। ନୂଆ ସ୍ପେକ୍ଟ୍ରମ ପାଇବା ପରେ ହାଇସ୍ପିଡ୍ ରେଡିଓ ରିୟଲ ଟାଇମ୍ ଭିତ୍ତିରେ ଲାଭ କରିବ। ଉଭୟ ଯୋଗାଯୋଗ ଏବଂ ସିଗ୍ନାଲ ନେଟ୍‌ୱର୍କ ଏହା ଦ୍ୱାରା ଦୃଢ଼ ହୋଇପାରିବ ବୋଲି ଆଶା କରାଯାଉଛି।

# ଇଗ୍ନାରେ କୋଭିଡ୍ ଟିକାକରଣ ଅଭିଯାନ



**ଭୁବନେଶ୍ୱର,୯।୬:** ଇଗ୍ନା ପକ୍ଷରୁ କୋଭିଡ୍-୧୯ ଟିକାକରଣ କାର୍ଯ୍ୟକ୍ରମ ଶୁଭାରମ୍ଭ ହୋଇଛି। ଆପୋଲୋ ହସ୍ପିଟାଲ ଏବଂ ଫିକିର ମିଳିତ ସହଭାଗିତାରେ କମ୍ପାନୀ ପକ୍ଷରୁ ଏହାର କର୍ପୋରେଟ କାର୍ଯ୍ୟାଳୟଠାରେ ଏଭଳି ଏକ କାର୍ଯ୍ୟକ୍ରମ ହାତକୁ ନିଆଯାଇଛି। ଏହି ଅବସରରେ କମ୍ପାନୀର ମାନବ ସମ୍ବଳ ବିଭାଗ ଉପସଭାପତି ତଥା ମୁଖ୍ୟ ଆଶିଷ ମିଶ୍ର କହିଛନ୍ତି, ଆମର କର୍ମଚାରୀମାନଙ୍କୁ ସୁରକ୍ଷା ଦେବାକୁ ଆମେ ପ୍ରତିଶ୍ରୁତିବଦ୍ଧ। ଏହି କାର୍ଯ୍ୟକ୍ରମ ଅଧୀନରେ ଉଭୟ କର୍ମଚାରୀ ଏବଂ ସେମାନଙ୍କ ଆଶ୍ରିତମାନଙ୍କୁ ଟିକା ପ୍ରଦାନ କରାଯିବ। ଟିକାକରଣ ହେଉଛି ସର୍ବୋତ୍ତମ ସୁରକ୍ଷା। ଯେତେବେଳେ ବି ସମ୍ଭବ ହେଉଛି ଟିକାକରଣ ନିଶ୍ଚିତ କରନ୍ତୁ ବୋଲି ସମସ୍ତଙ୍କୁ ଅନୁରୋଧ କରୁଛୁ।

# ମନୋହରପୁର ଖଣିରୁ ଓପିଜିସିକୁ କୋଇଲା ଯୋଗାଣ

ଭୁବନେଶ୍ୱର,୯।୬

ଓଡ଼ିଶା କୋଲ୍ ଆଣ୍ଡ ପାୱାର ଲିମିଟେଡ୍ (ଓସିପିଏଲ୍) ମନୋହରପୁର ଖଣିରୁ ଓଡ଼ିଶା ପାୱାର ଜେନେରେଶନ କର୍ପୋରେଶନ (ଓପିଜିସି)କୁ କୋଇଲା ଯୋଗାଣ ଶୁଭାରମ୍ଭ ହୋଇଛି। ଓସିପିଏଲ୍ ଗତବର୍ଷଠାରୁ କୋଇଲା ଉତ୍ପାଦନ କରିଆସୁଛି। କିନ୍ତୁ ରେଳ ଯୋଗାଯୋଗର ସୁବିଧା ନ ଥିବାରୁ ଓପିଜିସିକୁ କୋଇଲା ଯୋଗାଇବା ସମ୍ଭବପର ହେଉ ନ ଥିଲା। ଶକ୍ତି ବିଭାଗର ସଚିବ ନିକୁଞ୍ଜ ବିହାରୀ ଧଳ ଏବଂ ଓସିପିଏଲ୍‌ର ସିଇଓ




ସାରିପୁତ୍ତ ମିଶ୍ରଙ୍କ ଚେଷ୍ଟାରେ ନିକଟରେ ଥିବା ଏ.ସି.ବି. ସାଇଡିଂରୁ ଓପିଜିସିକୁ କୋଇଲା ଯୋଗାଣ ସମ୍ଭବପର ହୋଇପାରିଛି। ଉଲ୍ଲେଖଯୋଗ୍ୟ, ଓପିଜିସି ତାପଜ ବିଦ୍ୟୁତ୍ କେନ୍ଦ୍ର ୟୁନିଟ-୩ କୋଇଲା ଯୋଗାଣ ଅଭାବକୁ ବନ୍ଦ ରହିଛି। ମନୋହରପୁର କୋଇଲା ଖଣିରୁ ଉତ୍କୃଷ୍ଟ ମାନର କୋଇଲା ଯୋଗାଣ ଫଳରେ ଓପିଜିସିର ୟୁନିଟ୍-୩ କାର୍ଯ୍ୟକ୍ଷମ ହୋଇପାରିବ। ଓସିପିଏଲ୍ କର୍ମଚାରୀମାନଙ୍କ ଉଦ୍ୟମକୁ ସବୁ ମହଲରୁ ଉଦ୍ୟମ କରାଯାଉଛି।

# ଅକ୍ସିଜେନ ପ୍ଲାଣ୍ଟ ସ୍ଥାପନ ଲାଗି ଏଚ୍‌ଡିଏଫ୍‌ସିର ସହାୟତା

ଭୁବନେଶ୍ୱର,୯।୬

କୋଭିଡ୍ ଲଢ଼େଇରେ ଘରୋଇ କ୍ଷେତ୍ର ଏଚ୍‌ଡିଏଫ୍‌ସି ବ୍ୟାଙ୍କ ରାଜ୍ୟ ସରକାରଙ୍କ ସହ ମିଳିତ ହୋଇଛି। ରାଜଧାନୀ ଭୁବନେଶ୍ୱରର କ୍ୟାପିଟାଲ ହସ୍ପିଟାଲରେ ଏକ ଅକ୍ସିଜେନ ପ୍ଲାଣ୍ଟ ସ୍ଥାପନ ଲାଗି ବ୍ୟାଙ୍କ ସହାୟତା ରାଶି ଯୋଗାଇଦେବ। ଏହି ପରିପ୍ରେକ୍ଷୀରେ ବ୍ୟାଙ୍କର ସର୍କଲ ମୁଖ୍ୟ ଦୀପକ ସିଂ କହିଛନ୍ତି, ରାଜ୍ୟ ସରକାର ଯେଉଁ ଭଳି କୋଭିଡ୍-୧୯ ଲଢ଼େଇରେ ଉଦ୍ୟମ ଜାରି ରଖିଛନ୍ତି ତାହା ବେଶ୍ ପ୍ରଶଂସନୀୟ। ଆମର ସାମାଜିକ କାର୍ଯ୍ୟକ୍ରମ ପରିବର୍ତ୍ତନ ଅନ୍ତର୍ଗତ ରାଜ୍ୟ ସରକାରଙ୍କ ସହ ମିଳିତ ହୋଇ କାମ କରୁଛୁ। ଲୋକଙ୍କ ସମସ୍ୟାକୁ ଧ୍ୟାନରେ ରଖି ସମସ୍ତ ପ୍ରକାର ସହଯୋଗ ଯୋଗାଣ ଲାଗି ଅଗ୍ରସର ହୋଇଛୁ। ନୂଆ ଅକ୍ସିଜେନ ପ୍ଲାଣ୍ଟ ସ୍ଥାପନ ହେବା ଦ୍ୱାରା ଲୋକମାନେ ବିଶେଷ ଲାଭବାନ ହୋଇପାରିବେ ବୋଲି ଆଶାବାଦୀ ଥିବା ସିଂ କହିଛନ୍ତି।




# ସୁକନ୍ୟା ସମୃଦ୍ଧି ଯୋଜନାରୁ ଲାଭ

## ଅର୍ଥର ଅର୍ଥ



Rupkumar Pradhan
CERTIFIED FINANCIAL PLANNERCM ,CHARTERED WEALTH MANAGER
"Director, SmartMantra Financial Services Pvt. Ltd."

'ଧରିତ୍ରୀ' ପକ୍ଷରୁ 'ଅର୍ଥର ଅର୍ଥ' ଶୀର୍ଷକ ଫାଇନାନ୍‌ସିଆଲ କାଉନ୍‌ସେଲିଂ ପ୍ରଶ୍ନୋତ୍ତର ସ୍ତମ୍ଭ ଗୁରୁବାର ପ୍ରକାଶ ପାଉଛି। ତେଣୁ ଆମର ପ୍ରିୟ ପାଠକବନ୍ଧୁ ଆପଣ କ୍ୟାପିଟାଲ ମାର୍କେଟ, ଶେୟାର ବଜାର, ବ୍ୟାଙ୍କିଙ୍ଗ୍, ମ୍ୟୁଚୁଆଲ ଫଣ୍ଡ ତଥା ବ୍ୟକ୍ତିଗତ ଫାଇନାନ୍ସ ଉପରେ ପ୍ରଶ୍ନ ଆମକୁ ଚିଠି ମାଧ୍ୟମରେ ପଚାରି ପାରିବେ।

◈ ଗତ ୬ ମାସ ପୂର୍ବରୁ ମୋର ଝିଅଟିଏ ହୋଇଛି । ଝିଅର ଭବିଷ୍ୟତ ପାଇଁ ବିଶେଷ କିଛି ସଞ୍ଚୟ କରିନାହିଁ । ୩ ମାସ ପୂର୍ବେ ଏକ ଏଲ୍ଆଇସି ପଲିସି କରିଛି । ଝିଅର ଭବିଷ୍ୟତ ପାଇଁ ସୁକନ୍ୟା ସମୃଦ୍ଧି ଯୋଜନାରେ ସଞ୍ଚୟ କରିବାକୁ ଭାବୁଛି । ଏହି ସ୍କିମ୍‌ର ସୁବିଧା ସବୁ କ'ଣ ରହିବ ?

**-ମାଳତୀ ମାଝି, ବାରିପଦା**

- 'ସୁକନ୍ୟା ସମୃଦ୍ଧି ଯୋଜନା' ସ୍କିମ୍ ଏକ ସଞ୍ଚୟ ସ୍କିମ୍। ଝିଅପିଲାମାନଙ୍କ ଭବିଷ୍ୟତ ପାଇଁ କେନ୍ଦ୍ର ସରକାରଙ୍କ ବେଟି ବଚାଓ ବେଟି ପଢାଓ ଯୋଜନାରେ ଏହା ଆରମ୍ଭ କରାଯାଇଛି । ଏହା ସ୍ୱଳ୍ପ ସଞ୍ଚୟ ସ୍କିମ୍ ଅଧୀନରେ ଆସୁଛି। ଝିଅପିଲାମାନଙ୍କ ଭବିଷ୍ୟତ ପାଠପଢା ଓ ବାହାଘର ଖର୍ଚ୍ଚର ଆର୍ଥିକ ଲକ୍ଷ୍ୟକୁ ହାସଲ କରିବା ପାଇଁ ପ୍ରତ୍ୟେକ ବାପା ମା'ଙ୍କ ପାଇଁ ଏକ ଭଲ ସ୍କିମ୍ ବୋଲି କୁହାଯାଇପାରେ। ସବୁଠାରୁ ବଡ ସୁବିଧା ହେଉଛି ଏହି ସ୍କିମ୍‌ରେ ଆପଣ ସଞ୍ଚୟ କରି ଭଲ ଆୟକର ଛାଡ ସୁବିଧା ପାଇ ପାରିବେ, ଯାହାକି ସୁଧରାଶି ଓ ପରିପକ୍ୱ ରାଶି ଉଭୟ ଆୟକର ମୁକ୍ତ ହେବ। ଏହି ସ୍କିମ୍‌ରେ ଆପଣ ସର୍ବାଧିକ ୧.୫ ଲକ୍ଷ ଟଙ୍କା ଏକ ଆର୍ଥିକ ବର୍ଷରେ ଆୟକର ନିୟମ ୟୁ/ଏସ୍ ୮୦ସି ଅନୁସାରେ ନିବେଶ କରିପାରିବେ।

### ସୁକନ୍ୟା ସମୃଦ୍ଧି ଯୋଜନାର ବିଭିନ୍ନ ସୁବିଧା

- ସବୁଠାରୁ ଅଧିକ ବାର୍ଷିକ ସୁଧହାର ଯାହାକି ୭.୬% ବାର୍ଷିକ ସୁଧହାର ଏବଂ ଆୟକର ସୁବିଧା ଅଧିକ ଅଛି, ଯାହାକି ଆୟକର ନିୟମ ୟୁ/ଏସ୍ ୮୦ସି ଅନୁସାରେ ରହିବ।
-ଏକ ଆର୍ଥିକ ବର୍ଷରେ ଆପଣ ସର୍ବନିମ୍ନ ୧୦୦୦/- ଟଙ୍କା ସଞ୍ଚୟ କରିପାରିବେ।
-ସର୍ବାଧିକ ୧,୫୦,୦୦୦/- ଟଙ୍କା ଏକ ଆର୍ଥିକ ବର୍ଷରେ ନିବେଶ କରିପାରିବେ।
- ଏହିସ୍କିମ୍‌ଚାଲୁରଖିବା ପାଇଁପ୍ରତ୍ୟେକବର୍ଷ ସର୍ବନିମ୍ନ ୧୦୦୦/- ଏକ ଆର୍ଥିକ ବର୍ଷରେ ନିବେଶ କରିବା ନିହାତି ଜରୁରୀ। ଯଦିଆପଣ ସର୍ବନିମ୍ନ ୧୦୦୦/- ଏକ ଆର୍ଥିକ ବର୍ଷରେ ନିବେଶ ନ କରନ୍ତି ତେବେ ଆପଣଙ୍କୁ ୫୦ ଟଙ୍କା ପେନାଲ୍ଟି ଦେବାକୁ ପଡିବ ।
-ଆକାଉଣ୍ଟ ଖୋଲିବାଠାରୁ ଆପଣ ୧୪ ବର୍ଷ ପର୍ଯ୍ୟନ୍ତ ଆକାଉଣ୍ଟରେ ସଞ୍ଚୟ କରିପାରିବେ।
- ଏହି ଆକାଉଣ୍ଟର ପରିପକ୍ୱ ସମୟସୀମା- ଆକାଉଣ୍ଟ ଖୋଲିବା ତାରିଖଠାରୁ ୨୧ ବର୍ଷ ସମ୍ପୂର୍ଣ୍ଣ ହେବା ପରେ ପରିପକ୍ୱ ହେବ । ଯଦି ଝିଅର ୨୧ ବର୍ଷ ପୂର୍ବରୁ ବାହାଘର ହୋଇଯାଏ ତେବେ ଏହି ଆକାଉଣ୍ଟ ବାହାଘର ତାରିଖ ପରଠାରୁ ଚାଲୁ ରଖିବା ପାଇଁ ଅନୁମତି ଦିଆଯିବ ନାହିଁ।
- ଆପଣ ଏହି ଆକାଉଣ୍ଟ ପାଇଁ ଆକାଉଣ୍ଟ ପାସ୍‌ବୁକ ପାଇବେ।
-ଝିଅର ୧୦ ବର୍ଷ ବୟସ ପୂର୍ବରୁ ଏହି ଆକାଉଣ୍ଟ ଖୋଲିପାରିବେ । ବାପା ମା କିମ୍ବା ଆଇନ ଅନୁସାରେ ବାପା ମା ଏହି ଆକାଉଣ୍ଟ ଖୋଲିପାରିବେ।
-ସର୍ବାଧିକ ୨ଟି ଝିଅଙ୍କ ନାମରେ ଆକାଉଣ୍ଟ ଖୋଲିପାରିବେ।

ଆମର ପରାମର୍ଶ, ଆପଣ ଏହି ସ୍କିମ୍‌ରେ ଝିଅର ଭବିଷ୍ୟତ ପାଠପଢା ଓ ବାହାଘର ଖର୍ଚ୍ଚ ଆର୍ଥିକ ଲକ୍ଷ୍ୟ ସବୁକୁ ସୁରକ୍ଷିତ କରିପାରିବେ । ଯେତେ ଶୀଘ୍ର ଏହି ଆକାଉଣ୍ଟ ଖୋଲି ସଞ୍ଚୟ ଆରମ୍ଭ କରିବେ ସେତେ ଭଲ ପରିପକ୍ୱ ରାଶି ସୃଷ୍ଟି କରିପାରିବ।

◈ ମୁଁ ଭଲ କମ୍ପାନୀରେ କାମ କରୁଛି ଓ କମ୍ପାନୀ ତରଫରୁ ମୋ ପରିବାର ଓ ମୋ ବାପାମା'ଙ୍କ ସ୍ୱାସ୍ଥ୍ୟଗତ ଚିକିତ୍ସା ଖର୍ଚ୍ଚ ସବୁ ପାଇଁ କମ୍ପାନୀ ପ୍ରଦତ୍ତ ସ୍ୱାସ୍ଥ୍ୟବୀମା ପଲିସି ଅଛି। କ'ଣ ଏହା ପରେ ବି ମୋ ବାପାଙ୍କ ପାଇଁ ଅଲଗା ସ୍ୱାସ୍ଥ୍ୟବୀମା ପଲିସି କିଣିବା ଉଚିତ କି ? କ'ଣ କରିବା ଉଚିତ ହେବ ?

**-ମନୋଜ ସ୍ୱାଇଁ, ଭୁବନେଶ୍ୱର**

- ଆପଣଙ୍କ ବାପାମା' ଆପଣଙ୍କ ନିଯୁକ୍ତିଦାତା କମ୍ପାନୀର ସ୍ୱାସ୍ଥ୍ୟବୀମା ସୁରକ୍ଷା ପଲିସିରେ ଅନ୍ତର୍ଭୁକ୍ତ ଅଛନ୍ତି ଯାହାକି ଏକ ଗୋଷ୍ଠୀଗତ ସ୍ୱାସ୍ଥ୍ୟବୀମା ପଲିସି। ଏହା ଏକ ଭଲ ପଦକ୍ଷେପ। ଏହାର କିଛି ଭଲ ଓ ମନ୍ଦ ଦିଗ ମଧ୍ୟ ଅଛି।

ଏଠି ପ୍ରଶ୍ନ ଆସୁଛି ଆପଣ ଏହି କମ୍ପାନୀରେ ଆସନ୍ତା ବର୍ଷଗୁଡ଼ିକ ଅର୍ଥାତ୍ ୧୦-୧୫ ବର୍ଷ କିମ୍ବା ଆପଣଙ୍କ ଅବସର ଗ୍ରହଣ ବର୍ଷ ପର୍ଯ୍ୟନ୍ତ ଚାକିରି କରିବେ କି? ଯଦି ଆପଣ 'ହଁ' କରୁଛନ୍ତି ତେବେ ଠିକ୍ ଅଛି। ଯଦି 'ନାହିଁ' କହୁଛନ୍ତି ଓ କୌଣସି କାରଣରୁ କମ୍ପାନୀ ଛାଡ଼ିବାକୁ ପଡ଼ିଲା ତେବେ ଆପଣ ସ୍ୱାସ୍ଥ୍ୟବୀମା ପଲିସର ସୁବିଧା ପାଇପାରିବେ ନାହିଁ। ଏହାର ଅନେକ କିଛି ଦିଗ ଅଛି।


ଆମର ପରାମର୍ଶ, ଆପଣ ଯେତେ ବଡ଼ କମ୍ପାନୀରେ ଚାକିରି କରିଛନ୍ତି କିମ୍ବା ଯେତେ ସମ୍ପତ୍ତି ଅଛି କିମ୍ବା ଯେତେ ମାସିକ ଆୟ କରନ୍ତୁ, ଯାହା କିଛି ବି ହେଉ ନା କାହିଁକି ଆପଣ ନିଜ ପରିବାର ଓ ବାପାମା'ଙ୍କ ପାଇଁ ଅଲଗା ସ୍ୱାସ୍ଥ୍ୟବୀମା ପଲିସି କରିବା ନିହାତି ଜରୁରୀ ଓ ଅପରିହାର୍ଯ୍ୟ।

**ଆମ ଠିକଣା**
**ବିଜ୍‌ନେସ ଧରିତ୍ରୀ**
**ଧରିତ୍ରୀ, ବି-୧୫, ରସୁଲଗଡ**
**ଶିଳ୍ପାଞ୍ଚଳ, ଭୁବନେଶ୍ୱର - ୧୦**

## ଫୁରସତ୍

# ପ୍ରଦୂଷଣରେ ଆମେରିକା ସେନା ନମ୍ବର ୧

**ଯୁଦ୍ଧକୌଶଳରେ ନିପୁଣ ଆମେରିକା ସେନାର ପତିଆରା ସାରା ବିଶ୍ୱରେ ଦୀର୍ଘବର୍ଷ ଧରି ରହିଆସିଛି। ହେଲେ ଏଭଳି ଦୁର୍ଦ୍ଧର୍ଷ ସୈନ୍ୟବାହିନୀ ଉପରେ ନମ୍ବର ୧ ପ୍ରଦୂଷଣକାରୀର କଳଙ୍କ ଲାଗିଛି। ପ୍ରତିରକ୍ଷା ସମ୍ପର୍କରେ ବିଶ୍ଲେଷଣ କରୁଥିବା ୱେବସାଇଟ୍ 'ମିଲିଟାରି ଡାଇରେକ୍ଟ'ର ଏକ ତଥ୍ୟ ଅନୁଯାୟୀ ଅତ୍ୟାଧୁନିକ ଜ୍ଞାନକୌଶଳରେ ସମୃଦ୍ଧ ଏହି ସେନାର 'କାର୍ବନ ଫୁଟ୍‌ପ୍ରିଣ୍ଟ' ମଧ୍ୟ ତୁଳନାତ୍ମକ ଭାବେ ସବୁଠାରୁ ବଡ଼।**



**ନୂଆଦିଲ୍ଲୀ:** ଲଗାତର ବଢ଼ିଚାଲିଥିବା ପ୍ରଦୂଷଣକୁ ନେଇ ଚେତାବନୀ ଦେଇଚାଲିଛନ୍ତି ପରିବେଶବିତ୍। ଯଥାସମ୍ଭବ କାର୍ବନ ନିର୍ଗମନ ହ୍ରାସ କରିବା ଲାଗି ବହୁବିଧ ପଦକ୍ଷେପ ନିଆଯାଉଛି। ବିଶେଷକରି ବିକାଶଶୀଳ ଦେଶଗୁଡ଼ିକ ଯୋଜନାବଦ୍ଧ ଭାବେ ଏ ଦିଗରେ କାର୍ଯ୍ୟ କରୁଛନ୍ତି। ଯେତେବେଳେ ପ୍ରଦୂଷଣ କଥା ଉଠେ, ସେତେବେଳେ କମ୍ପାନୀଠାରୁ ଆରମ୍ଭ କରି ସାଧାରଣ ଲୋକଙ୍କ ଚାଲିଚଳଣି, ପ୍ରକୃତି ଉପରେ ନିର୍ଭରଶୀଳତା, ପରିବେଶ ଉପରେ ହସ୍ତକ୍ଷେପ ଆଦି ବିଷୟରେ ଆଲୋଚନା କରାଯାଏ। ହେଲେ କଦବା କ୍ୱଚିତ ଏଥିରେ ସେନାର ସମୀକ୍ଷା କରାଯାଏ। ହେଲେ ପ୍ରଦୂଷଣ ବୃଦ୍ଧିରେ ସୈନ୍ୟବାହିନୀର କାର୍ଯ୍ୟକଳାପ ଅନେକାଂଶରେ ଦାୟୀ ବୋଲି ଏକ ରିପୋର୍ଟ ସାମ୍ନାକୁ ଆସିଛି। ଏ କ୍ଷେତ୍ରରେ ଶୀର୍ଷରେ ରହିଛି ଆମେରିକା। ବିଶ୍ୱର ୧୪୦ ଦେଶର ଆର୍ମି ତୁଳନାରେ ଆମେରିକା ସେନା ଅଧିକ ପ୍ରଦୂଷଣକାରୀ ବୋଲି ଏଥିରେ ଉଲ୍ଲେଖ ରହିଛି।

ବ୍ରାଉନ ୟୁନିଭର୍ସିଟିର 'କଷ୍ଟସ୍ ଅଫ୍ ୱାର' ରିପୋର୍ଟ ଅନୁଯାୟୀ, ୨୦୧୭ରେ ଆମେରିକୀୟ ସେନା ବ୍ୟବହାର କରିଥିବା ଇନ୍ଧନ ଯୋଗୁ ୨୫,୦୦୦ କିଲୋଟନ୍ କାର୍ବନ ଡାଇଅକ୍ସାଇଡ୍ ନିର୍ଗମନ ହୋଇଥିଲା। ଦେଶର ଜଳ, ସ୍ଥଳ, ଆକାଶ ବାହିନୀ ଦ୍ୱାରା ଦୈନିକ ୨,୬୯,୨୩୦ ବ୍ୟାରେଲ ତୈଳ କ୍ରୟ କରାଯାଇ ବ୍ୟବହୃତ ହୋଇଥିଲା। ପରିଣାମ ସ୍ୱରୂପ ଏତେ ପରିମାଣର କାର୍ବନ ଡାଇଅକ୍ସାଇଡ୍ ବାୟୁମଣ୍ଡଳରେ ମିଶିଥିଲା। ବୈଷୟିକ ଜ୍ଞାନକୌଶଳ ଏବଂ ଅତ୍ୟାଧୁନିକ ଯୁଦ୍ଧାସ୍ତ୍ର ବ୍ୟବହାରରେ ଆମେରିକା ସେନା ସବୁଠୁ ଆଗୁଆ। ହେଲେ ଏହା ଦ୍ୱାରା ମାତ୍ରାଧିକ ପ୍ରଦୂଷଣ ମଧ୍ୟ ସୃଷ୍ଟି ହୋଇଥାଏ। ତେବେ ଏହାକୁ ଅଧିକାଂଶ ସମୟରେ ଅଣଦେଖା କରାଯାଇଆସୁଛି। କାରଣ ଏ ସମ୍ପର୍କିତ ତଥ୍ୟ ପେଣ୍ଟାଗନ ପକ୍ଷରୁ ସାର୍ବଜନୀନ କରାଯାଏ ନାହିଁ। ଫ୍ରିଡମ୍ ଅଫ୍ ଇନ୍‌ଫର୍ମେଶନ ଆକ୍ଟ ଅନୁଯାୟୀ ୟୁଏସ୍ ଡିଫେନ୍ସ ଲଜିଷ୍ଟିକ୍ ଏଜେନ୍ସି ସହ ସମ୍ପର୍କ କରିବା ଦ୍ୱାରା ସ୍ୱଳ୍ପ ତଥ୍ୟ ମିଳିଥାଏ।

ଅନ୍ୟପଟେ ଆମେରିକା ସେନାରେ ଜଳବାୟୁ ପରିବର୍ତ୍ତନ ପଲିସିକୁ ନେଇ ଦ୍ୱନ୍ଦ୍ୱ ରହିଛି। ଏଠାକାର ମିଲିଟାରି ବେସ୍‌ରେ ଅକ୍ଷୟଶକ୍ତି ଉପରେ ଜୋର୍ ଦିଆଯାଉଥିବା କୁହାଯାଉଛି। ହେଲେ ପ୍ରକୃତ କଥା ଭିନ୍ନ। ଆର୍ମି ବେସ୍‌ରେ ଯେଉଁ ବାୟୋ ଫୁଏଲ ଉତ୍ପାଦନ କରାଯାଉଛି, ତାହା ଆବଶ୍ୟକତା ତୁଳନାରେ ନଗଣ୍ୟ। ଅପରପକ୍ଷେ ପ୍ରତିରକ୍ଷା ବ୍ୟବସ୍ଥାକୁ ସୁଦୃଢ଼ କରିବାକୁ ଆମେରିକା ହାତ ଖୋଲିଦେଇଛି। ଆମେରିକା ନିଜ ସେନା ଲାଗି ବାର୍ଷିକ ହାରାହାରି ୭୩୦ ବିଲିୟନ ଡଲାରରୁ ଅଧିକ ଖର୍ଚ୍ଚ କରୁଛି। ଏ କ୍ଷେତ୍ରରେ ରୁଷିଆ, ଚାଇନା, ଭାରତ ବହୁ ପଛରେ। ତେବେ ସେନା ପଛରେ ଯେତେ ଅଧିକ ଖର୍ଚ୍ଚ, କାର୍ବନ ନିର୍ଗମନର ପରିମାଣ ସେତେ ବେଶି ବୋଲି ରିପୋର୍ଟରେ ଦର୍ଶାଯାଇଛି। ସେହିପରି ଦେଶ ଆଧାରରେ କାର୍ବନ ଫୁଟ୍‌ପ୍ରିଣ୍ଟରେ ଚାଇନା ଶୀର୍ଷରେ ରହିଛି। କରୋନା ମହାମାରୀ ପୂର୍ବରୁ ଅର୍ଥାତ୍ ୨୦୧୮ରେ ଚାଇନାରୁ ସବୁଠାରୁ ବେଶି କାର୍ବନ ଡାଇଅକ୍ସାଇଡ ନିର୍ଗମନ ହୋଇଥିଲା, ଯାହାର ପରିମାଣ ଥିଲା ୧୦.୦୬ ବିଲିୟନ ମେଟ୍ରିକ ଟନ୍। ଏହା ପଛକୁ ୫.୪୧ ବିଲିୟନ ମେଟ୍ରିକ ଟନ୍ କାର୍ବନ ଡାଇଅକ୍ସାଇଡ୍ ନିର୍ଗମନ ସହ ଆମେରିକା ଦ୍ୱିତୀୟ ସ୍ଥାନରେ ରହିଥିଲା।

### କାର୍ବନ ଫୁଟ୍‌ପ୍ରିଣ୍ଟ କ'ଣ

ଗ୍ରୀନ୍‌ହାଉସ୍ ଗ୍ୟାସ୍ ନିର୍ଗମନ ଲାଗି କୌଣସି ବ୍ୟକ୍ତି, ସଂସ୍ଥା କେତେ ପରିମାଣର ଦାୟୀ ତାହା ହିଁ 'କାର୍ବନ ଫୁଟ୍‌ପ୍ରିଣ୍ଟ'। ସାଇକେଲ କିମ୍ବା ଚାଲି ଚାଲି ଅଫିସ ଯାଉଥିବା ଜଣେ ବ୍ୟକ୍ତିଙ୍କ ଅପେକ୍ଷା ବାଇକ୍‌ରେ ଯାଉଥିବା ବ୍ୟକ୍ତିଙ୍କ କାର୍ବନ ଫୁଟ୍‌ପ୍ରିଣ୍ଟ ଅଧିକ ବୋଲି ବିଚାର କରାଯାଏ। ତେଣୁ ମଣିଷର ଜୀବନ ଶୈଳୀ ଗ୍ରୀନ୍‌ହାଉସ୍ ଗ୍ୟାସ୍‌ର ବୃଦ୍ଧି ବା ହ୍ରାସର ଅନ୍ୟତମ କାରଣ। ବାୟୁମଣ୍ଡଳରେ ଗ୍ରୀନ୍‌ହାଉସ୍ ପାଇଁ ଦାୟୀ ଗ୍ୟାସ୍‌ର ମାତ୍ରା ବୃଦ୍ଧି ଯୋଗୁ ମେରୁ ଅଞ୍ଚଳରେ ବରଫ ତରଳିବା, ସମୁଦ୍ର ଜଳପତ୍ତନ ବୃଦ୍ଧି ସହ ତାପମାତ୍ରା ବଢ଼ିଚାଲିଛି।

# ପାକିସ୍ତାନୀ ଗାୟକ ଫରହାଦ୍‌ଙ୍କ ପରଲୋକ



ଇସ୍‌ଲାମାବାଦ: ପାକିସ୍ତାନୀ ଗାୟକ ଫରହାଦ୍ ହୁମାୟନ୍‌ଙ୍କ ପରଲୋକ ହୋଇଛି। ତାଙ୍କୁ ୪୨ ବର୍ଷ ହୋଇଥିଲା। ଗାୟକ ଅତିଫ୍ ଅସ୍‌ଲାମ, ଅଭିନେତା ଅଲି ଜାଫର୍, ଅର୍ଜୁନ ମାଥୁରଙ୍କ ସମେତ ଅନେକ ଭାରତୀୟ ଓ ପାକିସ୍ତାନୀ କଳାକାର ତାଙ୍କ ଅକାଳ ବିୟୋଗରେ ଶୋକ ବ୍ୟକ୍ତ କରିଛନ୍ତି। ୩ ବର୍ଷ ହେଲା ଫରହାଦ କ୍ୟାନ୍ସରରେ ପୀଡ଼ିତ ଥିଲେ।


# ସ୍ତ୍ରୀଙ୍କୁ ଭେଟିବାକୁ ସ୍କୁଟିରେ ୫୦୦ କି.ମି.

ପାଟନା: ସ୍ତ୍ରୀ ବାପଘରକୁ ଚାଲିଯିବା ପରେ ତାଙ୍କୁ ଭେଟିବାକୁ ସ୍ୱାମୀ ସ୍କୁଟିରେ ୫୦୦ କିମି ଯିବା ଘଟଣା ବିହାରରେ ଚର୍ଚ୍ଚାର ବିଷୟ ପାଲଟିଛି। ଉତ୍ତରପ୍ରଦେଶର ସନ୍ଦୀପ କୁମାରଙ୍କ ବିବାହ ଦୁଇ ବର୍ଷ ତଳେ ହୋଇଥିଲା। ତାଙ୍କ ସ୍ତ୍ରୀ ହଠାତ୍ ବାପଘରକୁ ଚାଲି ନ ଫେରିବାରୁ ତାଙ୍କୁ ଘରକୁ ଆଣିବାକୁ ସନ୍ଦୀପ ସ୍କୁଟି ନେଇ ୪୯୫ କି.ମି. ଦୂର ବିହାରର ପୂର୍ଣ୍ଣିଆରେ ପହଞ୍ଚିଥିଲେ। ହେଲେ ରାତିରେ କିଛି ଅସାମାଜିକ ଯୁବକ ତାଙ୍କୁ ହଇରାଣ କରିବାରୁ ସେ ବିହାରର କେହାଟ ଥାନାର ଦ୍ୱାରସ୍ଥ ହୋଇଥିଲେ। ସନ୍ଦୀପଙ୍କ ବାପାଙ୍କ କହିବା ଅନୁସାରେ ପୋଲିସ ତାଙ୍କୁ ଥାନାରେ ହିଁ ରଖିଥିଲା। ବୁଝାଶୁଝା ପରେ ସ୍ତ୍ରୀ ଫେରିବାକୁ ରାଜି ହୋଇଥିଲେ।

ଆଡଭାନ୍ସ ନେଉନ୍ତୁ, ଧୋକା ଦେଉନ୍ତୁ
ହିନ୍ଦୁସ୍ତାନ ଫାଇନାନ୍ସ
ଆଧାରକାର୍ଡ, ଗ୍ରୁପ୍ ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଏଗ୍ରିକଲ୍ଚର୍, ସବୁ ଋଣ ମାତ୍ର 24 ଘଣ୍ଟାରେ
ସୁଧ 2% ଛାଡ଼ 50%
ଠକାମିର ଶିକାର ବ୍ୟକ୍ତି ନିଶ୍ଚୟ ଯୋଗାଯୋଗ କରନ୍ତୁ
08765087341
09473641974
Sasane Nagar, Pune

# ସମୁଦ୍ର ଭିତରେ ସହର ନିର୍ମାଣ

**କୋପେନ୍‌ହାଗେନ୍:** ସମୁଦ୍ର ମଧ୍ୟରେ କୋଟି କୋଟି ଟନ୍ ମାଟି ପକାଇ ଡେନମାର୍କ ନୂଆ ସହର ତିଆରି କରିବାକୁ ଯାଉଛି। ଦେଶର ସଂସଦ ଏହି ପ୍ରୋଜେକ୍ଟକୁ ମଞ୍ଜୁରୀ ଦେଇଛି। ନୂଆ ସହରରେ ୩୫ ହଜାର ଲୋକଙ୍କ ରହିବା ପାଇଁ ଘର ମିଳିପାରିବ। ଏକ ରିପୋର୍ଟ ଅନୁଯାୟୀ, ଏହି ଆଧୁନିକ ସହରରେ ସମସ୍ତ ପ୍ରକାର ସୁବିଧା ଉପଲବ୍ଧ ହେବ। ଏହି କୃତ୍ରିମ ଦ୍ୱୀପର ନିର୍ମାଣ କୋପେନହାଗେନ ବନ୍ଦରକୁ ସମୁଦ୍ରପତନ ବୃଦ୍ଧିରୁ ରକ୍ଷା କରିବା ପାଇଁ କରାଯାଉଛି। ଲିନେଥୋଲମ ନାମକ ଏହି ବିଶାଳ ଦ୍ୱୀପକୁ ଏକ ରିଙ୍ଗ୍ ରୋଡ, ଟନେଲ ଏବଂ ମେଟ୍ରୋଲାଇନ ମାଧ୍ୟମରେ ଡେନମାର୍କର ରାଜଧାନୀ କୋପେନହାଗେନ ସହ ଯୋଡ଼ାଯିବ। ଯାହାର ଆକାର ଏକ ବର୍ଗ ମାଇଲ ଅର୍ଥାତ ୨.୬ ବର୍ଗ କିଲୋମିଟର ହେବ। ଯଦି ସବୁ ଠିକ୍ ହୁଏ, ତେବେ ଏହି ପ୍ରକଳ୍ପର କାର୍ଯ୍ୟ ଚଳିତବର୍ଷ ଶେଷ ସୁଦ୍ଧା ଆରମ୍ଭ ହେବ। ସମୁଦ୍ରରେ ଆରମ୍ଭ ହେବାକୁ ଥିବା ଏହି ପ୍ରକଳ୍ପ ବିଷୟରେ ପରିବେଶବିତ୍‌ଙ୍କ ଭିନ୍ନ ମତ ରହିଛି। ଏହାର ନିର୍ମାଣର ସମ୍ଭାବ୍ୟ ପ୍ରଭାବକୁ ନେଇ ସେମାନେ ଚିନ୍ତିତ। ଏଥିପାଇଁ ଡେନ୍‌ମାର୍କ ବିରୋଧର ସମ୍ମୁଖୀନ ମଧ୍ୟ ହୋଇପାରେ। ପ୍ରକଳ୍ପ ସମ୍ବନ୍ଧୀୟ ସୁରକ୍ଷା ମାନ ଉପରେ ବିଶେଷ ଧ୍ୟାନ ଦିଆଯାଇଥିବା ଡେନ୍‌ମାର୍କ ପକ୍ଷରୁ କୁହାଯାଇଛି।



# ୱେଟର ଥିଲେ ସୋନମ

**ମୁମ୍ବାଇ:** ବଡ କଳାକାରଙ୍କ ଘରେ ଜନ୍ମ ହୋଇ ମଧ୍ୟ ଅନେକ କଳାକାର ଅଛନ୍ତି ଯେଉଁମାନେ ଫିଲ୍ମରେ ପ୍ରବେଶ କରିବା ପୂର୍ବରୁ ଅନ୍ୟ କାମ କରିଥିଲେ। ସେମାନଙ୍କ ମଧ୍ୟରୁ ଜଣେ ହେଉଛନ୍ତି ସୋନମ କପୁର। କପୁର ପରିବାରରରେ ଜନ୍ମିତ ସୋନମ ଅଭିନେତା ଅନିଲ କପୁରଙ୍କ ଝିଅ ଏବଂ ଅର୍ଜୁନ କପୁରଙ୍କ ସମ୍ପର୍କୀୟ ଭଉଣୀ। ସୋନମ ନିଜେ ମଧ୍ୟ ଜଣେ ସଫଳ ଅଭିନେତ୍ରୀ। ଜୁନ ୯ରେ ସେ ତାଙ୍କ ୩୬ତମ ଜନ୍ମଦିନ ପାଳନ କରିଛନ୍ତି। ଚଳଚ୍ଚିତ୍ର ଜଗତରେ ପ୍ରବେଶ କରିବା ପୂର୍ବରୁ ସୋନମ କପୁର ମଧ୍ୟ ଚାକିରି କରିଥିଲେ। ତେବେ କୌଣସି ବଡ କମ୍ପାନୀରେ ନୁହେଁ ବରଂ ୱେଟର ଭାବରେ ସେ କାମ କରୁଥିଲେ। ତେବେ ଏହା ତାଙ୍କ ସଉକ ନ ଥିଲା କିମ୍ବା ଏଥିପାଇଁ ତାଙ୍କୁ କେହି ବାଧ୍ୟ କରି ନ ଥିଲେ। ବରଂ ପକେଟ ମନି ବଢ଼ାଇବା ପାଇଁ ସେ ୱେଟର ଚାକିରି କରିଥିଲେ। ଯେତେବେଳେ ସୋନମଙ୍କୁ ମାତ୍ର ୧୫ ବର୍ଷ ହୋଇଥିଲା, ସେ ଏକ ରେଷ୍ଟୁରାଣ୍ଟରେ କାମ କରିବା ଆରମ୍ଭ କରିଥିଲେ। ମାତ୍ର ସପ୍ତାହେ ପରେ ସେ ସେହି କାମ ଛାଡ଼ିଦେଇଥିଲେ। ଫିଲ୍ମ 'ସାୱରିଆ' ଯୋଗେ ସେ ବଲିଉଡ୍‌ରେ ଡେବ୍ୟୁ କରିଥିଲେ। ସେତେବେଳେ ସେ ୩୫ କେଜି ଓଜନ କମାଇ ଚର୍ଚ୍ଚାକୁ ଆସିଥିଲେ। ମା' ସୁନିତା କପୁର ତାଙ୍କୁ ସାହାଯ୍ୟ କରିଥିଲେ ବୋଲି ଏକ ସାକ୍ଷାତକାରରେ ସୋନମ କହିଥିଲେ।

ମନେ ପଡ଼ନ୍ତି
ଏକାଦଶାହ ଉପଲକ୍ଷେ



ଂ ଛାୟାକାନ୍ତ ମହାନ୍ତି
ଖଇରା, ବାଲେଶ୍ୱର
ଆବିର୍ଭାବ: ୨୯।୦୪।୧୯୩୬
ତିରୋଧାନ: ୩୧।୦୫।୨୦୨୧
ଆପଣଙ୍କର ଅନାବିଳ ସ୍ନେହ, ଶ୍ରଦ୍ଧା, ତ୍ୟାଗ, ନିଷ୍ଠା ଓ ଆଦର୍ଶ ଜୀବନ ଆମ୍ଭମାନଙ୍କର ଚିରନ୍ତନ ଦିଗ୍‌ଦର୍ଶନ ହେଉଥିବ। ଆପଣଙ୍କ ପବିତ୍ର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ପାଦପଦ୍ମରେ ଭକ୍ତିପୂତ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରୁଛୁ।
ଶୋକସନ୍ତପ୍ତ: ପୁଅ-ବୋହୂ, ପୁତୁରା-ପୁତୁରାବୋହୂ, ଝିଅ-ଜ୍ୱାଇଁ, ଭଣଜା-ଭାଣିଜୀ ଓ ନାତି-ନାତୁଣୀ
ଧ-୨୦୮୬୪

## ବଲିଉଡ୍ ହାଲଚାଲ୍


ଅଜୟ ଦେବଗନ

➤ଅଜୟ ଦେବଗନଙ୍କ ଅଭିନୀତ 'ମଇଦାନ' ଏବେ ରିଲିଜ ହେବାର କୌଣସି ଯୋଜନା ନାହିଁ ବୋଲି କହିଛନ୍ତି ଏହାର ଅନ୍ୟତମ ପ୍ରଯୋଜକ ବୋନି କପୁର। ଲୋକପ୍ରିୟ ଫୁଟବଲ କୋଚ୍ ସୟଦ ଅବଦୁଲ ରହିମଙ୍କ ଜୀବନୀକୁ ନେଇ ଏହା ପ୍ରସ୍ତୁତ ହୋଇଛି ଏବଂ ଏହି ଭୂମିକାରେ ଅଜୟ ଅଭିନୟ କରୁଛନ୍ତି। ହିନ୍ଦୀ, ତାମିଲ, ତେଲୁଗୁ ଏବଂ ମାଲୟାଲମ ଭାଷାରେ ନିର୍ମିତ ଏହି ଚିତ୍ରର ନିର୍ଦ୍ଦେଶନା ଦେଇଛନ୍ତି ଅମିତ ରବିନ୍ଦ୍ରନ ଶର୍ମା ଏବଂ ଏହାର ନାୟିକା ଭୂମିକାରେ ଅବତୀର୍ଣ୍ଣ ହୋଇଛନ୍ତି ପ୍ରିୟାମଣି।

➤ଗ୍ୟାଙ୍ଗଷ୍ଟର ବିକାଶ ଦୁବେଙ୍କ ଜୀବନୀକୁ ନେଇ ନିର୍ମିତ ବାୟୋପିକ୍ 'ବିକ୍ରୋ କାନପୁର ଗ୍ୟାଙ୍ଗଷ୍ଟର'ର ରିଲିଜ୍ ଡେଟ୍ ପୁଣି ଥରେ ସ୍ଥଗିତ ରହିଛି। ଫିଲ୍ମଟି ଚଳିତ ବର୍ଷ ଏପ୍ରିଲ ୨୦ରେ ମୁକ୍ତିଲାଭ କରିଥାଆନ୍ତା। ହେଲେ କରୋନା ପାଇଁ ତାହା ସ୍ଥଗିତ ରହି ଜୁନ୍ ପ୍ରଥମ ସପ୍ତାହରେ ପରଦା ଉପରକୁ ଆସିବ ବୋଲି ଘୋଷଣା କରାଯାଇଥିଲା। ହେଲେ କେତେକ କାରଣରୁ ଏହି ରିଲିଜ ତାରିଖକୁ ପୁଣି ଥରେ ଘୁଞ୍ଚାଇ ଦିଆଯାଇଛି। ଫିଲ୍ମଟି ଚଳିତବର୍ଷ ଅକ୍ଟୋବର ୨ରେ ମୁକ୍ତିଲାଭ କରିବ ବୋଲି ନିର୍ଦ୍ଦେଶକ ନୀରଜ ସିଂ ସୂଚନା ଦେଇଛନ୍ତି।

# ମିଳିଗଲା ଟାଇଟଲ


ଆଲିୟା

ଆଲିୟା ଏବଂ ରଣବୀର ସିଂଙ୍କୁ ନେଇ କରନ୍ ଜୋହର ଏକ ନୂଆ ସିନେମାଟିଏ ନିର୍ମାଣ କରିବାକୁ ଯାଉଛନ୍ତି। ଏହାର ପ୍ରାରମ୍ଭିକ କାମ ଶେଷ ହୋଇଥିବା ବେଳେ ଗତ ମାସରୁ ଶୁଟିଂ ଆରମ୍ଭ ହେବାର ଥିଲା। କିନ୍ତୁ କରୋନାର ଦ୍ୱିତୀୟ ଲହର ଯୋଗୁ ତାହା ସ୍ଥଗିତ ରହିଛି। ସେପଟେ ଏହି ନୂଆ ସିନେମାର ଟାଇଟଲ କ'ଣ ହେବ ତାହା ଫାଇନାଲ ହୋଇପାରୁ ନ ଥିଲା। ଯାହାହେଉ ଶେଷରେ ଏକ ଭଲ ଟାଇଟଲଟିଏ ଖୋଜିପାଇଛନ୍ତି କରନ୍। ତାହା ହେଲା 'ପ୍ରେମ୍ କାହାନୀ'। ସବୁଠାରୁ ଖାସ୍ କଥା ହେଲା, ଏହି ଫିଲ୍ମର ପ୍ରଯୋଜନା କରିବା ସହ ନିର୍ଦ୍ଦେଶନା ମଧ୍ୟ ଦେବେ କରନ୍। ସେପଟେ ଫିଲ୍ମଟିକୁ ନେଇ ବେଶ୍ ଆଶା ବାନ୍ଧି ବସିଛନ୍ତି ଆଲିୟା ଭଟ୍ଟ।

# ଅପେକ୍ଷାର ଫଳ ମିଠା


ସୂର୍ଯ୍ୟକାନ୍ତ

ମନ କେତେବେଳେ କୁଆଡେ ଉଡିଯାଏ, ଆଉ କାହା ମନରେ ବସା ବାନ୍ଧେ ତାହା ଆକଳନ କରିବା କଷ୍ଟ। କିନ୍ତୁ ହଠାତ୍ ଜଣକ ସହ ଦେଖା, ପୁଣି ପ୍ରଥମ ଦେଖାରେ ପ୍ରେମରେ ପଡିବାର ଅନେକ ଉଦାହରଣ ରହିଛି। ତେବେ ଏହି ପ୍ରେମକୁ ଠିକ୍ ଭାବରେ ଆଗେଇ ନେବା ହିଁ ବଡ କଥା। ମନ ପରି ମନଟିଏ ପାଇବା ପରେ ନିଜ ପ୍ରେମକୁ ସଫଳ କରିବାକୁ ଅଣ୍ଟା ଭିଡିଛି ବାଲୀ। ତା'ସହ ନିଜର ଆଉ ଏକ ଲକ୍ଷ୍ୟ ରହିଛି। ତାକୁ ଯେମିତି ହେଲେ ପୂରଣ କରିବାକୁ ପଡିବ। ହେଲେ ଏ ବାଲୀ କିଏ, ସେ କାହା ପ୍ରେମରେ ପଡିଛି ଆଉ ତାହାର ଅନ୍ୟତମ ଲକ୍ଷ୍ୟଟି କ'ଣ ତାହା ଜାଣିବା ପୂର୍ବରୁ ଅସଲ କଥା ବିଷୟରେ ସୂଚନା ଦେବା ଠିକ୍ ହେବ। 'ବାଲୀ-ଦ ସେଭିୟର' ଶୀର୍ଷକକୁ ନେଇ ନିର୍ମିତ ହୋଇଛି ଏକ ଭିନ୍ନ ଧରଣର ଓଡ଼ିଆ ସିନେମା। ଆଉ ଏହାର ଟାଇଟଲ ଭୂମିକାରେ ଅବତୀର୍ଣ୍ଣ ହୋଇଛନ୍ତି ସୂର୍ଯ୍ୟକାନ୍ତ । ଜଣେ ସାଧାରଣ ଯୁବକ କିପରି ଲୋକମାନଙ୍କର ଦୁଃଖସୁଖରେ ନିଜକୁ ଭାଗୀଦାର କରିପାରୁଛି ଏବଂ ଏଥିପାଇଁ ସବୁ ପ୍ରକାର ଚ୍ୟାଲେଞ୍ଜକୁ ସାହସର ସହ ସାମ୍ନା କରୁଛି ତାହା ଏହି ଫିଲ୍ମରେ ଦେଖିବାକୁ ମିଳିବ। ଉକ୍ତ ସିନେମାରେ ତାଙ୍କ ନାୟିକା ସାଜିଛନ୍ତି ମାମା ସାମଲ। ଏହି ଯୋଡି ବ୍ୟତୀତ ଅଶ୍ରୁମୋଚନ ମହାନ୍ତି, ଚୌଧୁରୀ ଜୟ ପ୍ରକାଶ ଦାସ, ସ୍ମିତା ମହାନ୍ତି, ହରିହର ମହାପାତ୍ର, ଚିନ୍ତାମଣି ବିଶ୍ୱାଳ, ବାପୁ ରୟ ପ୍ରମୁଖ କଳାକାର ଏଥିରେ ଅଭିନୟ କରିଛନ୍ତି। ସୂର୍ଯ୍ୟକାନ୍ତ ସାମଲଙ୍କ ପ୍ରଯୋଜିତ ଏବଂ କେ. ମୁରଲିକ୍ରିଷ୍ଣାଙ୍କ ନିର୍ଦ୍ଦେଶିତ ଏହି ସିନେମାର ସମସ୍ତ କାମ ଶେଷ ହୋଇଛି ଏବଂ କୋଭିଡ୍ ପରେ ପ୍ରେକ୍ଷାଳୟ ଖୋଲିଲେ ରିଲିଜ ଯୋଜନା ରହିଛି ବୋଲି ସୂଚନା ଦେଇଛନ୍ତି ପ୍ରଯୋଜକ। ତେବେ ଏହି ସିନେମାକୁ ନେଇ ଏବଂ ସେଥିରେ ନିଜ ଭୂମିକାର ସଫଳତାକୁ ନେଇ ବେଶ୍ ଆଶାବାଦୀ ଥିବା ପ୍ରଯୋଜକ-କମ୍-ନାୟକ ସୂର୍ଯ୍ୟକାନ୍ତ କେତେ ସଫଳ ହେଉଛନ୍ତି ତାହା ଫିଲ୍ମଟି ରିଲିଜ ହେଲେ ହିଁ ଜଣାପଡିବ।



# ମାପିଚୁପି ଚାଲିବେ ପରିଣିତି

ପରିଣିତି ଚୋପ୍ରା ଏଣିକି ମାପିଚୁପି ପାଦ ପକାଇବେ। କୌଣସି ସିନେମା ସାଇନ୍ କରିବା ପୂର୍ବରୁ ଆଦୌ ତରବର ହେବେ ନାହିଁ। ସେ ଅଭିନୟ କରିଥିବା 'ସାଇନା-ଦ ଗର୍ଲ ଅନ୍ ଦ ଟ୍ରେନ୍' ଏବଂ 'ସନ୍ଦୀପ ଔର ପିଙ୍କି ଫେରାର୍' ଚଳିତ ବର୍ଷ ପ୍ରାରମ୍ଭରେ ବ୍ୟାକ୍-ଟୁ ବ୍ୟାକ୍ ରିଲିଜ୍ ହୋଇଥିଲା। କେବଳ ସେତିକି ନୁହେଁ, ଫିଲ୍ମଦ୍ୱୟରେ ପରିଣିତିଙ୍କ ଅଭିନୟକୁ ଦର୍ଶକ ବେଶ୍ ପ୍ରଶଂସା କରିଥିଲେ। ଏପରି ସଫଳତା ପରେ ସେ ଏବେ ନିଜ ଆକ୍ଟିଂ କ୍ୟାରିୟରକୁ ନେଇ ଆହୁରି ସଚେତନ ହୋଇଛନ୍ତି। କୌଣସି ଅଫର ମିଳିଲେ ତାହାକୁ ଭଲ ଭାବରେ ତର୍ଜମା କରୁଛନ୍ତି। ଏ ନେଇ ପରିଣିତି କହନ୍ତି, 'ଚଳିତ ବର୍ଷ ଫେବୃୟାରୀରେ 'ସାଇନା-ଦ ଗର୍ଲ ଅନ୍ ଦ ଟ୍ରେନ୍' ଏବଂ ମାର୍ଚ୍ଚରେ 'ସନ୍ଦୀପ ଔର ପିଙ୍କି ଫେରାର୍' ଓଟିଟି ଫର୍ମାଟରେ ରିଲିଜ ହୋଇଥିଲା। ଫିଲ୍ମଦ୍ୱୟକୁ ଦର୍ଶକ ଗ୍ରହଣ କରିଥିଲେ ତାହା ମୋ ପାଇଁ ବଡ଼ କଥା। ଏଣିକି ମୋ ଆକ୍ଟିଂ କ୍ୟାରିୟରକୁ ନେଇ ଆହୁରି ସତର୍କ ହେବି। ଅଫରଗୁଡ଼ିକୁ ଭଲ ଭାବରେ ତର୍ଜମା କରିବା ପରେ ହିଁ ସାଇନ କରିବି।' ତେବେ ଏହାଦ୍ୱାରା ପରିଣିତିଙ୍କ କ୍ୟାରିୟରକୁ କେତେ ମାଇଲେଜ ମିଳୁଛି ତାହା ଆଗାମୀ ସମୟ ହିଁ କହିବ।

# ବଡ଼ ପରଦାକୁ ଆଖି


ଅମ୍ଳାନ ମହାନ୍ତି

ପିଲାଟି ଦିନରୁ ତାଙ୍କୁ ଅଭିନୟର ନିଶା ଘାରିଥିଲା। ଟିଭିରେ ଧାରାବାହିକ ଏବଂ ଚଳଚ୍ଚିତ୍ର ଦେଖିବା ପରେ ତାଙ୍କର ଏହି ଆଶା ଆହୁରି ଦ୍ୱିଗୁଣିତ ହୋଇଥିଲା। ଯଦିଓ ଏପର୍ଯ୍ୟନ୍ତ ସେ କୌଣସି ଓଡ଼ିଆ ସିନେମାରେ ଏଣ୍ଟ୍ରି କରିନାହାନ୍ତି, ହେଲେ ଏ ନେଇ ଦିନେ ନା ଦିନେ ଭଲ ସୁଯୋଗଟିଏ ମିଳିବ ବୋଲି ଆଶା ରଖିଛନ୍ତି ମଡେଲ-କମ୍-ଅଭିନେତା ଅମ୍ଳାନ ମହାନ୍ତି। ପୁରୀରେ ଜନ୍ମିତ (ପିତା-କୈଳାସ ଚନ୍ଦ୍ର ମହାନ୍ତି, ମା-ଗୀତାଞ୍ଜଳି ମହାନ୍ତି) ଏହି ମଡେଲ ଗ୍ରାଜୁଏଶନ ଶେଷ କରିବା ପରେ ମଡେଲିଂ ଏବଂ ଅଭିନୟ ପ୍ରତି ଅଧିକ ଗୁରୁତ୍ୱ ଦେଇଥିଲେ। ନିଜର ଲକ୍ଷ୍ୟ ବିଷୟରେ ଅମ୍ଳାନ କହନ୍ତି, 'ପାଠପଢ଼ା ସହ ମଡେଲିଂକୁ କ୍ୟାରିୟର ଭାବରେ ବାଛିନେଇଛି ଏକଥା ସତ, ହେଲେ ଅଭିନେତା ହେବାର ଆଶା ରହିଛି। ଇତିମଧ୍ୟରେ ମୁଁ କେତୋଟି ମ୍ୟୁଜିକ ଆଲବମ୍‌ରେ ଅଭିନୟ କରିସାରିଛି। ଚଳଚ୍ଚିତ୍ରରେ ଯେଉଁ ଭୂମିକା ମିଳିଲେ ମଧ୍ୟ ତାହାକୁ ତୁଲାଇବାରେ ମୋର ଦୃଢ଼ ବିଶ୍ୱାସ ରହିଛି। କେବଳ ସମୟକୁ ହିଁ ଅପେକ୍ଷା। ଯଦି ବଡ଼ ପରଦାରେ ଅଫର ମିଳେ ତେବେ ତାହାକୁ ଭଲ ଭାବରେ ତର୍ଜମା କରିବା ପରେ ହିଁ ଭରିବି।' ବେଶ୍ କେତୋଟି ର୍‍ୟାମ୍ପ ଶୋ'ରେ ଅଂଶଗ୍ରହଣ କରି ପୁରସ୍କୃତ ହୋଇସାରିଛନ୍ତି ସେ। ଅନ୍ୟପକ୍ଷରେ 'ହମ୍‌ସଫର', 'ପ୍ରିୟା ରେ' ଏବଂ 'କ୍ରୁଜ୍' ମ୍ୟୁଜିକ ଆଲବମ୍‌ରେ ସେ ଅଭିନୟ କରିସାରିଛନ୍ତି।

# ଅତୀତରୁ

➔ଓଡ଼ିଆ ଚଳଚ୍ଚିତ୍ର 'ରାମାୟଣ'ରେ 'ତତେ କିଏ କଲା ବନଚାରୀରେ ଜଟାଧାରୀ, ଆହେ ଦୁଃଖହାରୀ ମୋ ଦୁଃଖ କିଏ ହରିବ, ରାମ ଯିବେ ବନବାସ' ଆଦି ଗୀତ କେତେ ଲୋକପ୍ରିୟ ତାହା କହିବା ବାହୁଲ୍ୟ। ଉକ୍ତ ଚିତ୍ରରେ ସଂଯୋଜିତ ଗୀତଗୁଡ଼ିକୁ ସ୍ୱର ଦେଇଥିଲେ ପ୍ରଫୁଲ୍ଲ କର । ଧୀର ବିଶ୍ୱାଳଙ୍କ ପ୍ରଯୋଜିତ ଏହି ସିନେମାର ବିଭିନ୍ନ ଭୂମିକାରେ ଉତ୍ତମ ମହାନ୍ତି, ଶୁଭ୍ରା ପତି, ଧୀର ବିଶ୍ୱାଳ ପ୍ରମୁଖ କଳାକାର ଅଭିନୟ କରିଥିଲେ।

➔ଚଳଚ୍ଚିତ୍ର 'ବାଟ ଅବାଟ'ର ମୁଖ୍ୟ ଭୂମିକାରେ ଅଭିନୟ କରିଥିଲେ ଅଜିତ ଦାସ ଏବଂ ତାଙ୍କର ନାୟିକା ସାଜିଥିଲେ ମହାଶ୍ୱେତା ରାୟ। ବୃନ୍ଦାବନ ଜେନା ନିର୍ଦ୍ଦେଶନା ଦେଇଥିବା ବେଳେ ସଙ୍ଗୀତ ଦାୟିତ୍ୱ ତୁଲାଇଥିଲେ ଭୁବନ-ହରି।

➔ଶରତ ପୂଜାରୀ, ଅନିତା ଦାସ, ଦୀପା ସାହୁ, ପ୍ରସନ୍ନ ମିଶ୍ର ପ୍ରମୁଖ କଳାକାରଙ୍କୁ ନେଇ ନିର୍ମିତ ହୋଇଥିଲା ଓଡ଼ିଆ ଚଳଚ୍ଚିତ୍ର 'ଅକ୍ଷୀ ତୃତୀୟା। ସୁଶୀଲ ମୁଖାର୍ଜୀ ଏହାର ନିର୍ଦ୍ଦେଶନା ଦେଇଥିଲେ ଏବଂ ଗୀତଗୁଡ଼ିକୁ ସ୍ୱର ଦେଇଥିଲେ ରାଖାଲ ମହାନ୍ତି।

➔ଓଡ଼ିଆ ଚଳଚ୍ଚିତ୍ର 'ବତାସୀ ଝଡ଼'ର ନାୟକ ଭୂମିକାରେ ଦେଖାଦେଇଥିଲେ ଅକ୍ଷୟ ମହାନ୍ତି (କାଶ୍ୟପ)। ଆରତି ଦାସଙ୍କ ପ୍ରଯୋଜିତ ଏହି ଚିତ୍ରର ନିର୍ଦ୍ଦେଶକ ଥିଲେ ରମେଶ ମହାନ୍ତି। ଏଥିରେ କାଶୀ ରଥ, ଜୟାଙ୍କୁ ମଧ୍ୟ ଦେଖିବାକୁ ମିଳିଥିଲା।

➔କାମିନୀ ପିକ୍ଚର୍ସ, ରାଉରକେଲା ବ୍ୟାନରରେ ପ୍ରସ୍ତୁତ ହୋଇଥିଲା ଓଡ଼ିଆ ସିନେମା 'କାଚଘର'। କାମିନୀ ତ୍ରିପାଠୀ ଏହାର ପ୍ରଯୋଜନା ଓ ନିର୍ଦ୍ଦେଶନା ଦାୟିତ୍ୱ ତୁଲାଇଥିଲେ ବ୍ୟୋମକେଶ ତ୍ରିପାଠୀ। ବିଭିନ୍ନ ଭୂମିକାରେ ଅଭିନୟ କରିଥିଲେ ସୁରେଶ, ଜ୍ୟୋତ୍ସ୍ନା, ବିନୋଦ, ବିନି ଆଦି କଳାକାର।

# ନିରଞ୍ଜନ ଯାହା ଚାହୁଁଥିଲେ...

ନିରଞ୍ଜନ ବେହେରା ଙ୍କ ନିର୍ଦ୍ଦେଶିତ ପ୍ରଥମ ସିନେମା ଥିଲା 'ଯୋଗୀ'। ଆହୁରି ମାଇଲେଜ ଦେଇଥିଲା। ଏବେ ସେ ଛୋଟ ପିଲାଙ୍କ ଉପରେ ଏକ ସିନେମା ନିର୍ମାଣ କରିବାକୁ ଯାଉଛନ୍ତି। ଉକ୍ତ ସିନେମାର ଟାଇଟଲ ରହିଛି 'ରାମରାଜ୍ୟ'। ଏ ନେଇ ନିରଞ୍ଜନ କହନ୍ତି, ' ଛଅ ଜଣ ପିଲାଙ୍କ ଉପରେ ଏହାର କାହାଣୀ ଆଧାରିତ। ପିଲାମାନେ ଛୋଟ ହେଲେ ମଧ୍ୟ ସେମାନଙ୍କ ମନରେ ଅନେକ ଆଶା ରହିଛି। କିନ୍ତୁ ଛଅ ଜଣ ଛୋଟ ପିଲା କିପରି ବାଧାବିଘ୍ନର ସମ୍ମୁଖୀନ ହୋଇ ନିଜର ଲକ୍ଷ୍ୟସ୍ଥଳରେ ପହଞ୍ଚୁଛନ୍ତି ତାହା ଏହି ନୂଆ ଓଡ଼ିଆ ସିନେମାରେ ଦେଖିବାକୁ ମିଳିବ।'

## ରିଲିଜ୍ ଅପେକ୍ଷାରେ...

# ମନେ ମନେ ମନ ଖୋଜୁଥିଲା

ଦୁଇଟି ପରିବାର ଭିତରେ ଅହି-ନକୁଳ ସମ୍ପର୍କ। ହେଲେ ପ୍ରେମ ଏପରି ଏକ ଜିନିଷ ଯାହା କିଛି ଖାତିର କରେନା। ଅଭିମନ୍ୟୁଙ୍କ ପୁଅ ଓମ୍ ଏବଂ ଦୁର୍ଯ୍ୟୋଧନଙ୍କ ଝିଅ ଗୌରୀ ପ୍ରେମରେ ପଡ଼ିଯାଇଛନ୍ତି। ଦୁଇ ପରିବାର ଭିତରେ ଥିବା ଶତ୍ରୁତାକୁ ସେମାନେ ଜାଣିଥିଲେ ମଧ୍ୟ ନିଜ ଲକ୍ଷ୍ୟପଥରେ ଅଗ୍ରସର ହୋଇଛନ୍ତି। ହେଲେ ଏପରି ପ୍ରେମର ଶେଷ ପରିଣତି କ'ଣ ହେଉଛି ତାହା ସିନେମାରେ ଦେଖିବାକୁ ପାଇବେ। ଏପରି ଏକ ଭିନ୍ନଧରଣର ଟିନ୍-ଏଜ୍ ପ୍ରେମ କାହାଣୀକୁ ନେଇ ନିର୍ମିତ ହୋଇଛି ନୂଆ ଓଡ଼ିଆ ସିନେମା 'ମନେ ମନେ ମନ ଖୋଜୁଥିଲା'। ଅନନ୍ୟା ଏଣ୍ଟରଟେନମେଣ୍ଟ ବ୍ୟାନରରେ ଏହି ଚଳଚ୍ଚିତ୍ରର ପ୍ରଯୋଜନା କରିଛନ୍ତି ନବାଗତା ପ୍ରଯୋଜିକା ପ୍ରଭାତୀ ଆଚାର୍ଯ୍ୟ। ବେଶ୍ କିଛି ବର୍ଷର ଗ୍ୟାପ୍ ପରେ ନିର୍ଦ୍ଦେଶକ ଏନ୍. ପାଢ଼ୀ ଉକ୍ତ ଫିଲ୍ମ ମାଧ୍ୟମରେ ପୁଣି ଥରେ ନିର୍ଦ୍ଦେଶନା ମଇଦାନକୁ ଓହ୍ଲାଇଛନ୍ତି। ଦୁର୍ଗା ଆଚାର୍ଯ୍ୟଙ୍କ କାହାଣୀକୁ ଆଧାର କରି ସଂଳାପ ରଚନା କରିଛନ୍ତି ଦୀପକ ଜେନା। ସଂଯୋଜିତ ଗୀତଗୁଡ଼ିକୁ ସ୍ୱର ଦେଇଛନ୍ତି ନବାଗତ ଏ. ଅଶୋକ କୁମାର। ଖାସ୍ କଥା ହେଲା ନବାଗତ ଓମ୍‌କାର ଏହି ଫିଲ୍ମରୁ ନିଜର ଓଲିଉଡ୍ କ୍ୟାରିୟର ଆରମ୍ଭ କରୁଛନ୍ତି। ତାଙ୍କ ସହ ସ୍କ୍ରିନ୍ ଶେୟାର କରିଛନ୍ତି ବୁଲବୁଲି ନମ୍ରତା ସିଂଦେଓ। ଏମାନଙ୍କ ବ୍ୟତୀତ ମିହିର ଦାସ, ଅଶ୍ରୁମୋଚନ ମହାନ୍ତି, ପ୍ରତିଭା ପଣ୍ଡା, ଅଞ୍ଜନା ଦାସ, ବିଜୟ ବଳ, ରାଜ୍ ସୁରଜ ପୁରୋହିତ ଏବଂ ଆଲୋକ ସାମନ୍ତଙ୍କୁ ବିଭିନ୍ନ ଭୂମିକାରେ ଦେଖିବାକୁ ମିଳିବ। ଫିଲ୍ମଟିର ପୋଷ୍ଟ ପ୍ରଡକ୍ସନ କାମ ଶେଷ ହୋଇଛି ଏବଂ ଖୁବ୍ ଶୀଘ୍ର ଏହାର ରିଲିଜ ତାରିଖ ଫାଇନାଲ ହେବ ବୋଲି ପ୍ରଯୋଜନା ସଂସ୍ଥା ପକ୍ଷରୁ ସୂଚନା ଦିଆଯାଇଛି। ଏହାବ୍ୟତୀତ ଓମ୍‌କାର ଅଭିନୟ କରୁଥିବା ନୂଆ ସିନେମା 'ପ୍ରେମୀ ଆୱାରା'ର ଅର୍ଦ୍ଧାଧିକ ଶୁଟିଂ ଶେଷ ହୋଇଛି।

ଓମ୍‌କାର-ନମ୍ରତା


# ଆମୀରଙ୍କ ପାଇଁ..


ଟାଇଗର

ବଲିଉଡ୍‌ର ୟଙ୍ଗ ସେନସେଶନ ଟାଇଗର ଶ୍ରଫ। ଆକ୍ସନ ଭୂମିକାରେ ସେ କେତେ ପାରଙ୍ଗମ ତାହା କହିବା ବାହୁଲ୍ୟ। ଏ ପର୍ଯ୍ୟନ୍ତ ସେ ଅଭିନୟ କରିଥିବା ସିନେମାଗୁଡିକରେ ଏହାର ପ୍ରମାଣ ଦେଇସାରିଛନ୍ତି। ହେଲେ ଏପରି ଭୂମିକାକୁ ସୁଚାରୁ ଭାବରେ ତୁଲାଇବାକୁ ସେ ତ ଆରମ୍ଭରୁ ମାଇଣ୍ଡ ମେକ୍‌ଅପ୍ କରିଥିଲେ। ହେଲେ ଏଥିପାଇଁ ତାଙ୍କୁ ଆହୁରି ପ୍ରେରଣାଦାୟକ ସାଜିଥିଲା ଆମୀର ଖାଁଙ୍କ ଟିପ୍ସ। ଏ ସମ୍ପର୍କରେ ଟାଇଗର କହନ୍ତି, 'ଧୂମ-୩'ର ପ୍ରାକ୍ ପ୍ରସ୍ତୁତି ସମୟରେ ଆମୀର ନିଜର ଫିଜିକକୁ ନୂଆ ରୂପ ଦେଇଥିଲେ। ଆଉ ଏହି ସମୟରେ ତାଙ୍କୁ ସାହାଯ୍ୟ କରିବାର ସୁଯୋଗ ମୋତେ ମିଳିଥିଲା। ସେହି ସମୟ ମଧ୍ୟରେ ଆମୀରଙ୍କ ସହ କଥାବାର୍ତ୍ତା ମୋ ପାଇଁ ବେଶ୍ ପ୍ରେରଣାଦାୟକ ହୋଇଥିଲା। କେବଳ ଅଭିନୟ ନୁହେଁ, କେଉଁ ଭୂମିକାକୁ କିପରି ତୁଲାଇବାକୁ ପଡିବ ସେ ନେଇ ସେ ମୋତେ ଭଲ ଭାବରେ ବୁଝାଇ ଦେଇଥିଲେ। ସେହି ସମୟର ତାଙ୍କର ଟିପ୍ସ ମୋ ଆକ୍ଟିଂ କ୍ୟାରିୟର ପାଇଁ କେତେ ଶୁଭପ୍ରଦ ସାବ୍ୟସ୍ତ ହୋଇଛି ତାହା ବର୍ଣ୍ଣନା କରିବାକୁ ମୋ ନିକଟରେ ଭାଷା ନାହିଁ।

# ସିତ୍ସିପାସ, ନାଡାଲ ସେମିଫାଇନାଲରେ

**ପ୍ୟାରିସ, ୯।୬**

କ୍ଲେ କୋର୍ଟର ରାଜା ଭାବେ ପରିଚିତ ସ୍ପେନର ରାଫାଲ ନାଡାଲ ଏବଂ ଗ୍ରୀସ୍‌ର ଷ୍ଟିଫାନୋସ ସିତ୍ସିପାସ ଚଳିତ ଫ୍ରେଞ୍ଚ୍ ଓପନ ଗ୍ରାଣ୍ଡସ୍ଲାମ ଟେନିସ ପୁରୁଷ ସିଙ୍ଗଲ୍ସ ସେମିଫାଇନାଲରେ ପ୍ରବେଶ କରିଛନ୍ତି। ସେମିଫାଇନାଲରେ ସିତ୍ସିପାସ ଜର୍ମାନୀର ଆଲେକଜାଣ୍ଡର ଜେଭ୍‌ରେଭ୍‌ଙ୍କୁ

**ଫ୍ରେଞ୍ଚ୍ ଓପନ ଟେନିସ**

ଭେଟିବେ। ତୃତୀୟ କ୍ୱାର୍ଟର ଫାଇନାଲରେ ନାଡାଲ ୬-୩, ୪-୬, ୬-୪, ୬-୦ ସେଟ୍‌ରେ ଆର୍ଜେଣ୍ଟିନାର ଡିଏଗୋ ସ୍କ୍ୱାର୍ଜମ୍ୟାନଙ୍କୁ ପରାସ୍ତ କରିଛନ୍ତି। ସିତ୍ସିପାସ-ଜେଭରେଭ ସେମିଫାଇନାଲ ଟୁର୍ନାମେଣ୍ଟ ଇତିହାସରେ ଅନ୍ୟତମ ସର୍ବକନିଷ୍ଠ ମୁକାବିଲା ହେବ। ୨୦୦୮ରେ ରାଫାଲ ନାଡାଲ ଓ ନୋଭାକ୍ ଜୋକୋଭିଚ୍‌ଙ୍କ ମଧ୍ୟରେ ଏପରି ମୁକାବିଲା ହୋଇଥିଲା। ୫ମ ସିଡ୍ ସିତ୍ସିପାସ ଦ୍ୱିତୀୟ କ୍ୱାର୍ଟର ଫାଇନାଲରେ ୨ ନମ୍ବର ଡାନିଲ ମେଡ୍‌ଭେଡେଭ୍‌ଙ୍କୁ ୬-୩, ୭-୬(୭/୩), ୭-୫ ସେଟ୍‌ରେ ପରାସ୍ତ କରିଥିଲେ। ପ୍ରଥମ କ୍ୱାର୍ଟରରେ ୬ଷ୍ଠ ସିଡ୍ ଜେଭରେଭ ୬-୪, ୬-୧, ୬-୧ ସେଟ୍‌ରେ ୪୬ତମ ର୍ୟାଙ୍କ୍‌ପ୍ରାପ୍ତ ଆଲେଜାଣ୍ଡ୍ରୋ ଡାଭିଡୋଭିଚ୍ ଫୋକିନାଙ୍କୁ ହରାଇ ଦେଇଥିଲେ। ଗ୍ରୀସ୍‌ର ସିତ୍ସିପାସ ୨୨ ବର୍ଷୀୟ ହୋଇଥିବାବେଳେ ଜେଭରେଭ ୨୪ ବର୍ଷୀୟ ଜର୍ମାନୀ ଖେଳାଳି। ଉଭୟ ଖେଳାଳି ଚଳିତ ବର୍ଷ ରେଡ୍ କ୍ଲେରେ ମାଷ୍ଟର୍ସ ୧୦୦୦ ଟାଇଟଲ ହାସଲ କରିଛନ୍ତି। ତେଣୁ ଏହି ଦୁଇ ଖେଳାଳି ଏଠାରେ ବିପର୍ଯ୍ୟୟ ଘଟାଇବା ପାଇଁ ବ୍ୟଗ୍ର। ଉଭୟ ଖେଳାଳି ଗ୍ରାଣ୍ଡସ୍ଲାମ ଟାଇଟଲ ହାସଲ ପାଇଁ ଆଶାୟୀ ବୋଲି ପ୍ରତିକ୍ରିୟାରେ ପ୍ରକାଶ କରିଛନ୍ତି।



କ୍ୱାର୍ଟର ଫାଇନାଲ ଅବସରରେ ରାଫାଲ ନାଡାଲ।

## ସାକାରି-କ୍ରେଜିକୋଭା

ମହିଳା ସିଙ୍ଗଲ୍ସରେ ଗ୍ରୀସ୍‌ର ମାରିଆ ସାକାରି ଓ ଚେକ୍ ରିପବ୍ଲିକର ବାର୍ବରା କ୍ରେଜିକୋଭା ସେମିଫାଇନାଲରେ ପରସ୍ପରକୁ ଭେଟିବେ। ତୃତୀୟ କ୍ୱାର୍ଟର ଫାଇନାଲରେ ସାକାରି ପୋଲାଣ୍ଡର ଇଗା ସ୍ୱିଟେକ୍‌ଙ୍କୁ ସିଧାସଳଖ ୬-୪, ୬-୪ ସେଟ୍‌ରେ ପରାସ୍ତ କରିଛନ୍ତି। ସେହିପରି କ୍ରେଜିକୋଭା ଆମେରିକାର କୋକୋ ଗଫ୍‌ଙ୍କୁ ୭-୬(୮/୬), ୬-୩ ସେଟ୍‌ରେ ହରାଇ ସେମିଫାଇନାଲରେ ପହଞ୍ଚିଛନ୍ତି। ପୂର୍ବରୁ ଅନୁଷ୍ଠିତ ୨ଟି ମହିଳା କ୍ୱାର୍ଟର ଫାଇନାଲରେ ୩୧ତମ ସିଡ୍ ରୁଷିଆର ଆନାସ୍ତାସିଆ ପାଭ୍‌ଲ୍ୟୁଚେଙ୍କୋଭା ତାଙ୍କ ଡବଲ୍ସ ପାର୍ଟନର ଏଲିନା ରିବ୍‌କିନାଙ୍କୁ ୬-୭(୨/୭), ୬-୨, ୯-୭ରେ ଏବଂ ସ୍ଲୋଭାନିଆର ୮୫ତମ ର୍ୟାଙ୍କ୍‌ପ୍ରାପ୍ତ ତାମାରା ଜିଡାନସେକ୍ ୭-୫, ୪-୬, ୮-୬ ସେଟ୍‌ରେ ପାଉଲା ବଦୋସାଙ୍କୁ ହରାଇ ଦେଇଥିଲେ।

# ଦହିୟାଙ୍କୁ ରୌପ୍ୟ

**ୱାରସା, ୯।୬(ପି.ଟି.)**

ଟୋକିଓ ଅଲିମ୍ପିକ୍ସ ପୂର୍ବରୁ ଅନ୍ତିମ ର୍ୟାଙ୍କିଙ୍ଗ୍ ସିରିଜ ଇଭେଣ୍ଟ ବିବେଚିତ ହେଉଥିବା ପୋଲାଣ୍ଡ ଓପନ୍‌ରେ ଭାରତୀୟ ରେସ୍‌ଲର ରବି ଦହିୟା ପ୍ରଭାବୀ ପ୍ରଦର୍ଶନ କରି ରୌପ୍ୟ ପଦକ ହାସଲ କରିଛନ୍ତି। ଅଲିମ୍ପିକ୍ସ ପାଇଁ ଯୋଗ୍ୟତା ହାସଲ କରିସାରିଥିବା ଦହିୟା କ୍ରମାଗତ ୩ଟି ବିଜୟ ହାସଲ କରି ୬୧ କେ.ଜି. ବର୍ଗର ଫାଇନାଲରେ ପ୍ରବେଶ କରିଥିଲେ। ତେବେ ସେ ଫାଇନାଲରେ ଉଜେବେକସ୍ତାନର ଗୁଲୋମଜୋନ ଅବଦୁଲାଏଭଙ୍କଠାରୁ ୩-୫ ବ୍ୟବଧାନରେ ପରାସ୍ତ ହୋଇ ସ୍ୱର୍ଣ୍ଣ ପଦକ ହାସଲରୁ ବଞ୍ଚିତ ହୋଇଛନ୍ତି। ପ୍ରଥମ ରାଉଣ୍ଡରେ ଅବଦୁଲାଏଭଙ୍କୁ ବଡ଼ ବ୍ୟବଧାନରେ ହରାଇଥିଲେ ମଧ୍ୟ ଫାଇନାଲରେ ଏହି ପ୍ରଦର୍ଶନକୁ ଦୋହରାଇପାରି ନ ଥିଲେ। କିନ୍ତୁ ବାକି ସବୁ ମ୍ୟାଚ୍‌ରେ ସେ ଦମ୍‌ଦାର ପ୍ରଦର୍ଶନ କରିଥିଲେ। ତେବେ ଏସିଆନ ଚାମ୍ପିୟନ ଓ ୨୦୧୯ ବିଶ୍ୱ ଚାମ୍ପିୟନଶିପ୍ ବ୍ରୋଞ୍ଜ ପଦକ ବିଜେତା ଦହିୟା ସମସ୍ତଙ୍କୁ ଚକ୍‌ମା ଦେଇଥିଲେ। ଦହିୟା ପ୍ରଥମ ମୁକାବିଲାରେ ୧୦-୧ରେ ଅବଦୁଲାଏଭଙ୍କୁ ହରାଇଥିଲେ।

# ଦୂତୀଙ୍କ ପାଇଁ ସୁଯୋଗ

**ଭୁବନେଶ୍ୱର, ୯।୬ (କ୍ରୀଡ଼ା ପ୍ରତିନିଧି)**



ଇଣ୍ଡିଆନ ଗ୍ରାଁ ପ୍ରି-୪ ଚଳିତ ମାସ ୨୧ ତାରିଖରେ ପଟିଆଲାରେ ଅନୁଷ୍ଠିତ ହେବ। ଆଥ୍‌ଲେଟିକ ଫେଡେରେଶନ ଅଫ୍ ଇଣ୍ଡିଆ (ଏଏଫଆଇ) ପକ୍ଷରୁ ବୁଧବାର ଏହା ପ୍ରକାଶ କରାଯାଇଛି। ସ୍ପ୍ରିଣ୍ଟ କୁଇନ୍ ଦୂତୀ ଚାନ୍ଦଙ୍କ ପରି ଦେଶର ଶ୍ରେଷ୍ଠ ଆଥ୍‌ଲେଟଙ୍କ ପାଇଁ ଏହା ଅଲିମ୍ପିକ୍ସ ଯୋଗ୍ୟତା ସୁଯୋଗ ଆଣିବ। ଏଏଫ୍‌ଆଇ ଦୂତୀ ଓ ହିମା ଦାସଙ୍କ ସମେତ ୪୦ ସଦସ୍ୟ ବିଶିଷ୍ଟ ଦଳ କିର୍ଗିଜସ୍ତାନ ଓ କାଜାଖସ୍ତାନକୁ ପଠାଇ ସେଠାକାର ପ୍ରତିଯୋଗିତାରେ ଅଂଶଗ୍ରହଣ ପାଇଁ ଉଦ୍ୟମ କରିଥିଲା। ମାତ୍ର ସେହି ଦେଶର କୋଭିଡ୍-୧୯ ଜନିତ କ୍ୱାରାଣ୍ଟାଇନ୍ ନିୟମରେ ପରିବର୍ତ୍ତନ ଯୋଗୁ ଏହା ସମ୍ଭବ ହୋଇ ପାରିନାହିଁ। ପ୍ରତିଯୋଗୀମାନେ କିର୍ଗିଜସ୍ତାନର ବିଶ୍‌କେକ୍‌ଠାରେ ଟି. କୋଲ୍‌ପାକୋଭା ଅନ୍ତର୍ଜାତୀୟ ପ୍ରତିଯୋଗିତା ଏବଂ କାଜାଖସ୍ତାନର ଅଲ୍‌ମାଟିରେ କୁସାନୋଭ ମେମୋରିଆଲ ପ୍ରତିଯୋଗିତାରେ ଭାଗ ନେବାର ଥିଲା। ମାତ୍ର ଆର୍‌ଟି-ପିସିଆର ଟେଷ୍ଟ ରିପୋର୍ଟ ନେଗେଟିଭ୍ ଏବଂ ଟିକା ନେବାର ସାର୍ଟିଫିକେଟ ଥିଲେ ମଧ୍ୟ ଭାରତରୁ ଆସୁଥିବା ସମସ୍ତଙ୍କ ପାଇଁ ୧୪ ଦିନିଆ ବାଧ୍ୟତାମୂଳକ କ୍ୱାରାଣ୍ଟାଇନ୍ ନିୟମ ଲାଗୁ ହେବାରୁ ଏହା ସମ୍ଭବ ହୋଇ ପାରିଲା ନାହିଁ। ତେଣୁ ଏଏଫ୍‌ଆଇ ବିଦେଶକୁ ଆଥ୍‌ଲେଟ ନ ପଠାଇ ଦେଶରେ ଇଣ୍ଡିଆନ ଗ୍ରାଁ ପ୍ରି-୪ ଏବଂ ଆନ୍ତଃ-ରାଜ୍ୟ ଚାମ୍ପିୟନଶିପ୍ (ଜୁନ୍ ୨୫ରୁ ୨୯) ଉପରେ ଫୋକସ କରୁଛି। ଅଲିମ୍ପିକ୍ସ ପାଇଁ ଦୂତୀ ୪ x୧୦୦ ମିଟର ମହିଳା ରିଲେ ଦଳର ସଦସ୍ୟା ଥିଲେ। ଏହା ବ୍ୟତୀତ ସେ ନିଜ ପ୍ରିୟ ଇଭେଣ୍ଟ ୧୦୦ ମିଟରରେ ମଧ୍ୟ ରେସ୍ କରିବା ନେଇ ଆଶାବାଦୀ ଅଛନ୍ତି।

# ଦ୍ୱିତୀୟ ଟେଷ୍ଟରୁ ଓହରିଲେ ୱିଲିୟମସନ

**ବର୍ମିଂହାମ, ୯।୬(ପି.ଟି.)**

ନ୍ୟୁଜିଲାଣ୍ଡ କ୍ରିକେଟ ଅଧିନାୟକ କେନ୍ ୱିଲିୟମସନ ଆହତ ସମସ୍ୟା ଯୋଗୁ ଇଂଲଣ୍ଡ ବିପକ୍ଷ ଦ୍ୱିତୀୟ ଟେଷ୍ଟରୁ ଓହରି ଯାଇଛନ୍ତି। ଗୁରୁବାରଠାରୁ ଦ୍ୱିତୀୟ ଟେଷ୍ଟ ଆରମ୍ଭ ହେବ। ୱିଲିୟମସନ ବାମ କହୁଣିରେ ଯନ୍ତ୍ରଣା ଅନୁଭବ କରୁଛନ୍ତି। ତେବେ ସେ ଭାରତ ବିପକ୍ଷ ବିଶ୍ୱ ଟେଷ୍ଟ ଚାମ୍ପିୟନଶିପ୍ ଫାଇନାଲରେ ଖେଳିବେ। ୱିଲିୟମସନଙ୍କ ସ୍ଥାନରେ ବାମହାତୀ ବ୍ୟାଟ୍ସମ୍ୟାନ ଟମ୍ ଲଥାମ ଦ୍ୱିତୀୟ ଟେଷ୍ଟରେ ଅଧିନାୟକ ଦାୟିତ୍ୱ ତୁଲାଇବେ। ଲଥାମ ତୃତୀୟ ଥର ପାଇଁ ନ୍ୟୁଜିଲାଣ୍ଡ ଦଳର ନେତୃତ୍ୱ ନେବାକୁ ଯାଉଥିବାବେଳେ ୱିଲିୟମସନଙ୍କ ସ୍ଥାନରେ ୱିଲ୍ ୟଙ୍ଗ୍ ପ୍ଲେଇଂ ଇଲେଭେନରେ ସାମିଲ ହୋଇଛନ୍ତି। ନ୍ୟୁଜିଲାଣ୍ଡ କ୍ରିକେଟ ପକ୍ଷରୁ ଜାରି ଏକ ବିବୃତିରେ କୁହାଯାଇଛି ଯେ, ୱିଲିୟମସନଙ୍କ କହୁଣି ଯନ୍ତ୍ରଣା ବହୁ ପୁରୁଣା। ଏଥିପାଇଁ ସେ ଗତ ମାର୍ଚ୍ଚରେ ମଧ୍ୟ ମ୍ୟାଚ ମିସ୍ କରିଥିଲେ। କୋଚ୍ ଗ୍ୟାରୀ ଷ୍ଟେଡ୍ ମଧ୍ୟ ଏହି କଥାକୁ ଦୋହରାଇଛନ୍ତି। ୩୦ ବର୍ଷୀୟ ୱିଲିୟମସନଙ୍କୁ ଏହି ସମସ୍ୟା ଅନେକ ସମୟରେ ଅସୁବିଧାରେ ପକାଇ ଆସୁଛି ବୋଲି ଷ୍ଟେଡ୍ କହିଛନ୍ତି। ତାଙ୍କ କହୁଣିରେ ଇଞ୍ଜେକ୍ସନ ଦିଆ ଯାଇଛି। ପରେ ସେ ଆଶ୍ୱସ୍ତ ଅନୁଭବ କରୁଛନ୍ତି ଏବଂ ତାଙ୍କ ଚିକିତ୍ସା ଜାରି ରହିଛି। ତେବେ ଜୁନ୍ ୧୮ରେ ସାଉଥାମ୍ପଟନରେ ଆରମ୍ଭ ହେବାକୁ ଯାଉଥିବା ବିଶ୍ୱ ଟେଷ୍ଟ ଚାମ୍ପିୟନଶିପ୍ ବେଳକୁ ସେ ସମ୍ପୂର୍ଣ୍ଣ ଫିଟ୍ ହୋଇଯାଇଥିବେ ବୋଲି ଷ୍ଟେଡ୍ ଆଶା ପ୍ରକାଶ କରିଛନ୍ତି।



କେନ୍ ୱିଲିୟମସନ

# ୟାଶିତା, ମନୀଷ ଚାମ୍ପିୟନ

**ଭୁବନେଶ୍ୱର, ୯।୬ (କ୍ରୀଡ଼ା ପ୍ରତିନିଧି):** ରାଜ୍ୟ ୧୬ ବର୍ଷରୁ କମ୍ ଅନ୍‌ଲାଇନ୍ ଚେସ୍ ଚାମ୍ପିୟନଶିପ୍ ବୁଧବାର ଶେଷ ହୋଇଛି। ଏହାର ବାଳିକା ବର୍ଗରେ ଖୋର୍ଦ୍ଧାର ୟାଶିତା ରାଉତ ଚାମ୍ପିୟନ ଏବଂ ଅନନ୍ୟା ଅନାମିକା ରନର୍ସଅପ୍ ହୋଇଛନ୍ତି। ସେହିପରି ଓପନ ବର୍ଗରେ ଖୋର୍ଦ୍ଧାର ମନୀଷ କୁମାର ଚାମ୍ପିୟନ ଏବଂ କୌସ୍ତୁଭ ଦାଶ ରନର୍ସଅପ୍ ବିବେଚିତ ହୋଇଛନ୍ତି। ଏହି ୪ ଜଣ ଖେଳାଳିଙ୍କ ବ୍ୟତୀତ ସୁହାନା ଜେନା, ଫିଡେ ମାଷ୍ଟର ମହୀତୋଷ ଦେ ଏବଂ ହର୍ଷିତ ରଞ୍ଜନ ସାହୁ ଆସନ୍ତା ୧୬ ବର୍ଷରୁ କମ୍ ଜାତୀୟ ଚେସ୍‌ରେ ରାଜ୍ୟ ପକ୍ଷରୁ ପ୍ରତିନିଧିତ୍ୱ କରିବାକୁ ଯୋଗ୍ୟ ବିବେଚିତ ହୋଇଛନ୍ତି।

# ବଟଲର, ମୋର୍ଗାନଙ୍କ ବିରୋଧରେ ଇସିବିର ତଦନ୍ତ

**ଲଣ୍ଡନ,୯।୬(ପି.ଟି.)**

ଭାରତୀୟଙ୍କ ବିରୋଧରେ ବର୍ଣ୍ଣବୈଷମ୍ୟ ଆକ୍ଷେପ କରି ଇଂଲଣ୍ଡ ସୀମିତ ଓଭର ଅଧିନାୟକ ଇଅନ ମୋର୍ଗାନ ଓ ଉଇକେଟକିପର ବ୍ୟାଟ୍ସମ୍ୟାନ ଜୋଶ ବଟଲର ଏବେ ହରଡ଼ଘଣାରେ ପଡିଛନ୍ତି। ବିଭିନ୍ନ ସୋସିଆଲ ମିଡିଆରେ ଭାରତୀୟମାନଙ୍କୁ ପରିହାସ କରି ଏହି ଦୁଇ କ୍ରିକେଟର ଟୁଇଟ୍ କରିଥିଲେ। ଏହି ଟୁଇଟ୍‌ରେ ବର୍ଣ୍ଣବୈଷମ୍ୟ ଆକ୍ଷେପ କରାଯାଇଥିବାର ଅଭିଯୋଗ ହୋଇଛି। ଏବେ ଏହି ଦୁଇ ତାରକା କ୍ରିକେଟର ଇଂଲଣ୍ଡ ଓ ୱେଲ୍ସ କ୍ରିକେଟ ବୋର୍ଡ (ଇସିବି)ର ତଦନ୍ତ ପରିସରଭୁକ୍ତ ହୋଇଛନ୍ତି। ଏମାନଙ୍କ ବିରୋଧରେ ଉଚିତ ତଥା ପ୍ରାସଙ୍ଗିକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ଓ ପ୍ରତ୍ୟେକ ମାମଲା ବ୍ୟକ୍ତିଗତ ଅଧାରରେ ବିଚାର କରାଯିବ ବୋଲି ଇସିବି ସ୍ପଷ୍ଟ କରିଛି।



ଇଅନ ମୋର୍ଗାନ ଓ ଜୋଶ ବଟଲର।

**ଭାରତୀୟଙ୍କୁ ବର୍ଣ୍ଣବୈଷମ୍ୟ ଆକ୍ଷେପ**

ଭାରତୀୟଙ୍କୁ ପରିହାସ କରି ବଟଲର ଓ ମୋର୍ଗାନ 'ସାର' ଶବ୍ଦ ବ୍ୟବହାର କରିଥିଲେ। ୨୦୧୨-୧୩ରେ ଦ୍ରୁତ ବୋଲର ଓଲି ରବିନଶନ ଆପତ୍ତିଜନକ ଟୁଇଟ୍ କରିଥିଲେ। ଫଳରେ ଇସିବ ତାଙ୍କୁ ସସ୍‌ପେଣ୍ଡ କରିଥିଲା। ଏହାକୁ ଭିତ୍ତିକରି ଏହି ଦୁଇ କ୍ରିକେଟର ଟୁଇଟ୍ କରି ଭାରତୀୟଙ୍କୁ ପରିହାସ କରିବାକୁ ପ୍ରୟାସ କରିଥିଲେ। ବଟଲର ଓ ମୋର୍ଗାନ ଉଭୟ ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍)ରେ ଖେଳିଛନ୍ତି। ଇତିମଧ୍ୟରେ ୨୦୧୦ରେ ଅଭିଜ୍ଞ ଦ୍ରୁତ ବୋଲର ଜେମ୍ସ ଆଣ୍ଡରସନ ସମଲିଙ୍ଗୀଙ୍କୁ ନେଇ କରିଥିବା ଏକ ଟୁଇଟ୍‌କୁ ନେଇ ମଧ୍ୟ ଚର୍ଚ୍ଚା ସୃଷ୍ଟି ହୋଇଛି।

# ସେପ୍ଟେମ୍ବର ୧୯ରୁ ଅକ୍ଟୋବର ୧୫ ଆଇପିଏଲ

**ନୂଆଦିଲ୍ଲୀ, ୯।୬:** ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍)ର ବାକି ଥିବା ମ୍ୟାଚ୍‌ଗୁଡିକ ଆଗାମୀ ସେପ୍ଟେମ୍ବର ୧୯ରୁ ଅକ୍ଟୋବର ୧୫ ମଧ୍ୟରେ ଆୟୋଜନ ହେବ। ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ଉପ ସଭାପତି ରାଜୀବ ଶୁକ୍ଲା ବୁଧବାର ଏହା ସ୍ପଷ୍ଟ କରିଛନ୍ତି। ଆଇପିଏଲର ୨୯ଟି ମ୍ୟାଚ୍ ଖେଳାଯାଇଥିଲା। ଏବେ ଆଉ ୩୧ଟି ମ୍ୟାଚ୍ ୟୁନାଇଟେଡ ଆରବ ଏମିରେଟ୍ସ (ୟୁଏଇ)ରେ ଖେଳାଯିବ। କୋଭିଡ୍-୧୯ ସଂକ୍ରମଣ କାରଣରୁ ଆଇପିଏଲକୁ ଅଧାରୁ ସସ୍‌ପେଣ୍ଡ କରାଯାଇଥିଲା।

# ସେହ୍ୱାଗଙ୍କ ନୂଆ ଇନିଂସ

**ନୂଆଦିଲ୍ଲୀ,୯।୬(ପି.ଟି.):** ପୂର୍ବତନ ଭାରତୀୟ କ୍ରିକେଟର ବୀରେନ୍ଦ୍ର ସେହ୍ୱାଗ ବୁଧବାର କ୍ରିକେଟ ସମ୍ପର୍କିତ ଶିକ୍ଷା ପାଇଁ ଦେଶରେ ପ୍ରଥମଥର ପାଇଁ ଲଞ୍ଚ୍ କରିଛନ୍ତି ନୂଆ ୱେବ୍‌ସାଇଟ୍ ତଥା ଆପ୍। ଏହାର ନାମ କ୍ରିକୁରୁ ରହିଛି। ସେହ୍ୱାଗଙ୍କ ସମେତ ପୂର୍ବତନ କ୍ରିକେଟର ସଞ୍ଜୟ ବାଙ୍ଗର ଏହି ୱେବ୍‌ସାଇଟ ତଥା ଆପ୍‌ର ବିକାଶ ପାଇଁ ଏକାଠି କାର୍ଯ୍ୟ କରିଛନ୍ତି। ଉଦୀୟମାନ ଖେଳାଳିଙ୍କୁ କ୍ରିକେଟ ସମ୍ପର୍କରେ ଶିକ୍ଷା ଦେବାକୁ, ଅଭିଜ୍ଞ କ୍ରିକେଟରମାନଙ୍କ ଅଭିଜ୍ଞତାରୁ ଏମାନଙ୍କ ବିକାଶ ପାଇଁ ଏହି ଆପ୍ ମାଧ୍ୟମରେ ବ୍ୟବସ୍ଥା କରାଯାଇଛି। କ୍ରିକେଟକୁ କ୍ୟାରିୟର ରୂପେ ବାଛିବାକୁ ନିଷ୍ପତ୍ତି ନେଇଥିବା ଖେଳାଳିମାନେ ଏଥିରୁ ବହୁତ କିଛି ଶିକ୍ଷା କରିବାର ସୁଯୋଗ ପାଇବେ ଓ ଏହା ହିଁ ଏହି ଆପ୍‌ର ଲକ୍ଷ୍ୟ ରହିଛି। ଏହା ଦେଶରେ କ୍ରିକେଟର ବିପ୍ଳବ ଆଣିବ ବୋଲି ସେହ୍ୱାଗ ଆଶାପ୍ରକାଶ କରିଛନ୍ତି।

ସେହ୍ୱାଗ ଓ ପୂର୍ବତନ ବ୍ୟାଟ୍ସମ୍ୟାନ ତଥା ବ୍ୟାଟିଂ କୋଚ୍ ସଞ୍ଜୟ ବାଙ୍ଗର ପ୍ରତ୍ୟେକ ଖେଳାଳିଙ୍କ ପାଠ୍ୟକ୍ରମ ପ୍ରସ୍ତୁତ ତଥା ବିକଶିତ କରିଛନ୍ତି। ଦେଶର ଏହି ପ୍ରଥମ କ୍ରିକେଟ କୋଚିଂ ୱେବ୍‌ସାଇଟ ଦ୍ୱାରା ଖେଳାଳିମାନଙ୍କୁ ଅଭିଜ୍ଞ କ୍ରିକେଟରମାନେ ନିଜ ଅଭିଜ୍ଞତା ସମ୍ପର୍କରେ ଶିକ୍ଷା ଦେବେ। ବିଶ୍ୱର ୩୦ ଜଣ ଖେଳାଳି ଓ କୋଚ୍‌ଙ୍କଠାରୁ ଉଦୀୟମାନ କ୍ରିକେଟରମାନେ ଶିକ୍ଷା କରିପାରିବେ। ପ୍ରଶିକ୍ଷଣ ଦେବାକୁ ଥିବା କୋଚ୍‌ମାନଙ୍କ ମଧ୍ୟରେ ସାମିଲ ରହିଛନ୍ତି ଏବି ଡିଭିଲର୍ସ, ବ୍ରେଟ ଲି, ବ୍ରାଏନ ଲାରା, କ୍ରିସ୍ ଗେଲ, ଡ୍ୱେନ ବ୍ରାଭୋ, ହରଭଜନ ସିଂ, ଜଣ୍ଟି ରୋଡ୍ସଙ୍କ ଭଳି ପ୍ରଖ୍ୟାତ କ୍ରିକେଟର।



# ଦେଶର ଶ୍ରେଷ୍ଠ ଆଥଲେଟିକ୍ ଏକାଡେମୀ ମଧ୍ୟରେ କିଟ୍

**ଭୁବନେଶ୍ୱର, ୯।୬ (ସ୍ପୋର୍ଟ୍ସ ବ୍ୟୁରୋ)**

ଭାରତର ଶ୍ରେଷ୍ଠ ୧୦ ଆଥ୍‌ଲେଟିକ ଏକାଡେମୀ ମଧ୍ୟରେ ଓଡ଼ିଶାର କିଟ୍ ବିଶ୍ୱବିଦ୍ୟାଳୟ ସ୍ଥାନ ପାଇଛି। ଦି ବ୍ରିଜ୍ ମିଡିଆ ପକ୍ଷରୁ ନିକଟରେ ପ୍ରସ୍ତୁତ କରାଯାଇଥିବା ତାଲିକାରେ ଶ୍ରେଷ୍ଠ ୪ର୍ଥ ସ୍ଥାନରେ ରହିଛି କିଟ୍। ଗୁରୁତ୍ୱପୂର୍ଣ୍ଣ ବିଷୟ ହେଉଛି ତାଲିକାରେ ସ୍ଥାନ ପାଇଥିବା ଅନ୍ୟ ସମସ୍ତ ଅନୁଷ୍ଠାନ ପ୍ରଫେସନାଲ୍ କ୍ରୀଡ଼ା ଅନୁଷ୍ଠାନ ହୋଇଥିବା ବେଳେ କିଟ୍ ଏକମାତ୍ର ଶିକ୍ଷାନୁଷ୍ଠାନ ଭାବେ ଏହି ତାଲିକାରେ ସ୍ଥାନ ପାଇଛି। କିଟ୍ ଓ କିସ୍‌ରେ ରହିଛି ଅନ୍ତର୍ଜାତୀୟ ମାନର କ୍ରୀଡ଼ା ଭିତ୍ତିଭୂମି। ସର୍ବାଧିକ କ୍ରୀଡ଼ା ଭିତ୍ତିଭୂମି ଥିବା ଦେଶର ଏହା ଏକମାତ୍ର ଶିକ୍ଷାନୁଷ୍ଠାନ। ଏଠାରୁ କିସ୍ ମାଧ୍ୟମରେ ୫ ହଜାରରୁ ଊର୍ଦ୍ଧ୍ୱ କ୍ରୀଡ଼ାବିତ୍ ସୃଷ୍ଟି ହୋଇ ସାରିଲେଣି। ଫୁଟ୍‌ବଲ୍, ଭଲିବଲ୍, ରଗ୍‌ବୀ, ହକି, କ୍ରିକେଟ୍ ଓ ଇନ୍‌ଡୋର ଷ୍ଟାଡିୟମ୍ ସହ ସ୍ୱତନ୍ତ୍ର ଆଥ୍‌ଲେଟିକ୍ ଟ୍ରାକ୍ ଓ ସୁଇମିଂ ପୁଲ୍ ଥାଇ ଏଠାରେ ୧୬ଟି ଅନ୍ତର୍ଜାତୀୟ ସ୍ତରର ସ୍ପୋର୍ଟ୍ସ କମ୍ପ୍ଲେକ୍ସ ରହିଛି। ଅଲିମ୍ପିକ୍‌ରେ ଯେତେ କ୍ରୀଡ଼ା ଅଛି ସେ ସବୁ ପାଇଁ ଅନ୍ତର୍ଜାତୀୟ ସ୍ତରର ଭିତ୍ତିଭୂମି ଏଠାରେ ଉପଲବ୍ଧ। ୨୦୨୦ରେ କିଟ୍ ପ୍ରଥମ ଖେଲୋ ଇଣ୍ଡିଆ ବିଶ୍ୱବିଦ୍ୟାଳୟ କ୍ରୀଡ଼ା ପ୍ରତିଯୋଗିତା କରି ଉଦାହରଣ ସୃଷ୍ଟି କରିଥିଲା। ଜାତୀୟ ରଗ୍‌ବୀର ପ୍ରାୟୋଜକ ଥିବାବେଳେ ଦୂତୀ ଚାନ୍ଦ ଓ ଭବାନୀ ଦେବୀଙ୍କ ଭଳି ଅଲିମ୍ପିଆନଙ୍କ ସମେତ ଦେଶର ଶ୍ରେଷ୍ଠ ଦ୍ରୁତ ଧାବିକା ଧାବକ, ହର୍ଡଲ୍ସ ଓ ହେପଟାଥଲନ୍ ଆଥ୍‌ଲେଟରେ କିଟ୍ ଛାତ୍ରୀଛାତ୍ର ରହିଛନ୍ତି।










3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ

## ୪୩ ଟ୍ୟାଙ୍କରରେ ପଠାଗଲା ୯୦୮.୩୮ ଟନ୍ ଅକ୍ସିଜେନ

**କଟକ ଅଫିସ:** ଭାରତରେ ଏବେ କରୋନା ସଂକ୍ରମଣ ହାର ତଳକୁ ଖସିଛି। ହେଲେ ଦେଶର ବିଭିନ୍ନ ରାଜ୍ୟରେ ଥିବା କୋଭିଡ୍ ହସ୍ପିଟାଲରେ ଅକ୍ସିଜେନ ଅଭାବ ଲାଗିରହିଛି। ଏହାକୁ ଦୃଷ୍ଟିରେ ରଖି ଓଡ଼ିଶା ବିଭିନ୍ନ ରାଜ୍ୟକୁ ଅକ୍ସିଜେନ ଯୋଗାଣ ଜାରି ରଖିଛି। ବୁଧବାର ଢେଙ୍କାନାଳରୁ ଗୋଟିଏ ଟ୍ୟାଙ୍କରରେ ୨୯.୩୧ ଟନ୍, ଯାଜପୁରରୁ ୫ ଟ୍ୟାଙ୍କରରେ ୧୦୪.୫୧ ଟନ୍ ଓ ରାଉରକେଲାରୁ ୩୭ ଟ୍ୟାଙ୍କରରେ ୭୭୪.୫୬ ଟନ୍ ଅକ୍ସିଜେନ ବିଭିନ୍ନ ସ୍ଥାନକୁ ପଠାଯାଇଥିବା ରାଜ୍ୟ ପୋଲିସ ମୁଖ୍ୟାଳୟ ପକ୍ଷରୁ ପ୍ରେସ୍ ବିବୃତିରେ ସୂଚନା ଦିଆଯାଇଛି।

## ସଂକ୍ଷେପରେ

### ବେଆଇନ ଗୋଚାଲାଣ: ୨ ଗିରଫ

**କଣ୍ଟାପଡା, ୯।୬(ଡି.ଏନ.ଏ.):** ବେଆଇନ ଗୋଚାଲାଣ ଅଭିଯୋଗରେ ଗୋବିନ୍ଦପୁର ପୋଲିସ ୨ଜଣଙ୍କୁ ଗିରଫ କରି ବୁଧବାର କୋର୍ଟଚାଲାଣ କରିଛି। ସେମାନେ ହେଲେ ନିଆଳି ଥାନା ଅନ୍ତର୍ଗତ ଅଡ଼ଙ୍ଗ ଗ୍ରାମର ସୁଖରାମ ସାହା(୫୦) ଓ ଡ୍ରାଇଭର ଅବ୍‌ତାର ସାହା(୨୪)। ଏ ନେଇ ଥାନାରେ ଏକ ମାମଲା(ନଂ. ୬୧/୨୧) ରୁଜୁ ହୋଇଛି। ପୋଲିସ ସୂତ୍ରରୁ ପ୍ରକାଶ, ଗତ ୨ ତାରିଖରେ ଅଭିଯୁକ୍ତ ଦ୍ୱୟ ଏକ ଗାଡ଼ିରେ ୧୦ଟି ବାଛୁରୀ ନେଇ ଇଚ୍ଛାପୁର-ଝାରପଡା ରାସ୍ତାରେ ଯାଉଥିଲେ। ବଡ଼ଖରମଙ୍ଗା ନିକଟରେ ସନ୍ଦୀପ ସେଠୀଙ୍କ ନେତୃତ୍ୱରେ ବଜରଙ୍ଗଦଳର ସଦସ୍ୟମାନେ ଉକ୍ତ ଗାଡ଼ି ଅଟକାଇ ପୋଲିସକୁ ଖବର ଦେଇଥିଲେ। ହେଲେ ଅଭିଯୁକ୍ତମାନେ ସେଠାରୁ ଫେରାର ହୋଇଯାଇଥିଲେ। ପୋଲିସ ଘଟଣାସ୍ଥଳରେ ପହଞ୍ଚି ଉକ୍ତ ଗାଡ଼ି (ନଂ. ଓଡ଼ି୦୨ଭି- ୯୯୬୧)କୁ ଜବତ କରିବା ସହ ବାଛୁରୀଗୁଡିକୁ ଉଦ୍ଧାର କରି କଟକସ୍ଥିତ ଏକ ଗୋଶାଳାକୁ ପଠାଇଥିଲା। ମଙ୍ଗଳବାର ରାତିରେ ପୋଲିସ ଅଭିଯୁକ୍ତଙ୍କ ଗ୍ରାମରେ ଚଢ଼ାଉ କରି ସେମାନଙ୍କୁ ଗିରଫ କରିଥିଲା।

### ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ବ୍ୟକ୍ତିଙ୍କୁ ଆକ୍ରମଣ

**ଚୌଦ୍ୱାର,୯।୬(ଡି.ଏନ୍.ଏ.):** ଚୌଦ୍ୱାର ଥାନା ଅନ୍ତର୍ଗତ ଚଷାପଡା ପମ୍ପହାଉସ ନିକଟରେ ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ବୁଧବାର ଜଣେ ବ୍ୟକ୍ତିଙ୍କୁ କଟୁରିରେ ଆକ୍ରମଣ ହୋଇଛି। ଚିକିତ୍ସାଲାଗି ତାଙ୍କୁ ଟାଙ୍ଗୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଛି। ପୋଲିସ ସୂଚନା ଅନୁଯାୟୀ, ଭଦ୍ରକ ଜିଲା ତିହିଡି ଥାନା ଅଧୀନ ତଳଗୋପ ଗ୍ରାମର ପ୍ରତାପ ପୁହାଣ ତାଙ୍କ ମାମୁଘର ଶିମିଳିହାଣ୍ଡ ଗ୍ରାମରୁ କାମସାରି ବାଇକରେ ନିଜ ଗ୍ରାମକୁ ଫେରୁଥିଲେ। ପୂର୍ବରୁ ପମ୍ପହାଉସ ନିକଟରେ ଲୁଚି ରହିଥିବା ଶିମିଳିହାଣ୍ଡ ଗ୍ରାମର ଦେବ ସେଠୀ ତାଙ୍କୁ କଟୁରିରେ ଆକ୍ରମଣ କରିଥିଲେ। ପ୍ରତାପଙ୍କ ବାମହାତରେ ଗଭୀର କ୍ଷତ ହୋଇଥିବାବେଳେ ଦେବ ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲେ। ଏ ନେଇ ଅଭିଯୋଗ ହେବା ପରେ ପୋଲିସ ଏକ ମାମଲା(ନଂ.୨୩୮/୨୧) ରୁଜୁ କରିଥିଲା। ଏ ସମ୍ପର୍କରେ ତଦନ୍ତକାରୀ ଅଧିକାରୀ ଜୋସେଫ୍ ଏକାଙ୍କ କହିଛନ୍ତି, ମୋବାଇଲ କିଣାବିକାକୁ ନେଇ ପ୍ରତାପ ଓ ଦେବଙ୍କ ମଧ୍ୟରେ ପୂର୍ବ ଶତ୍ରୁତା ଲାଗି ରହିଥିଲା।

### ୪୩ ୟୁନିଟ୍ ରକ୍ତ ସଂଗ୍ରହ

**କଟକ ଅଫିସ, ୯।୬:** ପୂର୍ବତନ ବିଧାୟକ ପ୍ରଭାତ ରଞ୍ଜନ ବିଶ୍ୱାଳଙ୍କ ନେତୃତ୍ୱରେ ବୁଧବାର ନୂଆପାଟଣାଠାରେ ଭ୍ରାମ୍ୟମାଣ ରକ୍ତ ସଂଗ୍ରହ ଯାନ ଦ୍ୱାରା ୪୩ ୟୁନିଟ୍ ରକ୍ତ ସଂଗୃହୀତ ହୋଇଛି । ଏହି କାର୍ଯ୍ୟକ୍ରମରେ ଶିବେନ୍ଦ୍ର ହାତୀ, ଦେବେନ୍ଦ୍ର କାହାଳୀ, ମନୋରଞ୍ଜନ ସାହୁ, ଛାତ୍ର ନେତା ଅଭିଜିତ୍ ଦାସ, ରବୀନ୍ଦ୍ର ଶୁକ୍ଳା, ଚିତ୍ତରଞ୍ଜନ ଦାସ, ସମୀର ରଞ୍ଜନ ସାହୁ ଓ ଧନେଶ୍ୱର ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ ।

### ଅଟୋଚାଳକ, ୱାର୍ଡବାସୀଙ୍କୁ ଖାଦ୍ୟ ବଣ୍ଟନ

**କଟକ ଅଫିସ, ୯।୬:** ଲକ୍‌ଡାଉନ୍ ଓ ଶଟ୍‌ଡାଉନ୍ ଯୋଗୁ ଅଟୋ ଚଳାଚଳ ବନ୍ଦ ରହିଛି। ଏଥିଯୋଗୁ ସେମାନଙ୍କୁ ପରିବାର ଚଳାଇବା କଷ୍ଟକର ହୋଇପଡୁଛି। ବୁଧବାର କଟକ ରାଜାବଗିଚାସ୍ଥିତ ସିଟି କଲେଜ ଗଡାଠାରେ ରାଜ୍ୟ ସଭା ସାଂସଦ ତଥା ଓଡ଼ିଶା ଅଟୋଚାଳକ ମହାସଂଘ ସଭାପତି ସୁବାସ ସିଂ ଅଟୋଚାଳକମାନଙ୍କୁ ଶୁଖିଲା ଖାଦ୍ୟ ବଣ୍ଟନ କରିଥିଲେ। ଭାରତ ମସଲା କମ୍ପାନୀ ମାଲିକ ସୁଶାନ୍ତ ପଣ୍ଡା ପ୍ରଦାନ କରିଥିବା ୩୫୦ ପ୍ୟାକେଟ୍ ଶୁଖିଲା ଖାଦ୍ୟ ବଣ୍ଟନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ବିଜେଡି ରାଜ୍ୟ ସାଧାରଣ ସମ୍ପାଦକ ପ୍ରଫୁଲ୍ଲ ସିଂ, ଓଡ଼ିଶା ମୋ ପରିବାର କଟକ ଜିଲା ସଂଯୋଜକ ରଞ୍ଜନ କୁମାର ବିଶ୍ୱାଳ, କଟକ ଅଟୋଚାଳକ ମହାସଂଘ ସମ୍ପାଦକ ତଥା ଆଡ୍‌ଭୋକେଟ ଶୈଳେନ୍ଦ୍ର ଧଳ, ଯୁଗ୍ମ ସମ୍ପାଦକ ଦେବେନ୍ଦ୍ର ପାଣିଗ୍ରାହୀ ପ୍ରମୁଖ ଉପସ୍ଥିତ ଥିଲେ। ସେହିପରି ସିଏମ୍‌ସି ଅଞ୍ଚଳର ୫ ଓ ୬ ନମ୍ବର ୱାର୍ଡବାସୀଙ୍କୁ ବିଧାୟକ ଇଂ. ମହମ୍ମଦ ମୋକିମ ସହାୟତା ପ୍ରଦାନ କରିଛନ୍ତି। ବିଧାୟକ ଆଞ୍ଚଳିକ ଉନ୍ନୟନ ପାଣ୍ଠିରୁ ବୁଧବାର ଇମାମପଡା, ହଇରାଣପୁର, ପେଟାନାଳ ଓ କୃଷକ ବଜାରରେ ଥିବା କରୋନା ଆକ୍ରାନ୍ତ, ସଙ୍ଗରୋଧରେ ଥିବା ଲୋକ ଓ ଗରିବ ପରିବାରକୁ କୋଭିଡ କିଟ୍, ଶୁଖିଲା ଖାଦ୍ୟ ପ୍ରଦାନ କରିଥିଲେ । ଏହି କାର୍ଯ୍ୟକ୍ରମରେ କଟକ ନଗର ଜିଲା କଂଗ୍ରେସ ସଭାପତି ଗିରିବାଳା ବେହେରା, ନଗର ମହିଳା କଂଗ୍ରେସ ସଭାନେତ୍ରୀ ଶୈଳବାଳା ଜେନା, ତିଳୋତ୍ତମା ପ୍ରଧାନ, କିଶୋର ପ୍ରଧାନ, ଜୟଦେବ ନାୟକ, ବାବୁ ଦାସ, ନିରଞ୍ଜନ ବେହେରା, ଆଶୁତୋଷ ବିଶ୍ୱାଳ ପ୍ରମୁଖ ସାମିଲ ହୋଇଥିଲେ।

# ୪୫୦.୪୪ କୋଟି ବ୍ୟୟରେ ହେବ ରାସ୍ତା, ବକ୍ସଡ୍ରେନ୍

**କଟକ ଅଫିସ, ୯।୬**


ଖବରଦାତା ସମ୍ମିଳନୀରେ ମନ୍ତ୍ରୀ ପ୍ରତାପ ଜେନାଙ୍କ ସହ ଅନ୍ୟମାନେ।

ଟ୍ରାଫିକ ସମସ୍ୟାର ସମାଧାନ ପାଇଁ କଟକ ସହରର ପଟାପୋଲଠାରୁ ମାତୃଭବନ ପର୍ଯ୍ୟନ୍ତ ରାସ୍ତା ନିର୍ମାଣ ଓ ବକ୍ସ ଡ୍ରେନ କରାଯିବ। ଏହି ବକ୍ସ ଡ୍ରେନ୍ କାର୍ଯ୍ୟକୁ ୨ ଭାଗରେ ବିଭକ୍ତ କରାଯାଇଛି। ଗୋଟିଏ ଭାଗ ପଟାପୋଲରୁ ବଜ୍ରକବାଟି ପର୍ଯ୍ୟନ୍ତ ଓ ଅନ୍ୟଟି ବଜ୍ରକବାଟିଠାରୁ ମାତୃଭବନ ପର୍ଯ୍ୟନ୍ତ ହେବ। ଉକ୍ତ କାର୍ଯ୍ୟ ନିମନ୍ତେ ଟେଣ୍ଡର ପ୍ରକ୍ରିୟା ମାଧ୍ୟମରେ ନିର୍ମାଣକାରୀ ସଂସ୍ଥା ଚୟନ କରାଯାଇଛି। ଉକ୍ତ ଟେଣ୍ଡର ପ୍ରକ୍ରିୟାର ଫଳାଫଳ ଅନୁସାରେ ଏହି କାର୍ଯ୍ୟ ୪୫୦.୪୪ କୋଟି ଟଙ୍କା ବ୍ୟୟରେ କରାଯିବ। ଏହି କାର୍ଯ୍ୟ ଆସନ୍ତା ଜୁଲାଇ ୧ରୁ ଆରମ୍ଭ ହୋଇ ୨୦୨୨ ଡିସେମ୍ବର ୩୧ ତାରିଖରେ ଶେଷ କରିବାକୁ ସ୍ଥିର କରାଯାଇଛି ବୋଲି ବୁଧବାର ବକ୍ସିବଜାରସ୍ଥିତ ସର୍କିଟ ହାଉସଠାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଗୃହନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ ପ୍ରତାପ ଜେନା କହିଛନ୍ତି।

କଟକ ସହରରେ ବର୍ଷା ସମୟରେ ଜମି ରହୁଥିବା ଅତିରିକ୍ତ ଜଳକୁ ଶୀଘ୍ର ନିଷ୍କାସନ ପାଇଁ ବିଭିନ୍ନ ଯୋଜନା ହାତକୁ ନିଆଯାଇଛି। ଏଥିରେ ରାଜ୍ୟ ଗୃହ ଓ ନଗର ଉନ୍ନୟନ ବିଭାଗ, ଜଳ ଯୋଗାଣ ଏବଂ ସ୍ୱେରେଜ ବୋର୍ଡ ମାଧ୍ୟମରେ ଜାଇକାର ଆର୍ଥିକ ସହାୟତାରେ

- ଟ୍ରାଫିକ୍ ସମସ୍ୟା ସମାଧାନ ପାଇଁ ପଦକ୍ଷେପ
- ୨୦୨୨ ଡିସେମ୍ବର ସୁଦ୍ଧା ଶେଷ ହେବ କାର୍ଯ୍ୟ

ଡ୍ରେନଗୁଡ଼ିକର ସମ୍ପ୍ରସାରଣ, ଜଳ ନିଷ୍କାସନ କ୍ଷମତା ବୃଦ୍ଧି, ଉଚ୍ଚ କ୍ଷମତାସମ୍ପନ୍ନ ଡ୍ରେନେଜ ପମ୍ପିଂ ଷ୍ଟେଶନ ନିର୍ମାଣ ଏବଂ ସ୍ଲୁଇସ ଗେଟ୍ ସ୍ଥାପନ ନିମନ୍ତେ କାର୍ଯ୍ୟ ଚାଲୁ ରହିଛି। ବର୍ଷା ସମୟରେ ଅତିରିକ୍ତ ଜଳକୁ ସଂରକ୍ଷଣ ନିମନ୍ତେ ରେଭେନ୍ସା କଲୋନୀ ପୋଖରୀର ପୁନରୁଦ୍ଧାର କାର୍ଯ୍ୟକୁ ଉକ୍ତ ଯୋଜନାରେ ଅନ୍ତର୍ଭୁକ୍ତ କରାଯାଇଛି ବୋଲି ମନ୍ତ୍ରୀ ଜେନା କହିଛନ୍ତି। ଏହି ଖବରଦାତା ସମ୍ମିଳନୀରେ ଏମ୍ପି ସୁବାସ ସିଂ, ବିଧାୟକ ସୌଭିକ ବିଶ୍ୱାଳ, ବିଧାୟକ ଚନ୍ଦ୍ରସାରଥି ବେହେରା ଓ ରଞ୍ଜନ ବିଶ୍ୱାଳ ପ୍ରମୁଖ ଉପସ୍ଥିତ ଥିଲେ।

# ୨୧ରୁ ସ୍କୁଲପିଲାଙ୍କ ପାଇଁ ୟୁଟ୍ୟୁବ୍ ଲାଇଭ୍ କ୍ଲାସ୍

**ଭୁବନେଶ୍ୱର, ୯।୬(ବ୍ୟୁରୋ)**

ଆସନ୍ତା ୨୧ ତାରିଖରୁ ସ୍କୁଲ ଛାତ୍ରୀଛାତ୍ରଙ୍କ ପାଇଁ ୟୁଟ୍ୟୁବ୍ ଲାଇଭ୍ କ୍ଲାସ୍ ଆରମ୍ଭ ହେବ। ଖୋର୍ଦ୍ଧା, ବଲାଙ୍ଗୀର, କଟକ, କେନ୍ଦ୍ରାପଡ଼ା, ଗଞ୍ଜାମ, କୋରାପୁଟ, ପୁରୀ, ଢେଙ୍କାନାଳ, ସୁନ୍ଦରଗଡ଼, ନୟାଗଡ଼, ଭଦ୍ରକ, ବାଲେଶ୍ୱର, ସମ୍ବଲପୁର ଆଦି ୧୩ ଜିଲାରେ ଏହି କ୍ଲାସ୍ ହେବ। ଏଥିପାଇଁ କ୍ଲାସ୍‌ରୁମ୍ ପ୍ରସ୍ତୁତ ରଖିବା ପାଇଁ ଓସେପା ରାଜ୍ୟ ପ୍ରକଳ୍ପ ନିର୍ଦ୍ଦେଶକ ଭୂପେନ୍ଦ୍ର ସିଂ ପୁନିଆ ବୁଧବାର ଏହି ସମସ୍ତ ଜିଲାର ଜିଲା ଶିକ୍ଷାଧିକାରୀଙ୍କୁ ଚିଠି ଲେଖିଛନ୍ତି। କ୍ଲାସ୍ ରୁମ୍ କିପରି ପ୍ରସ୍ତୁତ ହେବ ସେ ନେଇ ମଧ୍ୟ ଚିଠିରେ ଦର୍ଶାଯାଇଛି। କ୍ଲାସ୍ ରୁମ୍‌ର କାନ୍ଥ

**୧୭ ସୁଦ୍ଧା କ୍ଲାସ୍ ରୁମ୍ ପ୍ରସ୍ତୁତ ରଖିବାକୁ ନିର୍ଦ୍ଦେଶ**

ଧଳା ରଙ୍ଗର ହେବା ସହିତ ଉପଯୁକ୍ତ ଲାଇଟ୍‌ର ବ୍ୟବସ୍ଥା, ଏସି କିମ୍ବା ଅତି କମ୍‌ରେ ସିଲିଂ ଫ୍ୟାନ୍ ଲଗାଯାଇଥିବା ଦରକାର। ସେହିପରି କମ୍ପ୍ୟୁଟର କିମ୍ବା ଲାପ୍‌ଟପ୍, ଦୁଇଟି କ୍ୟାମେରା, ଲାପଲ ମାଇକ୍ରୋଫୋନ, କ୍ୟାମେରା ଷ୍ଟାଣ୍ଡ ଇତ୍ୟାଦି ପ୍ରସ୍ତୁତ ରଖିବାକୁ କୁହାଯାଇଛି। ତେବେ ୧୭ ତାରିଖ ସୁଦ୍ଧା କ୍ଲାସ୍ ରୁମ୍ ପ୍ରସ୍ତୁତ ରଖିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ଫଳରେ ଏହି ଭର୍ଚୁଆଲ କ୍ଲାସ୍ ସହଜରେ ପରିଚାଳିତ ହେବ ଏବଂ ପୂର୍ବରୁ ଟ୍ରାଏଲ୍ ମଧ୍ୟ ହୋଇପାରିବ ବୋଲି ଚିଠିରେ ଉଲ୍ଲେଖ କରାଯାଇଛି।

# ନିର୍ଭୀକ ନାରୀନେତ୍ରୀ ଥିଲେ ନନ୍ଦିନୀ

**କଟକ ଅଫିସ, ୯।୬**

ଓଡ଼ିଶାର ଏକମାତ୍ର ମହିଳା ମୁଖ୍ୟମନ୍ତ୍ରୀ ନନ୍ଦିନୀ ଶତପଥୀ ରାଜ୍ୟରେ ବିଭିନ୍ନ ସଂସ୍କାରମୂଳକ ପଦକ୍ଷେପ ନେଇଥିଲେ। ଅନୁଦାନପ୍ରାପ୍ତ ସ୍କୁଲର ଶିକ୍ଷୟିତ୍ରୀଶିକ୍ଷକ ଓ କଲେଜର ଅଧ୍ୟାପିକାଅଧ୍ୟାପକଙ୍କୁ ପ୍ରତ୍ୟକ୍ଷ ଦରମା ପ୍ରଦାନ ପାଇଁ ପଦକ୍ଷେପ ନେଇ ଶିକ୍ଷାକ୍ଷେତ୍ରରେ ଏକ ବୈପ୍ଳବିକ ପରିବର୍ତ୍ତନ ଆଣିଥିଲେ। ଏଥିସହ ସେ ଜଣେ ନିର୍ଭୀକ ନାରୀନେତ୍ରୀ ତଥା ସାରସ୍ୱତ ସାଧକ ଥିଲେ ବୋଲି ନନ୍ଦିନୀ ଶତପଥୀଙ୍କ ୯୦ତମ ଜୟନ୍ତୀ ଉତ୍ସବରେ ବକ୍ତାମାନେ କହିଥିଲେ। ଉତ୍କଳ ପୂଜନ ପରିଷଦ ଓ ବିଦ୍ୟା ବିକାଶ ପରିଷଦ ମିଳିତ ଆନୁକୂଲ୍ୟରେ ବୁଧବାର ଉକ୍ତ ଉତ୍ସବ ୱେବିନାର ମାଧ୍ୟମରେ ଅନୁଷ୍ଠିତ ହୋଇଥିଲା। ସିଡିଏସ୍ଥିତ ପରିଷଦ କାର୍ଯ୍ୟାଳୟରେ ଆୟୋଜିତ ଉତ୍ସବରେ ସଭାପତି କୈଳାସ ଚନ୍ଦ୍ର ବରାଳ ପୌରୋହିତ୍ୟ କରିଥିଲେ। ଏଥିରେ ପୂର୍ବତନ ଶିକ୍ଷକ ନେତା ବୈରାଗୀ ଚରଣ ଲେଙ୍କା, ଦାଶରଥି ନାୟକ, ଡ. ଅର୍ଦ୍ଧେନ୍ଦୁ ଶେଖର ଭୋଳ, ଚିନ୍ତାମଣି ଦାସ, ଶରତ ଚନ୍ଦ୍ର ଧଳ, ଉଗ୍ରସେନ ବଳ, ବୈଷ୍ଣବ ଚରଣ ମହାରଣା, ରାଜକିଶୋର ସିଂ ପ୍ରମୁଖ ଯୋଗଦେଇଥିଲେ। ବାଳକୃଷ୍ଣ ବେହେରା, ଡ. ବସନ୍ତ କୁମାରୀ ନନ୍ଦ, ମାନସ ସାହୁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ଅବକାରୀ ଚଢ଼ାଉ: ୨ ଗିରଫ

**ଆଠଗଡ଼, ୯।୬ (ସ୍ୱ.ପ୍ର.)**

ଆଠଗଡ଼ ଅବକାରୀ ବିଭାଗ ପକ୍ଷରୁ ବୁଧବାର ଖୁଣ୍ଟୁଣୀ ଥାନା ମହାଲକ୍ଷ୍ମୀପୁରର କଁସର ସଂରକ୍ଷିତ ଜଙ୍ଗଲରେ ଚଢାଉ କରାଯାଇ ୪ହଜାର ଲିଟର ଗୁଡ଼ ପୋଚ ଜବତ କରାଯିବା ସହ ମଦରନ୍ଧା କାର୍ଯ୍ୟରେ ନିୟୋଜିତ ରାଜେନ୍ଦ୍ର ଚାତାରଙ୍କୁ ଗିରଫ କରାଯାଇଛି। ସେଠାରେ ଥିବା ଅନ୍ୟ ୩ ଜଣ ଖସିଯାଇଛନ୍ତି। ସେହିପରି ଆଠଗଡ଼ ଥାନା ଅନ୍ତର୍ଗତ ତାଳବସ୍ତ ଗାଁରେ ଚଢାଉ କରାଯାଇ ୨ହଜାର ଲିଟର ଗୁଡ଼ ପୋଚ ଜବତ କରିବା ସହ ମଦରନ୍ଧାରେ ନିୟୋଜିତ ଥିବା ଦେବେନ୍ଦ୍ର ଗଣ୍ଡିଆଙ୍କୁ ଗିରଫ କରାଯାଇଛି।

# ଖବରକାଗଜ ବିତରକଙ୍କୁ କରୋନା ଯୋଦ୍ଧା ଘୋଷଣା କରାଯାଉ

**ଚୌଦ୍ୱାର,୯।୬(ଡି.ଏନ୍.ଏ.)**

ଚୌଦ୍ୱାର ଅଞ୍ଚଳରେ କାର୍ଯ୍ୟରତ ଖବରକାଗଜ ବିତରକମାନଙ୍କୁ କରୋନା ଯୋଦ୍ଧା ଘୋଷଣା ପାଇଁ ଖବରକାଗଜ ବିତରକ ସଂଘ ପକ୍ଷରୁ ଦାବି ହୋଇଛି। ସଂଘ ସଭାପତି ରୀନା ଭୂୟାଁଙ୍କ ନେତୃତ୍ୱରେ ଚୌଦ୍ୱାର ଅଞ୍ଚଳରେ କାର୍ଯ୍ୟରତ ୧୫ରୁ ଊର୍ଦ୍ଧ୍ୱ ଖବରକାଗଜ ବିତରକ ବୁଧବାର ସ୍ଥାନୀୟ ଥାନାଧିକାରୀ ବିରଞ୍ଚି ନାରାୟଣ ପତିଙ୍କୁ ଭେଟି ଏ ସମ୍ପର୍କିତ ଏକ ଦାବିପତ୍ର କଟକ ଜିଲାପାଳଙ୍କ ଉଦ୍ଦେଶ୍ୟରେ ପ୍ରଦାନ କରିଥିଲେ। ଖବରକାଗଜ ବିତରକମାନେ ଏହି ମହାମାରୀ ସମୟରେ ନିଜ ଜୀବନକୁ ବିପଦ ମୁହଁକୁ ଠେଲି ଘର ଘର ବୁଲି ଖବରକାଗଜ ପହଞ୍ଚାଉଥିବାରୁ ଲୋକମାନେ ଦେଶ ଦୁନିଆର ଖବର ବିଷୟରେ ଜାଣିପାରୁଛନ୍ତି। ସରକାର ବିଭିନ୍ନ ବର୍ଗର ଲୋକମାନଙ୍କ ପାଇଁ କଲ୍ୟାଣକାରୀ ଯୋଜନା କରୁଛନ୍ତି। ହେଲେ ଖବରକାଗଜ ବିତରକମାନେ ଏସବୁ ସୁବିଧାରୁ ବଞ୍ଚିତ ହୋଇଥିବାରୁ ସେମାନଙ୍କ ମନୋବଳ ଦୁର୍ବଳ ହୋଇଯାଉଛି। ସରକାର ବିତରକମାନଙ୍କୁ କରୋନା ଯୋଦ୍ଧା ଘୋଷଣା କରି ଆବଶ୍ୟକ ସହାୟତା ଯୋଗାଇ ଦେବାକୁ ସଂଘ ସଦସ୍ୟ ମାନସ ରଞ୍ଜନ ସାମଲ, ଜୟନ୍ତ ସୁବୁଦ୍ଧିରାୟ, ହରମୋହନ ରାଉତରାୟ, ଜୟୀରାମ ନାୟକ, ରାଜକିଶୋର ବେହେରା, ରଞ୍ଜନ ପୃଷ୍ଟି, ନିରଞ୍ଜନ ସ୍ୱାଇଁ, ଦେବେନ୍ଦ୍ର ସାହୁଙ୍କ ସମେତ ବହୁ ଖବରକାଗଜ ବିତରକ ନିବେଦନ କରିଛନ୍ତି।

# ସ୍ଥାୟୀ ଥଇଥାନ ଦାବିରେ ମାଛ ବ୍ୟବସାୟୀଙ୍କ ଧାରଣା



ଜୋବ୍ରାସ୍ଥିତ ଆମିଷ ମାର୍କେଟ ସମ୍ମୁଖରେ ମାଛ ବ୍ୟବସାୟୀମାନେ ଧାରଣାରେ ବସିଛନ୍ତି।

**କଟକ ଅଫିସ,୯।୬**

ସ୍ଥାୟୀ ଥଇଥାନ ଦାବିରେ ବୁଧବାର କଟକ ଯୋବ୍ରାସ୍ଥିତ ଆମିଷ ମାର୍କେଟ ସମ୍ମୁଖରେ ବାସୁଲେଇ ବ୍ୟବସାୟୀ ସଂଘର କର୍ମକର୍ତ୍ତାମାନେ ଧାରଣା ଦେଇଥିଲେ। ରାସ୍ତା ସମ୍ପ୍ରସାରଣ ପାଇଁ ଆମିଷ ଦୋକାନଗୁଡିକୁ ବାରମ୍ବାର ଅନ୍ୟତ୍ର ସ୍ଥାନାନ୍ତର କରାଯାଉଛି । ବର୍ତ୍ତମାନ ପର୍ଯ୍ୟନ୍ତ କୌଣସି ସ୍ଥାୟୀ ସ୍ଥାନ ଦିଆଯାଇ ନଥିବାରୁ ବ୍ୟବସାୟୀମାନେ ଧାରଣା ଦେଇଥିଲେ। ଘଟଣାସ୍ଥଳରେ ଜୋନ୍-୨ ଏସିପି ଅମରେନ୍ଦ୍ର ପଣ୍ଡା, ମାଲଗୋଦାମ ଥାନା ଅଧିକାରୀ ତୃପତୀ ରଞ୍ଜନ ନାୟକ ଧାରଣାସ୍ଥଳରେ ପହଞ୍ଚି ବ୍ୟବସାୟୀମାନଙ୍କୁ ବୁଝାଶୁଝା କରିବା ସହ ଏନେଇ ଖୁବ୍‌ଶୀଘ୍ର ନିଷ୍ପତ୍ତି ନିଆଯିବ ବୋଲି କହିଥିଲେ। ଏହାପରେ ବ୍ୟବସାୟୀମାନେ ଧାରଣାରୁ ହଟିଥିଲେ। ଏ ନେଇ ସଂଘ ଉପଦେଷ୍ଟା ସୁରେନ୍ଦ୍ର ବେହେରା କହିଛନ୍ତି, ମାଛ ବ୍ୟବସାୟ ଆମର କୌଳିକ ବୃତ୍ତି। କିନ୍ତୁ ଉନ୍ନତିକରଣ ନାମରେ ଆମକୁ ଅନେକ ଦିନ ହେବ ହଇରାଣ ହେବାକୁ ପଡୁଛି । ଆଗାମୀ ଦିନରେ ଯଦି ଆମକୁ ସ୍ଥାୟୀ ଥଇଥାନ ନ କରାଯାଏ, ତେବେ ସଂଘ ଆନ୍ଦୋଳନକୁ ଓହ୍ଲାଇବ ବୋଲି ସେ ଚେତାବନୀ ଦେଇଛନ୍ତି।

# ଲେଖିକା ମୀନାକ୍ଷୀ ଦେବୀଙ୍କ ବିୟୋଗରେ ଶ୍ରଦ୍ଧାଞ୍ଜଳି ସଭା

**କଟକ ଅଫିସ, ୯।୬**

ବିଶିଷ୍ଟ ଲେଖିକା ତଥା ଉତ୍କଳ ସାହିତ୍ୟ ସମାଜର ସାଧାରଣ ସମ୍ପାଦିକା ମୀନାକ୍ଷୀ ଦେବୀଙ୍କ ବିୟୋଗରେ ଉତ୍କଳ ସାହିତ୍ୟ ସମାଜ ପକ୍ଷରୁ ବୁଧବାର ସନ୍ଧ୍ୟାରେ ଗୁଗଲ୍ ମିଟ୍ ମାଧ୍ୟମରେ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଥିଲା । ଏଥିରେ ମୀନାକ୍ଷୀଙ୍କ ବିୟୋଗରେ ଓଡ଼ିଆ ସାହିତ୍ୟ ଜଗତରେ ଯେଉଁ ଶୂନ୍ୟସ୍ଥାନ ସୃଷ୍ଟି ହେଲା ତାହା ଅପୂରଣୀୟ ବୋଲି ସାହିତ୍ୟିକମାନେ ମତବ୍ୟକ୍ତ କରିଥିଲେ। ଅନୁଷ୍ଠାନର ସଭାପତି ତରୁଣ କୁମାର ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ଡ. ମନୋରମା ମହାପାତ୍ର, ପ୍ରଫେସର ବୈଷ୍ଣବ ଚରଣ ସାମଲ, ଅମରେଶ ପଟ୍ଟନାୟକ, ଡ. ସୁଲୋଚନା ଦାସ, ବିଜୟାନନ୍ଦ ସିଂ, ଡ. ହୃଷୀକେଶ ମଲ୍ଲିକ, ନମିତା ପଣ୍ଡା ପ୍ରମୁଖ ମୀନାକ୍ଷୀଙ୍କ ପ୍ରତିଭାର ବିଭିନ୍ନ ଦିଗ ସମ୍ପର୍କରେ ଆଲୋକପାତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସଙ୍ଗଠନ ସମ୍ପାଦକ ଆଦିତ୍ୟ ପ୍ରତାପ ଧଳ, କୋଷାଧ୍ୟକ୍ଷ ଶିବାଶିଷ କର, କାର୍ଯ୍ୟନିର୍ବାହୀ ସମିତି ସଭ୍ୟ ଜୀବନାନନ୍ଦ ଅଧିକାରୀ, ଡ. ସୁନାମଣି ରାଉତ, ବ୍ରହ୍ମାନନ୍ଦ ବିଶ୍ୱାଳ ଉପସ୍ଥିତ ଥିଲେ।

# ପଞ୍ଚାୟତ ଆକାଉଣ୍ଟକୁ ଫେରିଲା ୫୪ ହଜାର ଟଙ୍କା

**କଟକ ସଦର,୯।୬(ଡି.ଏନ.ଏ.)**

**ଧରିତ୍ରୀ ପ୍ରଭାବ**

କଟକ ସଦର ବ୍ଲକ ଅଧୀନ ଉରାଳି ପଞ୍ଚାୟତରେ ଟିକସ ଅର୍ଥ ହେରଫେର କରାଯାଇଥିଲା। କଟକ ସଦର ଉପଜିଲାପାଳ ପ୍ରତାପ ଚନ୍ଦ୍ର ବେଉରାଙ୍କ ନିର୍ଦ୍ଦେଶକ୍ରମେ ମଙ୍ଗଳବାର ପଞ୍ଚାୟତ ଆକାଉଣ୍ଟରେ ୫୪ ହଜାର ଟଙ୍କା ଜମା କରାଯାଇଛି। ଅର୍ଥ ହେରଫେର ସମ୍ପର୍କିତ ଖବର ଗତ ମେ’ ୧୮ ତାରିଖରେ ଧରିତ୍ରୀରେ ପ୍ରକାଶ ପାଇଥିଲା। ଫଳରେ ଉପଜିଲାପାଳ ବେଉରା ୪।୬।୨୧ରେ ସରପଞ୍ଚ, ଗ୍ରାମପଞ୍ଚାୟତ ସମ୍ପ୍ରସାରଣ ଅଧିକାରୀ, ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କ ଉପସ୍ଥିତିରେ ଅଭିଯୋଗର ଶୁଣାଣି କରିଥିଲେ। ଯାହା ବି ହେଉ ଟିକସ ଅର୍ଥ ସରକାରୀ ତହବିଲକୁ ଫେରିବା ଦରକାର ବୋଲି ଉପଜିଲାପାଳ କହିଥିଲେ। ଶେଷରେ ବାଟମାରଣା ହେବାକୁ ଥିବା ଅର୍ଥ ପଞ୍ଚାୟତ ଆକାଉଣ୍ଟକୁ ଆସିଲା। ଉକ୍ତ ପଞ୍ଚାୟତର ଏକ ବ୍ୟବସାୟିକ ସଂସ୍ଥା ପ୍ରତିବର୍ଷ ଭଳି ଚଳିତବର୍ଷ ଟିକସ ବାବଦ ୬୦ ହଜାର ଟଙ୍କା ପ୍ରଦାନ କରିଥିଲା। ମାତ୍ର ପଞ୍ଚାୟତକୁ ୬ ହଜାର ଟଙ୍କା ଆସିଛି ବୋଲି ଉପଜିଲାପାଳଙ୍କ ନିକଟରେ ଅଭିଯୋଗ ହେବା ପରେ ଏହାର ପ୍ରାଥମିକ ତଦନ୍ତଭାର ଉପଖଣ୍ଡ ପଞ୍ଚାୟତ ଅଧିକାରୀ ଗୀତା ଆଚାର୍ଯ୍ୟଙ୍କୁ ଦିଆଯାଇଥିଲା। ଆଚାର୍ଯ୍ୟ ତଦନ୍ତ ରିପୋର୍ଟ ଦେବା ପରେ ଉପଜିଲାପାଳଙ୍କ ପ୍ରକୋଷ୍ଠରେ ଶୁଣାଣି କରାଯାଇ ଅର୍ଥ ଫେରାଇବା ପାଇଁ ନିର୍ଦ୍ଦେଶନାମା ଜାରି ହୋଇଥିଲା। ଏଥିରେ ସରକାରୀ କର୍ମଚାରୀଙ୍କ ସମ୍ପୃକ୍ତି ଥିବା ଅଭିଯୋଗ ହୋଇଥିଲା। ଅର୍ଥ ମିଳିବା ପରେ ହେରଫେରରେ ସମ୍ପୃକ୍ତ କର୍ମଚାରୀଙ୍କ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଜଣାପଡିଛି।

### କରୋନା କଟକଣାକୁ ବେଖାତିର

# ବିବାହ ଭୋଜି କରି ୧୦ହଜାର ଜରିମାନା

**ସାଲେପୁର, ୯।୬(ଡି.ଏନ.ଏ.)**

କରୋନା କଟକଣାକୁ ବେଖାତିର କରି ବିବାହ ଭୋଜିରେ ୨୫ ଜଣରୁ ଅଧିକ ଲୋକ ଏକତ୍ରିତ କରିଥିବାରୁ ଜଣେ ବ୍ୟକ୍ତିଙ୍କଠାରୁ ପୋଲିସ ଓ ତହସିଲଦାରଙ୍କ ଉପସ୍ଥିତିରେ ବୁଧବାର ୧୦ହଜାର ଟଙ୍କା ଜରିମାନା ଆଦାୟ କରାଯାଇଛି। ଏଭଳି ଘଟିଛି ସାଲେପୁର ଥାନା ଅଧୀନ ନିଶ୍ଚିନ୍ତକୋଇଲି ତହସିଲ ଅନ୍ତର୍ଗତ କାଜିହାଟ ଗାଁରେ। ଫାରୁକ୍ ଖାଁ କୋଭିଡ୍ କଟକଣାକୁ ଉଲ୍ଲଂଘନ କରି ବିବାହ ଭୋଜି କରିଥିଲେ। ଭୋଜିରେ ସେ ଲୋକ ଜମାଇ ଥିବାରୁ ନିଶ୍ଚିନ୍ତକୋଇଲି ତହସିଲଦାରଙ୍କ ଉପସ୍ଥିତିରେ ଜରିମାନା କରାଯାଇଥିଲା ବୋଲି ଆଇଆଇସି ମୃଣ୍ମୟ କୁମାର ସେନାପତି ପ୍ରକାଶ କରିଛନ୍ତି।

# ୨୬୪ ଆଶାକର୍ମୀଙ୍କୁ ଶାଢ଼ି ବାଣ୍ଟିଲେ ବିଧାୟକ

**ବାଙ୍କୀ,୯।୬(ସ୍ୱ.ପ୍ର.)**

**ବିଶ୍ରାମସ୍ଥଳ ଉଦ୍‌ଘାଟିତ**

ବାଙ୍କୀ ବିଧାୟକ ଦେବୀ ରଞ୍ଜନ ତ୍ରିପାଠୀ ଡମପଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ସୁବର୍ଣ୍ଣପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ବୁଧବାର ୨୬୪ଜଣ ଆଶା କର୍ମୀଙ୍କୁ ନିଜସ୍ୱ ଖର୍ଚ୍ଚରେ ଶାଢ଼ି ବଣ୍ଟନ କରିଥିଲେ। ଆଶାକର୍ମୀମାନେ କରୋନାକୁ ଖାତିର ନ କରି ନିଜ ଜୀବନକୁ ବାଜି ଲଗେଇ ଘରକୁ ଘର ବୁଲି ଲୋକଙ୍କ ସ୍ୱାସ୍ଥ୍ୟ ଅବସ୍ଥା, ଥର୍ମାଲ ସ୍କାନର, ଅକ୍ସିମିଟର ଦ୍ୱାରା ପରୀକ୍ଷା କରି ଚିହ୍ନଟ ଲୋକଙ୍କ ତଥ୍ୟ ସ୍ୱାସ୍ଥ୍ୟକେନ୍ଦ୍ରକୁ ଦେଉଛନ୍ତି। ବିଭିନ୍ନ ଗ୍ରାମରେ ଥିବା କରୋନା ଆକ୍ରାନ୍ତଙ୍କ ସ୍ୱାସ୍ଥ୍ୟ ଅବସ୍ଥା ଆଶା କର୍ମୀମାନେ ବୁଝିବା ସହ ସେମାନେ ଡାକ୍ତରଙ୍କ ଦ୍ୱାରା ପ୍ରଦାନ କରାଯାଇଥିବା ଔଷଧ ଠିକ୍‌ରେ ଖାଉଛନ୍ତି କି ନାହିଁ ତାହା ପଚାରି ବୁଝୁଛନ୍ତି। ଫଳରେ କରୋନା ସଂକ୍ରମଣ ଆସ୍ତେ ଆସ୍ତେ କମିବାରେ ଲାଗୁଛି। ଏଥିପାଇଁ ବିଧାୟକ ତ୍ରିପାଠୀ ସୁବର୍ଣ୍ଣପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ୧୭୦ ଆଶାକର୍ମୀଙ୍କୁ ଶାଢ଼ି ବଣ୍ଟନ କରିଥିଲେ। ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଡା. ଅମରେଶ ସାହୁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। କାର୍ଯ୍ୟକ୍ରମରେ ଡା. ସତ୍ୟଜିତ ମହାପାତ୍ର, ଡା. ସୁଧାଂଶୁ ଶେଖର ପଣ୍ଡା, ସଙ୍ଗୀତା ଦାସ ,ମାନ ଭଞ୍ଜନ ଦଳେଇଙ୍କ ସମେତ ସରପଞ୍ଚ ତରୁଣକାନ୍ତ ମହାପାତ୍ର ଓ ଜିଲା ପରିଷଦ ସଭ୍ୟ ମାନସ ମହାପାତ୍ର ସହଯୋଗ କରିଥିଲେ। ପରେ ବିଧାୟକ ସୁବର୍ଣ୍ଣପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ କୋଭିଡ୍ ଟିକାକରଣ ପରେ ରୋଗୀଙ୍କ ବିଶ୍ରାମ ପାଇଁ ଏକ ବିଶ୍ରାମସ୍ଥଳ ଉଦ୍‌ଘାଟନ କରିଥିଲେ। ଡମପଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ବିଧାୟକ ତ୍ରିପାଠୀ ୯୪ ଆଶାକର୍ମୀଙ୍କୁ ଶାଢ଼ି ବଣ୍ଟନ କରିଥିଲେ। ବଣ୍ଟନ କାର୍ଯ୍ୟକ୍ରମକୁ ଡମପଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଡା. ବିଶ୍ୱଜିତ ପଣ୍ଡା ପରିଚାଳନା କରିଥିଲେ। ସ୍ୱାସ୍ଥ୍ୟକେନ୍ଦ୍ରର ଜନ ସମ୍ପ୍ରସାରଣ ଅଧିକାରୀ ଶାନ୍ତିଲତା ଦେଈ ପ୍ରମୁଖ ବଣ୍ଟନ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ। ରୋଗୀ କଲ୍ୟାଣ ସମିତିର ସଭ୍ୟ ତଥା ବାଙ୍କୀ ଆଇନଜୀବୀ ସଂଘର ସଭାପତି ଗୌରୀ ଶଙ୍କର ନନ୍ଦ ଓ ବିଜେଡି ଡମପଡ଼ା ବ୍ଲକ ଯୁବ ସଭାପତି ଅସିତ ଜେନା ଉପସ୍ଥିତ ରହି ବଣ୍ଟନ କାର୍ଯ୍ୟ ତଦାରଖ କରିଥିଲେ।

# ରେକର୍ଡ ନିଶାରେ ଦିବ୍ୟଜ୍ୟୋତି

**କଟକ ଅଫିସ, ୯।୬**



କଟକ ଜିଲା ବିରିବାଟୀସ୍ଥିତ ଡିହସାହି ଗ୍ରାମର ଦିବ୍ୟଜ୍ୟୋତି ଜେନା(୨୦)। ରେକର୍ଡ ସୃଷ୍ଟି କରିବା ତାଙ୍କର ନିଶା। ପୂର୍ବରୁ ୬୦ ଦେଶର ୪୫୦ଟି ମୁଦ୍ରା ଏବଂ ୨୦ ନୋଟ୍ ସଂଗ୍ରହ କରି ସେ ରେକର୍ଡ ସୃଷ୍ଟି କରିଥିଲେ। ଏବେ ଅନ୍‌ଲାଇନ୍ ମାଧ୍ୟମରେ କ୍ଲାସ କରି ନିଜର ଦକ୍ଷତା ବୃଦ୍ଧି କରିବା ସହ ବିଭିନ୍ନ କୁଇଜ୍, ୱେବିନାର ଓ ୱାର୍କଶପରେ ଭାଗ ନେଇ ସେ ଅନେକ ପୁରସ୍କାର ଜିତିଛନ୍ତି। ଦୁଇ ହଜାରରୁ ଊର୍ଦ୍ଧ୍ୱ ଅନ୍‌ଲାଇନ୍ କ୍ଲାସ୍ କରି ସାର୍ଟିଫିକେଟ୍ ହାସଲ କରିବା ସହ ରେକର୍ଡ ସୃଷ୍ଟି କରିଛନ୍ତି। କମ୍ ବୟସରୁ ଅନ୍ୟମାନଙ୍କ ପାଇଁ ଉଦାହରଣ ପାଲଟିଛନ୍ତି ଦିବ୍ୟଜ୍ୟୋତି। ବାପା ବିଜୟା ଜେନା ଓ ମାଆ ନିହାରିକା ଜେନାଙ୍କ ଏକମାତ୍ର ପୁଅ ଦିବ୍ୟଜ୍ୟୋତି। ସେ ଏବେ କଟକ ଷ୍ଟିୱାର୍ଟ ବିଜ୍ଞାନ ମହାବିଦ୍ୟାଳୟରେ ଯୁକ୍ତ ୩ ବିଜ୍ଞାନ ଶେଷବର୍ଷର ଛାତ୍ର। ତାଙ୍କର ଏହି ଅନନ୍ୟ କୃତିତ୍ୱ ପାଇଁ ସବୁଠି ତାଙ୍କୁ ପ୍ରଶଂସା ମିଳୁଛି। ଏ ସମ୍ପର୍କରେ ଦିବ୍ୟଜ୍ୟୋତି କହିଛନ୍ତି, ଲକ୍‌ଡାଉନ୍ ସମୟରେ କଲେଜ କ୍ଲାସ୍ ବନ୍ଦ ରହିଥିଲା। ତେଣୁ ଖାଲି ବସିବା ଅପେକ୍ଷା ଅନ୍‌ଲାଇନ୍‌ରେ ଫ୍ରି କୋର୍ସ କରିବାକୁ ଇଚ୍ଛା ହେଲା। ଗତବର୍ଷ ଏପ୍ରିଲରୁ ଚଳିତବର୍ଷ ମଧ୍ୟରେ ଦୁଇ ହଜାରରୁ ଅଧିକ ସାର୍ଟିଫିକେଟ୍ ଅନ୍‌ଲାଇନ୍ ମାଧ୍ୟମରେ ହାସଲ କରିପାରିଛି। ସେଥିମଧ୍ୟରୁ କିଛି ସାର୍ଟିଫିକେଟ୍ ହାସଲ କରି ଅର୍ଥରାଶି ମଧ୍ୟ ପୁରସ୍କାର ଆକାରରେ ପାଇଛି। ଆମାଜନ୍, ଅମିତ ୟୁନିଭର୍ସିଟି, ଆଇଆଇଟି କାନପୁର, ମାଇକ୍ରୋସଫ୍ଟ, ଏଚ୍‌ଡିଏଫ୍‌ସି ବ୍ୟାଙ୍କ, ଏନ୍‌ଆଇଟି ଆନ୍ଧ୍ରପ୍ରଦେଶ, ୟୁନାଇଟେଡ୍ ଇନ୍‌ଷ୍ଟିଚ୍ୟୁଟ୍ ଫର ଟ୍ରେନିଂ ଆଣ୍ଡ ରିସର୍ଚ୍ଚ, ବିଜେବି ଅଟୋନମସ କଲେଜ, କିଟ୍ ୟୁନିଭର୍ସିଟି, ସିଭି ରମନ୍ ଗ୍ଲୋବାଲ୍ ୟୁନିଭର୍ସିଟି, ନାଗପୁର ୟୁନିଭର୍ସିଟି, ୱାଲ୍ଡ ହେଲ୍‌ଥ ଅର୍ଗାନାଇଜେଶନ, ଦିଲ୍ଲୀ ଟେକ୍ନୋଲୋଜି ୟୁନିଭର୍ସିଟି, ପୁଡୁଚେରୀ ୟୁନିଭର୍ସିଟି ଆଦି ସଂସ୍ଥାରୁ ଅନ୍‌ଲାଇନ୍ ମାଧ୍ୟମରେ ସାର୍ଟିଫିକେଟ୍ ହାସଲ କରିଛି। ଏପରି କି ଲକ୍‌ଡାଉନ ସମୟରେ ଅନ୍‌ଲାଇନ୍ ମାଧ୍ୟମରେ ଅଧିକ ସାର୍ଟିଫିକେଟ୍ ହାସଲ କରି ଆମେରିକା ବୁକ୍ ଅଫ୍ ରେକର୍ଡରେ ସେ ନିଜ ନାମ ସାମିଲ କରିଛନ୍ତି। ଏଥିସହ ଦିବ୍ୟଜ୍ୟୋତି ଜେନା ନାମରେ ଏକ ୟୁଟ୍ୟୁବ୍ ଚ୍ୟାନେଲ ଖୋଲି ଫ୍ରି ଅନ୍‌ଲାଇନ୍ କୋର୍ସ, କୁଇଜ୍ ଏବଂ ୱାର୍କଶପ ଉପରେ ସେ ମାଗଣାରେ ତଥ୍ୟ ଦେଉଛନ୍ତି।

- ଅନ୍ ଲାଇନ୍‌ରେ ହାସଲ କରିଛନ୍ତି ଦୁଇ ହଜାରରୁ ଊର୍ଦ୍ଧ୍ୱ ସାର୍ଟିଫିକେଟ
- ଆମେରିକା ବୁକ୍ ଅଫ୍ ରେକର୍ଡରେ ସାମିଲ କରିଛନ୍ତି ନିଜ ନାମ






ଧରିତ୍ରୀ
DHARITRI
ଭୁବନେଶ୍ୱର, ଗୁରୁବାର, ୧୦ ଜୁନ୍, ୨୦୨୧

## କୃଷ୍ଣପ୍ରସାଦରେ ଗଡ଼ିଲା ରାଜସ୍ୱ ରଥ

କୃଷ୍ଣପ୍ରସାଦ,(ଡି.ଏନ.ଏ): କୃଷ୍ଣପ୍ରସାଦ ତହସିଲ ପକ୍ଷରୁ ବୁଧବାର ରାଜସ୍ୱ ରଥ ଗଡ଼ିଛି। ଏହି କାର୍ଯ୍ୟକ୍ରମରେ ତହସିଲଦାର ଉଲ୍ଲାସ କୁମାର ସେଠୀ, ବିଡିଓ ଅଭିମନ୍ୟୁ ମାଝି, ସିଡିପିଓ ମନୋରମା ଦେବୀ, ଚିକିତ୍ସା ଅଧିକାରୀ ସନ୍ତୋଷ ବେହେରା,ଏସ୍ଆଇ ସୌମ୍ୟ ରଞ୍ଜନ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ। ଉଦ୍‌ଘାଟନ ଦିବସ ଅବସରରେ ଚିଲିକା ନୂଆପଡା ପଞ୍ଚାୟତ ଅଧୀନ ଖଟିସାହି ଗ୍ରାମରେ ତହସିଲଦାର ଏହି କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ମଧୁସୂଦନ ସ୍ୱାଇଁ, ରାଜସ୍ୱ ସହାୟକ ଗୋବର୍ଦ୍ଧନ ପାତ୍ର, କୃଷ୍ଣଚନ୍ଦ୍ର ମହାନ୍ତି, ଆର୍‌ଆଇ ଦିଲୀପ ଜେନା, ସରୋଜ ନାୟକ, ଜ୍ୟୋତିରଞ୍ଜନ ବେହେରା, ତପନ ରାଉତରାୟ ପ୍ରମୁଖ ଉପସ୍ଥିତ ଥିଲେ।



**ସଂକ୍ଷେପରେ**

## ସାବିତ୍ରୀ ବ୍ରତରେ ମନ୍ଦିର ମନା

**ଖୋର୍ଦ୍ଧା ଅଫିସ, ୯।୬:** ରାତି ପାହିଲେ ସାବିତ୍ରୀ ବ୍ରତ। ଓଡ଼ିଆ ସଂସ୍କୃତି, ପରମ୍ପରା ସହିତ ଏହି ପର୍ବ ଜଡ଼ିତ। ସଧବା ମହିଳାମାନେ ନୂତନ ବସ୍ତ୍ର, ଶଙ୍ଖା ସିନ୍ଦୂର ପରିଧାନ କରି ମନ୍ଦିରରେ ପୂଜାର୍ଚ୍ଚନା କରନ୍ତି। ତେବେ ଗତବର୍ଷ ଭଳି ଚଳିତ ବର୍ଷ କରୋନା କଟକଣା ପାଇଁ ମନ୍ଦିର ପ୍ରବେଶ ଉପରେ ପ୍ରଶାସନ ପକ୍ଷରୁ କଟକଣା ଜାରି କରାଯାଇଛି। ସାବିତ୍ରୀ ବ୍ରତ ଦିନ କୌଣସି ଭକ୍ତ ମନ୍ଦିରରେ ପ୍ରବେଶ କରିବେ ନାହିଁ। କେବଳ ଅଳ୍ପସଂଖ୍ୟକ ସେବାୟତ, ପୂଜକଙ୍କୁ ନେଇ ଦୈନିକ ରୀତିନୀତି ସମ୍ପନ୍ନ କରାଯିବ ବୋଲି ଉପଜିଲାପାଳ ଅଶୋକ ବେହୁରିଆ ନିର୍ଦ୍ଦେଶନାମା ଜାରି କରିଛନ୍ତି। ଖୋର୍ଦ୍ଧା ଉପଖଣ୍ଡ ଅଧୀନ ସମସ୍ତ ଅଞ୍ଚଳ ପାଇଁ ଏହି ନିର୍ଦ୍ଦେଶନାମା ଜାରି ହୋଇଛି। କୌଣସି ବ୍ୟକ୍ତି ନିୟମକୁ ଉଲ୍ଲଂଘନ କଲେ, ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଉପଜିଲାପାଳ କହିଛନ୍ତି। ଖୋର୍ଦ୍ଧା ଜିଲାରେ ସଂକ୍ରମଣ ହାର କମିଥିଲେ ମଧ ବିପଦ ଟଳିନାହିଁ। ଜନସ୍ୱାର୍ଥ ଓ ଲୋକଙ୍କ ସୁରକ୍ଷା ଦୃଷ୍ଟିରୁ ଏହି କଟକଣା ଜାରି କରାଯାଇଛି ବୋଲି ଉପଜିଲାପାଳ କହିଛନ୍ତି। ପ୍ରତ୍ୟେକ ମହିଳା ନିଜ ଘରେ ରହି ଏହି ପର୍ବ ପାଳନ କରିବାକୁ ପ୍ରଶାସନ ପକ୍ଷରୁ ଅନୁରୋଧ କରାଯାଇଛି।

## ୭୩ ଆକ୍ରାନ୍ତ, ୧୯୫ ସୁସ୍ଥ

### ଖୋର୍ଦ୍ଧା ଗ୍ରାମାଞ୍ଚଳ

**ଖୋର୍ଦ୍ଧା ଅଫିସ, ୯।୬:** ରାଜ୍ୟରେ କରୋନା ସଂକ୍ରମଣ ଧୀରେ ଧୀରେ କମୁଥିବାବେଳେ ମୃତ୍ୟୁ ସଂଖ୍ୟା ବଢ଼ିବାରେ ଲାଗିଛି। କିନ୍ତୁ ପୂର୍ବାଞ୍ଚଳରେ ସଂକ୍ରମିତ ସଂଖ୍ୟା ସାମାନ୍ୟ ବୃଦ୍ଧି ପାଇଛି। ଖୋର୍ଦ୍ଧା ଗ୍ରାମାଞ୍ଚଳରେ ବୁଧବାର କରୋନାରେ ୭୩ଜଣ ଆକ୍ରାନ୍ତ ହୋଇଛନ୍ତି। ସେମାନଙ୍କ ମଧ୍ୟରେ ବାଲିଅନ୍ତାରୁ ୯, ବାଲିପାଟଣା ୩, ଭୁବନେଶ୍ୱର ୧୧, ଜଟଣୀ ୧୭, ଖୋର୍ଦ୍ଧା ୧୩, ବେଗୁନିଆ ୩, ବୋଲଗଡ଼ ୭, ଟାଙ୍ଗୀ ୧, ଚିଲିକା ୭ ଏବଂ ବାଣପୁରରୁ ୨ଜଣ ରହିଛନ୍ତି। ଅନ୍ୟପକ୍ଷରେ ୧୯୫ ଜଣ ସୁସ୍ଥ ହୋଇଛନ୍ତି। ଜିଲା ପ୍ରଶାସନ ତଥ୍ୟ ଅନୁଯାୟୀ ବର୍ତ୍ତମାନ ସୁଦ୍ଧା ୩,୬୨,୨୧୩ ନମୁନା ସଂଗ୍ରହ କରାଯାଇଛି। ୨୨୯୫୬ ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ୨୧୬୬୩ ସୁସ୍ଥ ହୋଇ ଫେରିଛନ୍ତି। ୬୮ଜଣଙ୍କ ମୃତ୍ୟୁ ଘଟିଛି। ୧୨୨୪ ସକ୍ରିୟ ସଂକ୍ରମିତ ରହିଛନ୍ତି। ବୁଧବାର ସୁଦ୍ଧା ୨୧୪୭୪୬ ଜଣଙ୍କୁ ଟିକା ଦିଆଯାଇଛି। ବୁଧବାର ୨୩ଟି କେନ୍ଦ୍ରରେ ୧୯୩୯ ଜଣଙ୍କୁ ଟିକା ଦିଆଯାଇଥିବା ଜିଲା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ମିଳିଛି। ସେହିପରି ଖୋର୍ଦ୍ଧା ସବ୍‌ଡିଭିଜନରେ ଗତ ୨୪ ଘଣ୍ଟାରେ ୩୫ ପଜିଟିଭ୍ ଚିହ୍ନଟ ହୋଇଥିବାବେଳେ ୧୬୬ ସୁସ୍ଥ ହୋଇଛନ୍ତି। ବର୍ତ୍ତମାନ ସୁଦ୍ଧା ୫୧୮୯ ପଜିଟିଭ୍, ୪୪୨୯ ସୁସ୍ଥ ଓ ୭୫୧ ସକ୍ରିୟ ରହିଛନ୍ତି। ସକ୍ରିୟଙ୍କ ମଧ୍ୟରୁ ୬୦୮ ଘରୋଇ ସଙ୍ଗରୋଧ ଓ ୧୪୨ ଜଣ କୋଭିଡ୍ ହସ୍ପିଟାଲରେ ଚିକିତ୍ସିତ ହେଉଛନ୍ତି। କୋଭିଡ୍‌ରେ ୯ଜଣଙ୍କ ମୃତ୍ୟୁ ଘଟିଥିବା ଉପଜିଲାପାଳ ଅଶୋକ ବେହୁରିଆ କହିଛନ୍ତି।

# ୧୨ କିମି ରାସ୍ତାକୁ ଲାଗିଲାଣି ୨ବର୍ଷ

■ ଜାତୀୟ ରାଜପଥ ନିର୍ମାଣରେ ଅନିୟମିତତା
■ ଦୁର୍ଘଟଣାର ଶିକାର ହେଉଛନ୍ତି ପଥଚାରୀ

**ବେଗୁନିଆ,୯।୬(ଡି.ଏନ୍.ଏ.)**

ଖୋର୍ଦ୍ଧା-ବଲାଙ୍ଗୀର ୫୭ନଂ ଜାତୀୟ ରାଜପଥ ନିର୍ମାଣ କାର୍ଯ୍ୟରେ ଅନିୟମିତତା, ବିଳମ୍ବ ଓ ନିମ୍ନମାନର ହେଉଥିବା ଅଭିଯୋଗ ହେଉଛି। ବିଭାଗୀୟ ଅଧିକାରୀ ଓ ଠିକାଦାରଙ୍କ ମନମୁଖି କାର୍ଯ୍ୟ ଯୋଗୁ ୧୨କିମି ରାସ୍ତା କାର୍ଯ୍ୟ ୨୦୧୯ରେ ଆରମ୍ଭ ହୋଇଥିଲେ ମଧ ଏ ପର୍ଯ୍ୟନ୍ତ ସରିପାରି ନାହିଁ। ଏପରିକି କାର୍ଯ୍ୟ ସମ୍ପୂର୍ଣ୍ଣ ନ ହେଉଣୁ ଅନେକ ସ୍ଥାନରେ ପିଚୁ ଉପରେ ତାଳି ପଡିଲାଣି। ଫଳରେ ଏହାକୁ ନେଇ ବେଗୁନିଆ ଅଞ୍ଚଳରେ ଜନ ଅସନ୍ତୋଷ ଦେଖାଦେଇଛି। ଏ ନେଇ ସ୍ଥାନୀୟ ଏକ ସାମାଜିକ ସଂଗଠନ ପକ୍ଷରୁ କେନ୍ଦ୍ର ପରିବହନ ମନ୍ତ୍ରୀ, ମୁଖ୍ୟମନ୍ତ୍ରୀ, ଜିଲାପାଳଙ୍କ ନିକଟରେ ଅଭିଯୋଗ କରାଯାଇଛି। ୨୦୧୯ ଜୁଲାଇ ୨୬ରେ ମଧ ବେଗୁନିଆର ଜନକଲ୍ୟାଣ ପ୍ରତିଷ୍ଠାନ ସମାନ ଅଭିଯୋଗ ଉଠାଇଥିଲା। ଏପରିକି କାର୍ଯ୍ୟ ଅନିୟମିତତାକୁ ନେଇ ବେଗୁନିଆ ବଜାରବାସୀଙ୍କ ପକ୍ଷରୁ ୨୦୧୯ ଅଗଷ୍ଟରେ ରାଜପଥକୁ ଅବରୋଧ କରାଯାଇଥିଲା। ବାରମ୍ବାର ଅଭିଯୋଗ କରିବା ସତ୍ତ୍ୱେ କେହି ଏଥିପ୍ରତି ଦୃଷ୍ଟି ଦେଉନାହାନ୍ତି। ଅଭିଯୋଗପତ୍ରରୁ ଜଣାଯାଇଛି ୫୭ନଂ. ଜାତୀୟ ରାଜପଥର ସାରୁଅଠାରୁ ଚକାପଦା ପର୍ଯ୍ୟନ୍ତ ୧୨କିମି ରାସ୍ତା ନିର୍ମାଣ କାର୍ଯ୍ୟ ୨୦୧୯ରୁ ଆରମ୍ଭ ହେଲାଣି। ସେଥିପାଇଁ ପ୍ରଥମ ପର୍ଯ୍ୟାୟରେ ୭୫କୋଟି ଟଙ୍କା ଅନୁଦାନ ମିଳିଥିଲା। ଆବଶ୍ୟକତା ଅନୁଯାୟୀ ଅଧିକ ଟଙ୍କା ମଞ୍ଜୁର କରାଯିବ ବୋଲି ବିଭାଗ ପକ୍ଷରୁ କୁହାଯାଇଥିଲା। ମାତ୍ର କାର୍ଯ୍ୟ ଆରମ୍ଭରୁ ଅତ୍ୟନ୍ତ ନିମ୍ନମାନର ହେବା ସହ ଅନେକ ସ୍ଥାନରେ ରାସ୍ତା ଅଣ ଓସାରିଆ ହୋଇଯାଇଛି। ରାଜପଥର ବହୁ ସ୍ଥାନରେ କାମ ଅଧାପନ୍ତରିଆ ଭାବେ ଛାଡ଼ି ଦିଆଯାଇଛି। ଏଥିଯୋଗୁ ଦୈନନ୍ଦିନ ଛୋଟବଡ଼ ଦୁର୍ଘଟଣା ମଧ ଘଟୁଛି। ନିର୍ମାଣ କାର୍ଯ୍ୟକୁ ୨ ବର୍ଷ ବିତିଯାଇଥିଲେ ମଧ ଏପର୍ଯ୍ୟନ୍ତ ସରିପାରି ନାହିଁ। ଅନ୍ୟପକ୍ଷେ ଏହି ରାଜପଥ କଡ଼ରେ ଥିବା ଅନେକ ବଜାର ରହିଛି। ସେଠାରେ ଡ୍ରେନ ନିର୍ମାଣ ହେଉଥିବାବେଳେ ଢଳେଇର ବାଡ଼ା ଓ ସ୍ଲାବ୍‌ର ମୋଟେଇରେ କୌଣସି ସଠିକତା ରହୁନାହିଁ। ସେହିପରି ରାଜପଥର କେତେକ ସ୍ଥାନରେ ଶେଷ ହୋଇଥିବା ପିଚୁ କାର୍ଯ୍ୟ ନିମ୍ନମାନର ହୋଇଥିବାରୁ ତାହା ଉଠିଯାଇଛି। ତେଣୁ ଏଭଳି କାର୍ଯ୍ୟରେ ଉପରିସ୍ଥ ଅଧିକାରୀ, ଯନ୍ତ୍ରୀଙ୍କ ତଦାରଖ ଆବଶ୍ୟକ ରହିଥିବାବେଳେ ନିର୍ମାଣ କାର୍ଯ୍ୟ ମଧ ଶୀଘ୍ର ସାରିବାକୁ ସାଧାରଣରେ ଦାବି ହେଉଛି।


ବାମଡିହ ଛକ ନିକଟରେ ପିଚୁ ଉପରେ ତାଳି ପକାଯାଉଛି।


ପୋଖରୀ ଖୋଳା ନେଇ ତହସିଲଦାର ଓ ଅନ୍ୟ ଅଧିକାରୀମାନେ ତଦନ୍ତ କରୁଛନ୍ତି।

## ଅନୁଧ୍ୟାନ କଲେ ତହସିଲଦାର

### ପୋଖରୀଖୋଳା ନାଁରେ ମାଙ୍କଡ଼ା ପଥର ବିକ୍ରି ଘଟଣା

**ନିରାକାରପୁର,୯।୬(ଡି.ଏନ୍.ଏ.)**

ଟାଙ୍ଗୀ ବ୍ଲକ ଅଧୀନ ନିରାକାରପୁର ପଞ୍ଚାୟତ ରାଉଳହଜଆଦିବାସୀସାହିନିକଟରେମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନା(ଏମ୍‌ଜିଏନ୍‌ଆର୍‌ଇଜିଏସ୍)ରେ ନୂଆ ପୋଖରୀ ଖୋଳାଯିବା ନାଁରେ ମାଙ୍କଡା ପଥର ଖୋଳାଯାଇ ଚୋରା ଚାଲାଣ ହେଉଥିଲା । ଏ ନେଇ ରାଜ୍ୟ ଦଳିତ ମହାସଂଘର ସମ୍ପାଦିକା ପୁଷ୍ପଲତା ବେହେରା ଜିଲାପାଳ, ପ୍ରକଳ୍ପ ଅଧିକାରୀ, ବିଡିଓ ଓ ତହସିଲଦାରଙ୍କୁ ଅଭିଯୋଗ କରିଥିଲେ। ଅଭିଯୋଗକୁ ଭିତ୍ତିକରି ବୁଧବାର ଟାଙ୍ଗୀ ଅତିରିକ୍ତ ତହସିଲଦାର ଶରତ ଦେହୁରି ଓ ଆର୍‌ଆଇ ଦିବ୍ୟଲୋଚନ ଜାଲି ଘଟଣାସ୍ଥଳରେ ପହଞ୍ଚି ଅନୁଧ୍ୟାନ କରି ଫେରିଛନ୍ତି। ବାସ୍ତବରେ ଯେଉଁ ପୋଖରୀଟି ଖୋଳା ଚାଲିଛି, ସେ ଜାଗାଟି ବହୁ ପୁରାତନ ପଥର ଖଣି। ଯାହାର ଗଭୀର ପ୍ରାୟ ୧୫ ଫୁଟ। ସେହି ଜାଗାରେ ପ୍ରଶାସନ କିଭଳି ଭାବରେ ଏମ୍‌ଜିଏନ୍‌ଆର୍‌ଇଜିଏସ୍ ମାଧ୍ୟମରେ ପୋଖରୀ ଖୋଳା କାର୍ଯ୍ୟ ପାଇଁ ଆଦେଶ ଦେଇଛନ୍ତି ତାହା ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଏ ନେଇ ଅତିରିକ୍ତ ତହସିଲଦାର ଦେହୁରି କହିଛନ୍ତି, ଏଠି ପୋଖରୀ ଖୋଳାଯିବା କଥା ନୁହେଁ। କିନ୍ତୁ ଖୋଳା ଯାଇଥିବାରୁ ସ୍ଥିତି ଅନୁଧ୍ୟାନ କରି ତଦନ୍ତ ଚଳାଇଛୁ। ତଦନ୍ତ ପରେ ଏ ନେଇ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ସେ ମତପ୍ରକାଶ କରିଛନ୍ତି।

## କୋଭିଡ୍ କଟକଣା ଭୁଲିଗଲେ


ସାବିତ୍ରୀ ବ୍ରତ ପାଇଁ ଲୋକେ ଜିନିଷପତ୍ର କିଣାକିଣି ଲାଗି କୋଭିଡ୍ କଟକଣା ଭୁଲି ଯାଇଛନ୍ତି।

**ଖୋର୍ଦ୍ଧା ଅଫିସ, ୯।୬**

ରାଜ୍ୟରେ କରୋନା ପାଇଁ ଲକ୍‌ଡାଉନ ଓ ସପ୍ତାହାନ୍ତ ଶଟ୍‌ଡାଉନ ଜାରି ରହିଛି। ଏପରି ସ୍ଥଳେ ବୁଧବାର ଖୋର୍ଦ୍ଧାର ପୁରୁଣା ବସ୍‌ଷ୍ଟାଣ୍ଡ, ଟ୍ରାଫିକ ଛକ, ସମବାୟ ଛକ, ହାବେଳି ପଡ଼ିଆ ପ୍ରଭୃତି ବିଭିନ୍ନ ବଜାରରେ ପ୍ରବଳ ଗହଳି ହୋଇଥିଲା। ବିଶେଷକରି ସାବିତ୍ରୀ ବ୍ରତ ପାଇଁ ଲୋକେ ଜିନିଷପତ୍ର କିଣାକିଣି ଲାଗି କୋଭିଡ୍ କଟକଣା ଭୁଲିଯାଇଥିଲେ। ଦେହକୁ ଦେହ ଘଷିହୋଇ ଲୋକେ କିଣାକିଣି କରୁଥିବା ଦେଖିବାକୁ ମିଳିଥିଲା। ଏପରି କି ଅନେକ ବ୍ୟକ୍ତିଙ୍କ ମୁହଁରେ ମାସ୍କ ନ ଥିଲା। ମାତ୍ର ୪ଘଣ୍ଟା ପାଇଁ ଫଳ ଦୋକାନ ଖୋଲିବାକୁ ସରକାରଙ୍କ ଅନୁମତି ଥିବାରୁ କିପରି ଭଲ ବେପାର ହେବ ସେନେଇ ବ୍ୟବସାୟୀମାନେ ଲାଗିପଡ଼ିଥିଲେ। ଫଳ ଦର ଆକାଶଛୁଆଁ ହୋଇଥିଲେ ବି ସାବିତୀ ବ୍ରତ ପାଳନ ପାଇଁ ଗ୍ରାହକ କିଣିବାକୁ ବାଧ ହେଉଥିଲେ। କେବଳ ବ୍ରତ ଲାଗି ଗୋଟିଏ ଲେଖାଏ ଫଳ କିଣିଥିବା ଗୁରୁଜଙ୍ଗର ରାକେଶ କୁମାର ସାହୁ କହିଛନ୍ତି। ବଜାର ଦରକୁ ଦେଖିଲେ କିଣିବାକୁ ଭୟ ଲାଗୁଛି। କେବଳ ବିଧି ରକ୍ଷା ଲାଗି ସବୁଥିରୁ ଗୋଟିଏ ଲେଖାଏ କିଣି ନେବାକୁ ବାଧ ହୋଇଛି ବୋଲି ପ୍ରଭାତ ବଳିୟାରସିଂ କହିଛନ୍ତି। ସ୍ଥାନୀୟ ବଜାରରେ କଦଳୀ ଡଜନ ମୂଲ୍ୟ ୫୦ରୁ ୧୦୦ ଟଙ୍କା ରହିଛି। ଆମ୍ବ କିଲୋ ପିଛା ୫୦ରୁ ୧୦୦ ଟଙ୍କା, ସେଓ ୧୮୦ରୁ ୨୦୦, ଡାଳିମ୍ବ ୨୨୦, କମଳା ୧୨୦ରୁ ୧୫୦, ଲିଚୁକୋଳି ୧୫୦, ପିଜୁଳି ୮୦ରୁ ୧୦୦, ଅଙ୍ଗୁର ୧୨୦ରୁ ୧୫୦ ଟଙ୍କାରେ ବିକ୍ରି ହେଉଛି। ଜଣେ ଫଳ ବ୍ୟବସାୟୀ କହିଛନ୍ତି, ଜିଲାର ଆବଶ୍ୟକତା ଅନୁସାରେ କଦଳୀ ଓ ଆମ୍ବ ବାହାରୁ ଆସିଥାଏ । ଦୈନିକ ଅତିକମ୍‌ରେ ୧୨ରୁ ୧୫ ଟ୍ରକ ଆମ୍ବ ଏବଂ କଦଳୀ ଆନ୍ଧ୍ରରୁ ଆସେ। ପ୍ରାୟ ୫ଶହ ବେପାରୀ ଫଳ ବିକ୍ରି କରିଥାନ୍ତି। ମାତ୍ର କରୋନା ଯୋଗୁ ଆବଶ୍ୟକ ମୁତାବକ ଫଳ ଆସିପାରୁନାହିଁ। ଫଳରେ ଦର ବୃଦ୍ଧି ପାଇଛି। ସେହିପରି ପନିପରିବା ଦର ମଧ ବୃଦ୍ଧି ପାଇଛି। ବର୍ତ୍ତମାନ ସମୟରେ ଏହା ବେଶ୍ ବାଧୁଛି ବୋଲି ଗ୍ରାହକ ପ୍ରଶାନ୍ତ ବେହେରା କହିଛନ୍ତି। ଆଗକୁ ରଜ ଆସୁଛି। ତେଣୁ ଦର ଆହୁରି ବଢ଼ିବା ସହ ଅଧିକ ଗହଳି ହୋଇପାରେ ବୋଲି ପ୍ରଶାନ୍ତ କହିଛନ୍ତି।

## ଭାଜପା ପକ୍ଷରୁ ବିଡିଓଙ୍କୁ ସ୍ମାରକପତ୍ର

**ବୋଲଗଡ,୯।୬(ଡି.ଏନ୍.ଏ.)**

ଭୁବନେଶ୍ୱର ଏମ୍‌ପି ଅପରାଜିତା ଷଡ଼ଙ୍ଗୀଙ୍କ ନିର୍ଦ୍ଦେଶକ୍ରମେ ବୋଲଗଡ଼-ବେଗୁନିଆ ଭାଜପା ଦଳର ନେତୃବୃନ୍ଦ ବୁଧବାର ବୋଲଗଡ଼ ବ୍ଲକ କାର୍ଯ୍ୟାଳୟଠାରେ ଏକତ୍ରିତ ହୋଇ ବିଡିଓ ଧୋବେଇ ନାୟକଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରିଛନ୍ତି। ଏଥିରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ବାସଗୃହ ପାଇବା ପାଇଁ ଆବେଦନ କରିଥିବା ହିତାଧିକାରୀମାନଙ୍କୁ ଠିକ୍‌ଭାବେ ତଦନ୍ତ କରି ଚୟନ କରିବାକୁ ଅନୁରୋଧ କରାଯାଇଛି। ସୂଚନାଯୋଗ୍ୟ, ଏମ୍‌ପି ଷଡ଼ଙ୍ଗୀ ଗତ ମେ' ୨୮ରେ ଖୋର୍ଦ୍ଧା ଜିଲାପାଳଙ୍କୁ ଦେଇଥିବା ଏକ ଚିଠିରେ କେନ୍ଦ୍ର ଗ୍ରାମ୍ୟ ଉନ୍ନୟନ ମନ୍ତ୍ରଣାଳୟ ତରଫରୁ ଓଡ଼ିଶା ପାଇଁ ପ୍ରାୟ ୮ ଲକ୍ଷ ୧୭ ହଜାର ବାସଗୃହ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଅନୁମୋଦନ କରାଯାଇଥିଲା। ଏଥିରୁ ଖୋର୍ଦ୍ଧା ଜିଲା ପାଇଁ ୧୪ହଜାର ବାସଗୃହ ଯୋଗାଇ ଦିଆଯିବ ବୋଲି କୁହାଯାଇଛି। କିନ୍ତୁ ପରେ ପୁଣି କେତେଜଣ ହିତାଧିକାରୀ ବାସଗୃହ ପାଇଁ ଏମ୍‌ପିଙ୍କ ନିକଟରେ ଆବେଦନ କରିଥିଲେ। ଏ ନେଇ ଏମ୍‌ପି ସେଗୁଡ଼ିକୁ ସମ୍ପୃକ୍ତ ବିଭିନ୍ନ ବ୍ଲକ କାର୍ଯ୍ୟାଳୟକୁ ପଠାଇବା ସହ ହିତାଧିକାରୀ ଚୟନରେ ସ୍ୱଚ୍ଛତା ଉପରେ ତାଙ୍କ କାର୍ଯ୍ୟାଳୟ ତରଫରୁ ନଜର ରଖାଯିବ ବୋଲି କୁହାଯାଇଛି। ସେହିକ୍ରମରେ ବୁଧବାର ଭାଜପା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଋଷଭ ନନ୍ଦଙ୍କ ନେତୃତ୍ୱରେ ଏମ୍‌ପିଙ୍କ ପ୍ରତିନିଧି ଲୋତକବିନ୍ଦୁ ପଟ୍ଟନାୟକ, ଭାଜପା ମଣ୍ଡଳ ସଭାପତି ସଞ୍ଜୟ କୁମାର ବେହେରା, ସେଖ୍ ଦୌଲତ ଅଲ୍ଲୀ, ଜିଲା ସଂଯୋଜକ ସୁବାସ ଚନ୍ଦ୍ର ମିଶ୍ର ପ୍ରମୁଖ ବହୁ ଦଳୀୟ ନେତା ଓ କର୍ମୀ ଏକତ୍ରିତ ହୋଇ ବିଡିଓଙ୍କୁ ସ୍ମାରକପତ୍ର ଦେଇଛନ୍ତି।

## ୨୧ରୁ ସ୍କୁଲପିଲାଙ୍କ ପାଇଁ ୟୁଟ୍ୟୁବ୍ ଲାଇଭ୍ କ୍ଲାସ୍

### ୧୭ ସୁଦ୍ଧା କ୍ଲାସ୍ ରୁମ୍ ପ୍ରସ୍ତୁତ ରଖିବାକୁ ନିର୍ଦ୍ଦେଶ

**ଭୁବନେଶ୍ୱର, ୯।୬(ବ୍ୟୁରୋ)**

ଆସନ୍ତା ୨୧ ତାରିଖରୁ ସ୍କୁଲ ଛାତ୍ରୀଛାତ୍ରଙ୍କ ପାଇଁ ୟୁଟ୍ୟୁବ୍ ଲାଇଭ୍ କ୍ଲାସ୍ ଆରମ୍ଭ ହେବ। ଖୋର୍ଦ୍ଧା, ବଲାଙ୍ଗୀର, କଟକ, କେନ୍ଦ୍ରାପଡ଼ା, ଗଞ୍ଜାମ, କୋରାପୁଟ, ପୁରୀ, ଢେଙ୍କାନାଳ, ସୁନ୍ଦରଗଡ଼, ନୟାଗଡ଼, ଭଦ୍ରକ, ବାଲେଶ୍ୱର, ସମ୍ବଲପୁର ଆଦି ୧୩ ଜିଲାରେ ଏହି କ୍ଲାସ୍ ହେବ। ଏଥିପାଇଁ କ୍ଲାସ୍‌ରୁମ୍ ପ୍ରସ୍ତୁତ ରଖିବା ପାଇଁ ଓସେପା ରାଜ୍ୟ ପ୍ରକଳ୍ପ ନିର୍ଦ୍ଦେଶକ ଭୂପେନ୍ଦ୍ର ସିଂ ପୁନିଆ ବୁଧବାର ଏହି ସମସ୍ତ ଜିଲାର ଜିଲା ଶିକ୍ଷାଧିକାରୀଙ୍କୁ ଚିଠି ଲେଖିଛନ୍ତି। କ୍ଲାସ୍ ରୁମ୍‌ର କାନ୍ଥ ଧଳା ରଙ୍ଗର ହେବା ସହିତ ଉପଯୁକ୍ତ ଲାଇଟ୍‌ର ବ୍ୟବସ୍ଥା, ଏସି କିମ୍ବା ଅତି କମ୍‌ରେ ସିଲିଂ ଫ୍ୟାନ୍ ଲଗାଯାଇଥିବା ଦରକାର। ସେହିପରି କମ୍ପ୍ୟୁଟର କିମ୍ବା ଲାପ୍‌ଟପ୍, ଦୁଇଟି କ୍ୟାମେରା, ଲାପଲ ମାଇକ୍ରୋଫୋନ, କ୍ୟାମେରା ଷ୍ଟାଣ୍ଡ ଇତ୍ୟାଦି ପ୍ରସ୍ତୁତ ରଖିବାକୁ କୁହାଯାଇଛି। ତେବେ ୧୭ ତାରିଖ ସୁଦ୍ଧା କ୍ଲାସ୍ ରୁମ୍ ପ୍ରସ୍ତୁତ ରଖିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ଫଳରେ ଏହି ଭର୍ଚୁଆଲ କ୍ଲାସ୍ ସହଜରେ ପରିଚାଳିତ ହେବ ଏବଂ ପୂର୍ବରୁ ଟ୍ରାଏଲ୍ ମଧ ହୋଇପାରିବ ବୋଲି ଚିଠିରେ ଉଲ୍ଲେଖ କରାଯାଇଛି।

## 'ଆବାସ ଯୋଜନାରେ ପାତରଅନ୍ତର ନ ହେଉ'



### ବିଡିଓଙ୍କୁ ଦାବିପତ୍ର ଦେଲା ଭାଜପା

**ଖୋର୍ଦ୍ଧା ଅଫିସ, ୯।୬**

୨୦୨୨ ମସିହା ସୁଦ୍ଧା ସମସ୍ତ ପରିବାର ଯେପରି ପକ୍କାଘରେ ରହିବେ ସେଥିଲାଗି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓଡ଼ିଶା ପାଇଁ ୮ଲକ୍ଷ ୧୧ ହଜାର ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଘୋଷଣା କରିଛନ୍ତି। ଏହି ଯୋଜନାର ଚୟନ ପ୍ରକ୍ରିୟାରେ ସ୍ୱଚ୍ଛତା ଅବଲମ୍ବନ ନିମନ୍ତେ ଭାରତୀୟ ଜନତା ପାର୍ଟି (ଭାଜପା) ପକ୍ଷରୁ ଦାବି କରାଯାଇଛି। ଏ ନେଇ ବୁଧବାର ଭାଜପା ଖୋର୍ଦ୍ଧା ଜିଲା ସଭାପତି ରଶ୍ମିରଞ୍ଜନ ମହାପାତ୍ରଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ଖୋର୍ଦ୍ଧା ବିଡିଓଙ୍କୁ ଭେଟି ଦାବିପତ୍ର ଦେଇଛନ୍ତି। ଏହି ଦଳରେ ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ କାଳୁଚରଣ ଖଣ୍ଡାୟତରାୟ, ବିଶ୍ୱରଞ୍ଜନ ବଡଜେନା, ପ୍ରତାପ ମହାପାତ୍ର, ରୋଜିନା ଦାଶ, ପ୍ରବୀଣା ଭଞ୍ଜଦେଓ, ସୁମିତ୍ରା ପ୍ରଧାନ, ଅବନୀ ଜେନା, ନିକୁଞ୍ଜ କିଶୋର ପଟ୍ଟନାୟକ ପ୍ରମୁଖ ସାମିଲ ଥିଲେ।

## ୨ ଗାଁ ମାଇକ୍ରୋ କଣ୍ଟେନ୍‌ମେଣ୍ଟ ଜୋନ୍

**ବେଗୁନିଆ,୯।୬(ଡି.ଏନ୍.ଏ.)**

ଖୋର୍ଦ୍ଧା ଜିଲା ବେଗୁନିଆ ବ୍ଲକରେ କରୋନା ସଂକ୍ରମଣ ସଂଖ୍ୟା ବୃଦ୍ଧି ପାଇବାରେ ଲାଗିଛି। ଫଳରେ ଲୋକଙ୍କ ସୁରକ୍ଷାକୁ ଦୃଷ୍ଟିରେ ରଖି ଜିଲା ପ୍ରଶାସନ ପକ୍ଷରୁ ଏହି ବ୍ଲକର ୨ଟି ଗାଁକୁ ୧୦ଦିନ ପାଇଁ ମାଇକ୍ରୋ କଣ୍ଟେନ୍‌ମେଣ୍ଟ ଜୋନ ଘୋଷଣା କରାଯାଇଛି। ଚିଠି ନଂ. ୩୦୮୯ ଯୋଗେ ଗୋବିନ୍ଦପୁର ପଞ୍ଚାୟତ ଅନ୍ତର୍ଗତ ବ୍ରହ୍ମପୁରା ଏବଂ ଚିଠି ନଂ ୩୦୯୩ ଯୋଗେ ଗୋପାଳପୁର ସଂଲଗ୍ନ ଗୋବିନ୍ଦପୁର ଗାଁକୁ ୮ତାରିଖ ସନ୍ଧ୍ୟା ୭ଟାରୁ ୧୭ତାରିଖ ରାତି ୯ଟା ପର୍ଯ୍ୟନ୍ତ ସମସ୍ତ ପ୍ରକାର ସରକାରୀ ଓ ବେସରକାରୀ କାର୍ଯ୍ୟ ବନ୍ଦ ରହିବ। ଏହି ୨ ଗ୍ରାମକୁ କୌଣସି ବାହାର ଲୋକ ପ୍ରବେଶ କରିପାରିବେ ନାହିଁ ବୋଲି କଟକଣା ଲାଗୁ ହୋଇଛି। ବେଗୁନିଆ ତହସିଲଦାରଙ୍କ ସୁପାରିସ ପରେ ଖୋର୍ଦ୍ଧା ଉପଜିଲାପାଳ ଏଭଳି ନିଷ୍ପତ୍ତି ନେଇଛନ୍ତି।


ବେଆଇନ ବ୍ଲାଷ୍ଟିଂକୁ ବିରୋଧ କରି ଗ୍ରାମବାସୀ ପାହାଡକୁ ଯିବା ରାସ୍ତାକୁ ଅବରୋଧ କରିଛନ୍ତି।

## ବେଆଇନ ବ୍ଲାଷ୍ଟିଂ ନେଇ ଗ୍ରାମବାସୀଙ୍କ ରାସ୍ତାରୋକୋ

**ଟାଙ୍ଗୀ (ଖୋର୍ଦ୍ଧା),୯।୬(ଡି.ଏନ୍.ଏ.)**

ଟାଙ୍ଗୀ ତହସିଲ ଅନ୍ତର୍ଗତ ଆଡ଼ିଆପଡ଼ା ମୌଜାସ୍ଥିତ ବୃଷବନ୍ଧ ପାହାଡ଼ରେ ଅଧିକାଂଶ ସମୟ ବେଆଇନ ପଥର ବ୍ଲାଷ୍ଟିଂ ହେଉଛି। ଫଳରେ ସେଠାରେ ଗ୍ରାମବାସୀ ଭୟଭୀତରେ ଥିବାବେଳେ ଏହାକୁ ବନ୍ଦ କରିବା ପାଇଁ ପ୍ରଶାସନ ନିକଟରେ ଅଭିଯୋଗ କରିଥିଲେ। ହେଲେ କେହି ନ ଶୁଣିବାରୁ ବୁଧବାର ସେଠାକାର ଗ୍ରାମବାସୀ ପାହାଡ଼କୁ ଯିବା ରାସ୍ତାକୁ ଅବରୋଧ କରିଥିଲେ। ଖବରପାଇ ଘଟଣାସ୍ଥଳରେ ଅତିରିକ୍ତ ତହସିଲଦାର ଶରତ କୁମାର ଦେହୁରୀ, ବାଲୁଗାଁ ଏସ୍‌ଡିପିଓ ମାନସ ରଞ୍ଜନ ବାରିକ, ଟାଙ୍ଗୀ ଥାନା ପୋଲିସ ପହଞ୍ଚି ଜନସାଧାରଣଙ୍କୁ ବୁଝାଶୁଝା କରିବା ସହ ଖଣି ନିଲାମଧାରୀ ଓ ଗ୍ରାମବାସୀଙ୍କ ଉପସ୍ଥିତିରେ ଏହି ସମସ୍ୟାର ସମାଧାନ କରିବାକୁ ପ୍ରତିଶ୍ରୁତି ଦେବା ପରେ ରାସ୍ତାରୁ ହଟିଥିଲେ। ସୂଚନାଯୋଗ୍ୟ, ବୃଷବନ୍ଧ ପାହାଡ଼ରେ ଥିବା କଳା ମୁଗୁନି ପଥର ଉତ୍ତୋଳନ କରିବାକୁ ପ୍ରଶାସନ ଲିଜ୍ ଦେଇଛି। କିନ୍ତୁ ନିଲାମଧାରୀ ସମସ୍ତ ନୀତିନିୟମକୁ ଅଣଦେଖା କରି ବେଆଇନ ଭାବେ ବ୍ଲାଷ୍ଟିଂ କରି ଚାଲିଛନ୍ତି। ଫଳରେ ଗ୍ରାମବାସୀଙ୍କ ଘରଦ୍ୱାର ଭାଙ୍ଗିବା ସହ ଚାଷ ଜମି ନଷ୍ଟ ହେଉଛି। ଏପରିକି ଗୋରୁ ଓ ମଣିଷଙ୍କର ମଧ ମୃତ୍ୟୁ ହେଉଥିବା ଅଭିଯୋଗ ହେଉଛି। ବ୍ଲାଷ୍ଟିଂ ଏତେ ଶକ୍ତିଶାଳୀ ଯେ ଦୀର୍ଘ ୨କିଲୋମିଟରରୁ ଊର୍ଦ୍ଧ୍ୱ ପର୍ଯ୍ୟନ୍ତ ଘରଦ୍ୱାର ନଷ୍ଟ ହେଉଛି। ଏ ସମ୍ପର୍କରେ ଗ୍ରାମବାସୀ ବାରମ୍ବାର ପ୍ରଶାସନର ଦୃଷ୍ଟି ଆକର୍ଷଣ କଲେ ମଧ ସମସ୍ୟା ସମାଧାନ ହେଉ ନାହିଁ। ଏପରିକି ନିଲାମଧାରୀମାନେ ଅଧିକାରୀମାନଙ୍କୁ ହାତରେ ରଖିଥିବାରୁ ପ୍ରଶାସନ ଜାଣିଶୁଣି ଚୁପ ରହୁଥିବା ଅଭିଯୋଗ ହେଉଛି। ଶେଷରେ ବାଧ ହୋଇ ବୁଧବାର ସକାଳେ ସ୍ଥାନୀୟ ଗ୍ରାମବାସୀ ରାସ୍ତାରୋକା କରିଥିଲେ। ପରେ ତହସିଲଦାର ଓ ଏସ୍‌ଡିପିଓ ଆଡ଼ିଆପଡ଼ା ଗ୍ରାମକୁ ଯାଇ ଘରଘର ବୁଲି କ୍ଷୟକ୍ଷତି ଦେଖିଥିବା ବେଳେ ଶୁକ୍ରବାର ଏହି ସମସ୍ୟା ସମ୍ପର୍କରେ ଆଲୋଚନା କରିବାକୁ ପ୍ରତିଶ୍ରୁତି ଦେଇଛନ୍ତି।

# ବ୍ରାଉନସୁଗାର କାରବାରରେ ମହିଳା

### ଗ୍ରାହକ ସାଜି ଧରିଲା ପୋଲିସ

■ ୩ ଲକ୍ଷ ଟଙ୍କାର ଧଳାଜହର, ୫୦ ପଲିଥିନ୍ ପ୍ୟାକେଟ ଜବତ
■ ୧୦ ଦିନରେ ଧରାପଡ଼ିଲେଣି ୪ ବେପାରୀ



**ଖୋର୍ଦ୍ଧା ଅଫିସ, ୯।୬**

ବ୍ରାଉନସୁଗାର କାରବାରର ପେଣ୍ଠସ୍ଥଳ ପାଲଟିଛି ଖୋର୍ଦ୍ଧା ସହର। ଯୁବକଙ୍କ ପରେ ଏବେ ମହିଳା ଏହି କାରବାରରେ ପାଦ ଦେଲେଣି। କମ୍ ସମୟରେ ଅଧିକ ଟଙ୍କା ରୋଜଗାର ଲୋଭରେ ଅନେକ ମହିଳା ଏଥିପ୍ରତି ଆଗ୍ରହ ପ୍ରକାଶ କରୁଛନ୍ତି। ବୁଧବାର ଖୋର୍ଦ୍ଧା ଟାଉନ ଥାନା ପୋଲିସ ଗ୍ରାହକ ସାଜି ସାମନ୍ତରାପୁର ସରକାରୀ ପ୍ରାଥମିକ ବିଦ୍ୟାଳୟ ନିକଟରେ ବ୍ରାଉନସୁଗାର ବିକ୍ରି କରୁଥିବା ଜଣେ ମହିଳାଙ୍କୁ ଗିରଫ କରିଛି। ସେ ହେଲେ ସାମନ୍ତରାପୁରର ଟୁନି ଦଳେଇ(୩୫)। ତାଙ୍କଠାରୁ ୩୦.୪୧ ମିଲିଗ୍ରାମ ବ୍ରାଉନସୁଗାର ଜବତ ହୋଇଛି। ଏହାର ମୂଲ୍ୟ ପ୍ରାୟ ୩ଲକ୍ଷ ଟଙ୍କା ହେବ। ଏଥିସହ ୧ଲକ୍ଷ ୮୦ ହଜାର ଟଙ୍କା, ୫୦ଟି ପଲିଥିନ୍ ପ୍ୟାକେଟ ଜବତ କରାଯାଇଛି। ଏ ନେଇ ଏନ୍‌ଡିପିଏସ୍ ଆକ୍ଟର ଧାରା ୨୧(ଖ), ୨୯ରେ ଏକ ମାମଲା (ନଂ. ୨୨୬/୨୧) ରୁଜୁ ହୋଇଛି। କୋର୍ଟରେ ଜାମିନ ଆବେଦନ ଖାରଜ ହେବାରୁ ଅଭିଯୁକ୍ତଙ୍କୁ ଜେଲ ହାଜତକୁ ପଠାଇ ଦିଆଯାଇଛି।

ଏସ୍‌ପି ରାଜକିଶୋର ଦୋରାଙ୍କ ନିର୍ଦ୍ଦେଶ କ୍ରମେ ପୂର୍ବାହ୍ନ ସାଢ଼େ ୮ଟାରେ ସଦର ଏସ୍‌ଡିପିଓ ସୁଶୀଳ ମିଶ୍ର ଓ ଥାନା ଅଧିକାରୀ ସଞ୍ଜୟ ପଟ୍ଟନାୟକଙ୍କ ତତ୍ତ୍ୱାବଧାନରେ ଏକ ଟିମ୍ ସାମନ୍ତରାପୁର ଛକରେ ସାଦା ପୋଷାକରେ ସେଠାକାର ଗତିବିଧି ଉପରେ ନଜର ରଖିଥିଲେ। ସମ୍ପୃକ୍ତା ମହିଳାଙ୍କ ଉପରେ ସନ୍ଦେହ ହେବାରୁ ଗ୍ରାହକ ଭାବେ ପହଞ୍ଚି ତାଙ୍କୁ କାବୁ କରିଥିଲେ। ପୋଲିସ ବୋଲି ଜାଣିବା ପରେ ମହିଳା ଜଣକ ଖସିଯିବାକୁ ଉଦ୍ୟମ କରିଥିଲେ। ମାତ୍ର ପୋଲିସ କର୍ମଚାରୀମାନେ ଚାରିପଟୁ ଘେରିଯାଇ ତାଙ୍କୁ ଧରିଥିଲେ। ସୂଚନାଯୋଗ୍ୟ, ଗତ ୧୦ ଦିନରେ ପୋଲିସ ୭.୫ ଲକ୍ଷ ଟଙ୍କା ମୂଲ୍ୟର ବ୍ରାଉନସୁଗାର ଜବତ କଲାଣି। ବାଲେଶ୍ୱର ଜିଲାର ଜଳେଶ୍ୱର ଅଞ୍ଚଳରୁ ଏଠାକୁ ବ୍ରାଉନସୁଗାର ଅଣାଯାଉଛି। ଏଠାରୁ ପୁଡ଼ିଆ କରାଯାଇ ଖୋର୍ଦ୍ଧା ଗ୍ରାମାଞ୍ଚଳ ସମେତ ବିଭିନ୍ନ ଜିଲାକୁ ପଠାଯାଉଛି। ଏପରି କି ବିଭିନ୍ନ କୋଡ୍ ୱାର୍ଡ ଦେଇ ବ୍ରାଉନସୁଗାର ବିକ୍ରି କରାଯାଉଛି। ମେ ୩୦ରେ ଖୋର୍ଦ୍ଧା ଟାଉନ ଥାନା ପୋଲିସ ଜେମାଦେଈପୁରରେ ଚଢ଼ାଉ କରି ବୌଦ୍ଧ ଜିଲା ରାଜନପାଲି ଥାନା ଅଞ୍ଚଳର ଆକାଶ ସେଠୀଙ୍କୁ ଗିରଫ କରିଥିଲା। ତାଙ୍କଠାରୁ ୫୦.୧୯ ଗ୍ରାମର ବ୍ରାଉନସୁଗାର ଜବତ ହୋଇଥିଲା। ଏହାର ମୂଲ୍ୟ ପ୍ରାୟ ୨ଲକ୍ଷ ଟଙ୍କା ହେବ। ସେହିପରି ଜୁନ ୩ରେ ପୋଲିସ ସାମନ୍ତରାପୁର ସ୍ୱପ୍ନେଶ୍ୱର ସାହିର ଶରତ ବେହେରା ଓ ଭରତ ବେହେରାଙ୍କଠାରୁ ୫୫ ଗ୍ରାମ (ଅଢେଇ ଲକ୍ଷ ଟଙ୍କାର) ବ୍ରାଉନସୁଗାର ସମେତ କାର୍, ମୋବାଇଲ ଫୋନ ଜବତ କରିଥିଲା।

## ୨୧ରୁ ସ୍କୁଲପିଲାଙ୍କ ପାଇଁ ୟୁଟ୍ୟୁବ୍ ଲାଇଭ୍ କ୍ଲାସ୍

ଭୁବନେଶ୍ୱର,(ବ୍ୟୁରୋ): ଆସନ୍ତା ୨୧ ତାରିଖରୁ ସ୍କୁଲ ଛାତ୍ରୀଛାତ୍ରଙ୍କ ପାଇଁ ୟୁଟ୍ୟୁବ୍ ଲାଇଭ୍ କ୍ଲାସ୍ ଆରମ୍ଭ ହେବ। ଖୋର୍ଦ୍ଧା, ବଲାଙ୍ଗୀର, କଟକ, କେନ୍ଦ୍ରାପଡ଼ା, ଗଞ୍ଜାମ, କୋରାପୁଟ, ପୁରୀ, ଢେଙ୍କାନାଳ, ସୁନ୍ଦରଗଡ଼, ନୟାଗଡ଼, ଭଦ୍ରକ, ବାଲେଶ୍ୱର, ସମ୍ବଲପୁର ଆଦି ୧୩ ଜିଲାରେ ଏହି କ୍ଲାସ୍ ହେବ। ଏଥିପାଇଁ କ୍ଲାସ୍‌ରୁମ୍ ପ୍ରସ୍ତୁତ ରଖିବା ପାଇଁ ଓସେପା ରାଜ୍ୟ ପ୍ରକଳ୍ପ ନିର୍ଦ୍ଦେଶକ ଭୂପେନ୍ଦ୍ର ସିଂ ପୁନିଆ ବୁଧବାର ଏହି ସମସ୍ତ ଜିଲାର ଜିଲା ଶିକ୍ଷାଧିକାରୀଙ୍କୁ ଚିଠି ଲେଖିଛନ୍ତି। ୧୭ ତାରିଖ ସୁଦ୍ଧା କ୍ଲାସ୍ ରୁମ୍ ପ୍ରସ୍ତୁତ ରଖିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି।

### ଶ୍ରୀମନ୍ଦିର ହୁଣ୍ଡିରୁ ଆୟ



୦୯।୦୬।୨୦୨୧
୧୬୦୧ ଟଙ୍କା

## ସଂକ୍ଷେପରେ

### ମହାପ୍ରଭୁଙ୍କ ବନକ ଲାଗି ନୀତି ସମ୍ପନ୍ନ

**ପୁରୀ ଅଫିସ,୯।୬:** ଜ୍ୟେଷ୍ଠ ମାସ କୃଷ୍ଣପକ୍ଷ ଚତୁର୍ଦ୍ଦଶୀରେ ବୁଧବାର ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ ଶ୍ରୀମୁଖ ଶୃଙ୍ଗାର ବା ବନକ ଲାଗି ନୀତି ସମ୍ପନ୍ନ ହୋଇଛି। ଦ୍ୱିତୀୟ ଭୋଗ ମଣ୍ଡପ ସମ୍ପନ୍ନ ହୋଇ ପାଣି ପଡ଼ି ମଇଲମ, ତଡ଼ପଲାଗି ଓ ପହୁଡ଼ ଆଳତି ସମ୍ପନ୍ନ ପରେ ଜୟବିଜୟ ଦ୍ୱାର ବନ୍ଦ କରାଯାଇଥିଲା। ଅପରାହ୍ନ ୪ଟା ୪୦ରେ ଦତ୍ତମହାପାତ୍ର ସେବକମାନେ ଗର୍ଭଗୃହକୁ ପ୍ରବେଶ କରିଥିଲେ। ସେମାନେ ରତ୍ନ ସିଂହାସନ ଉପରକୁ ଉଠି ଠାକୁରଙ୍କ ଶ୍ରୀମୁଖ ଶୃଙ୍ଗାର କରିଥିଲେ। ପରମ୍ପରା ଅନୁଯାୟୀ ବନକଲାଗିରେ କସ୍ତୁରୀ, ହରିତାଳ, ଶଙ୍ଖତାଳ, ହେଙ୍ଗୁଳ, କେଶର, ବାହାଡ଼ା ପରି ଅନେକ ପ୍ରାକୃତିକ ରଙ୍ଗର ବ୍ୟବହାର କରାଯାଇଥିଲା। ଏହି ଗୁପ୍ତ ନୀତି ସମୟରେ ଅନ୍ୟ ସେବାୟତଙ୍କ ପ୍ରବେଶ ବନ୍ଦ ରହିଥିଲା। ରାତି ପ୍ରାୟ ୮.୧୫ ମିନିଟ୍‌ରେ ବନକ ଲାଗି ନୀତି ସମ୍ପନ୍ନ ହୋଇଥିଲା। ପରେ ଅନ୍ୟାନ୍ୟ ନୀତି ବଢ଼ି ରାତ୍ର ପହୁଡ଼ ହୋଇଥିଲା।

### ଅଭିଜିତଙ୍କ ୨ୟ ଡାନ ବ୍ଲାକ୍‌ବେଲ୍ଟ ହାସଲ

#### ଆନ୍ତର୍ଜାତିକ ଟାଏକୋଣ୍ଡୋ ପ୍ରତିଯୋଗିତା

**ପୁରୀ ଅଫିସ,୯।୬:** ଟାଏକୋଣ୍ଡୋରେ ଆନ୍ତର୍ଜାତିକସ୍ତରରେ ବ୍ଲାକବେଲ୍ଟ ହାସଲ କରିଛନ୍ତି ପୁରୀ ସହରର ଅଭିଜିତ ସାହୁ। ପୁରୀ ଗୋପାଳ ବଲ୍ଲଭ ରୋଡସ୍ଥିତ ଆଇନଜୀବୀ ଅଜୟ କୁମାର ସାହୁଙ୍କ ପୁତ୍ର ଅଭିଜିତ ସାହୁ ଦକ୍ଷିଣ କୋରିଆସ୍ଥିତ କୁଲିଆନଠାରୁ ଦ୍ୱିତୀୟ ବ୍ଲାକବେଲ୍ଟ ପ୍ରାପ୍ତ କରିଛନ୍ତି। ସେ ଦୀର୍ଘ ୭ ବର୍ଷ କାଳ ଗୁରୁ ମନମୋହନ ଭଞ୍ଜଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ପ୍ରଶିକ୍ଷଣ ନେବା ସହ ଜିଲା, ରାଜ୍ୟ, ଜାତୀୟ ତଥା ଅନ୍ତର୍ଜାତୀୟ ପ୍ରତିଯୋଗିତାରେ ପଦକ ହାସଲ କରି ପୁରୀ ସହରକୁ ଗୌରବାନ୍ୱିତ କରିଛନ୍ତି। ଅଧୁନା ପୁରୀ ଜିଲା ଟାଏକୋଣ୍ଡୋ ସଂଘ ଅଧୀନରେ ଦି ସ୍କୁଲ ଅଫ୍ ଟାଏକୋଣ୍ଡୋ ଏକାଡେମୀ ପ୍ରତିଷ୍ଠା କରି ୨୦ରୁ ଊର୍ଦ୍ଧ୍ୱ ଛୋଟ ବାଳିକାବାଳକଙ୍କୁ ପ୍ରଶିକ୍ଷଣ ଦେଉଛନ୍ତି। ଓଡ଼ିଶା ଟାଏକୋଣ୍ଡୋ ଏକାଡେମୀର ସାଧାରଣ ସମ୍ପାଦକ ମନମୋହନ ଭଞ୍ଜ ତାଙ୍କୁ ଦ୍ୱିତୀୟ ଡାନ ବ୍ଲାକ ବେଲ୍ଟ ସାର୍ଟିଫିକେଟ ପ୍ରଦାନ କରିଛନ୍ତି। ମହାପ୍ରଭୁ ଶ୍ରୀଜଗନ୍ନାଥ ଓ ମାତାପିତାଙ୍କ ଆଶୀର୍ବାଦରୁ ଏହା ସମ୍ଭବ ହୋଇପାରିଛି ବୋଲି ଅଭିଜିତ କହିଛନ୍ତି।

### କରୋନା ଆକ୍ରାନ୍ତ ଆଶାକର୍ମୀଙ୍କ ମୃତ୍ୟୁ

**କଣାସ,୯।୬(ସ୍ୱ.ପ୍ର.):** କଣାସ ବ୍ଲକ ପାଣ୍ଡିଆକେରା ପଞ୍ଚାୟତ ଅଧୀନ ଗଡ଼ମାଟିଆପଡ଼ା ଗ୍ରାମର ଆଶାକର୍ମୀ ସୁକାନ୍ତି ବଳିୟାରସିଂହଙ୍କର ବୁଧବାର ପରଲୋକ ହୋଇଯାଇଛି। ସେ କରୋନାରେ ଆକ୍ରାନ୍ତ ହୋଇ ପୁରୀସ୍ଥିତ ଶ୍ରୀଜଗନ୍ନାଥ ମେଡିକାଲ କଲେଜରେ ଚିକିତ୍ସାଧୀନ ଥିଲେ। ତାଙ୍କ ବିୟୋଗରେ ମହାବୀର ସାଂସ୍କୃତିକ ପରିଷଦ, କଣାସ ବିକାଶ ପରିଷଦ, କଣାସ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଏବଂ ଆଶାକର୍ମୀ ସଙ୍ଗଠନ ପକ୍ଷରୁ ଶୋକ ବ୍ୟକ୍ତ କରାଯାଇଛି।

# ତଦନ୍ତ ନିର୍ଦ୍ଦେଶ ଦେବାକୁ ପଛଘୁଞ୍ଚା

## ବେଆଇନ ଭାବେ ମାଟି ଖୋଳିନେବା ଘଟଣା

ପୁରୀ ଅଫିସ,୯।୬

ଶ୍ରୀଜଗନ୍ନାଥ ମେଡିକାଲ କଲେଜ ପାଖ ରାସ୍ତା ନିର୍ମାଣ ଲାଗି ବେଆଇନ ଭାବେ ମାଟି ଖୋଳା ଘଟଣାର ତଦନ୍ତ ଓ କାର୍ଯ୍ୟାନୁଷ୍ଠାନ ପାଇଁ ଜନସାଧାରଣଙ୍କ ସମେତ ବିଭିନ୍ନ ରାଜନୈତିକ ଦଳ ଦାବି କରୁଥିଲେ ମଧ୍ୟ ପ୍ରଶାସନ ଏଥିପ୍ରତି ଆଗ୍ରହ ଦେଖାଉନାହିଁ। ପ୍ରାୟ ୩ରୁ ୪କୋଟି ଟଙ୍କାର ବାଲିକୁ ବେଆଇନ ଭାବେ ରାସ୍ତାର ସଂଲଗ୍ନ ଜମିରୁ ଉଠାଇନେବା ପରେ ଜନଅସନ୍ତୋଷ ସୃଷ୍ଟି ହୋଇଥିଲା। ଏ ନେଇ ବାରମ୍ବାର ଖବର ପ୍ରକାଶନ ସତ୍ତ୍ୱେ ପ୍ରଶାସନ ଚୁପ୍ ରହିଛି। ଫଳରେ ପ୍ରଶାସନର ସ୍ୱଚ୍ଛତାକୁ ନେଇ ପ୍ରଶ୍ନ ଉଠିଛି। ଠିକାଦାରଙ୍କ ସହ ଅଧିକାରୀମାନେ ସମ୍ଭବତଃ ମଧୁଚନ୍ଦ୍ରିକା କରିଥିବାରୁ ଘଟଣାକୁ ଚାପିଦେବାକୁ ମସୁଧା ଚଳାଇଥିବା ସାଧାରଣରେ ଆଲୋଚନା ହେଉଛି।

ବୁଧବାର କେତେଜଣ ପ୍ରଶାସନିକ ଅଧିକାରୀ ବାଲିଗୁଆଳସ୍ଥିତ ଶ୍ରୀଜଗନ୍ନାଥ ମେଡିକାଲ କଲେଜ ପରିସରକୁ କାର୍ଯ୍ୟ ତଦାରଖ କରିବାକୁ ଯାଇଥିଲେ। ତେବେ ମାଟି ଓ ବାଲି ଖନନ ସମ୍ପର୍କରେ ସେମାନେ କିଛି ଆଲୋଚନା ନ କରିବା ଏବଂ ତଦନ୍ତ ନିର୍ଦ୍ଦେଶ ନ ଦେବା ଜନସାଧାରଣଙ୍କୁ ଆଶ୍ଚର୍ଯ୍ୟ କରିଛି। କଂଗ୍ରେସ ନେତା ଆଲୋକ କୁମାର ଦାସ କହିଛନ୍ତି, ବାଲି ଖୋଳିବା ପାଇଁ ଠିକାଦାର କାହାରି ଅନୁମତି ଆଣିଲେ ନାହିଁ। ଏବେ ଅଭିଯୋଗ ହେବାରୁ ଟାୱାର ତଳେ ୨-୪ ଟ୍ରିପ୍ ବାଲି ପକାଇ ଦେଲେ। ବାଲି ଉଠାଇବା ଓ ପକାଇବା ପାଇଁ ଠିକାଦାର କ'ଣ ଜିଲା କର୍ତ୍ତୃପକ୍ଷ କି ବୋଲି ଦାସ ପ୍ରଶ୍ନ କରିଛନ୍ତି। ପ୍ରଶାସନ ଅନୁମତି ବିନା ବାଲି ପକାଇବାକୁ ଓ ଉଠାଇବାକୁ ତାଙ୍କୁ କିଏ କ୍ଷମତା ଦେଇଛି। ବୁଧବାର କେତେଜଣ ପ୍ରଶାସନିକ ଅଧିକାରୀ ବାଲିଗୁଆଳ ଶ୍ରୀଜଗନ୍ନାଥ ମେଡିକାଲ କଲେଜ ପରିସରକୁ କାର୍ଯ୍ୟ ତଦାରଖ କରିବାକୁ ଯାଇଥିଲେ ମଧ୍ୟ ତଦନ୍ତ ନେଇ ପଦୁଟିଏ କହିନାହାନ୍ତି କିମ୍ବା ଘଟଣାସ୍ଥଳ ପରିଦର୍ଶନ କରିନାହାନ୍ତି। ୩ଶହରୁ ଊର୍ଦ୍ଧ୍ୱ ଟ୍ରିପ୍ ବାଲି ଚୋରି ହୋଇଥିବା ବେଳେ ପ୍ରଶାସନ ତଦନ୍ତ ବଦଳରେ ଚୁପ୍ ରହିଛି ବୋଲି ଦାସ କହିଛନ୍ତି। ତେବେ ଏ ନେଇ ଉପଜିଲାପାଳ ଭବତାରଣ ସାହୁଙ୍କୁ ପଚାରିବାରେ କହିଛନ୍ତି, ମେଡିକାଲ କଲେଜ ରାସ୍ତା ନିର୍ମାଣରେ ଦୁର୍ନୀତି ହୋଇଥିବା ଅଭିଯୋଗ ସମ୍ପର୍କିତ ସୂଚନା ପାଇବା ଉଦ୍ଦେଶ୍ୟରେ ଅଧିକାରୀମାନଙ୍କ ଗସ୍ତ ହୋଇ ନ ଥିଲା। ଅନ୍ୟପକ୍ଷରେ ସମ୍ପୃକ୍ତ ଠିକାଦାର ଟାୱାର ତଳେ ମାଟି ଫିଲିଂ କରିଥିବା ସ୍ୱୀକାର କରିଛନ୍ତି। ତାଙ୍କ ଏଜେନ୍ସି ଏହି କାର୍ଯ୍ୟ କରିଥିବା କହିଛନ୍ତି। ତେଣୁ ଏଠାରେ ପ୍ରଶ୍ନ ଉଠୁଛି ଯେ, ଯଦି ଠିକାଦାର ମାଟି ଖନନ କରି ନ ଥିଲେ ତେବେ ଫିଲିଂ କଲେ କାହିଁକି। ତେବେ ଏପର୍ଯ୍ୟନ୍ତ ବାଲି କେଉଁଠାରୁ ଆସିଛି ସେନେଇ ରାସ୍ତା ଓ କୋଠା ନିର୍ମାଣ ବିଭାଗର କାର୍ଯ୍ୟନିର୍ବାହୀ ଅଧିକାରୀ ଗିରିଶ ଚନ୍ଦ୍ର ରାୟ ମତ ରଖି ପାରିନାହାନ୍ତି। ଏହା ଘଟଣାକୁ ଅଧିକ ରହସ୍ୟାବୃତ୍ତ କରୁଛି।



ବାଲିଗୁଆଳଠାରେ ପ୍ରଶାସନିକ ଅଧିକାରୀମାନେ କାର୍ଯ୍ୟ ଅନୁଧ୍ୟାନ କରୁଛନ୍ତି।

## ରଥଖଳାରୁ

### ଶେଷ ପର୍ଯ୍ୟାୟରେ ଚକ ନିର୍ମାଣ



ଚକର ତୁମ୍ବରେ ଅର ସଂଯୋଗ ପାଇଁ ସିଙ୍ଗଡ଼ା ବାଡ଼ିଆ ଯାଉଛି।

ପୁରୀ ଅଫିସ, ୯।୬

ରଥଖଳାରେ ବୁଧବାର ସନ୍ଧ୍ୟା ସୁଦ୍ଧା ତିନି ରଥର ମୋଟ ୪୨ ଚକ ମଧ୍ୟରୁ ୩୯ଟି ଚକ ନିର୍ମାଣ କାର୍ଯ୍ୟ ଶେଷ ହୋଇଛି। ଯନ୍ତାଗାଡ଼ରେ ଶେଷ ତିନି ଚକର ତୁମ୍ବରେ ସିଙ୍ଗଡ଼ା କଣ୍ଟା ବାଡ଼ିଆ ଓ ପାଞ୍ଚ ଦଣ୍ଡା ଚଉପଟ ହୋଇ ସାଲ କାମ ସରିଛି। ତିନିରଥର ପାର୍ଶ୍ୱଦଣ୍ଡା ଚଉପଟ କାର୍ଯ୍ୟ ଚାଲିଛି। ଦଣ୍ଡାରେ ଖଞ୍ଜା ହେବା ପାଇଁ ଆଗ ମୁହାଁଟ ଓ ପଛ ମୁହାଁଟରେ ବିନ୍ଧ ଖୋଦେଇ କାର୍ଯ୍ୟ ସରିଛି। ତାଳଧ୍ୱଜ ଓ ନନ୍ଦିଘୋଷ ରଥର ଗରଗରା ଚଉପଟ କାମ ଚାଲିଛି। ଦେବଦଳନ ରଥର ଗରଗରା ଚଉପଟ ସରି ବିନ୍ଧ ଖୋଦେଇ ଜାରି ରହିଛି। ତିନୋଟି ଡମକରୁ ଗୋଟିକର ଚଉପଟ କାର୍ଯ୍ୟ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ତାଳଧ୍ୱଜ ରଥର ୧୬ କୋଣଗୁଜ ମଧ୍ୟରୁ ୧୩ଟିରେ ସିଂହ ବିରାଳ ରୂପ ଖୋଦେଇ ଶେଷ ହୋଇଛି। ଦେବଦଳନ ରଥର ୧୨ କୋଣଗୁଜରୁ ୮ଟିରେ ରୂପ ଖୋଦେଇ ସରିଛି। ନନ୍ଦିଘୋଷ ରଥର ୧୬ କୋଣଗୁଜରୁ ୧୦ଟିରେ ସିଂହ ବିରାଳ ରୂପ ଖୋଦେଇ ସରିଛି। ତାଳଧ୍ୱଜ ରଥର ପୋଲ ଗୟଳ କାଠ ଚିରଟ ସରିଥିବାବେଳେ ନନ୍ଦିଘୋଷ ରଥର ପୋଲଗୟଳ କାଠ ଚିରଟ ଗୁରୁବାର ଆରମ୍ଭ ହେବ। ଦୋଳବେଦି କମାରଶାଳରେ ଓଝାସେବକମାନେ ଅଗାତେଲି, ଚଉରସ, ଗରଗରା ଏବଂ ଯୋଖା କଣ୍ଟା ନିର୍ମାଣ ଜାରି ରଖିଛନ୍ତି।

# ୩ ମାସରେ ସ୍କୁଲ କାମ ନ ସରିଲେ କାର୍ଯ୍ୟାନୁଷ୍ଠାନ



ସମୀକ୍ଷା ବୈଠକରେ ଶିକ୍ଷାମନ୍ତ୍ରୀ ସମୀର ରଞ୍ଜନ ଦାଶ ଏବଂ ଅନ୍ୟମାନେ।

## ଶିକ୍ଷାମନ୍ତ୍ରୀଙ୍କ ସମୀକ୍ଷା ବୈଠକ

ଗୋପ,୯।୬(ଡି.ଏନ୍.ଏ.)

ଗୋପ ବ୍ଲକରେ ଫନୀ ବାତ୍ୟାରେ କ୍ଷତିଗ୍ରସ୍ତ ସ୍କୁଲଗୁଡ଼ିକରେ ନୂତନ ସ୍କୁଲ ଗୃହ କାର୍ଯ୍ୟ, ମରାମତି କାର୍ଯ୍ୟରେ ବିଳମ୍ବ ନେଇ ବୁଧବାର ଗଣଶିକ୍ଷାମନ୍ତ୍ରୀ ସମୀର ରଞ୍ଜନ ଦାଶ ବ୍ଲକ କାର୍ଯ୍ୟାଳୟରେ ଏକ ସମୀକ୍ଷା ବୈଠକ କରିଥିଲେ। ଏହି ବୈଠକରେ ନିର୍ମାଣ ସମ୍ବନ୍ଧୀୟ ସମସ୍ତ କାର୍ଯ୍ୟ ୩ ମାସ ମଧ୍ୟରେ ଶେଷ କରିବାକୁ ନିର୍ଦ୍ଦେଶ ଦେଇଥିବାବେଳେ, ତାହା ନ ସରିଲେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ମନ୍ତ୍ରୀ କହିଥିଲେ। ସୂଚନାଯୋଗ୍ୟ, ଫନୀ ବାତ୍ୟାରେ ଏହି ବ୍ଲକର ପ୍ରାୟ ୯୦ ଭାଗ ଗୃହ ଭାଙ୍ଗିରୁଜି ଯାଇଥିଲା। ପରେ ସରକାରୀ ଯୋଜନାରେ ପ୍ରତ୍ୟେକ ସ୍କୁଲକୁ ଅଢେଇ ଲକ୍ଷ ଟଙ୍କା ଦିଆଯାଇ ମରାମତି କାର୍ଯ୍ୟ ଯୁଦ୍ଧକାଳୀନ ଭିତ୍ତିରେ କରାଯାଇଥିଲା। କିନ୍ତୁ ଅଧିକାଂଶ ସ୍କୁଲରେ ଏହି ମରାମତି କାର୍ଯ୍ୟ ଠିକ ଭାବେ କରାଯାଇ ନ ଥିବାବେଳେ କେବଳ ରଙ୍ଗ ମାରି ବିଲ୍ କରାଯାଇଥିଲା। ପରେ ସରକାରୀ ସ୍ତରରେ କ୍ଷତିଗ୍ରସ୍ତ ସ୍କୁଲରେ ନୂତନ ଗୃହ ନିର୍ମାଣ ସହ ମରାମତି ନେଇ ଗୋପ ବ୍ଲକରେ ୧୮ଟି ସ୍କୁଲ ଲାଗି ବ୍ଲକ ପକ୍ଷରୁ ଟେଣ୍ଡର କରାଯାଇଥିଲା। ଟେଣ୍ଡର ପକାଯାଇ ଲଟେରି ମାଧ୍ୟମରେ ଠିକାଦାର ଚୟନ କରାଯାଇଥିଲା। କିନ୍ତୁ ସରକାରଙ୍କ ନିୟମ ଅନୁସାରେ ୧୮ଟି ସ୍କୁଲ କାର୍ଯ୍ୟ ଲାଗି ୩ କୋଟି ୭୧ ଲକ୍ଷ ଟଙ୍କାର ଟେଣ୍ଡର ଶେଷ ହୋଇଥିଲେ ମଧ୍ୟ ତାହା ସମୟ ଅନୁସାରେ ସରିନାହିଁ। ଏପରି ଅଭିଯୋଗ ଆସିବା ପରେ ବୁଧବାର ମନ୍ତ୍ରୀ ସମୀକ୍ଷା ବୈଠକ କରିଥିଲେ। ଯୁବନେତା ଧର୍ମେନ୍ଦ୍ର ସାହୁ ଏରବଙ୍ଗ ନୋଡାଲ ସ୍କୁଲ ସହିତ ଆଉ କେତେକ ସ୍କୁଲ କାର୍ଯ୍ୟ ନିମ୍ନମାନର ହେବା ଅଭିଯୋଗ ଆଣିବା ପରେ ମନ୍ତ୍ରୀ ଦାଶ ଏହି ସବୁ କାର୍ଯ୍ୟକୁ ଠିକ ଭାବରେ କରିବାକୁ ନିର୍ଦ୍ଦେଶ ଦେବା ସହ ତଦନ୍ତ କରିବା ପାଇଁ ନିର୍ଦ୍ଦେଶ ମଧ୍ୟ ଦେଇଥିଲେ। ବୈଠକରେ ଜିଲା ସର୍ବଶିକ୍ଷା ଅଭିଯାନ ବିଭାଗ, ଗୋପ ଶିକ୍ଷା ବିଭାଗ ସହ ବ୍ଲକର ସମସ୍ତ ଯନ୍ତ୍ରୀ ଉପସ୍ଥିତ ଥିଲେ। ବ୍ଲକ ଅଧ୍ୟକ୍ଷ ପ୍ରକାଶ ଚନ୍ଦ୍ର ପରିଡ଼ା, ବିଡିଓ ଦୀପ୍ତିରାଣୀ ଦାସ, ଯନ୍ତ୍ରୀ ଅଶୋକ ପୃଷ୍ଟି, କନିଷ୍ଠ ଯନ୍ତ୍ରୀ ସୁଦିପ ବେଶ୍ରା, ପଙ୍କଜରାଜ ମିଞ୍ଜ, ଏମ୍‌ପିଙ୍କ ପ୍ରତିନିଧି ସୁକାନ୍ତ ମହାନ୍ତି, ବ୍ଲକ ବିଜେଡି ସଭାପତି ମଧୁସୂଦନ ପାଇକରାୟ ପ୍ରମୁଖ ଉପସ୍ଥିତ ଥିଲେ।



ପ୍ରାଧ୍ୟାପକ ଅଶୋକ ତ୍ରିପାଠୀଙ୍କ ପରିବାର ପକ୍ଷରୁ ବୁଧବାର ମୁଖ୍ୟମନ୍ତ୍ରୀଙ୍କ ରିଲିଫ୍ ପାଣ୍ଠି ପାଇଁ ଜିଲାପାଳଙ୍କୁ ଅର୍ଥରାଶି ଦାନ କରାଯାଉଛି।

## ବାଲ୍ୟବିବାହ ରୋକିଲା ପୋଲିସ, ବର ଅଟକ

କୋଣାର୍କ,୯।୬(ଡି.ଏନ.ଏ)

କୋଣାର୍କ ଥାନା ଅଧୀନ ମା' ଭଗବତୀ ପୀଠରେ ବୁଧବାର ଏକ ବାଲ୍ୟ ବିବାହ ଚାଲିଥିଲା। କୌଣସି ସୂତ୍ରରୁ ଖବରପାଇ ପୋଲିସ ପହଞ୍ଚି ବିବାହ ରୋକିବା ସହ ନାବାଳିକାଙ୍କୁ ଉଦ୍ଧାର କରିଛି। ଏଥିସହ ଗୋପ ଅଞ୍ଚଳର ଜଣେ ଯୁବକଙ୍କୁ ଥାନାରେ ଅଟକ ରଖିଛି। ଏହି ଥାନା ଅଧୀନ ଅବଦାନ ପଞ୍ଚାୟତର ଜଣେ ନାବାଳିକା ଗୋପ ଥାନା ଅଞ୍ଚଳର ଜଣେ ଯୁବକଙ୍କ ସହ ଗତ ୩ ମାସ ହେଲା କେଉଁଆଡ଼େ ପଳାଇଥିଲେ। ତେବେ ବୁଧବାର ମା' ଭଗବତୀ ପୀଠରେ ଉକ୍ତ ଯୁବକଙ୍କ ପରିବାର ସେହି ନାବାଳିକା ସହ ତାଙ୍କର ବିବାହ ପାଇଁ ପ୍ରକ୍ରିୟା ଆରମ୍ଭ କରିଥିଲେ। ଏହି କଥା ସୁଆର ଗ୍ରାମର ଅଙ୍ଗନୱାଡି କର୍ମୀଙ୍କୁ ନାବାଳିକା ପରିବାର କହିଥିଲେ। ଏଥିସହ କୋଣାର୍କ ଥାନାରେ ସମ୍ପୃକ୍ତ ଯୁବକଙ୍କ ପରିବାର ବିରୋଧରେ ଏତଲା ଦେବା ସହ ବାଲ୍ୟ ବିବାହ ରୋକିବାକୁ ଥାନାଧିକାରୀଙ୍କୁ ଅବଗତ କରାଇଥିଲେ। ପୋଲିସ ବାଲ୍ୟବିବାହ ରୋକି ସମସ୍ତଙ୍କୁ ଥାନାକୁ ଆଣିଥିଲା। ପରେ ପୁରୀ ଶିଶୁ ସୁରକ୍ଷା କମିଟି ପକ୍ଷରୁ ଏକ ପ୍ରତିନିଧି ମଣ୍ଡଳୀ ଥାନାରେ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି। ଏ ସମ୍ପର୍କରେ ଥାନାଧିକାରୀ ରଞ୍ଜନ କୁମାର ମଲ୍ଲିକ କହିଛନ୍ତି, ସମ୍ପୃକ୍ତା ନାବାଳିକାଙ୍କୁ ତାଙ୍କ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯିବା ସହ ଯୁବକଙ୍କ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

## ନୃସିଂହ ମିଶ୍ରଙ୍କ ପରଲୋକ

ପୁରୀ ଅଫିସ,୯।୬

ନେତା ନୃସିଂହ ମିଶ୍ର (୮୦)ଙ୍କର ମଙ୍ଗଳବାର ରାତିରେ ପରଲୋକ ଘଟିଛି। ସେ ଭୁବନେଶ୍ୱରସ୍ଥିତ ଏକ ଘରୋଇ ମେଡିକାଲରେ ଚିକିତ୍ସାଧୀନ ଥିଲେ। ସ୍ୱର୍ଗତ ମିଶ୍ର ଦୀର୍ଘ ୬ ଦଶନ୍ଧି ଧରି ପୁରୀ ସହରର ସାମାଜିକ, ସାଂସ୍କୃତିକ ଏବଂ ରାଜନୈତିକ ଜୀବନ ସହିତ ଜଡ଼ିତ ଥିଲେ। ସୋଭିଏତ ରୁଷ୍ ସରକାରଙ୍କ ନିମନ୍ତ୍ରଣକ୍ରମେ ସେ ରୁଷିଆ ଯାଇ ତାଲିମ ନେଇଥିଲେ। ସେ ପୁରୀ ପୌରସଂସ୍ଥାର ସଦସ୍ୟ ଭାବେ ବହୁ ଜନହିତକର କାର୍ଯ୍ୟ କରିଥିଲେ। ସେ ଜୟରାଜଗୁରୁ ସ୍ମୃତି ସଂସଦର ପ୍ରତିଷ୍ଠାତା ଥିଲେ। ତାଙ୍କ ମୃତ୍ୟୁରେ ବିଭିନ୍ନ ମହଲରେ ଶୋକ ପ୍ରକାଶ ପାଇଛି।

## ପୁଅ ମୃତ୍ୟୁର ୧୫ ଦିନ ପରେ ଆଖିବୁଜିଲେ ମା'

### କରୋନା ନେଲା ଦୁହିଁଙ୍କ ଜୀବନ

ପିପିଲି, ୯।୬(ଡି.ଏନ୍.ଏ)

କରୋନାରେ ଉଭୟ ମା' ଓ ପୁଅଙ୍କ ଜୀବନ ଯାଇଛି। ପୁଅ ମୃତ୍ୟୁର ୧୫ ଦିନ ପରେ ବୁଧବାର ମା' ଆଖିବୁଜିଛନ୍ତି। ପୁରୀ ଜିଲା ପିପିଲି ବ୍ଲକ ଅନ୍ତର୍ଗତ ନୂଆଶାସନ ଗ୍ରାମର ଏକ ପରିବାରରେ ଏପରି ହୃଦୟ ବିଦାରକ ଘଟଣା ଘଟିଛି। ନୂଆଶାସନ ଗ୍ରାମର ବସନ୍ତ ଦାସ, ସ୍ତ୍ରୀ କୁନିମଣି ଦାସ ଓ ତାଙ୍କର ଏକମାତ୍ର ପୁତ୍ର ରବିନାରାୟଣ ଭୁବନେଶ୍ୱରସ୍ଥିତ ସୁନ୍ଦରପଦାର ତ୍ରିଲୋଚନ ବିହାରରେ ରହୁଥିଲେ। ଏମାନେ କରୋନାରେ ଆକ୍ରାନ୍ତ ହୋଇ ମେ ୨୧ ତାରିଖରୁ କଣ୍ଟାବାଡ଼ସ୍ଥିତ କୋଭିଡ୍ ହସ୍ପିଟାଲରେ ଚିକିତ୍ସାଧୀନ ଥିଲେ। ଫୁସ୍‌ଫୁସ୍ ରୋଗରେ ଆକ୍ରାନ୍ତ ବସନ୍ତ କରୋନାକୁ ହରାଇ ସୁସ୍ଥ ହୋଇ ଘରକୁ ଫେରିଥିଲେ। ମାତ୍ର ଗତ ୨୬ତାରିଖରେ ପୁଅ ରବି ନାରାୟଣଙ୍କର ମୃତ୍ୟୁ ଘଟିଥିଲା। ବୁଧବାର ମା' କୁନିମଣିଙ୍କ ମୃତ୍ୟୁ ହୋଇଯାଇଛି। ଏ ନେଇ ସରପଞ୍ଚ ସୌମ୍ୟକାନ୍ତ ଦାସ ଶୋକ ପ୍ରକାଶ କରିଛନ୍ତି।

## ସାବିତ୍ରୀ ବ୍ରତରେ ମହାପ୍ରସାଦ ବିକ୍ରି ବ୍ୟବସ୍ଥା



ମହାପ୍ରସାଦ ବିକ୍ରି ବ୍ୟବସ୍ଥା ସମ୍ପର୍କରେ ଏସ୍‌ପି କନୱର ବିଶାଲ ସିଂ ଅନୁଧ୍ୟାନ କରୁଛନ୍ତି।

ପୁରୀ ଅଫିସ, ୯।୬

ଗୁରୁବାର ସାବିତ୍ରୀ ବ୍ରତ ଦିନ ଯେପରି ଭକ୍ତମାନେ ଅବଢ଼ା ପାଇବାରୁ ବଞ୍ଚିତ ନ ହେବେ ସେନେଇ ପ୍ରଶାସନ ବ୍ୟବସ୍ଥା ଗ୍ରହଣ କରିଛି। ଶ୍ରୀମନ୍ଦିର ଉତ୍ତର ଦ୍ୱାର ଓ ଦକ୍ଷିଣ ଦ୍ୱାର ସମ୍ମୁଖରେ ଟେଣ୍ଟ ନିର୍ମାଣ କରାଯାଇଛି। ମୋଟ ୨୦ଟି କାଉଣ୍ଟର ଖୋଲାଯାଇଛି। ପ୍ରାୟ ୩୦୦ ଲୋକ ବସିବା ବ୍ୟବସ୍ଥା ହୋଇଛି। ଗୁରୁବାର ପୂର୍ବାହ୍ନ ୧୧ଟାରେ ଭକ୍ତମାନେ କୋଭିଡ୍ ନିୟମ ମାନି ଟେଣ୍ଟକୁ ଆସି ମହାପ୍ରସାଦ ପାଇଁ ଟୋକନ ନେବେ। ଏହି ଟୋକନ ଦେଖାଇ ମହାପ୍ରସାଦ ନେଇ ଘରେ ସେବନ କରିବେ। ଶ୍ରୀମନ୍ଦିର ସମ୍ମୁଖରେ ମହାପ୍ରସାଦ ସେବନ ଅନୁମତି ନାହିଁ ବୋଲି ଶ୍ରୀମନ୍ଦିର ଉନ୍ନୟନ ପ୍ରଶାସକ ଅଜୟ କୁମାର ଜେନା କହିଛନ୍ତି। ସେହିପରି ସୁଆର ମହାସୁଆର ନିଯୋଗ ସମ୍ପାଦକ କୃଷ୍ଣଚନ୍ଦ୍ର ପ୍ରତିହାରୀ କହିଛନ୍ତି, ସାବିତ୍ରୀ ବ୍ରତ ଦିନ ୮ହଜାରରୁ ୧୦ହଜାର ଲୋକଙ୍କ ପାଇଁ ମହାପ୍ରସାଦ ପ୍ରସ୍ତୁତ କରାଯିବ। ଅନ୍ୟପକ୍ଷରେ ଜିଲାପାଳ ସମର୍ଥ ବର୍ମା ଏବଂ ଏସ୍‌ପି କନୱର ବିଶାଲ ସିଂ ଶ୍ରୀମନ୍ଦିର ଚାରିପାଖ ବୁଲି ସ୍ଥିତି ଅନୁଧ୍ୟାନ କରିଛନ୍ତି। ସେହିପରି ଏକ ବୈଠକରେ ଶ୍ରୀମନ୍ଦିର ପ୍ରଶାସନିକ ଅଧିକାରୀ ଓ ସୁଆର ମହାସୁଆର ନିଯୋଗ ସମ୍ପାଦକଙ୍କ ସହ ମଧ୍ୟ ଆଲୋଚନା କରିଛନ୍ତି। ଦୁଇଚକିଆ ଗାଡ଼ି ଉତ୍ତର ପାର୍ଶ୍ୱ ମଠ ଓ ଦକ୍ଷିଣ ପାର୍ଶ୍ୱ ମହାବୀର ମନ୍ଦିର ସମ୍ମୁଖରେ ପାର୍କିଂ କରିବେ। ଚରିଚକିଆ ଯାନ ରେବେସା ମଠ, ପଞ୍ଜାବୀ ମଠ, ଗାଣ୍ଡୁଆ ଚଉରା ଛକ ଏବଂ ଏମାର ମଠର ଦକ୍ଷିଣ ପାର୍ଶ୍ୱରେ ପାର୍କିଂ କରାଯିବ।

# ରଘୁରାଜପୁରରେ ପାରମ୍ପରିକ ଭିତ୍ତିଚିତ୍ର ଶିବିର

ଭୁବନେଶ୍ୱର,୯।୬(ବ୍ୟୁରୋ)

ଓଡ଼ିଶା ଲଳିତ କଳା ଏକାଡେମୀ ଏବଂ ଓଡ଼ିଶା ଖଣି ନିଗମର ମିଳିତ ସହଯୋଗରେ ପାରମ୍ପରିକ ଭିତ୍ତିଚିତ୍ର ଶିବିର ବୁଧବାର ବିଶ୍ୱ ଐତିହ୍ୟ ଗ୍ରାମ ରଘୁରାଜପୁରଠାରେ ଶୁଭାରମ୍ଭ ହୋଇଛି। ଏହି ଶିବିର ୫ଦିନ ଧରି ଚାଲିବ। ଗ୍ରାମର ୧୫୦ଟି ପରିବାର ଏଥିରେ ଅଂଶଗ୍ରହଣ କରିଛନ୍ତି। ଶିଳ୍ପୀମାନେ ନିଜ ଘରର ଦୁଆର କାନ୍ଥରେ ପାରମ୍ପରିକ ଭିତ୍ତିଚିତ୍ର ଅଙ୍କନ କରୁଛନ୍ତି। ୧୫୦ଜଣ ଶିଳ୍ପୀଙ୍କୁ ୧୦ହଜାର ଟଙ୍କା ଲେଖାଏ ପ୍ରଦାନ କରାଯିବ। ୫ଟି ଚିତ୍ରକୁ ଓଡ଼ିଶା ଲଳିତ କଳା ଏକାଡେମୀର ସ୍ୱତନ୍ତ୍ର ଚୟନ କମିଟି ଦ୍ୱାରା ମନୋନୀତ କରାଯିବ ଏବଂ କୋଭିଡ୍ କଟକଣା ପରେ ଏକାଡେମୀ କାର୍ଯ୍ୟାଳୟରେ ସମ୍ବର୍ଦ୍ଧିତ କରାଯିବ। ଏହି ଶିଳ୍ପୀ ଶିବିର ଏକାଡେମୀ ସଭାପତି ପଦ୍ମଶ୍ରୀ ସୁଦର୍ଶନ ପଟ୍ଟନାୟକ ଉଦ୍‌ଘାଟନ କରି ଶିଳ୍ପୀମାନେ ନିଜ ନିଜ ଗୃହରେ ସୁରକ୍ଷିତ ରହି ଓଡ଼ିଶାର କଳାକୁ ଉଜ୍ଜୀବିତ ରଖିବାରେ ସହାୟ ହୁଅନ୍ତୁ ବୋଲି କହିଥିଲେ। ଭର୍ଚୁଆଲ ମାଧ୍ୟମରେ ପର୍ଯ୍ୟଟନ, ଓଡ଼ିଶା ଭାଷା, ସାହିତ୍ୟ ଓ ସଂସ୍କୃତି ମନ୍ତ୍ରୀ ଜ୍ୟୋତି ପ୍ରକାଶ ପାଣିଗ୍ରାହୀ, ବିଭାଗର ପ୍ରମୁଖ ଶାସନ ସଚିବ ବିଷ୍ଣୁପଦ ସେଠୀ, ସଂସ୍କୃତି ନିର୍ଦ୍ଦେଶକ ତଥା ଅତିରିକ୍ତ ଶାସନ ସଚିବ ରଞ୍ଜନ କୁମାର ଦାସ, ଯୁଗ୍ମ ଶାସନ ସଚିବ ତଥା ଏକାଡେମୀର ଓଏସ୍‌ଡି ମନସ୍ୱିନୀ ସାହୁ ଏହି ନିଆରା ଶିବିରରେ ବିଶ୍ୱସ୍ତରୀୟ ସଫଳତା କାମନା କରିଛନ୍ତି। ଏକାଡେମୀର ସଚିବ ପଞ୍ଚାନନ ସାମଲ, ଜିଲା ସଂସ୍କୃତି ଅଧିକାରୀ ଚୌଧୁରୀ ଅରବିନ୍ଦ ଦାସ, ରଘୁରାଜପୁର ଗ୍ରାମ୍ୟ କମିଟିର ସଭାପତି ଲକ୍ଷ୍ମୀଧର ସୁବୁଦ୍ଧି ଓ ସମ୍ପାଦକ ଅଭିରାମ ଦାସ ପ୍ରମୁଖ ଶିବିର ସଞ୍ଚାଳନ କରିଥିଲେ। ଏହି ପେଣ୍ଟିଂଗୁଡ଼ିକୁ କୋଭିଡ୍ ପରବର୍ତ୍ତୀ ସମୟରେ ଆଗନ୍ତୁକ ଏବଂ ପର୍ଯ୍ୟଟକଙ୍କୁ ବୁଲି ଦେଖିବାର ସୁଯୋଗ ସୃଷ୍ଟି କରାଯିବ ବୋଲି ଏକାଡେମୀ ପକ୍ଷରୁ କୁହାଯାଇଛି।



# ମା' ଗରୁଡ଼େଇଙ୍କ ପୀଠକୁ ରାସ୍ତା, ଯାତ୍ରୀନିବାସ ନିର୍ମାଣ

କୋଣାର୍କ,୯।୬(ଡି.ଏନ.ଏ)

କୋଣାର୍କ ଥାନା ତଥା ମହଲପଡା ପଞ୍ଚାୟତର ଗିରିମା କାଆଁରାରେ ପବିତ୍ର କାଦୁଆ ନଦୀ ଉପକଣ୍ଠରେ ରହିଛନ୍ତି ମା' ଗରୁଡ଼େଇ ଠାକୁରାଣୀ। ମାଆଙ୍କ ପୀଠର ଉତ୍ତର ଦିଗରେ କାଦୁଆ ନଦୀ ପ୍ରବାହିତ। ଅନ୍ୟ ତିନି ଦିଗରେ ବଡକିଲା ଓ ଗିରିମା କାଆଁରା ସମେତ ମାଣ୍ଡୁପଦା, ଚିତ୍ରା, ମହଲପଡା, କୋପରା, ଆଠଖୁରା, ସିମିଳି ଓ ଆମ୍ବିଳିଗାଁ ମୌଜାର ବିସ୍ତୀର୍ଣ୍ଣ କୃଷିକ୍ଷେତ୍ର ସାଂଗକୁ କାଆଁରା ପାଟ ରହିଛି। ପ୍ରାୟ ତିନି କିଲୋମିଟର ବ୍ୟାସାର୍ଦ୍ଧ ବିଶିଷ୍ଟ ବିସ୍ତୀର୍ଣ୍ଣ ପାଟ ଅଞ୍ଚଳର ଅଧିଷ୍ଠାତ୍ରୀ ଦେବୀରୂପେ ମାଆଙ୍କୁ ଦୀର୍ଘଦିନ ଧରି ଲୋକେ ଆରାଧନା କରି ଆସୁଛନ୍ତି। ପ୍ରଚଣ୍ଡ ଖରା, ବର୍ଷା ଓ ଶୀତ ସମୟରେ ମୁଣ୍ଡ ଗୁଞ୍ଜିବା ପାଇଁ ମାଆଙ୍କ ପୀଠରେ ଘରଟିଏ ନଥିବାରୁ ଏଠାରେ ଏକ ଯାତ୍ରୀନିବାସ ନିର୍ମାଣ ନିମନ୍ତେ ବିଭିନ୍ନ ମହଲରୁ ଦାବି ହୋଇଆସୁଥିଲା। ମହଲପଡା ପଞ୍ଚାୟତବାସୀଙ୍କ ଦୀର୍ଘଦିନର ଦାବିକୁ ଗୁରୁତ୍ୱ ଦେଇ ପଞ୍ଚାୟତ ବୈଠକର ନିଷ୍ପତ୍ତି ଅନୁଯାୟୀ ଏମଜିଏନ୍‌ଆରଇଜିଏସ୍ ଯୋଜନାରେ ୧୬ଲକ୍ଷ ଟଙ୍କା ବ୍ୟୟ କରି ଅଟକଳ ହୋଇଥିଲା। ମାଣ୍ଡୁପଦା ଗ୍ରାମରୁ ଏହି ପୀଠକୁ ରାସ୍ତା ନିର୍ମାଣ ଏବଂ ପୀଠସ୍ଥଳୀରେ ୨୦୧୭-୧୮ ଆର୍ଥିକ ବର୍ଷର ପରଫର୍ମାନ୍ସ ଗ୍ରାଣ୍ଟରୁ ୧୫ଲକ୍ଷ ବ୍ୟୟ ଏକ ଯାତ୍ରୀନିବାସ ନିର୍ମାଣ କାମ ଚାଲୁରହିଛି। ମାଆଙ୍କ ବିଜେସ୍ଥଳୀ ୪୦ଡିସିମିଲି ସ୍ଥିତିବାନ ଜମି ଉପରେ ଅବସ୍ଥିତ। ଯାତ୍ରୀନିବାସର କୋଠା ବ୍ୟତିରେକେ ଏହାର ପରିସର ନିର୍ମାଣ ପାଇଁ ବିଜେସ୍ଥଳୀ ସଂଲଗ୍ନ ମାଆଙ୍କ ମେଳଣ ପଡ଼ିଆ ନିମନ୍ତେ ଉଦ୍ଦିଷ୍ଟ ୭୪ ଡିସିମିଲ ରକ୍ଷିତ ଅନାବାଦୀରୁ ୪୦ଡିସିମିଲ ଜମି ଦେବାକୁ ମହଲପଡା ସରପଞ୍ଚ ରାଜଶ୍ରୀ ପରିଡା ଗୋପ ତହସିଲଦାରଙ୍କୁ ପତ୍ର ଲେଖିଛନ୍ତି। ମା' ଗରୁଡେଇଙ୍କ ପୀଠର ବିକାଶ ପାଇଁ ମହଲପଡା ପଞ୍ଚାୟତ ଓ ଗୋପ ବ୍ଲକ୍ ପ୍ରଶାସନ ପକ୍ଷରୁ ନିଆଯାଇଥିବା ପଦକ୍ଷେପକୁ ପଞ୍ଚାୟତର ବିଜେଡି ସଭାପତି ନରେଶ ଜେନା, ସମିତି ସଭ୍ୟା ଅନ୍ନପୂର୍ଣ୍ଣା ନାୟକ, ବଉଳାଙ୍ଗ ସରପଞ୍ଚ କମଳାକାନ୍ତ କୁଅଁର, ସିମିଳି ସରପଞ୍ଚ କାଞ୍ଚନବାଳା ଶେଠ, ସିପିଆଇର ପୁରୀ ଜିଲା ସମ୍ପାଦକ ପ୍ରଦୀପ୍ତ ମହାନ୍ତି ପ୍ରମୁଖ ସ୍ୱାଗତ କରିଛନ୍ତି।



ରାସ୍ତା ନିର୍ମାଣ ଚାଲିଛି।